# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୭/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 17/2024 | Page 16 | ₹ 7.00 | RAYAGADA

୫୦ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 263 | ମୂଲ୍ୟ ₹୭/-





## ରିଶବ ସେଟ୍ଟୀ ଶ୍ରେଷ୍ଠ ଅଭିନେତା

୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ଅବସରରେ କନ୍ତାରା ଚଳଚ୍ଚିତ୍ରରେ ଅଭିନୟ ପାଇଁ ରିଶବ ସେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ବିବେଚିତ କରାଯାଇଛି। ୦୨

୧୫

## ଦେବାଶିଷଙ୍କୁ ଟାଇଟଲ

ଚେନ୍ନାଇରେ ଶୁକ୍ରବାର ଉଦ୍‌ଯାପିତ ଜାତୀୟ ଟେନିସ ଚାମ୍ପିୟନଶିପ୍‌ର ଡବଲ୍ସ ବର୍ଗରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଦେବାଶିଷ ସାହୁ।



# ଆଇଏମ୍‌ଏର ଡାକରା: ଆଜି ଦେଶବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ

### ୨୪ ଘଣ୍ଟିଆ ଓପିଡି ବନ୍ଦ

ନୂଆଦିଲ୍ଲୀ,୧୬।୮ (ପି.ଟି.)

କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ପିଜି ମେଡିକାଲ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ମାମଲା ପ୍ରତିବାଦରେ ରେସିଡେଣ୍ଟ ଓ ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନ ୫ ଦିନ ହେଲା ଜାରି ରହିଥିବାବେଳେ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ସେଥିରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛି। ଶନିବାର ଦେଶର ସମସ୍ତ ସରକାରୀ, ଘରୋଇ ଏବଂ କର୍ପୋରେଟ୍ ହସ୍ପିଟାଲଗୁଡ଼ିକର ଓପିଡି ଏବଂ ଅଣଜରୁରୀ ସେବା ୨୪ ଘଣ୍ଟା ପାଇଁ ☞ପୃଷ୍ଠା-୪









କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ଉପଯୁକ୍ତ ତଦନ୍ତ ସହ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଶୁକ୍ରବାର ଜୁନିୟର ଡାକ୍ତର ସଂଘ ପକ୍ଷରୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୁରୁଣା ଆଉଟ୍‌ଡୋର ସମ୍ମୁଖରେ ଆନ୍ଦୋଳନ।

# ୧୮ ସେପ୍ଟେମ୍ବରରୁ ୩ ପର୍ଯ୍ୟାୟରେ କଶ୍ମୀର ଭୋଟ

ନୂଆଦିଲ୍ଲୀ,୧୬।୮

- ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ଭୋଟ ଗ୍ରହଣ
- ଅକ୍ଟୋବର ୧ରେ ହରିୟାଣା ବିଧାନସଭା ନିର୍ବାଚନ
- ଅକ୍ଟୋବର ୪ରେ ଭୋଟ ଗଣତି

କେନ୍ଦ୍ରୀୟ ଶାସନାଧୀନ ଜମ୍ମୁ-କଶ୍ମୀରରେ ସେପ୍ଟେମ୍ବର ୧୮ରୁ ୩ଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବ। କେନ୍ଦ୍ରଶାସିତ ଅଞ୍ଚଳର ୯୦ ଆସନ ପାଇଁ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ଭୋଟ ଗ୍ରହଣ କରାଯିବ। ସେହିପରି ଭାଜପା କ୍ଷମତାସୀନ ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୧ରେ ନିର୍ବାଚନ ଅନୁଷ୍ଠିତ ହେବ। ଉଭୟ ଜମ୍ମୁ-କଶ୍ମୀର ଓ ହରିୟାଣାର ଭୋଟ ଗଣତି ଅକ୍ଟୋବର ୪ରେ କରାଯିବ ବୋଲି ଶୁକ୍ରବାର ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି।

୨୦୧୪ ନଭେମ୍ବର-ଡିସେମ୍ବରରେ ଜମ୍ମୁ-କଶ୍ମୀରରେ ଶେଷ ଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହା ପରେ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏଥିସହ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ହରାଇଥିଲା। ୨୦୧୪ ନିର୍ବାଚନର ୧ ଦଶନ୍ଧି ପରେ ଉପତ୍ୟକାବାସୀ ନିଜ ପ୍ରତିନିଧି ବାଛି ସରକାର ଗଢ଼ିବାର ସୁଯୋଗ ପାଇବାକୁ ଯାଉଛନ୍ତି। ଗତ ଡିସେମ୍ବରରେ ସୁପ୍ରିମକୋର୍ଟ ୨୦୨୪ ସେପ୍ଟେମ୍ବର ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ଭୋଟ କରାଇବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀନଗର ଗସ୍ତବେଳେ କହିଥିଲେ, ଖୁବ୍‌ଶୀଘ୍ର ନିର୍ବାଚନ ହେବ ଏବଂ କଶ୍ମୀରକୁ ରାଜ୍ୟ ମାନ୍ୟତା ମଧ୍ୟ ଫେରାଇ ଦିଆଯିବ। ନିକଟରେ ନିର୍ବାଚନ କମିଶନଙ୍କ ୩ ଜଣିଆ ଟିମ୍ ଜମ୍ମୁ-କଶ୍ମୀର ଗସ୍ତକରି ସୁରକ୍ଷା ଓ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିବା ସହ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏନେଇ ☞ପୃଷ୍ଠା-୪

# ଡିଜିପି ଭାବେ ଦାୟିତ୍ୱ ନେଲେ ୱାଇ.ବି. ଖୁରାନିଆ



କଟକ,୧୬।୮ (କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଗରିମା ଏବଂ ଗୌରବ ରହିଛି। ଓଡ଼ିଶା ପୋଲିସର ମୁଖିଆ ଭାବେ ଦାୟିତ୍ୱ ଗ୍ରହଣ କରି ନିଜକୁ ଗୌରବାନ୍ୱିତ ମନେ କରିବା ସହ ରାଜ୍ୟବାସୀଙ୍କୁ ଉନ୍ନତ ମାନର ପୋଲିସ ସେବା ଯୋଗାଇବା ସବୁଠୁ ବଡ଼ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଛନ୍ତି ଓଡ଼ିଶା ପୋଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ। ଡିଜିପି ଖୁରାନିଆ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଅତିରିକ୍ତ ☞ପୃଷ୍ଠା-୪

# ଥାନା ଆଗରେ ନିଜକୁ ଜାଳିଦେଲେ ମହିଳା

## ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି

## ସ୍ୱାମୀ ନିର୍ଦ୍ଦୋଷ ଦାବି ନ ଶୁଣି ପୋଲିସ ଦେଇଥିଲା ଗାଳି

ମାହାଙ୍ଗା/କଟକ,୧୬।୮ (ଯଯାତି ସିଂହ/ଶିଳ୍ପା ପ୍ରିୟଦର୍ଶିନୀ)

ଏକ ଚୋରି ମାମଲାରେ କଟକ ଜିଲା ମାହାଙ୍ଗା ପୋଲିସ ଅଟକ ରଖିଥିବା ଜଣେ ବ୍ୟକ୍ତି ନିର୍ଦ୍ଦୋଷ ବୋଲି ଦାବି କରିଥିଲେ ତାଙ୍କ ସ୍ତ୍ରୀ। ସେ ଅନେକ କାକୁତିମିନତି ହୋଇଥିଲେ, କିନ୍ତୁ ପୋଲିସ ତାଙ୍କୁ ପ୍ରବଳ ଗାଳି ଦେଇଥିଲା। ଏଥିରେ ମ୍ରିୟମାଣ ହୋଇ ମହିଳା ଜଣକ ଶୁକ୍ରବାର ଅପରାହ୍ଣରେ ମାହାଙ୍ଗା ଥାନା ସମ୍ମୁଖରେ ନିଜକୁ ଜାଳିଦେଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ହେଲେ ନୃତାଙ୍ଗ ପଞ୍ଚାୟତ ଖର୍ଡ଼ାଙ୍ଗ ଗ୍ରାମର ଶଙ୍କର ଦାସଙ୍କ ସ୍ତ୍ରୀ ରଶ୍ମିତା। ତାଙ୍କ ଶରୀରର ୫୦ଭାଗରୁ ଅଧିକ ଜଳିଯାଇଛି। ଏହି ଘଟଣା ପରେ ପୋଲିସର ଦାୟିତ୍ୱବୋଧତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୨।୭।୨୪ରେ ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଗୁରୁବାର ରାତିରେ ଶଙ୍କରଙ୍କୁ ଉଠାଇ ନେଇଥିଲା। ଶୁକ୍ରବାର ସକାଳେ ଶଙ୍କରଙ୍କ ସ୍ତ୍ରୀ ରଶ୍ମିତା ଥାନାକୁ ଯାଇ ତାଙ୍କ ସ୍ୱାମୀ ନିର୍ଦ୍ଦୋଷ ଏବଂ ତାଙ୍କୁ ଛାଡି ଦେବା ପାଇଁ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ଓ ଦାୟିତ୍ୱରେ ଥିବା ତଦନ୍ତକାରୀ ମହିଳା ପୋଲିସ ଅଧିକାରୀଙ୍କୁ ଆକୁଳ ନିବେଦନ କରିଥିଲେ। ମାତ୍ର ଉଭୟ ପୋଲିସ ଅଧିକାରୀ ତାଙ୍କୁ ଗାଳିଗୁଲଜ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସେ ଥାନାରୁ ଚାଲିଯାଇଥିଲେ। ପରେ ଅପରାହ୍ଣ ୧ ଟା୧୦ ମିନିଟ୍‌ରେ ଥାନା ପରିସରରୁ ମାତ୍ର ୧୦ ମିଟର ଦୂରରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିଲେ। ପୋଲିସ ଓ ସ୍ଥାନୀୟ ଜନସାଧାରଣ ତାଙ୍କୁ ଉଦ୍ଧାର କରି ମାହାଙ୍ଗା ହସ୍ପିଟାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଛି। ୨ ପୋଲିସ ଅଧିକାରୀ ତାଙ୍କ କଥା କିଛି ନ ଶୁଣି ପ୍ରବଳ ଗାଳି ଦେଇଥିଲେ ବୋଲି ରଶ୍ମିତା କହିଛନ୍ତି। ତାଙ୍କର ଏଭଳି ଅବସ୍ଥା ପାଇଁ ସେ ପୋଲିସକୁ ଦାୟୀ କରିଛନ୍ତି। ଘଟଣା ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଅପରପକ୍ଷେ ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଶଙ୍କରଙ୍କ ସମେତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ମହିଳାଙ୍କ ଶରୀରର ଅଧାରୁ ଅଧିକ ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ଅଭିଯୋଗ ସମ୍ପର୍କରେ ଥାନା ଅଧିକାରୀ ମଲ୍ଲିକଙ୍କୁ ପଚରାଯିବାରୁ ସେ ଏ ବିଷୟରେ କିଛି କହିବେ ନାହିଁ ବୋଲି କହିଛନ୍ତି। ସୂଚନାଥାଉ କି ଥାନାକୁ ଯାଉଥିବା ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ ସରକାର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଗୁରୁତ୍ୱ ଦେବା ସହ ବିଭିନ୍ନ ସମୟରେ ଥାନା ସ୍ତରର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ଏହାର ପ୍ରଭାବ ପଡୁ ନ ଥିବାରୁ ଉପରୋକ୍ତ ଘଟଣା ପ୍ରାୟତଃ ଦେଖିବାକୁ ମିଳୁଛି। ପୀଡ଼ିତା ମହିଳାଙ୍କୁ ଗାଳି ବଦଳରେ ବୁଝାଶୁଝା କରାଯାଇଥିଲେ ସେ ନିଜକୁ ଜାଳି ଦେବା ଭଳି ଚରମପନ୍ଥା ଆପଣାଇ ନ ଥାନ୍ତେ ବୋଲି ମତ ପ୍ରକାଶ ପାଇଛି।

# ଉତ୍ତରାଖଣ୍ଡରେ ନର୍ସଙ୍କୁ ବଳାତ୍କାର ପରେ ହତ୍ୟା

ରୁଦ୍ରପୁର,୧୬।୮ (ପି.ଟି.)

ଉତ୍ତରାଖଣ୍ଡର ଏକ ଘରୋଇ ହସ୍ପିଟାଲର ଜଣେ ନର୍ସଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ନର୍ସଙ୍କ ମୁହଁକୁ ପଥରରେ ଛେଚି ଦେଇଥିବାବେଳେ ତାଙ୍କ ମୃତଦେହକୁ ଉତ୍ତରାଖଣ୍ଡ ସୀମା ନିକଟବର୍ତ୍ତୀ ଉତ୍ତରପ୍ରଦେଶର ଏକ ଖାଲି ପ୍ଲଟ୍‌ରେ ଫିଙ୍ଗିଦେଇଛନ୍ତି। ଜୁଲାଇ ୩୦ରେ ନର୍ସ ଜଣକ ହସ୍ପିଟାଲରୁ କାମ ସାରି ଘରକୁ ଫେରୁଥିବାବେଳେ ନିଖୋଜ ହୋଇଯାଇଥିଲେ। ଗତ ୮ ତାରିଖରେ ତାଙ୍କ ମୃତଦେହ ଡିବଡିବା ଗ୍ରାମ ନିକଟରୁ ମିଳିଥିଲା। ତାଙ୍କ ମୁହଁକୁ ଛେଚି ଏଭଳି ବିକୃତ ଦିଆଯାଇଥିଲା ଯେ ଚିହ୍ନିବା ସମ୍ଭବ ନ ଥିଲା ବୋଲି ଉତ୍ତରାଖଣ୍ଡ ଉଧାମସିଂ ନଗର ଏସ୍‌ପି ମଞ୍ଜୁନାଥ ଟିସି କହିଛନ୍ତି। ଅଭିଯୁକ୍ତ ବଳାତ୍କାର ଓ ହତ୍ୟା ପରେ ନର୍ସଙ୍କ ପର୍ସ, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଜିନିଷ ନେଇ ଫେରାର ହୋଇଯାଇଥିଲେ। ନର୍ସଙ୍କ ଘରଠାରୁ ଅଳ୍ପ ଦୂରରେ ତାଙ୍କ ମୃତଦେହକୁ ଫିଙ୍ଗାଯାଇଥିଲା।

ଜୁଲାଇ ୩୧ରେ ନର୍ସଙ୍କ ନିଖୋଜ ସମ୍ପର୍କରେ ତାଙ୍କ ଭଉଣୀ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଏବଂ ନର୍ସଙ୍କ ମୋବାଇଲ୍ ଫୋନ୍‌ର ଲୋକେଶନକୁ ଟ୍ରାକ୍ କରି ତାଙ୍କ ମୃତଦେହ ଠାବ କରାଯାଇଥିଲା। ଅଭିଯୁକ୍ତ ଧର୍ମେନ୍ଦ୍ରଙ୍କୁ ଗତ ୧୩ ତାରିଖରେ ରାଜସ୍ଥାନରୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ଘର ଉତ୍ତରାଖଣ୍ଡର ବରେଲି ଜିଲାରେ ହୋଇଥିବାବେଳେ ସେ ଉତ୍ତରାଖଣ୍ଡର ଗଦରପୁରରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ନର୍ସଙ୍କୁ ଲୁଟିବା ଉଦ୍ଦେଶ୍ୟରେ ଧର୍ମେନ୍ଦ୍ର ତାଙ୍କୁ ପିଛା କରିଥିଲେ ବୋଲି ଜେରା ବେଳେ ପୋଲିସକୁ କହିଛନ୍ତି। ନର୍ସ ଏକ ନିଛାଟିଆ ସ୍ଥାନରେ ପହଞ୍ଚିବା ପରେ ଧର୍ମେନ୍ଦ୍ର ତାଙ୍କୁ ଏକ ବୁଦା ନିକଟକୁ ଘୋଷାରି ନେଇଥିଲେ। ସେ ଚିତ୍କାର କରିବାରୁ ଧର୍ମେନ୍ଦ୍ର ସ୍କାର୍ଫ୍ ସହାୟତାରେ ତାଙ୍କ ଗଳାଚିପି ସଂଜ୍ଞାହୀନ କରିଦେଇଥିଲେ। ପରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିବା ସହ ମୁହଁକୁ ପଥରରେ ଛେଚିଦେଇଥିଲେ ବୋଲି ପୋଲିସ କହିଛି।

# ଲଘୁଚାପ କ୍ଷେତ୍ର ସୃଷ୍ଟି, ୨୦ ଯାଏ ବର୍ଷିବ

ଭୁବନେଶ୍ୱର, ୧୬।୮ (ଅସମାପିକା ସାହୁ)

ରାଜ୍ୟରେ ଏବେ ମୌସୁମୀ ବର୍ଷା ଜାରି ରହିଛି। ଶୁକ୍ରବାର ପାରଳାଖେମୁଣ୍ଡିରେ ସର୍ବାଧିକ ୧୬.୨ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଢେଙ୍କାନାଳରେ ୧୪, ବାଲେଶ୍ୱରରେ ୧୦.୬, ନବରଙ୍ଗପୁରରେ ୬.୨, କେନ୍ଦୁଝରରେ ୫.୬, କେନ୍ଦ୍ରାପଡ଼ାରେ ୫.୩ ଓ ବଲାଙ୍ଗୀରରେ ୫ମିମି ବର୍ଷା ହୋଇଛି। ତେବେ ଏପରିସ୍ଥିତିରେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳ ଓ ତତ୍‌ସଲଗ୍ନ ବାଂଲାଦେଶ ଉପକୂଳ ଅଞ୍ଚଳରେ ଶୁକ୍ରବାର ସକାଳେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ଆଗାମୀ ୨୪ ଘଣ୍ଟାରେ ଉତ୍ତର ଓଡ଼ିଶାର କେତେକ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ନିଯୁକ୍ତିକୁ ଅପେକ୍ଷା**

# ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର | 'ଦମନ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

ଭୁବନେଶ୍ୱର,୧୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାତେଇଛି ଓଡ଼ିଆ ଚଳଚ୍ଚିତ୍ର 'ଦମନ'। ୨୦୨୨ବର୍ଷ ପାଇଁ ଶୁକ୍ରବାର ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଥିବାବେଳେ ଓଡ଼ିଆ ଭାଷା ବର୍ଗରେ 'ଦମନ' ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ସ୍ଥାନ ପାଇଛି। ଏହି ଖବର ଆସିବା ପରେ ଓଲିଉଡ୍‌ରେ ଖୁସିର ଲହରି ଖେଳିଯାଇଛି। ୨୦୨୨ ନଭେମ୍ବର ୪ରେ 'ଦମନ' ପ୍ରେକ୍ଷାଳୟରେ ଶୁଭମୁକ୍ତି ହୋଇଥିଲା। ଚଳଚ୍ଚିତ୍ରର ପ୍ରଯୋଜକ ଦୀପେନ୍ଦ୍ର ସାମଲ ରହିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶନା ଦେଇଛନ୍ତି ଦେବୀପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟ। ମୁଖ୍ୟ ଭୂମିକାରେ ଅଭିନେତା ବାବୁଶାନ ମହାନ୍ତି ଓ ଦୀପନ୍ୱିତ ଦାଶ ମହାପାତ୍ର ଅଛନ୍ତି। ପୁରସ୍କାର ସମ୍ପର୍କରେ ନିର୍ଦ୍ଦେଶକ ଦେବୀପ୍ରସାଦ ଲେଙ୍କା ଜୁରୀ କମିଟିକୁ ଧନ୍ୟବାଦ ଦେଇ କହିଛନ୍ତି, ବହୁତ ଦିନ ହେବ ଏକ ଭୋକ ଥିଲା। ଓଡ଼ିଆ ଫିଲ୍ମକୁ କାହିଁକି ପୁରସ୍କାର ମିଳୁନି, ଆଉ ତା'ସହ ବ୍ୟବସାୟିକ ସଫଳତା ମିଳୁନି। ଏହି ୨ଟି ଯାକ ଆମକୁ ମିଳିଥିବାରୁ ମୁଁ ବହୁତ ଖୁସି। ଏଥିପାଇଁ ପୂରା ଟିମ୍‌କୁ ଧନ୍ୟବାଦ ଓ ଶୁଭେଚ୍ଛା। ଏଥିସହ ଶୁଟିଂ ସମୟରେ ବହୁତ ସହଯୋଗ କରିଥିବା ମାଲକାନଗିରି, କୋରାପୁଟର ଲୋକମାନଙ୍କୁ ମଧ୍ୟ ଧନ୍ୟବାଦ। ଏହା ଏକ ବହୁତ ବଡ଼ ସଫଳତା। ମୁଁ ଯେବେ ପଢୁଥିଲି, ସେବେ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ମାତାଙ୍କୁ ଦେଖିଲେ ମୋତେ ପ୍ରେରଣା ମିଳୁଥିଲା। ଆମେ ଆମ ଷ୍ଟୋରିକୁ ଯେତେ ଭଲ ଭାବେ ଉପସ୍ଥାପିତ କରିବା ସେତେ ସଫଳତା ପାଇପାରିବା। ଆମ ଚାରିପାଖରେ ହିଁ ବହୁତ ☞ପୃଷ୍ଠା-୪




### କାହିଁକି ପାଇଲା ପୁରସ୍କାର...

**ଚର୍ଚ୍ଚାରେ ସେହି ଯୁବ ଡାକ୍ତର**

ମାଲକାନାଗିରିର ଚିତ୍ରକୋଣ୍ଡା ପାଖ ବିଚ୍ଛିନ୍ନାଞ୍ଚଳରେ ମ୍ୟାଲେରିଆ ଦମନ ପାଇଁ ଜଣେ ଯୁବ ଡାକ୍ତରଙ୍କ ପ୍ରୟାସକୁ ଏହି କଥାଚିତ୍ରରେ ଦର୍ଶାଯାଇଛି, ଯାହା ଜୁରି କମିଟିକୁ ବେଶ୍ ଆକର୍ଷିତ କରିଥିଲା। ଚଳଚ୍ଚିତ୍ରଟି ଜାତୀୟ ପୁରସ୍କାର ପାଇବା ପରେ ଏବେ ସେହି ଯୁବ ଡାକ୍ତରଙ୍କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଓଡ଼ିଶା ସରକାର ମ୍ୟାଲେରିଆ ସଂକ୍ରମଣ ନିୟନ୍ତ୍ରଣ କରିବା ପାଇଁ 'ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) ନାମକ ଯୋଜନା କରାଯାଇଥିଲା। ଏହି ଯୋଜନାରେ ସ୍ୱତନ୍ତ୍ର ମ୍ୟାଲେରିଆ କ୍ୟାମ୍ପ୍ କରାଯାଇ ରୋଗ ଚିହ୍ନଟ ଲାଗି ବ୍ୟାପକ ପରୀକ୍ଷା, ଚିକିତ୍ସା, ଶିକ୍ଷା ସଚେତନତା ଓ ☞ପୃଷ୍ଠା-୪

# ନର୍ସଙ୍କୁ ଅଶାଳୀନ ବ୍ୟବହାର କରି ଡାକ୍ତର ଗିରଫ

ରାଉରକେଲା,୧୬।୮ (ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ ଜଗଦା ୟୁଏସ୍‌ଡବ୍ଲ୍ୟୁସି ହେଲ୍‌ଥ ସେଣ୍ଟରରେ କାର୍ଯ୍ୟରତ ଜଣେ ନର୍ସଙ୍କୁ ଅଶାଳୀନ ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଡାକ୍ତରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗଦା ନିବାସୀ ଡାକ୍ତର ଗୌରବ ଓରାମ। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୯/୨୪) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ନର୍ସ ଜଣଙ୍କ ସୁନ୍ଦରଗଡ଼ରେ ରହୁଥିବାବେଳେ ୟୁଏସ୍‌ଡବ୍ଲ୍ୟୁସି ହେଲ୍‌ଥ ସେଣ୍ଟରରେ କାମ କରୁଥିଲେ। ଗତ ୧୨ ତାରିଖ ସନ୍ଧ୍ୟାରେ ଡାକ୍ତର ଜଣଙ୍କ ଉକ୍ତ ନର୍ସଙ୍କୁ ତାଙ୍କ ଚ୍ୟାମ୍ବରକୁ ଡାକି ଅଶାଳୀନ ବ୍ୟବହାର କରିଥିଲେ। ଏହାକୁ ନର୍ସ ପ୍ରତିବାଦ କରିଥିଲେ ଏବଂ ଥାନାର ଦ୍ୱାରସ୍ଥ ହୋଇଥିଲେ। ☞ପୃଷ୍ଠା-୪



ଶ୍ରୀନଗର ଲାଲ୍ ଚୌକରେ ସ୍ୱାଧୀନତା ଦିବସ ପାଳନବେଳେ ଜାତୀୟ ପତାକା ଧରି ସ୍ଲୋଗାନ ଦେଉଛନ୍ତି ଜଣେ ବ୍ୟକ୍ତି।

# ଏସ୍ଏସ୍ଏଲ୍‌ଭି-ଡି୩ ଲଞ୍ଚ୍ କଲା ଇସ୍ରୋ

**ଶ୍ରୀହରିକୋଟା,୧୬।୮**



ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) କ୍ଷୁଦ୍ର ସାଟେଲାଇଟ୍ ଲଞ୍ଚ ଭେହିକିଲ୍‌ର ତୃତୀୟ ତଥା ଚୂଡ଼ାନ୍ତ ବିକଶିତ ଫ୍ଲାଇଟ୍ ଏସ୍ଏସ୍ଏଲ୍‌ଭି-ଡି୩କୁ ଶୁକ୍ରବାର ସଫଳତାର ସହ ଲଞ୍ଚ୍ କରିଛି। ମହାକାଶ ଗବେଷଣା ଉଦ୍ୟମରେ ଏହା ଏକ ଉଲ୍ଲେଖନୀୟ ସଫଳତା। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ୍ ପ୍ୟାଡ୍‌ରୁ ପୂର୍ବାହ୍ନ ୯ଟା ୧୭ ମିନିଟ୍ ସମୟରେ ଏସ୍ଏସ୍ଏଲ୍‌ଭି-ଡି୩କୁ ମହାକାଶକୁ ଛଡ଼ାଯାଇଥିଲା। ଏହି ରକେଟ ପ୍ରାଥମିକ ଭୂପର୍ଯ୍ୟବେକ୍ଷଣ ଉପଗ୍ରହ ଇଓଏସ୍-୦୮କୁ ନେଇ ସଫଳତାର ସହ କକ୍ଷପଥରେ ଅବସ୍ଥାନ କରାଇଛି। ଏହି ମିଶନରେ ସ୍ପେସ୍ କିଡ୍‌ଜ ଇଣ୍ଡିଆ ଦ୍ୱାରା ବିକଶିତ ଏସ୍ଆର୍-ଓ ଡେମୋସାଟ୍ ସାଟେଲାଇଟ୍ ସାମିଲ ହୋଇଥିଲା। ମୁଖ୍ୟ ପେ'ଲୋଡ୍ ଅଲଗା ହେବାର କିଛି ମିନିଟ୍ ମଧ୍ୟରେ ଉକ୍ତ ସାଟେଲାଇଟ୍ ରକେଟରୁ ଅଲଗା ହୋଇ ନିର୍ଦ୍ଧାରିତ କକ୍ଷରେ ଅବସ୍ଥାପିତ ହୋଇଥିଲା। ଏସ୍ଏସ୍ଏଲ୍‌ଭିର ବିକଶିତ ଫ୍ଲାଇଟ୍‌ର ସଫଳତା ଫଳରେ ବ୍ୟବସାୟିକ ଲଞ୍ଚ୍ ପାଇଁ ଏହା ପ୍ରସ୍ତୁତ ହୋଇଯାଇଛି। ଏଣିକି ପ୍ରଯୁକ୍ତି ହସ୍ତାନ୍ତର ସହ ଭାରତୀୟ ଶିଳ୍ପ ଏବଂ ଏନ୍ଏସ୍ଆଇଏଲ୍ ଇଣ୍ଡିଆ ବ୍ୟବସାୟିକ ମିଶନ ପାଇଁ ଏସ୍ଏସ୍ଏଲ୍‌ଭି ନିର୍ମାଣ କରିବ ବୋଲି ଇସ୍ରୋ କହିଛି। ଏସ୍ଏସ୍ଏଲ୍‌ଭି-ଡି୩ ଅଗଷ୍ଟ ୧୫ରେ ଲଞ୍ଚ୍ ହେବାର ଥିଲାବେଳେ ୨୪ ଘଣ୍ଟା ବିଳମ୍ବରେ ମହାକାଶକୁ ପ୍ରେରଣ ଲାଗି ପରବର୍ତ୍ତୀ ସମୟରେ ନିଷ୍ପତ୍ତି ହୋଇଥିଲା। ୨୦୨୨ ଅଗଷ୍ଟରେ ଏସ୍ଏସ୍ଏଲଭି ମିଶନ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ୨୦୨୩ ଫେବୃଆରୀରେ ଏସ୍ଏସ୍ଏଲ୍‌ଭି-ଡି୨-ଇଓଏସ୍-୦୭ ମିଶନ ସଫଳ ହୋଇଥିଲା। ଶୁକ୍ରବାରର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଅତ୍ୟନ୍ତ ଖୁସିର ବିଷୟ ବୋଲି ମୋଦି କହିଛନ୍ତି। ଏସ୍ଏସ୍ଏଲ୍‌ଭି-ଡି୩ର ସଫଳତା ଭାରତର ମହାକାଶ କାର୍ଯ୍ୟକ୍ରମକୁ ବଳିଷ୍ଠ କରିଛି। ମିଶନ ୧୦୦ ପ୍ରତିଶତ ସଫଳ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି।

## ୪୦୦ କୋଟିର ଅନ୍‌ଲାଇନ ବେଟିଂ ଆପ୍ ଜାଲିଆତି : ୪ ଜଣଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ, ୧୬।୮(ପି.ଟି.)**

୪୦୦ କୋଟି ଟଙ୍କାର ଅନ୍‌ଲାଇନ ବେଟିଂ ଆଣ୍ଡ ଗେମିଂ ଆପ୍ ଜାଲିଆତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୪ ଜଣଙ୍କୁ ଗିରଫ କରିଛି। ଏହି ଦୁର୍ନୀତିରେ ଚାଇନା ଲୋକଙ୍କ ସମ୍ପୃକ୍ତି ଥିବା ଇଡି କହିଛି। 'ଫିୱିନ୍' ନାମକ ଏହି ଆପ୍ ଜାଲିଆତି ମାମଲାରେ ଇଡି ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ରେ ଅରୁଣ ସାହୁ, ଆଲୋକ ସାହୁ, ଚେତନ ପ୍ରକାଶ ଏବଂ ଜୋସେଫ୍ ଷ୍ଟାଲିନଙ୍କ ଗିରଫ କରିଛି। ଆପ୍ ଜରିଆରେ ଲୋକଙ୍କୁ ଠକାଯାଉଥିବା ନେଇ କୋଲକାତାର କୋସିପରେ ଥାନାରେ ଦାଏର ଏତଲାକୁ ଆଧାର କରି ଇଡି ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିଲା। ଫିୱିନ୍ ଆପ୍ ଜାଲିଆତିରୁ ଉପାର୍ଜିତ ୪୦୦ କୋଟି ଟଙ୍କାକୁ ଚାଇନା ନାଗରିକଙ୍କ ନାଁରେ ୮ଟି ଗ୍ଲୋବାଲ କ୍ରିପ୍ଟୋ ଏକ୍ସଚେଞ୍ଜ ୱାଲେଟ୍‌ରେ ଜମା କରାଯାଇଥିଲା। ଚାଇନା ନାଗରିକମାନେ ଡିଜିଟାଲ ଯୋଗାଯୋଗ ମାଧ୍ୟମରେ ୪ ଅଭିଯୁକ୍ତଙ୍କୁ ଆପ୍ ଜାଲିଆତି ସମ୍ପର୍କରେ ପରାମର୍ଶ ଦେଉଥିଲେ ବୋଲି ଇଡି କହିଛି। ସେମାନଙ୍କୁ କୋଲକାତାର ସ୍ୱତନ୍ତ୍ର ପିଏମ୍ଏଲ୍ଏ ଅଦାଲତ ୧୪ ଦିନ ପାଇଁ ଇଡି ହାଜତକୁ ପଠାଇ ଦେଇଛନ୍ତି।


# କଶ୍ମୀରକୁ ଫେରୁଛି ଗଣତନ୍ତ୍ର

## ପୋଲିସ-ପ୍ରଶାସନରେ ବ୍ୟାପକ ଅଦଳବଦଳ: ପ୍ରଶ୍ନ ଉଠାଇଲେ ବିରୋଧୀ

**ନୂଆଦିଲ୍ଲୀ/ଶ୍ରୀନଗର,୧୬।୮**

ଜମ୍ମୁ-କଶ୍ମୀରବାସୀ ବୁଲେଟ୍‌କୁ ପ୍ରତିହତ କରି ବାଲଟ୍‌କୁ ବାଛିଛନ୍ତି। ଲୋକେ ପରିବର୍ତ୍ତନ ଚାହାଁନ୍ତି। ସେମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗନେଇ ନିଜ ପାଇଁ ଏକ ନୂଆ ଭବିଷ୍ୟତ ଲେଖିବାକୁ ଯାଉଛନ୍ତି। ଏଥିସହ ଉପତ୍ୟକାକୁ ଗଣତନ୍ତ୍ର ଫେରିବାକୁ ଯାଉଛି ବୋଲି ଶୁକ୍ରବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ବିଧାନସଭାର ୯୦ ଆସନ ପାଇଁ ସେପ୍ଟେମ୍ବର ୧୮, ୨୫ ଓ ଅକ୍ଟୋବର ୧ରେ ଭୋଟ ଗ୍ରହଣ କରାଯିବ। ୮୭ ଲକ୍ଷ ମତଦାତା ୧୧,୮୩୮ ମତଦାନ କେନ୍ଦ୍ରରେ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ହରିୟାଣା ବିଧାନସଭାର ୯୦ ଆସନ ପାଇଁ କେବଳ ଅକ୍ଟୋବର ୧ରେ ଭୋଟ ହେବାକୁ ଥିବାବେଳେ ଜମ୍ମୁ-କଶ୍ମୀରରେ ସୁରକ୍ଷା ଦୃଷ୍ଟିରୁ ୩ଟି ପର୍ଯ୍ୟାୟରେ ନିର୍ବାଚନ କରାଯାଉଛି। ସିଇସିଙ୍କ ଏହି ଘୋଷଣାର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀର ପୋଲିସ ପ୍ରଶାସନରେ ବଡ଼ଧରଣର ଅଦଳବଦଳ କରାଯାଇଛି। ସେପ୍ଟେମ୍ବର ୩୦ରେ ଅବସର ନେବାକୁ ଥିବା ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଆର୍.ଆର୍. ସ୍ୱାଇଁଙ୍କୁ ତାଙ୍କ ପଦରୁ ହଟାଇ ଗୋଇନ୍ଦା ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କ ସ୍ଥାନରେ ନଳିନ ପ୍ରଭାତଙ୍କୁ ନୂଆ ପୋଲିସ ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୧୯୯୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ନୀତୀଶ କୁମାରଙ୍କୁ ସିଆଇଡି ମୁଖ୍ୟ ନିଯୁକ୍ତ କରାଯାଇଛି। ଏହାବାଦ୍ ଜମ୍ମୁ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ୮ ନୂଆ ଏସ୍‌ପି ଅପରେଶନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କଠୁଆ ଓ ଅନ୍ୟ ୨ ଜଣଙ୍କୁ ରାଜୌରୀରେ ଅବସ୍ଥାପିତ କରାଯାଇଛି। ପୁଞ୍ଛ, ରେଆସି, କିସ୍‌ତୱାର ଓ ଉଦ୍ଧମପୁରରେ ମଧ୍ୟ ଜଣେ ଲେଖାଏ ଏସ୍‌ପି ଅପରେଶନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଏହାବାଦ୍ ଉଭୟ ପୋଲିସ ଓ ପ୍ରଶାସନିକ କ୍ଷେତ୍ରରେ ଅନେକ ଶୀର୍ଷ ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି। ଏହାକୁ ନେଇ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ପ୍ରଶ୍ନ ଉଠାଇଛନ୍ତି। ଓମାର ଏକ୍ସ'ରେ କହିଛନ୍ତି, ଏହି ବଦଳି ପାଇଁ ଜମ୍ମୁ-କଶ୍ମୀର ପ୍ରଶାସନକୁ ସଚିବାଳୟ ଓ ପୋଲିସ ମୁଖ୍ୟାଳୟକୁ ଅଧିକାରୀମାନଙ୍କୁ ଡକାଇ ସ୍ୱାଧୀନତା ଦିବସରେ କାର୍ଯ୍ୟରେ ନିୟୋଜିତ କରିବାକୁ ପଡ଼ିଛି। ଏପରି କି ବଦଳି ପରେ ନିର୍ବାଚନ କମିଶନ ଭୋଟ ତାରିଖ ଘୋଷଣା କରିବେ ବୋଲି ଅଧିକାରୀମାନଙ୍କୁ କୌଣସି ପୂର୍ବ ସୂଚନା ମଧ୍ୟ ଦିଆଯାଇ ନାହିଁ। ଏହା ପଛରେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ କି ଅଭିସନ୍ଧି ରହିଛି ବୋଲି ଓମାର ପ୍ରଶ୍ନ କରିଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନ୍ୟୂନ କରିବା ପାଇଁ ପ୍ରଶାସନ ଏଭଳି ପଦକ୍ଷେପ ନେଇଛି। ଭାଜପା ଦ୍ୱାରା ନିଯୁକ୍ତ ଉପରାଜ୍ୟପାଳ ନିଜ ଦଳ ଓ ସହଯୋଗୀମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଏହି ରଣନୀତି ଆପଣାଇଥିବା ଏନ୍‌ସି ସାଧାରଣ ସମ୍ପାଦକ ଅଲୀ ମହମ୍ମଦ ସାଗର ସମାଲୋଚନା କରିଛନ୍ତି। ଜମ୍ମୁ-କଶ୍ମୀରର ଅନେକ ଜିଲାରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ପାଇଥିବାବେଳେ ଏହି ଅଦଳବଦଳ ପଛର କାରଣ କ'ଣ ବୋଲି ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମଧ୍ୟ ପ୍ରଶ୍ନ ଉଠାଇଛି।

### ଡାଲ୍ ହ୍ରଦରେ ୩ ଭାସମାନ ବୁଥ୍ କରାଯିବ



ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ଯେପରି ଜଣେ ହେଲେ ଭୋଟର ମତଦାନରୁ ବାଦ୍ ପଡ଼ିବେ ନାହିଁ ତାହା ନିଶ୍ଚିତ କରିବା ପାଇଁ ଡାଲ୍ ହ୍ରଦରେ ୩ଟି ଭାସମାନ ପୋଲିଂ ବୁଥ୍ କରାଯିବ। ଏହି ୩ ବୁଥ୍ ମଧ୍ୟରୁ ଖାର୍ ମୋହଲ୍ଲା, ଆବି କରପୋରାରେ ମାତ୍ର ୩ ଜଣ ଭୋଟର ରହିଛନ୍ତି। ସେହିପରି ପାକିସ୍ତାନ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି) ନିକଟ ଗୁରେଜ୍ ନିର୍ବାଚନମଣ୍ଡଳୀର କୋରାଗ୍‌ବାଲ୍ ଜନସଂଖ୍ୟାର ୧୦୦% ତଫସିଲଭୁକ୍ତ ଜନଜାତି ହୋଇଥିବାରୁ ସେମାନଙ୍କ ପାଇଁ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ବୁଥ୍ ପ୍ରତିଷ୍ଠା କରାଯିବ ବୋଲି ସିଇସି ରାଜୀବ କୁମାର ସୂଚନା ଦେଇଛନ୍ତି।

### ସୁପ୍ରିମକୋର୍ଟ ଦେଇଥିଲେ ଐତିହାସିକ ରାୟ

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ୨୦୧୯ ଅଗଷ୍ଟ ୫ରେ ଉଚ୍ଛେଦ କରିବା ସହ ଜମ୍ମୁ-କଶ୍ମୀର ଓ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଏବଂ କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଥିଲା। ୨୦୨୩ ଡିସେମ୍ବରରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ଖଣ୍ଡପୀଠ ଏହା ଉପରେ ଐତିହାସିକ ରାୟ ଦେଇଥିଲେ। ଶୀର୍ଷ ଅଦାଲତ ୩୭୦ ଉଚ୍ଛେଦକୁ ବଳବତ୍ତର ରଖିଥିବାବେଳେ ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପତ୍ୟକାକୁ ଯଥାଶୀଘ୍ର ସମ୍ଭବ ରାଜ୍ୟ ମାନ୍ୟତା ଫେରାଇ ସେଠାରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର ଅବସ୍ଥାପିତ କରାଯାଉ ବୋଲି ଅଦାଲତ କହିଥିଲେ।

## ପାଏଟୋଙ୍ଗଟର୍ନ ଶିନାୱାତ୍ରା ଥାଇଲାଣ୍ଡର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ



**ବ୍ୟାଙ୍କକ୍,୧୬।୮**

ଥାଇଲାଣ୍ଡ ପାର୍ଲାମେଣ୍ଟ ଶୁକ୍ରବାର ପାଏଟୋଙ୍ଗଟର୍ନ ଶିନାୱାତ୍ରାଙ୍କୁ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। ଏହାର ୨ ଦିନ ପୂର୍ବରୁ ସ୍ରେଟ୍‌ଥା ଥାଭିସିନ୍‌ଙ୍କୁ ଏକ ଲାଞ୍ଚ ମାମଲାରେ ଦେଶର ଏକ କୋର୍ଟ ପ୍ରଧାନମନ୍ତ୍ରୀ ପଦରୁ ହଟାଇଦେଇଥିଲେ। ବିଭାଜନବାଦୀ ହେଭିୱେଟ୍ ରାଜନେତା ଥାକ୍‌ସିନ୍ ଶିନାୱାତ୍ରାଙ୍କ ୩୭ ବର୍ଷୀୟା ଝିଅ ପାଏଟୋଙ୍ଗଟର୍ନ ଆସ୍ଥାଭୋଟରେ ବିଜୟୀ ହେବା ପରେ ଦେଶର ଦ୍ୱିତୀୟ ମହିଳା ଏବଂ ଶିନାୱାତ୍ରା ପରିବାରରୁ ତୃତୀୟ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ପାଏଟୋଙ୍ଗଟର୍ନଙ୍କ ଖୁଡ଼ୀ ୟିଙ୍ଗଲକ୍ ଓ ବାପା ଥାକ୍‌ସିନ ମଧ୍ୟ ପୂର୍ବରୁ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ପ୍ରାୟ ଦୁଇ-ତୃତୀୟାଂଶ ଭୋଟରେ ବିଜୟୀ ହେବା ପରେ ଗଣମାଧ୍ୟମକୁ ସେ କହିଛନ୍ତି, ଥାଇଲାଣ୍ଡ ଓ ନିଜ ଦଳ ପାଇଁ କିଛି କରିବାର ସମୟ ଆସିଛି। ଯଥାସମ୍ଭବ ଦେଶକୁ ଆଗକୁ ନେବା ପାଇଁ ସେ ଉଦ୍ୟମ କରିବେ।

## ଦେଶକୁ ଲୋଡ଼ା ଧର୍ମନିରପେକ୍ଷ ନାଗରିକ ସଂହିତା



### ୭୮ତମ ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲାରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

**ନୂଆଦିଲ୍ଲୀ,୧୬।୮(ପି.ଟି.)**

ସାମ୍ପ୍ରଦାୟିକ ନାଗରିକ ସଂହିତା ଭାବେ ପ୍ରଚଳିତ ବର୍ତ୍ତମାନର ଆଇନ ଭେଦଭାବପୂର୍ଣ୍ଣ। ଏକ ଧର୍ମନିରପେକ୍ଷ ନାଗରିକ ସଂହିତା ସମୟର ଆବଶ୍ୟକତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୮ତମ ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି। ସିଭିଲ୍ କୋଡ୍ ପ୍ରକୃତରେ ସାମ୍ପ୍ରଦାୟିକ ନାଗରିକ ସଂହିତା ରାସ୍ତାରେ ଯାଉଥିବା ଦେଶର ଏକ ବୃହତ୍ ବର୍ଗ ବିଶ୍ୱାସ କରନ୍ତି। ଯେଉଁ ଆଇନ ଦେଶକୁ ସାମ୍ପ୍ରଦାୟିକତା ଆଧାରରେ ଭାଗ ଭାଗ କରୁଛି ଏବଂ ଅସମାନତା ସୃଷ୍ଟିର କାରଣ ହେଉଛି, ଆଧୁନିକ ସମାଜରେ ତାହାର ସ୍ଥାନ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ଗୁରୁବାର ଲାଲ୍‌କିଲ୍ଲାରୁ କ୍ରମାଗତ ୧୧ତମ ଥର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ୧୪୦ କୋଟି ଦେଶବାସୀ ଏକତାର ସଂକଳ୍ପ ନେଇ କାନ୍ଧକୁ କାନ୍ଧ ମିଳାଇ ଚାଲିଲେ ସମୃଦ୍ଧ ତଥା ବିକଶିତ ଭାରତ ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ଏହି ଅବସରରେ ସେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ସରକାର ମଧ୍ୟମ ବର୍ଗ ଓ ଗରିବଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଲକ୍ଷ୍ୟରେ ବଡ଼ ସଂସ୍କାର ଆଣିବା ପାଇଁ କାର୍ଯ୍ୟ କରୁଛନ୍ତି। ଏହା କୌଣସି ରାଜନୈତିକ ବାଧ୍ୟବାଧକତାରୁ ସୃଷ୍ଟି ହୋଇନାହିଁ, ବରଂ ରାଷ୍ଟ୍ର ପ୍ରଥମ ପ୍ରତି ସମର୍ପଣ ଭାବନାରୁ ସୃଷ୍ଟ। ଏହି ଅବସରରେ ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ହଜାର ହଜାର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶ ସେମାନଙ୍କ ନିକଟରେ ଋଣୀ ବୋଲି କହିଥିଲେ। ବାଂଲାଦେଶରେ ହିଂସାକାଣ୍ଡ ଯୋଗୁ ହିନ୍ଦୁ ଓ ସଂଖ୍ୟାଲଘୁଙ୍କ ନିରପତ୍ତା ପାଇଁ ୧୪୦ କୋଟି ଭାରତୀୟ ଚିନ୍ତିତ। ସେଠାରେ ଶୀଘ୍ର ସ୍ୱାଭାବିକ ସ୍ଥିତି ଫେରିଆସିବାକୁ ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

## ଶାସନ କଳର ସମ୍ପୂର୍ଣ୍ଣ ବିଫଳତା: ହାଇକୋର୍ଟ

**କୋଲକାତା,୧୬।୮(ପି.ଟି.)**

**କୋଲକାତା ହସ୍ପିଟାଲ ଭଙ୍ଗାରୁଜା ଘଟଣା**

ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଭଙ୍ଗାରୁଜା ଓ ହିଂସାକାଣ୍ଡ ଘଟଣା ପଶ୍ଚିମବଙ୍ଗ ଶାସନ କଳର ସମ୍ପୂର୍ଣ୍ଣ ବିଫଳତା ଥିଲା ବୋଲି ଶୁକ୍ରବାର କୋଲକାତା ହାଇକୋର୍ଟ କହିଛନ୍ତି। ଏହି ଘଟଣା ଉପରେ ସତ୍ୟପାଠ ଦାଖଲ ଲାଗି ହାଇକୋର୍ଟ ପୋଲିସ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହସ୍ପିଟାଲରେ ୭,୦୦୦ ଲୋକ ରୁଣ୍ଡ ହେବା ସମ୍ପର୍କରେ ପୋଲିସ ଗୋଇନ୍ଦା ବିଭାଗ ପାଖରେ ସୂଚନା ନ ରହିବା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ମୁଖ୍ୟ ବିଚାରପତି ଟି.ଏସ୍. ଶିବଗ୍ନନମଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ପୋଲିସ ଏବଂ ହସ୍ପିଟାଲ ପ୍ରଶାସନ ଅଲଗା ଅଲଗା ସତ୍ୟପାଠରେ ପ୍ରକୃତ ସ୍ଥିତି କ'ଣ ଥିଲା ଜଣାଇବା ପାଇଁ ହାଇକୋର୍ଟ କହିବା ସହ ପରବର୍ତ୍ତୀ ଶୁଣାଣି ୨୧କୁ ଧାର୍ଯ୍ୟ କରିଛନ୍ତି। ହସ୍ପିଟାଲରେ କ'ଣ ପାଇଁ ଭଙ୍ଗାରୁଜା ହେଲା ତାହାର ସମ୍ପୂର୍ଣ୍ଣ ରେକର୍ଡ ଦାଖଲ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ତଦନ୍ତର ଅଗ୍ରଗତି ସମ୍ପର୍କିତ ଅନ୍ତରୀଣ ରିପୋର୍ଟ ଦାଖଲ ପାଇଁ ଅଦାଲତ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରତି ହିଂସା ଘଟଣାରେ ୬ ଘଣ୍ଟାରେ ଏତଲା ଦେବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୬।୮(ପି.ଟି.)**

କୋଲକାତାର ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଡ୍ୟୁଟିରେ ଥିବା କୌଣସି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରତି ହିଂସା ଘଟଣାରେ ୬ ଘଣ୍ଟା ମଧ୍ୟରେ ଏତଲା ଦାଏର କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟମାନଙ୍କୁ କୁହାଯାଇଛି। ଏମ୍ସ ସମେତ ଦେଶର ସମସ୍ତ କେନ୍ଦ୍ରୀୟ ସରକାରୀ ହସ୍ପିଟାଲର ଡାକ୍ତର ଓ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ସମସ୍ତ ମେଡିକାଲ କଲେଜର ପ୍ରିନ୍ସିପାଲଙ୍କୁ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ (ଡିଜିଏଚ୍ଏସ୍) ଡ. ଅତୁଲ ଗୋଏଲ୍ ଏହି ମର୍ମରେ ନିର୍ଦ୍ଦେଶନାମା ଜାରି କରିଛନ୍ତି।

**୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର**

# ରିଶବ ସେଟ୍ଟୀ ଶ୍ରେଷ୍ଠ ଅଭିନେତା



**ନୂଆଦିଲ୍ଲୀ,୧୬।୮(ପି.ଟି.)**

### 'ଆଟ୍ଟମ୍' ଶ୍ରେଷ୍ଠ ଚଳଚ୍ଚିତ୍ର

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀର ନ୍ୟାଶନାଲ ମିଡିଆ ସେଣ୍ଟରଠାରେ ଶୁକ୍ରବାର ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାମାନଙ୍କ ନାମ ଘୋଷଣା କରାଯାଇଛି। କନ୍ତାରା ଚଳଚ୍ଚିତ୍ରରେ ଅଭିନୟ ପାଇଁ ରିଶବ ସେଟ୍ଟୀଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଥିବାବେଳେ ଆନନ୍ଦ ଏକାର୍ଷୀଙ୍କ ନିର୍ଦ୍ଦେଶିତ ମାଲାୟାଲମ ଚଳଚ୍ଚିତ୍ର 'ଆଟ୍ଟମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯାଇଛି। ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଁ ୨ ଜଣ ମନୋନୀତ ହୋଇଛନ୍ତି। ଥିରୁଚିତ୍ରମ୍ବଲମ୍ ଫିଲ୍ମ ପାଇଁ ନିତ୍ୟା ମେନନ ଏବଂ କୁଚ୍ ଏକ୍ସପ୍ରେସ୍ ଚଳଚ୍ଚିତ୍ର ନିମନ୍ତେ ମାନସୀ ପାରେକଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ଊଞ୍ଚାଇ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ପାଇଁ ସୂରଜ ବରଜାତ୍ୟାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ମନୋନୀତ କରାଯାଇଥିବାବେଳେ ନୀନା ଗୁପ୍ତାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଏବଂ ଫୌଜି ଚଳଚ୍ଚିତ୍ରରେ ଅଭିନୟ ପାଇଁ ପୱନ ମାଲହୋତ୍ରାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଘୋଷଣା କରାଯାଇଛି। ପୂର୍ଣ୍ଣ ମନୋରଞ୍ଜନ ପ୍ରଦାନ କରୁଥିବା ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ କନ୍ତାରା ପୁରସ୍କୃତ ହୋଇଥିବାବେଳେ ଫୌଜିରେ ଅଭିନୟ ପାଇଁ ପ୍ରମୋଦ କୁମାରଙ୍କୁ ଶ୍ରେଷ୍ଠ ନବାଗତ ଅଭିନେତା ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି।

ଡାମନ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ହୋଇଥିବାବେଳେ କାର୍ତ୍ତିକେୟ-୨ ଶ୍ରେଷ୍ଠ ତେଲୁଗୁ ଫିଲ୍ମ ଏବଂ ପୋନ୍ନିୟିନ ସେଲ୍‌ଭାନ୍-ପାର୍ଟ ୧ ଶ୍ରେଷ୍ଠ ତାମିଲ ଫିଲ୍ମ ବିବେଚିତ ହୋଇଛି। ସେହିପରି ବାଗର ଦି ଧି ଶ୍ରେଷ୍ଠ ପଞ୍ଜାବୀ ଫିଲ୍ମ, ଭାଲ୍‌ଭି ଶ୍ରେଷ୍ଠ ମରାଠୀ ଫିଲ୍ମ, କେଜିଏଫ୍: ଚାପ୍ଟର୨ ଶ୍ରେଷ୍ଠ କନ୍ନଡ଼ ଫିଲ୍ମ, ଗୁଲ୍‌ମୋହର ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ବିବେଚିତ ହୋଇଛନ୍ତି। କାବେରୀ ଅନ୍ତର୍ଦ୍ଧାନ ଶ୍ରେଷ୍ଠ ବେଙ୍ଗଲୀ ଚଳଚ୍ଚିତ୍ର ହୋଇଥିବାବେଳେ ଏମୁଥି ପୁଥିକୁ ଶ୍ରେଷ୍ଠ ଅସମୀୟା ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି। ୨୦୨୨ ଜାନୁଆରୀ ୧ରୁ ଡିସେମ୍ବର ୧୧ ମଧ୍ୟରେ ସେନ୍‌ସର ବୋର୍ଡ ପ୍ରମାଣପତ୍ର ପାଇଥିବା ଚଳଚ୍ଚିତ୍ରଗୁଡ଼ିକୁ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସ୍ୱୀକୃତି ଦେଇଛି। ଆସନ୍ତା ଅକ୍ଟୋବରରେ ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବେ।

# ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଛୁଇଁବ ଓଡ଼ିଶା ଅର୍ଥନୀତି: ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର,୧୬।୮ (ଅନିଲ ଦାସ)

ଓଡ଼ିଆ ଅସ୍ମିତା ସହ ଓଡ଼ିଶା ବିକାଶର ଶିଖର ଛୁଇଁବ। ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବା ପ୍ରାଥମିକତା ହେବ। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର୍ ଏବଂ ୨୦୪୭ ସୁଦ୍ଧା ଓଡ଼ିଶା ୧.୫ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପହଞ୍ଚିବ। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ରାଜ୍ୟରେ ଶିଳ୍ପର ବହୁଳ ବିକାଶ କରାଯିବ। ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଗୁରୁବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପରିବର୍ତ୍ତନର ପଥରେ ଯାତ୍ରା ଆରମ୍ଭ କରିଛି। ଓଡ଼ିଶାବାସୀ ପ୍ରଚାରସର୍ବସ୍ୱ ବିକାଶର ରାସ୍ତାରୁ ବାହାରି କର୍ମସର୍ବସ୍ୱ ବିକାଶ ପାଇଁ ରାସ୍ତା ବାଛିଛନ୍ତି। ଆତ୍ମାବିହୀନ ଗତିକୁ ଅସ୍ୱୀକାର କରି ଅସ୍ମିତାକୁ ସ୍ୱୀକାର କରିଛନ୍ତି।

୨୦୩୬ ଓ ୨୦୪୭ ପାଇଁ ଦୁଇଟି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ। ଏହା ଓଡ଼ିଶାର ଲୋକଙ୍କ ମତାମତ ଆଧାରରେ ପ୍ରସ୍ତୁତ ହେବ। ଏଥିପାଇଁ ଏକ ୱେବ୍ ପୋର୍ଟାଲ ପ୍ରସ୍ତୁତ କରାଯାଉଛି। ସେହି ସ୍ୱର୍ଣ୍ଣିମ ଅଧ୍ୟାୟର ଉପକ୍ରମ ଏହି ୫ ବର୍ଷ ମଧ୍ୟରେ ଲେଖିବାକୁ ହେବ। ବଡ଼ ସ୍ୱପ୍ନ ଦେଖାଇବି ନାହିଁ। ଯାହା ପ୍ରତିଶ୍ରୁତି ଦେଇଛି ପାଳନ କରିବି। ଶ୍ରୀମନ୍ଦିର ୪ ଦ୍ୱାର, ରତ୍ନ ଭଣ୍ଡାର ଖୋଲିଛୁ। ଓଡ଼ିଆ ଅସ୍ମିତା ପାଣ୍ଠି କରାଯାଇଛି।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ




ଧାନ କୁଇଣ୍ଟାଲ ୩୧୦୦ ଟଙ୍କା ହେବ, ସେପ୍ଟେମ୍ବର ୧୭ରୁ ସୁଭଦ୍ରା ଯୋଜନା ଲାଗୁ ହେବ। ଏ ଦୁଇଟି ପଦକ୍ଷେପ ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବ। ଖାଲି ପଡ଼ିଥିବା ଦେଢ଼ ଲକ୍ଷ ପଦବୀ ପୂରଣ କରାଯିବ। ଆଗାମୀ ୫ ବର୍ଷରେ ୫୦୦ ଆଦିବାସୀ ଗାଁକୁ ବିକଶିତ କରାଯିବ। ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟରେ ଶିଳ୍ପର ବହୁଳ ବିକାଶ କରାଯିବ। ୧୯୭୫ ଜରୁରିକାଳୀନ ସମୟରେ ଜେଲ ଯାଇଥିବା ବ୍ୟକ୍ତିଙ୍କ ପାଇଁ ପେନ୍‌ସନ୍ ଓ ମାଗଣା ବସ୍ ସେବା ବ୍ୟବସ୍ଥା କରାଯିବ। ବିକାଶର ରାସ୍ତାରେ ୩ଟି ବଡ଼ ମାଇଲଖୁଣ୍ଟ ଧାର୍ଯ୍ୟ କରାଯାଇଛି। ୨୦୨୯, ୨୦୩୬ ଓ ୨୦୪୭। ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ବିକଶିତ ଭାରତର ବିସ୍ତୃତ ସ୍ୱରୂପ ମଧ୍ୟରେ ଓଡ଼ିଶାର ବିକାଶକୁ ଆଗେଇ ନେଇ ୨୦୩୬ ମଧ୍ୟରେ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାକୁ ପଡ଼ିବ। ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରି ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ପାଇଁ ଅମାପ ସୁଯୋଗ ସୃଷ୍ଟି କରିବା ହେଉଛି ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ନୂତନ ଜାତୀୟ ରାଜପଥ ନିର୍ମାଣ ତଥା ଉନ୍ନତୀକରଣ ପାଇଁ ୨୧,୬୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଭାରତ ସରକାର ଅନୁମୋଦନ କରିଛନ୍ତି। ଏହାଛଡ଼ା ୫୦ ହଜାର କୋଟିରୁ ଅଧିକ ଟଙ୍କାର ରାଜପଥ ନିର୍ମାଣ ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। କେବଳ କୃଷକ ଓ ମହିଳା ନୁହନ୍ତି, ସବୁ ବର୍ଗର ସାମଗ୍ରିକ ଉନ୍ନତି ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ତୃଣମୂଳସ୍ତରରୁ ବିକାଶର ଇଞ୍ଜିନକୁ ଆଗେଇ ନେବାପାଇଁ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ଯୋଜନା ପାଇଁ ପ୍ରସ୍ତାବ ଗ୍ରହଣ କରାଯିବ, ଯାହା ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବ ଏବଂ ଆଗାମୀ ଦିନରେ ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିପାଇଁ ସଡ଼କପଥ, ରେଳପଥ, ଶିଳ୍ପାଞ୍ଚଳ, ବିଦ୍ୟୁତ୍ ଗ୍ରୀଡ୍ ଆଦି ଭିତ୍ତିଭୂମିର ବ୍ୟାପକ ବିକାଶ କରାଯିବ। ନିକଟରେ ରେଳ ମନ୍ତ୍ରଣାଳୟ, ଓଡ଼ିଶା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ରେଳପଥ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ଦକ୍ଷିଣ ତଥା ଉତ୍ତର ଓଡ଼ିଶାର ଅନେକ ଆଦିବାସୀ ବହୁଳ ଜିଲାଗୁଡ଼ିକୁ ରେଳପଥରେ ସଂଯୋଗ କରି ବିକାଶ ପଥରେ ସାମିଲ ହେବାର ପଥ ଉନ୍ମୁକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାକୁ ଗୋଟି ଗୋଟି କରି ପାଳନ କରିଚାଲିଛନ୍ତି, ଆମର ପ୍ରତିଶ୍ରୁତି ପଥରରେ ଅଙ୍କା ହୋଇଥିବା ଚିତ୍ର ପରି। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାୟନ, ନିଯୁକ୍ତି, ଦକ୍ଷତା ବିକାଶ ଏବଂ ଗରିବ ଲୋକଙ୍କ କଲ୍ୟାଣ– ଏ ସବୁ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡ଼ିଆ ଜାତି ଆଜି ନୂଆ ଇତିହାସ ଲେଖିବା ଆରମ୍ଭ କରିଛି। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ସହିତ ବିକାଶର ଶିଖର ଛୁଇଁବାକୁ ଶପଥ ନେଇଛି। ଏହି ନୂଆ ଯାତ୍ରାରେ ଆମକୁ ଯେଉଁ ଦାୟିତ୍ୱ ମିଳିଛି, ଆମେ ତାକୁ କାୟ, ମନ ଓ ବାକ୍ୟରେ ପାଳନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମେତ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାରେ ତ୍ୟାଗ ଓ ସଂଗ୍ରାମର ପରାକାଷ୍ଠା ଦେଖାଇଥିବା ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ‘ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି ଅମିତ୍’

ଭୁବନେଶ୍ୱର,୧୬।୮ (ଅନିଲ ଦାସ)




## ମୁଖ୍ୟମନ୍ତ୍ରୀଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ଜର୍ସି, ମାସ୍କଟ୍ ଉପହାର ଦେଲେ ଅମିତ୍

ପ୍ୟାରିସ୍ ଅଲିମ୍ପିକ୍ସରେ ପଦକ ଜିତିବା ପରେ ଭାରତୀୟ ପୁରୁଷ ହକି ଦଳର ଏକମାତ୍ର ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ ଶୁକ୍ରବାର ଓଡ଼ିଶାରେ ପହଞ୍ଚିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅମିତ୍‌ଙ୍କର ଭୂୟସୀ ପ୍ରଶଂସା କରି ତାଙ୍କୁ ଓଡ଼ିଶାର ଗର୍ବ ଓ ଗୌରବ ବୋଲି ଅଭିହିତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଅମିତ ହେଉଛନ୍ତି ଓଡ଼ିଆ ଅସ୍ମିତାର ପ୍ରକୃତ ପରିଚୟ। ଆମ ଓଡ଼ିଆ ଅସ୍ମିତାକୁ ସେ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି।

ଆଜି ହେଉଛି ଆଗାମୀ ଅଲିମ୍ପିକ୍ସ ପାଇଁ ସଙ୍କଳ୍ପର ଦିନ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଶୁଭେଚ୍ଛା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୨୮ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଭାରତୀୟ ହକି ଦଳର ପ୍ରାୟୋଜକ(ସ୍ପନସରଶିପ୍)କୁ ଓଡ଼ିଶା ସରକାର ୨୦୩୬ ପର୍ଯ୍ୟନ୍ତ କରିଛନ୍ତି। ହକିରଗଡ଼ ଭାବେ ପରିଚିତ ସୁନ୍ଦରଗଡ଼ର ସଉନାମରା ଗାଁରେ ଅମିତ୍ ଜନ୍ମ ଗ୍ରହଣ କରିଛନ୍ତି। ଗାଁ ମାଟିରୁ ପାନପୋସ ହଷ୍ଟେଲ ଓ ସେଠାରୁ ଭାରତୀୟ ହକି ଦଳ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଅତ୍ୟନ୍ତ ଗୌରବମୟ। ୨୦୧୭ରୁ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ହକି ପ୍ରତିଯୋଗିତାରେ ଭାରତୀୟ ଦଳର ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅମିତ୍ ରୋହିଦାସ କହିଛନ୍ତି, ଓଡ଼ିଶାରେ ପହଞ୍ଚିବା ପାଇଁ ତାଙ୍କ ହୃଦୟ ବ୍ୟାକୁଳ ଥିଲା। ଭୁବନେଶ୍ୱର ପହଞ୍ଚି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେ ବହୁତ ଖୁସି। ୫୨ ବର୍ଷ ପରେ ଆମେ (ଭାରତୀୟ ହକି ଦଳ) ଅଲିମ୍ପିକ୍ସରେ ଲଗାତର ପଦକ ଜିତି ରେକର୍ଡ ଭାଙ୍ଗିଛୁ ବୋଲି ସେ କହିଛନ୍ତି। ଓଡ଼ିଶା ତଥା ଦେଶର କୋଟି କୋଟି କ୍ରୀଡ଼ାପ୍ରେମୀଙ୍କୁ ଶୁଭେଚ୍ଛା ପାଇଁ ସେ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସେ ଅଲିମ୍ପିକ୍ସର ଜର୍ସି ଓ ମାସ୍କଟ ଉପହାର ଦେଇଛନ୍ତି। ସେହି ଜର୍ସିରେ ଭାରତୀୟ ଦଳର ସବୁ ଖେଳାଳିମାନଙ୍କର ଦସ୍ତଖତ ରହିଛି। ଏହି ଜର୍ସି ନିଶ୍ଚିତ ଭାବେ ଓଡ଼ିଶାର ସବୁ ହକି ଖେଳାଳିଙ୍କୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ଆକାଶ ଦାସ ନାୟକ, ପ୍ରକାଶ ଚନ୍ଦ୍ର ସେଠୀ, ଦୁର୍ଗାପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, କ୍ରୀଡ଼ା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




## ୧୯, ୨୬ରେ ବନ୍ଦରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୧୯ ଏବଂ ୨୬ ତାରିଖରେ ବନ୍ଦ ରହିବ। ପ୍ରତ୍ୟେକ ସୋମବାର ଭୁବନେଶ୍ୱର, ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଚାଲୁଥିବା ଜନଶୁଣାଣି କାର୍ଯ୍ୟକ୍ରମ ଏହି ୨ ସୋମବାର ବନ୍ଦ ରଖାଯିବ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜନସାଧାରଣଙ୍କ ନିମନ୍ତେ ସୂଚନା ପ୍ରଦାନ କରାଯାଇଛି। ସରକାରୀ ଛୁଟି ଥିବାରୁ ଏହି ଦିନଗୁଡ଼ିକରେ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।

## ମହିଳା ପାଇବେ ଗୋଟିଏ ଦିନ ଋତୁସ୍ରାବ ଛୁଟି: ପ୍ରଭାତୀ

କଟକ,୧୬।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଋତୁସ୍ରାବ ପାଇଁ କର୍ମଜୀବୀ ମହିଳା ଦିନେ ଛୁଟି ପାଇବେ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। କଟକ ବାରବାଟୀ ଷ୍ଟାଡ଼ିୟମରେ ଗୁରୁବାର ଆୟୋଜିତ ୭୮ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ପ୍ରତି କ୍ଷେତ୍ରରେ ମହିଳାଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ମାସରେ ମହିଳା ସାମ୍ନା କରୁଥିବା ଋତୁସ୍ରାବ ପାଇଁ ଗୋଟିଏ ଦିନର ଛୁଟି ଆବଶ୍ୟକ। ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ମହିଳା କର୍ମଚାରୀ ଏଣିକି ଦିନଟିଏ ମାସିକ ଋତୁସ୍ରାବ ଜନିତ ଛୁଟି ପାଇବେ। ଋତୁସ୍ରାବ ଦିନ କିମ୍ବା ତା’ ପର ଦିନ ସେମାନେ ଛୁଟି ନେଇପାରିବେ। ଏ ନେଇ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏକ ଋତୁସ୍ରାବ ସ୍ୱାସ୍ଥ୍ୟ ନୀତି ଆଣିବାକୁ ଯାଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରଥମ ୧୦୦ ଦିନିଆ କାର୍ଯ୍ୟ ଭିତରେ ଏପରି ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଋତୁସ୍ରାବ ସମୟରେ ଛୁଟି ଦେବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିବାବେଳେ ଏଦିଗରେ ପୂର୍ବରୁ କୌଣସି ନିଷ୍ପତ୍ତି ନିଆଯାଇ ନ ଥିଲା। ଏହା ଏବେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନେଇ ପରିଡ଼ା କହିଛନ୍ତି। ସେପଟେ ଜଣେ ମହିଳା ହୋଇ ମହିଳାଙ୍କ ସମସ୍ୟାକୁ ଉପଲବ୍ଧି କରି ଏଭଳି ନିଷ୍ପତ୍ତି ନେଇଥିବାରୁ ଉଭୟ ଉପମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ କର୍ମଜୀବୀ ମହିଳା ଓ ମହିଳା ଅଧିକାର ପାଇଁ ଲଢ଼େଇ କରୁଥିବା ସାମାଜିକ କର୍ମୀ ପ୍ରଶଂସା କରିଛନ୍ତି।

## ଆଜିଠୁ ବିଧାନସଭାରେ ୨ ଦିନିଆ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)

ନବନିଯୁକ୍ତ ବିଧାୟକମାନଙ୍କୁ ନେଇ ଶନିବାର ଏବଂ ରବିବାର ୨ଦିନିଆ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଉଦ୍‌ଘାଟନ କରିବେ। ପ୍ରଥମ ଦିନ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଆରମ୍ଭହୋଇ ଅପରାହ୍ନ ୪ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର କରାଯାଇଛି। ବିଧାନସଭା ସଚିବ ଦାଶରଥି ଶତପଥୀ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବେ। କେତେଜଣ ପୂର୍ବତନ ମନ୍ତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ସେହିପରି ଦ୍ୱିତୀୟ ଦିନ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେବେ। ମଧ୍ୟାହ୍ନଭୋଜନ ସମୟ ପର୍ଯ୍ୟନ୍ତ ରବିବାର ଏହି କାର୍ଯ୍ୟକ୍ରମ ଚାଲିବା ପରେ ଏହା ଶେଷ ହେବାକୁ ସ୍ଥିର ହୋଇଛି।

# ୭ ଜିଲାରେ ମ୍ୟାଲେରିଆ ସ୍ଥିତି ଉଦ୍‌ବେଗଜନକ

ଭୁବନେଶ୍ୱର,୧୬।୮ (ଅସମାପିକା ସାହୁ)

ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ୭ଟି ଜିଲାରେ ସ୍ଥିତି ଉଦ୍‌ବେଗଜନକ ରହିଛି। ସେହି ଜିଲାଗୁଡ଼ିକ ହେଲା – ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବୌଦ୍ଧ, ମୟୂରଭଞ୍ଜ ଏବଂ କନ୍ଧମାଳ। ରାଜ୍ୟରେ ମୋଟ ୩୨,୬୭୬ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ କେବଳ ଏହି ୭ ଜିଲାରୁ ୮୪ ପ୍ରତିଶତରୁ ଅଧିକ ଅର୍ଥାତ୍ ୨୭,୬୮୪ଜଣ ରୋଗୀ ରହିଛନ୍ତି। ରାୟଗଡ଼ାରୁ ୬,୦୮୮, କଳାହାଣ୍ଡିରୁ ୫,୮୬୨, କୋରାପୁଟରୁ ୫,୫୦୦, ମାଲକାନଗିରିରୁ ୨,୬୫୮, ବୌଦ୍ଧରୁ ୧,୧୪୮, ମୟୂରଭଞ୍ଜରୁ ୧,୪୬୬ ଏବଂ କନ୍ଧମାଳରୁ ୪,୯୬୨ ମ୍ୟାଲେରିଆ ରୋଗୀ ବାହାରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଗତ ଜୁଲାଇ ସୁଦ୍ଧା ଆସିଥିବା ତଥ୍ୟରୁ ରାଜ୍ୟରେ ୭ ଜିଲାରେ ମ୍ୟାଲେରିଆ ରୋଗୀଙ୍କ ସ୍ଥିତି ଜଟିଳ ଥିବା ଦେଖାଯାଇଛି। ଚଳିତ ମାସର ଡାଟା ନିରୀକ୍ଷଣ କରାଯାଉଛି। ତେବେ ଏହି ୭ ଜିଲାରେ ଅଧିକ ରୋଗୀ ହେବାର କାରଣ ହେଉଛି ୨୦୨୦ ମସିହାରେ ଦିଆଯାଇଥିବା ଏଲ୍‌ଏଲ୍‌ଆଇଏନ୍‌ର ପ୍ରଭାବ କମିଯାଇଛି। ନୂଆ ଏଲ୍‌ଏଲ୍‌ଆଇଏନ୍ ଦିଆଯିବ। ଏଥିପାଇଁ ୪ଦିନ ଭିତରେ ଏସବୁ ଜିଲାରେ ଏଲ୍‌ଏଲ୍‌ଆଇଏନ୍ ପହଞ୍ଚିବ। ସୁନ୍ଦରଗଡ଼ରେ ଏଲ୍‌ଏଲ୍‌ଆଇଏନ୍ ପହଞ୍ଚିସାରିଛି। ବର୍ଷା ଦିନରେ ବି ମଶା ଜନ୍ମ ଓ କାମୁଡ଼ିଥାଏ। ଏଯାଏ ଚିହ୍ନଟ ହୋଇଥିବା ମ୍ୟାଲେରିଆ ରୋଗୀଙ୍କ ମଧ୍ୟରୁ ୪ଜଣଙ୍କ ମୃତ୍ୟୁ ହୋଇଛି। ଅଧିକାଂଶ ଜିଲାରେ ମ୍ୟାଲେରିଆ ଦେଖାଯାଉଛି। ହେଲେ ଉପକୂଳ ଜିଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କମ୍ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେହିପରି ଡେଙ୍ଗୁ ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ପ୍ରାୟ ୨ହଜାର ରହିଛି। ଭୁବନେଶ୍ୱର ଓ ଖୋର୍ଦ୍ଧାରୁ ସର୍ବାଧିକ ୫୦୦ ପାଖାପାଖି ଆକ୍ରାନ୍ତ ହୋଇଛନ୍ତି। ଏହା ତଳକୁ ସୁନ୍ଦରଗଡ଼ ଓ ରାଉରକେଲା ସହର, ବଲାଙ୍ଗୀର ଓ କଟକ ରହିଛି। ହେଲେ ବଲାଙ୍ଗୀର ଓ କଟକରୁ ଆଉ ରୋଗୀ ଆସୁନାହାନ୍ତି। ପ୍ରତିକାର ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ ସହ ମିଶି କାମ ଚାଲିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।



**ଆଜିର ମନ୍ତବ୍ୟ**

"ସୁରକ୍ଷା ଦୃଷ୍ଟିରୁ ଜମ୍ମୁ-କଶ୍ମୀରରେ ୩ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ କରାଯାଉଛି। ଦେଶର ବିଭିନ୍ନ ଭାଗରେ ୪୬ ବିଧାନସଭା ଆସନ ପାଇଁ ଉପଯୁକ୍ତ ସମୟରେ ନିର୍ବାଚନ ତାରିଖ ଘୋଷଣା କରାଯିବ। କେରଳର ୱାୟନାଡ୍‌ରେ ଭୂସ୍ଖଳନ ଯୋଗୁ ସେଠାରେ ବର୍ତ୍ତମାନ ନିର୍ବାଚନ କରାଇବା ସମ୍ଭବ ନୁହେଁ। ଠିକ୍ ସମୟରେ ଏହି ସଂସଦୀୟ ଆସନରେ ଭୋଟ ଗ୍ରହଣ କରାଯିବ। **-ରାଜୀବ କୁମାର, ସିଇସି**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୟୋଲା ସ୍କୁଲ ପକ୍ଷରୁ ଏବଂ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ସହଯୋଗରେ ୧୪ତମ ବାର୍ଷିକ ସର୍ବଭାରତୀୟ ଆଦିତ୍ୟ ସ୍ମାରକୀ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଏକ୍ସଆଇଏମ୍‌ବି ଅଡିଟୋରିୟମ, ସମୟ: ସକାଳ ୮ଟା ୩୦।
- ୧୩ତମ ଗୁରୁଶ୍ରୀ ସମ୍ମାନ-୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ସାହିତ୍ୟ ଏକାଡେମୀ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ କବିସନ୍ଧି କାର୍ଯ୍ୟକ୍ରମ, ସ୍ଥାନ:ନୂତନ ପ୍ରେକ୍ଷାଳୟ, ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- କମ୍ରେଡ୍ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଉତ୍କଳମଣି ସଭାକକ୍ଷ, ଜୟଦେବ ବିହାର, ସମୟ: ଅପରାହ୍ନ ୫ଟା।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ 'ବର୍ଷାର ଗଜଲ୍' ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା
- ନୃତ୍ୟାଶା ଟ୍ରଷ୍ଟ ପକ୍ଷରୁ ନୃତ୍ୟାଶା ଉତ୍ସବ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଓଡ଼ିଶା ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ ପକ୍ଷରୁ କଟକ ବ୍ୟାଡ୍‌ମିଣ୍ଟନ ପ୍ରିମିୟର ଲିଗ୍, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ଶ୍ରୀକୋରୁଆଁ, ଗୋପାଳପୁର, ସମୟ: ପୂର୍ବାହ୍ନ ୮ଟା ୩୦।
- ଜାତୀୟ ଆଇନ ସେବା ପ୍ରାଧିକରଣ ସହଯୋଗରେ ଓଡ଼ିଶା ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ୍ ଅଥରିଟିଜ୍ ସମ୍ମିଳନୀ, ସ୍ଥାନ: ଓଡ଼ିଶା ଜୁଡିସିଆଲ ଏକାଡେମୀ, ସମୟ: ପୂର୍ବାହ୍ନ ୯ଟା ୩୦।
- ସାହିତ୍ୟ ଅକାଦେମି ଏବଂ ଉତ୍କଳ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ କିଶୋରୀଚରଣ ଦାସ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ୧୧ତମ ସମାବର୍ତ୍ତନ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା ୩୦।
- ଆକାଶବାଣୀ କଟକର ବିଶେଷ ସଙ୍ଗୀତ ସମାରୋହ 'ମୁକ୍ତି ଗୀତିକା', ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀ ଶ୍ରୀ ଜଗନ୍ନାଥ ଧାମ ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ସିଞ୍ଚୁରିଏନ୍‌ର ସ୍କୁଲ ଅଫ୍ ମିଡିଆ ଆଣ୍ଡ୍ କମ୍ୟୁନିକେଶନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଡାକ୍ତରଙ୍କୁ ଆକ୍ରମଣ ଓ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ପ୍ରତିବାଦରେ ଧାରଣା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ମେଳା, ପୂଜା, ଭଜନ କୀର୍ତ୍ତନ, ସ୍ଥାନ: ସକାଳ ୭ ଟା ଏବଂ ସନ୍ଧ୍ୟା ୭ ଟା।
- ଶନିଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ହୋମ, ସ୍ଥାନ: ଛେନାପଦୀ, ବଣିଆପଣଙ୍କ, ହାଟଡିହୀ,ସମୟ: ସକାଳ ୮ ଟା।
- ପଞ୍ଚାୟତ ସମିତି ବୈଠକ,ସ୍ଥାନ:ହାଟଡ଼ିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ରାଲି, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସହାୟକ ଯନ୍ତ୍ର ପ୍ରଦାନ ଲାଗି ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ: ମୋରଡ଼ା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚିତ୍ରଡା, ମୋରଡା ବ୍ଲକ, ସମୟ: ଅପରାହ୍ନ ୩ଟା।
- ସାମାଜିକ ନାଟକ 'ସମ୍ପର୍କ 'ମଞ୍ଚସ୍ଥ, ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୭ଟ।

## ବ୍ରହ୍ମପୁର

- ଜୈବିକ ନୂତନତ୍ୱ ଉପରେ ବକ୍ତୃତା,ସ୍ଥାନ: ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଅଡିଟୋରିଅମ,ସମୟ: ମଧ୍ୟାହ୍ନ ୧୨ଟା।
- ଦେଶାତ୍ମବୋଧକ ସାଂସ୍କୃତିକ ସମାରୋହ,ସ୍ଥାନ: ଟାଉନ ହଲ,ସମୟ: ସନ୍ଧ୍ୟା ୬ଟା୩୦।

## ଗଞ୍ଜାମ

- ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷ,ସମୟ : ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ଶିଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଜନଶୁଣାଣି ଶିବିର, ସ୍ଥାନ: ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଏରସମା, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ୍।
- ପରିବେଶ ସଚେତନତା ଧର୍ମୀ ପତ୍ରିକା ସବୁଜିମାର ବାର୍ଷିକ ଉତ୍ସବ ଓ କବିତା ପାଠ, ସ୍ଥାନ: ପାରାଦୀପ ପୌରପରିଷଦ ସମ୍ମିଳନୀ କକ୍ଷ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: କଳିଙ୍ଗ ଆବାସିକ ବିଦ୍ୟାଳୟ, କେଶରପୁର-ଦାନପୁର କେନ୍ଦ୍ରାପଡ଼ା, ସମୟ ସକାଳ ୯ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ପରିସର, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଖରିଫ ଶସ୍ୟ ଡିଜିଟାଲ କଟିଂ ସର୍ଭେ କାର୍ଯ୍ୟକ୍ରମ, ସ୍ଥାନ : ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ରସୁଲପୁର ବ୍ଲକ ଲକ୍ଷ୍ମୀନଗର ଓ ପହଙ୍ଗା ପଞ୍ଚାୟତର ସାମାଜିକ ସମୀକ୍ଷା, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ ଅଭ୍ୟର୍ଥନା ଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼

- ରଙ୍ଗବତୀ ମେମୋରିଆଲ ଡେ, ସ୍ଥାନ:ଖଣ୍ଡପଡ଼ା ବ୍ଲକର କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ,କଣ୍ଟିଲୋ, ସମୟ: ସକାଳ ସାଢ଼େ ୭ଟା।

## ନବରଙ୍ଗପୁର

- ଆକାଂକ୍ଷା ଜିଲା ଓ ବ୍ଲକ ଆଭାସି ମାଧ୍ୟମରେ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ମୋଦି କେୟାର ଏଜେଣ୍ଟମାନଙ୍କ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ମା'ମେଟାକାନୀ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଡାକଡେରା ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧ଟା।
- ଡାକ୍ତର ସନାତନ ବେହେରା ସ୍ମାରକୀ ସୁପର ଲିଗ୍ ପର୍ଯ୍ୟାୟ ଫୁଟବଲ ମ୍ୟାଚ ବାମରା କ୍ରୀଡା ସଂଘ ବନାମ ହିନ୍ଦ କ୍ଲବ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୧୫।

## ବଲାଙ୍ଗୀର

- ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।
- କୋଲକତା ଟ୍ରେନିଂ ଡାକ୍ତରଙ୍କ ମୃତ୍ୟୁ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା।

## ରାଉରକେଲା

- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ପର୍ବ, ସ୍ଥାନ: ବି-୬ ସେକ୍ଟର--୨୦, ସମୟ: ଅପରାହ୍ନ ୪ଟା।
- ଅଜିତ ଖାଡିଆ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଗତି ଉତ୍କଳ ସଂଘର ବାର୍ଷିକ ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୭, ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ବରଗଡ଼

- ଏଚିଭର୍ସ ହେଲ୍‌ପିଙ୍ଗ ଫାଉଣ୍ଡେଶନ ପକ୍ଷରୁ ପାର୍ବତୀ ଗିରିଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୭ଟା।
- ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖ, ଘରୋଇ ବସଷ୍ଟାଣ୍ଡ ନିକଟ ପାର୍ବତୀଗିରିଙ୍କ ପ୍ରତିମୂର୍ତ୍ତି, ସମୟ: ସକାଳ ୭ଟା ୩୦।

## କଳାହାଣ୍ଡି

- ପଶ୍ଚିମବଙ୍ଗ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ପ୍ରତିବାଦରେ ଡାକ୍ତରଙ୍କ କଲମ ଛାଡ଼ ଆନ୍ଦୋଳନ, ସ୍ଥାନ: କଳାହାଣ୍ଡି ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୬ଟା।

## ବୌଦ୍ଧ

- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ବାମଣ୍ଡା, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ଦେବଗଡ଼

- ପାର୍ଥେ ନିୟମ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଜମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ, ସ୍ଥାନ: ଉଲ୍ଲେ ୱାର୍ଡ ନଂ. ୧୦ ବିନିକା, ସମୟ: ସନ୍ଧ୍ୟା ୬ଟାରୁ।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ସତନାମୀ ସମାଜର ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ କ୍ଲବ, ସମୟ: ଅପରାହ୍ନ ୪ଟା।

# ପ୍ରଥମ ପୃଷ୍ଠାରୁ...

## ୧୮ ସେପ୍ଟେମ୍ବରରୁ ୩ ...

ଆଲୋଚନା କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ନିର୍ବାଚନ କରାଯିବ ବୋଲି ସଙ୍କେତ ଦେଇଥିଲେ। ଏହି କ୍ରମରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଶୁକ୍ରବାର ଅପରାହ୍ନ ୩ଟାରେ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ବିଷୟ ଘୋଷଣା କରିଛନ୍ତି। ସିଇସି କହିଛନ୍ତି, କଶ୍ମୀରକୁ ଗଣତନ୍ତ୍ର ଫେରିବାକୁ ଯାଉଛି। ଅମରନାଥ ଯାତ୍ରା ଶେଷ ହେବା ଦିନ ଅର୍ଥାତ୍ ଅଗଷ୍ଟ ୨୦ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୪୨.୬ ଲକ୍ଷ ମହିଳାଙ୍କ ସମେତ ପ୍ରାୟ ୮୭ ଲକ୍ଷ ମତଦାତା ୧୧,୮୩୮ ମତଦାନ କେନ୍ଦ୍ରରେ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବାକୁ ଯୋଗ୍ୟ ବିବେଚିତ ହେବେ। ଲୋକେ ପରିବର୍ତ୍ତନ ଚାହାଁନ୍ତି। ସେମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭାଗନେଇ ନିଜ ପାଇଁ ଏକ ନୂଆ ଭବିଷ୍ୟତ ଲେଖିବାକୁ ଯାଉଛନ୍ତି। ଲୋକେ ବୁଲେଟ୍‌କୁ ପ୍ରତିହତ କରି ବାଲଟ୍‌କୁ ବାଛିଛନ୍ତି।

ପ୍ରକାଶ ଯେ, ୨୦୧୪ରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ସବୁଠୁ ବଡ଼ ଦଳ ଭାବେ ଉଭାହେବା ସତ୍ତ୍ୱେ ସଂଖ୍ୟାଗରିଷ୍ଠତା ହାସଲ ନ କରିବାରୁ ଭାଜପା ସହ ମିଶି ମେଣ୍ଟ ସରକାର ଗଠନ କରିଥିଲା। ପିଡିପି ମୁଖ୍ୟ ମେହବୁବା ମୁଫ୍ତି ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୮ରେ ଭାଜପା-ପିଡିପି ମେଣ୍ଟ ଭାଙ୍ଗିଯିବା ପରେ ରାଜ୍ୟରେ ରାଜ୍ୟପାଳ ଓ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ୨୦୧୯ ଅଗଷ୍ଟରେ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯିବା ପରେ ସେହିବର୍ଷ ଅକ୍ଟୋବରରେ କଶ୍ମୀର ରାଜ୍ୟ ମାନ୍ୟତା ହରାଇଥିଲା। ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। କଶ୍ମୀରର ୯୦ ଆସନ ମଧ୍ୟରୁ ୭୪ ସାଧାରଣ ବର୍ଗଙ୍କ ପାଇଁ ହୋଇଥିବାବେଳେ ୯ ଏସ୍‌ଟି ଏବଂ ୭ ଏସ୍‌ସି ବର୍ଗ ପାଇଁ ସଂରକ୍ଷିତ। ଇତିମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲାଙ୍କ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) କୌଣସି ଦଳ ସହ ପ୍ରାକ୍ ନିର୍ବାଚନୀ ମେଣ୍ଟ ହେବନାହିଁ ବୋଲି ସ୍ପଷ୍ଟ କରିବା ସହ ତାଙ୍କ ଦଳ ଏକାକୀ ସରକାର ଗଠନ କରିବାକୁ ଯାଉଛି ବୋଲି କହିଛନ୍ତି। ମେହବୁବାଙ୍କ ପିଡିପି ମଧ୍ୟ କାହା ସହ ମେଣ୍ଟ କରାଯିବା ବିଷୟକୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷେ ଗତ ଲୋକ ସଭା ନିର୍ବାଚନରେ ଜମ୍ମୁ-କଶ୍ମୀରରେ ପ୍ରାର୍ଥୀ ଦେଇ ନ ଥିବା ଭାଜପା ବିଧାନସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଛି। କଂଗ୍ରେସ ମଧ୍ୟ ଉଭୟ ପ୍ରାକ୍ ନିର୍ବାଚନୀ ଏବଂ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ପାଇଁ ଦ୍ୱାର ଖୋଲା ରଖିଛି। ଅଲ୍‌ତାଫ୍ ବୁଖାରୀଙ୍କ ଅପ୍‌ନି ପାର୍ଟି, ସଜାଦ ଗନି ଲୋନ୍‌ଙ୍କ ପିପୁଲ୍ସ କନ୍‌ଫରେନ୍ସ ଏବଂ ଭୀମ ସିଂଙ୍କ ପାନ୍ଥର୍ସ ପାର୍ଟି କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେଇପାରନ୍ତି। ୨୦୧୪ ନିର୍ବାଚନରେ ପିଡିପି ୨୮, ଭାଜପା ୨୫, ନ୍ୟାଶନାଲ କନ୍‌ଫରେନ୍ସ ୧୫, କଂଗ୍ରେସ ୧୨, ଅନ୍ୟ ୪ ଓ ସ୍ୱାଧୀନ ୩ ପ୍ରାର୍ଥୀ ଜିତିଥିଲେ।

ସେହିପରି ୨୦୧୯ ହରିୟାଣା ବିଧାନସଭା ନିର୍ବାଚନରେ ଭାଜପା ୪୦, କଂଗ୍ରେସ ୩୧, ଜେଜେପି ୧୦, ସ୍ୱାଧୀନ ୭ ଓ ଅନ୍ୟ ଦଳ ୨ ଆସନ ଜିତିଥିଲେ। ବିଧାନସଭାର ୭୩ ଅଣସଂରକ୍ଷିତ ଓ ୧୭ ଆସନ ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ବିଧାନସଭାର କାର୍ଯ୍ୟକାଳ ଆସନ୍ତା ନଭେମ୍ବର ୩ରେ ଶେଷ ହେବାକୁ ଥିବାବେଳେ ଅଗଷ୍ଟ ୨୭ରେ ରାଜ୍ୟର ଭୋଟର ତାଲିକା ଚୂଡ଼ାନ୍ତ ହେବାକୁ ଯାଉଛି। ହରିୟାଣାର ୯୦ ଆସନ ପାଇଁ ୨୦,୬୨୯ ବୁଥରେ ଅକ୍ଟୋବର ୧ରେ ଭୋଟ ଗ୍ରହଣ କରାଯିବ। ୨ କୋଟିରୁ ଊର୍ଦ୍ଧ୍ୱ ଭୋଟର (୧.୦୬ କୋଟି ପୁରୁଷ ଓ ୦.୯୫ କୋଟି ମହିଳା) ମତଦାନ କରିବେ। ଏଥର ସହରାଞ୍ଚଳରେ ମତଦାନ ବୃଦ୍ଧି ପାଇଁ ଗୁରୁଗ୍ରାମ୍, ଫରିଦାବାଦ ଓ ସୋନିପଥର ବହୁତଳ ବିଶିଷ୍ଟ ବିଲ୍ଡିଂଗୁଡ଼ିକରେ ପୋଲିଂ ଷ୍ଟେଶନ ପ୍ରତିଷ୍ଠା କରାଯିବ। ୩ ପର୍ଯ୍ୟାୟ ନିର୍ବାଚନ ଲାଗି ଅଗଷ୍ଟ ୨୦, ୨୯ ଓ ସେପ୍ଟେମ୍ବର ୯ରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଯଥାକ୍ରମେ ଅଗଷ୍ଟ ୨୭, ସେପ୍ଟେମ୍ବର ୫ ଓ ସେପ୍ଟେମ୍ବର ୧୨ ରଖାଯାଇଛି।

୨୦୧୯ରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନରେ ଭାଜପା ସବୁଠୁ ବଡ଼ ଦଳ ଭାବେ ଉଭାହେବା ସତ୍ତ୍ୱେ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ ଜନନାୟକ ଜନତା ପାର୍ଟି (ଜେଜେପି) ସମର୍ଥନରେ ସରକାର ଗଢ଼ିଥିଲା। ଭାଜପାର ମନୋହର ଲାଲ ଖଟ୍ଟାର ମୁଖ୍ୟମନ୍ତ୍ରୀ ଏବଂ ଜେଜେପିର ଦୁଷ୍ୟନ୍ତ ଚୌଟାଲା ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ୨୦୨୪ ଲୋକ ସଭା ନିର୍ବାଚନ ବେଳେ ଆସନ ବୁଝାମଣାକୁ ନେଇ ବିବାଦ ଦେଖାଦେବାରୁ ମେଣ୍ଟ ଭାଙ୍ଗିଯାଇଥିଲା। ଖଟ୍ଟାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ନାୟାବ ସିଂ ସାଇନିଙ୍କୁ ଅବସ୍ଥାପିତ କରାଯାଇଥିଲା। ୨୦୨୪ ଲୋକ ସଭା ନିର୍ବାଚନରେ ହରିୟାଣାର ୧୦ ଆସନରୁ କଂଗ୍ରେସ ୫ ଆସନ ଦଖଲ କରିଥିଲା। ତେଣୁ ୧ ଦଶନ୍ଧି ପରେ କଂଗ୍ରେସ ପୁଣି ହରିୟାଣା ବିଧାନସଭା ଦଖଲ କରିପାରେ ବୋଲି କୁହାଯାଉଛି। ହରିୟାଣା ନିର୍ବାଚନ ପାଇଁ ସେପ୍ଟେମ୍ବର ୫ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ସେପ୍ଟେମ୍ବର ୧୨ ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ତାରିଖ। ୧୩ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ ଏବଂ ୧୬ ତାରିଖକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିନ ରଖାଯାଇଛି। ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ସାଇନି ରାଜ୍ୟର ୫.୨୦ ଲକ୍ଷ ଚାଷୀଙ୍କ ପାଇଁ ପ୍ରଥମ କିସ୍ତି ବୋନସ ଘୋଷଣା କରିଛନ୍ତି। ନିଅଣ୍ଟିଆ ବର୍ଷା ଯୋଗୁ ଖରିଫ୍ ଋତୁରେ ଚାଷୀଙ୍କୁ ଏକର ପିଛା ୨,୦୦୦ ଟଙ୍କା ବୋନସ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ୮ ଜିଲାରେ ଭେଟେରିନାରି ପଲିକ୍ଲିନିକ୍ ପ୍ରତିଷ୍ଠା ଏବଂ ୩ ଲକ୍ଷରୁ କମ୍ ଆୟକାରୀ ଗୋରୁଚାଷୀଙ୍କ ପରିବାରକୁ ମଧ୍ୟ ୩ ଲକ୍ଷ ଟଙ୍କା ଲେଖାଏ ବୀମା ପ୍ରଦାନ ନେଇ ଘୋଷଣା କରିଛନ୍ତି।

## ଡିଜିପି ଭାବେ ଦାୟିତ୍ୱ ...

ଦାୟିତ୍ୱରେ ଥିବା ଡିଜିପି ଅରୁଣ କୁମାର ଷଡ଼ଙ୍ଗୀଙ୍କଠାରୁ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡିଜିପି ଖୁରାନିଆ କହିଛନ୍ତି, ଥାନାକୁ ଅଭିଯୋଗ କରିବା ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯିବ। ବିଗତ ଦିନରେ ଓଡ଼ିଶା ପୋଲିସ ମାଓବାଦୀ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶାନ୍ତିଶୃଙ୍ଖଳା ରକ୍ଷା, ଅପରାଧ ଦମନ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ। ସମାଜର ଦୁର୍ବଳ ବର୍ଗ, ଶିଶୁ ଓ ମହିଳା, ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଅପରାଧ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବେ। ସାମ୍ପ୍ରତିକ ପରିସ୍ଥିତିରେ ବଢ଼ି ଚାଲିଥିବା ସାଇବର ଅପରାଧକୁ ସଫଳତାର ସହ ମୁକାବିଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମାଦକ ଦ୍ରବ୍ୟର ପ୍ରସାର ଓ ଅପରାଧ ଉପରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହେବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ଖୁରାନିଆ କହିଛନ୍ତି।

ଡିଜିପି ଖୁରାନିଆ ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଖୁରାନିଆ ଶହୀଦ ସ୍ମୃତିସ୍ତମ୍ଭଠାରେ ମାଲ୍ୟାର୍ପଣ କରି ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଡିଜିପିଙ୍କ ଦାୟିତ୍ୱ ଗ୍ରହଣ ସମୟରେ ରାଜ୍ୟ ପୋଲିସ ବିଭାଗର ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ପୋଲିସ ମୁଖ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଖୁରାନିଆ ହରିୟାଣା ରାଜ୍ୟର ମୂଳବାସିନ୍ଦା। ତାଙ୍କ ଚାକିରି କାଳ ମଧ୍ୟରେ ସେ ସୋନପୁର, ନୟାଗଡ଼, ଯାଜପୁର, ଗଞ୍ଜାମ, ମୟୂରଭଞ୍ଜ, ରାଉରକେଲାର ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରେ ସେ ଡିଆଇଜି ଭାବେ ଦକ୍ଷିଣାଞ୍ଚଳ ରେଞ୍ଜ (ବ୍ରହ୍ମପୁର)ରେ କାର୍ଯ୍ୟ କରିଛନ୍ତି। ସେ କଟକ-ଭୁବନେଶ୍ୱର କମିଶନରେଟର ଅତିରିକ୍ତ ପୋଲିସ କମିଶନର ଓ ପୋଲିସ କମିଶନର ଏବଂ ଡିଆଇଜି ଭାବେ ଉତ୍ତରାଞ୍ଚଳ (ସମ୍ବଲପୁର)ରେ କାର୍ଯ୍ୟ କରିଛନ୍ତି। ସେହିପରି ଆଇଜିପି (ଉତ୍ତରାଞ୍ଚଳ, ସମ୍ବଲପୁର), ଆଇଜିପି (ଏସ୍‌ଏପି), ଆଇଜିପି (ଅପରେଶନ), ବିପିଏସ୍‌ପିଏରେ ଆଇଜିପି (ଟ୍ରେନିଂ), ଆଇଜିପି (କ୍ରାଇମବ୍ରାଞ୍ଚ), ଆଇଜିପି (ଭିଜିଲାନ୍ସ) ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଭିଜିଲାନ୍ସ), କଟକ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ପ୍ରୋଭିଜନିଂ) ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ପରେ ସେ କେନ୍ଦ୍ରକୁ ଡେପୁଟେଶନରେ ଯାଇ ବିଏସ୍‌ଏଫ୍‌ର ବିଭିନ୍ନ ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ସେ ୨୦୨୩ ଜୁନ୍‌ରେ ଆରକ୍ଷୀ ମହାନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ପାଇ ନୂଆଦିଲ୍ଲୀସ୍ଥିତ ବିଏସ୍‌ଏଫ ମୁଖ୍ୟାଳୟଠାରେ ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ।

## ଲଘୁଚାପ କ୍ଷେତ୍ର ସୃଷ୍ଟି, ...

ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ଅତି ପ୍ରବଳ ବର୍ଷା(୭୦ରୁ ୨୦୦ମିମି) ଓ ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବା ୨୦୦ମିମିରୁ ଅଧିକ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୨୦ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲାକରେ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ ଓ ସୋନପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

## ଆଇଏମ୍‌ଏର ଡାକରା...

ବନ୍ଦ ରଖିବାକୁ ଗୁରୁବାର ଆଇଏମ୍‌ଏ ଆହ୍ୱାନ ଦେଇଛି। ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ସାରା ଦେଶରେ ଉତ୍ତେଜନା ବିସ୍ଫୋରକ ରୂପ ଧାରଣ କରିଥିବାବେଳେ ଡାକ୍ତରମାନଙ୍କ କାର୍ଯ୍ୟବନ୍ଦ ଯୋଗୁ ରୋଗୀସେବା ବ୍ୟାହତ ହୋଇଛି। ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଆନ୍ଦୋଳନରତ ରେସିଡେଣ୍ଟ ଓ ଜୁନିୟର ଡାକ୍ତରମାନଙ୍କ ଉପରେ ବୁଧବାର ରାତି ଅଧିଆ ଆକ୍ରମଣ ପରେ ଆଇଏମ୍‌ଏ ଏହାର ରାଜ୍ୟ ଶାଖାଗୁଡ଼ିକ ସହ ଜରୁରୀ ବୈଠକ କରିଥିଲା। ତଦନୁଯାୟୀ ୧୭ ତାରିଖରେ ୨୪ ଘଣ୍ଟିଆ ଅଣଜରୁରୀ ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ କୌଣସି ଜରୁରୀ ରୋଗୀ ସେବା ବାଧାପ୍ରାପ୍ତ ହେବ ନାହିଁ ବୋଲି ଆଇଏମ୍‌ଏ କହିଛି। କର୍ପୋରେଟ୍ ହସ୍ପିଟାଲଗୁଡ଼ିକରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ଶନିବାର ସକାଳ ୬ରୁ ରବିବାର ସକାଳ ୬ ପର୍ଯ୍ୟନ୍ତ ଓପିଡି ଏବଂ ଅନ୍ୟାନ୍ୟ ଅଣଜରୁରୀ ସେବା ବନ୍ଦ ରଖିବାକୁ ଅନୁରୋଧ କରାଯାଇଥିବା ଆଇଏମ୍‌ଏର ଜାତୀୟ ଅଧ୍ୟକ୍ଷ ଡ. ଆର୍.ଭି. ଅଶୋକନ୍ କହିଛନ୍ତି। ସରକାର ହସ୍ପିଟାଲଗୁଡ଼ିକୁ ସୁରକ୍ଷିତ ଅଞ୍ଚଳ ଘୋଷଣା କରିବା ସହ ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କ ପାଇଁ କେନ୍ଦ୍ରୀୟ ସୁରକ୍ଷା ଆଇନ ଆଣନ୍ତୁ ବୋଲି ଡ. ଅଶୋକନ କହିଛନ୍ତି। ଦେଶର ସର୍ବବୃହତ୍ ଡାକ୍ତର ସଂଗଠନ ଆଇଏମ୍‌ଏରେ ୩.୫ ଲକ୍ଷ ସଦସ୍ୟ ରହିଛନ୍ତି।

## ନର୍ସଙ୍କୁ ଅଶାଳୀନ ...

ପୋଲିସ ବୁଧବାର ଉକ୍ତ ଡାକ୍ତରଙ୍କୁ ପଚରାଉଚୁରା କରିବା ପରେ ଗୁରୁବାର କୋର୍ଟଚାଲାଣ କରିଥିଲା। ସୂଚନାଯୋଗ୍ୟ, ନର୍ସ ଜଣଙ୍କ ଅଶାଳୀନ ବ୍ୟବହାରର ଶିକାର ହେବା ପରେ ତାଙ୍କ ଅଭିଭାବକ ରହୁଥିବା ସୁନ୍ଦରଗଡ଼ରୁ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଡକାଇ ଡାକ୍ତରଙ୍କୁ ଘେରାଉ କରିଥିଲେ। ଏହାପରେ ଭୟରେ ଡାକ୍ତର ଜଣଙ୍କ ଥାନାରେ ଶରଣ ପଶିଥିଲେ। ପୋଲିସ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## 'ଦମନ' ଶ୍ରେଷ୍ଠ ...

କାହାଣୀ ଅଛି। ତା'କୁ ଯଦି ଭଲ ଭାବରେ ନିର୍ମାଣ କରିପାରିବା ତା'ହେଲେ ଓଡିଶା କଳା, ସଂସ୍କୃତି ଆଗକୁ ଯିବ। ପ୍ରକୃତରେ 'ଦମନ' ପରେ ହିଁ ଓଲିଉଡ଼ରେ ପରିବର୍ତ୍ତନର ଏକ ସ୍ରୋତ ଆରମ୍ଭ ହୋଇଥିଲା। ଦର୍ଶକଙ୍କ ପ୍ରତିକ୍ରିୟା ପରେ ଆଶା ତ ଥିଲା, ହଁ କିଛି ତ ହୋଇପାରେ। ପଢ଼ିବା ବେଳେ ଆଖିରେ ସ୍ୱପ୍ନ ଥିଲା, ଆଉ ତାହା ଆଜି ସାକାର ହୋଇଛି ବୋଲି ସେ କହିଛନ୍ତି। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଗୌରବ ଆନନ୍ଦ। ଜେପିୱାର୍ଡ଼ସ୍ମିଥ ଓ ବାପୁ ଗୋସ୍ୱାମୀଙ୍କ ଭଳି ଗୀତିକାର ଏହି କଥାଚିତ୍ରରେ ଗୀତ ରଚନା କରିଥିବାବେଳେ ଋତୁରାଜ ମହାନ୍ତି, ବାବୁଶାନ, ଅନୁରାଗ ଦାସ, ଗୌରବ ଆନନ୍ଦ ଆଦି କଣ୍ଠଶିଳ୍ପୀମାନେ କଣ୍ଠଦାନ କରିଥିଲେ।

## ଅଭିନନ୍ଦନ ଜଣାଇଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ 'ଦମନ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ପୁରସ୍କାର ପାଇଥିବାରୁ ରାଜ୍ୟପାଳ ରଘୁବର ଦାସ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହାର ନିର୍ମାତା, ନିର୍ଦ୍ଦେଶକ ଓ କଳାକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ 'ଦମନ'ର ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ଦମନ ସିନେମାକୁ କେବଳ ଓଡ଼ିଶାବାସୀ ନୁହେଁ, ସାରା ଭାରତର ଲୋକେ ପସନ୍ଦ କରୁଛନ୍ତି। ଏଥିରେ ପ୍ରଦର୍ଶିତ ମ୍ୟାଲେରିଆ ରୋଗ ଦମନ ପାଇଁ ବିଚ୍ଛିନ୍ନାଞ୍ଚଳରେ ଜଣେ ଯୁବ ଡାକ୍ତରଙ୍କର ପ୍ରୟାସ ପ୍ରେରଣାଦାୟୀ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲେଖିଛନ୍ତି, ଏହି ପୁରସ୍କାର ଓଡ଼ିଆ ସିନେ ଜଗତ ପାଇଁ ନୂତନ ସମ୍ଭାବନା ଆଣିବା ସହ ସାମାଜିକ ଓ ସଚେତନତାଧର୍ମୀ ଫିଲ୍ମ ନିର୍ମାଣ କରିବାରେ ଚଳଚ୍ଚିତ୍ର ନିର୍ମାତାଙ୍କୁ ଅନୁପ୍ରାଣିତ କରିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରି ଲେଖିଛନ୍ତି, 'ଦମନ' ଚଳଚ୍ଚିତ୍ରକୁ ସଫଳ କରିଥିବା ଅଭିନେତା, ନିର୍ଦ୍ଦେଶକ, ନିର୍ମାତାଙ୍କ ସହ ସମସ୍ତଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ଆଗାମୀ ଦିନରେ ସମସ୍ତଙ୍କର ଆହୁରି ସଫଳତା କାମନା କରୁଛି।

## କାହିଁକି ପାଇଲା ପୁରସ୍କାର...

ରୋଗ ବାହକର ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏକ୍ଷେତ୍ରରେ ଡା. ଓମ୍‌କାର ହୋତାଙ୍କ ନିଆରା ପ୍ରୟାସ ଉଦାହରଣ ସାଜିଥିଲା। ତେଣୁ ଏହି ସରକାରୀ ଯୋଜନା ଅନୁସାରେ କଥାଚିତ୍ରର ନାମ 'ଦମନ' ରଖାଯାଇଥିଲା। ରାଜ୍ୟବାସୀ କିପରି ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ସଚେତନ ହେବେ ସେଥିପାଇଁ ତତ୍କାଳୀନ ସରକାର ଏହି ଚଳଚ୍ଚିତ୍ରକୁ ଟିକସ ମୁକ୍ତ କରିଥିଲେ। ଏଥିସହ ସଚେତନତା ସୃଷ୍ଟି ଲାଗି ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଇଥିଲା। ଚଳଚ୍ଚିତ୍ରଟି ନ୍ୟୁୟର୍କ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହେବା ସହ ସେଠାରେ ପ୍ରଦର୍ଶିତ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କାର୍ଯ୍ୟକ୍ଷେତ୍ରରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୃଷ୍ଟିର ସୂଚନା ରହିଛି। ଅପେକ୍ଷା କରିଥିବା ଖବରଟିକୁ ବନ୍ଧୁଙ୍କ ଜରିଆରେ ପାଇବେ। କୌଣସି ହିତୈଷୀଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଫ୍ଲାଟ କାରବାର ଓ ଆଇନ, ଅଦାଲତ କ୍ଷେତ୍ରରୁ ଆଶାଜନକ ଫଳ ମିଳିବ।

**ବୃଷ** - ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହାନୁଭୂତି ଲାଭକରି ଲକ୍ଷ୍ୟହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଫାଇଲ୍ କାମରେ ସହକର୍ମୀଙ୍କ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**ମିଥୁନ** - କର୍ମକ୍ଷେତ୍ରରେ ଆଗପଛ ବିଚାର ନ କରି କାମ କରିଚାଲିଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ନିଜର କିଛି ଫାଇଦା ହାସଲ ପାଇଁ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ଅବହେଳା ଓ ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ଅଫିସରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି।

**କର୍କଟ** - ସମସ୍ୟା ସମାଧାନ ଦିଗରେ ବନ୍ଧୁଙ୍କ ସାହାଯ୍ୟ ଆବଶ୍ୟକ ମନେକରିବେ। ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଭ୍ରମଣବେଳେ ଅସାବଧାନତା କାରଣରୁ ଦ୍ରବ୍ୟ ହଜିଯାଇପାରେ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ଆଶଙ୍କା ରହିଛି।

**ସିଂହ** - କର୍ମକ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ଚିନ୍ତିତ ରହିପାରନ୍ତି। ଋଣଗ୍ରସ୍ତ ହୋଇଥିଲେ ମଧ୍ୟ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଖର୍ଚ୍ଚରୁ ଓହରି ପାରିବେ ନାହିଁ। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ।

**କନ୍ୟା** - ଆର୍ଥିକ ଉନ୍ନତି ସହ ଉତ୍ତମ ବୁଝାମଣା ହେତୁ ପାରିବାରିକ କ୍ଷେତ୍ର ଶାନ୍ତିପ୍ରଦ ରହିବ। ଯାତ୍ରା କାଳରେ କୌଣସି ବ୍ୟକ୍ତି ନିଜ ଫାଇଦା ହାସଲ ଲାଗି ଯୋଜନା କରିପାରନ୍ତି। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶିଳ୍ପ, ବାଣିଜ୍ୟ, କଚେରି ମାମଲା ଓ ପରିବହନ କ୍ଷେତ୍ର ସମସ୍ୟାବହୁଳ ରହିବ।

**ତୁଳା** - ସ୍ଥଗିତକାମକୁ ତ୍ୱରାନ୍ୱିତ କରିବାରେ ଆଜି ଘର କାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଳିଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ବିଶ୍ୱାସଭାଜନ ହେବେ। ଘରୋଇ ଅନୁଷ୍ଠାନ କିମ୍ବା ସାମୂହିକ ଧର୍ମାନୁଷ୍ଠାନ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ, କଳାସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** - ଆଜି କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ଓ ପାରିବାରିକ ସମସ୍ୟା ସହଜରେ ସୁଧାରି ନେବେ। ଅନୁରାଧା ନକ୍ଷତ୍ରର କାମଗୁଡ଼ିକ ସୁବିଧାରେ ନ ହେବା କାରଣରୁ ମାନସିକ ବ୍ୟଥା ଅନୁଭବ କରିବେ। ସ୍ୱାସ୍ଥ୍ୟ ସମସ୍ୟାର ନିୟନ୍ତ୍ରଣ, ସାହିତ୍ୟ, ସଙ୍ଗୀତରେ ଦ୍ୱନ୍ଦ୍ୱର ସମାଧାନ, ବନ୍ଧୁଙ୍କ ସନ୍ଦେହମୋଚନ ଦିଗରେ ସମର୍ଥ ହେବେ।

**ଧନୁ** - ପୂର୍ବ ସମସ୍ୟା ସୁଧୁରି ଯାଇଥିବାରୁ ଆଶ୍ୱସ୍ତିଲାଭ କରିବେ। ଅସୁବିଧାଜନକ ପରିସ୍ଥିତିରେ ନିଜଲୋକଙ୍କ ଠାରୁ ଆସ୍ଥାହରାଇ ମନସ୍ତାପ କରିପାରନ୍ତି। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ବ୍ୟସ୍ତତା ଅନୁଭବ କରିବେ। ବନ୍ଧୁଙ୍କ ଗହଣରେ ଛୋଟକଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ।

**ମକର** - ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରିବେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ନିଶ୍ଚିତ କରିବେ। ଦୀର୍ଘଦିନରୁ ଲାଗିରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବାର ସଦସ୍ୟମାନଙ୍କ ଉପରେ ବୃଥା ସନ୍ଦେହ କରି ନିଜେ ଅସୁବିଧାରେ ପଡ଼ିବେ।

**କୁମ୍ଭ** - ପ୍ରତ୍ୟେକ କାମ ବିଳମ୍ବରେ ଓ ଝମେଲା ମଧ୍ୟରେ ସମ୍ପନ୍ନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନ ପାଇଁ ଅସୁବିଧା ହେବ ନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** - ଅଭାବ ନ ଥିଲେ ମଧ୍ୟ ଋଣ ପରିଶୋଧର ଚିନ୍ତା ମନକୁ ବିକ୍ଷିପ୍ତ କରିରଖିବ। ଆତ୍ମୀୟସ୍ୱଜନମାନଙ୍କର ଆନ୍ତରିକତା ବିହୀନ କଥା ଓ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ଆଜିର ଲକ୍ଷ୍ୟହୀନ ଯାତ୍ରାରୁ ଦୂରେଇ ରହିଲେ ଭଲ ହେବ। ଅପରାହ୍ନରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

ଆଜି ଅଗଷ୍ଟ ୧୭ ତାରିଖ, ଶ୍ରାବଣ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ଶନିବାର, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ରାଶି ନକ୍ଷତ୍ର-ଦିବା ଘ.୧୧.୪୭ ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୧୫ ଗତେ ଘ.୦୧.୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୪୦ ଗତେ ଘ.୧୦.୧୫ ମଧ୍ୟେ ରାହୁକାଳ ।




# ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ବହୁ କୋଟିର ସମ୍ପତ୍ତି

## ଜମା ରଖିଛନ୍ତି ୨.୮୬ କୋଟି: ନଗଦ ଟଙ୍କା, ସୁନା, ହୀରା, କୋଠା, ଫ୍ଲାଟ୍ ଠାବ

**କେନ୍ଦ୍ରାପଡ଼ା,(ଜଗନ୍ନାଥ ଧଳ)/ ଭୁବନେଶ୍ୱର,୧୬।୮(ସତ୍ୟଜିତ୍ ରାଉତ)**

କେନ୍ଦ୍ରାପଡା ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ (ଏସିଏସ୍ଓ) ପ୍ରଦୀପ କୁମାର ମହାପାତ୍ର ଶୁକ୍ରବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ାର ୫ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚବେଳେ ପ୍ରଦୀପଙ୍କ ଘରୁ ବିପୁଳ ଟଙ୍କା, ସୁନା, ହୀରା ଆଦି ମିଳିଥିବାବେଳେ ୨.୮୬ କୋଟି ଟଙ୍କାର ଜମାରାଶି, ଏକାଧିକ କୋଠା ଓ ଫ୍ଲାଟ୍ ସମେତ ବହୁ କୋଟିର ସମ୍ପତ୍ତି ଠାବ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ କଟକ ଜିଲା ନୂଆପଡ଼ାସ୍ଥିତ ପୈତୃକ ଘର, କଲ୍ୟାଣୀନଗରସ୍ଥିତ ଜଣେ ସମ୍ପର୍କୀୟଙ୍କ ଘର ଏବଂ କେନ୍ଦ୍ରାପଡ଼ା ଯୋଗାଣ ଅଧିକାରୀଙ୍କ ଅଫିସସ୍ଥିତ ଚାମ୍ବର ଆଦି ରହିଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଆରମ୍ଭ ହୋଇଥିବା ଏହି ଯାଞ୍ଚରେ ଭିଜିଲାନ୍ସର ୪ଜଣ ଡିଏସ୍‌ପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୫ଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

ସୋମବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଦେଇଥିବା ରିପୋର୍ଟ ଅନୁଯାୟୀ, ପ୍ରଦୀପଙ୍କଠୁ ଠାବ ହୋଇଥିବା ୨ କୋଟି ୮୬ ଲକ୍ଷ ୯ ହଜାର ୫୬୯ ଟଙ୍କା ଜମାରାଶି ମଧ୍ୟରେ ରହିଛି ପୋଷ୍ଟାଲ ଡିପୋଜିଟ୍ ୧ ଲକ୍ଷ ୩୪ ହଜାର ୫୦୫ ଟଙ୍କା, ବ୍ୟାଙ୍କ ଡିପୋଜିଟ୍ ୬୯ ଲକ୍ଷ ୯ ହଜାର ୬୯ ଟଙ୍କା ଓ ମ୍ୟୁଚୁଆଲ୍ ଫଣ୍ଡରେ ୮୩ ଲକ୍ଷ ଟଙ୍କା। ସେହିପରି ପ୍ରଦୀପଙ୍କ ଭୁବନେଶ୍ୱର ଲିଙ୍ଗିପୁରସ୍ଥିତ ୫,୬୦୦ ବର୍ଗଫୁଟରେ ଥିବା ଦୁଇ ମହଲା କୋଠା, କଟକ କଲ୍ୟାଣୀନଗରସ୍ଥିତ ଏକ କୋଠା ଓ ଭୁବନେଶ୍ୱର ଏବଂ କଟକର ମୁଖ୍ୟ ଅଞ୍ଚଳରେ ୨ଟି ଫ୍ଲାଟ୍ ଠାବ ହୋଇଛି।







### ଭୁବନେଶ୍ୱର, କଟକ, କେନ୍ଦ୍ରାପଡ଼ାର ୫ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

ଫ୍ଲାଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ଏଥିସହ ତାଙ୍କ ଘରୁ ନଗଦ ୧ ଲକ୍ଷ ୨୧ ହଜାର ୫୦୦ ଟଙ୍କା, ୪ ସୁନା ବିସ୍କୁଟ୍ ଓ ଗୋଟିଏ ହୀରା ନେକଲେସ୍ ସମେତ ୮୫୦ ଗ୍ରାମର ସୁନା ଅଳଙ୍କାର ଏବଂ ଗୋଟିଏ କାର୍ (ମାରୁତି ସୁଇଫ୍ଟ) ଓ ୨ଟି ଦୁଇ ଚକିଆ ଯାନ ମିଳିଛି। ଭିଜିଲାନ୍ସ ଟିମ୍ ପ୍ରଦୀପଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ (ସିଏସ୍ଓ) ଶ୍ରୀନିବାସ ସାହୁ କହିଛନ୍ତି, ଏସିଏସ୍ଓ ପ୍ରଦୀପଙ୍କ ବିରୋଧରେ କୌଣସି ଅଭିଯୋଗ ଥିବା ସେ ଜାଣିନାହାନ୍ତି। ପ୍ରତ୍ୟେକ ଦିନ କାର୍ଯ୍ୟାଳୟରେ ଏସିଏସ୍ଓ ପ୍ରଦୀପ ପହଞ୍ଚନ୍ତି ବୋଲି ସାହୁ ପ୍ରକାଶ କରିଛନ୍ତି।

# ରାଜ୍ୟବ୍ୟାପୀ ଡାକ୍ତର ଆନ୍ଦୋଳନ, ରୋଗୀସେବା ବ୍ୟାହତ

**ଭୁବନେଶ୍ୱର,୧୬।୮(ଅସମାପିକା ସାହୁ)**

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଲେଡି ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ଓଡ଼ିଶାର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ରୋଗୀ ସେବା ପ୍ରଭାବିତ ହୋଇଛି। କଟକ ଏସ୍‌ସିବି ମେଡିକାଲ କଲେଜଠାରୁ ଆରମ୍ଭ କରି ବୁର୍ଲା ଭୀମସାର, ବ୍ରହ୍ମପୁର ଏମ୍‌କେସିଜି, ଏମ୍ସ ଭୁବନେଶ୍ୱରରେ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଜରୁରିକାଳୀନ ଚିକିତ୍ସାକୁ ଛାଡ଼ି ଅନ୍ୟ ସମସ୍ତ ବିଭାଗ ସେବା ପ୍ରଭାବିତ ହୋଇଛି। ଜୁନିୟର ଡାକ୍ତର, ରେସିଡେଣ୍ଟ ଡାକ୍ତର ଆନ୍ଦୋଳନ ଚଳାଇଥିବା ବେଳେ ଏମ୍‌ବିବିଏସ୍ ଛାତ୍ରୀଛାତ୍ର ବି ସେମାନଙ୍କୁ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଆଉଟ୍‌ଡୋର୍ ରୋଗୀ ସେବା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ସେପଟେ ଅତି ଜରୁରୀ ନ ଥିଲେ ଏସ୍‌ସିବି ନ ଆସିବା ପାଇଁ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। ଏ ନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଏସ୍‌ସିବିରେ ବର୍ତ୍ତମାନ ସୁଦ୍ଧା ରୋଗୀ ସେବା ବ୍ୟାହତ ହୋଇନାହିଁ। ଆନ୍ଦୋଳନ ସହ ଜରୁରୀ ସେବା ଜାରି ରହିଛି। ଦେଶବ୍ୟାପୀ ଏହି ଆନ୍ଦୋଳନ କରାଯାଉଛି। ଅତି ଗୁରୁତର ରୋଗୀଙ୍କ ବ୍ୟତୀତ ଅନ୍ୟ କୌଣସି ରୋଗୀଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର ନ କରିବା ପାଇଁ ସମସ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଛି। ଅତି ଜରୁରୀ ନ ଥିଲେ ଏସ୍‌ସିବି ଆସନ୍ତୁ ନାହିଁ।

# ପୁଣି ଏକ ପଣ୍ୟବାହୀ ଜାହାଜ ବନ୍ଧାହେଲା



**ପାରାଦୀପ,୧୬।୮(ଶରତ ରାଉତ)**

### ୱାଦି ଆଲବୋସ୍ଥାନ ବାଂଲାଦେଶରୁ ଆସିଥିଲା

ପାରାଦୀପ ବନ୍ଦରକୁ ଆସିଥିବା ଇଜିପ୍ଟ ଦେଶର ପଣ୍ୟବାହୀ ଜାହାଜ ଏମ୍‌ଭି 'ୱାଦି ଆଲବୋସ୍ଥାନ'କୁ ଗୁରୁବାର ରାତିରେ ବନ୍ଧାଯାଇ ଆଙ୍କରେଜ ଏରିଆରେ ରଖାଯାଇଛି। ଏହି ସମୟରେ କୁଜଙ୍ଗ ସିଭିଲ ଜଜ୍ ଚିନ୍ମୟୀ ପଣ୍ଡା, କଷ୍ଟମ୍ସ, ମେରାଇନ ପୋଲିସ ଓ ପାରାଦୀପ ବନ୍ଦର ପ୍ରତିନିଧି ଉପସ୍ଥିତି ଥିଲେ।

ସୂଚନା ମୁତାବକ, ଉକ୍ତ 'ୱାଦି ଆଲବୋସ୍ଥାନ' (ଆଇଏମଓ ନଂ ୯୪୬୦୭୨୨)ଜାହାଜ ମାଲିକ ଜର୍ମାନୀ ଦେଶର ଏକ କମ୍ପାନୀର ୪୭୭୩୨୬.୮୬ଡଲାର (ଭାରତୀୟ ମୁଦ୍ରା ଅନୁସାରେ ୩ କୋଟି୯୬ ଲକ୍ଷ୧୮ ହଜାର୧୨୯ଟଙ୍କା ୪୦ପଇସା)ବକେୟା ରଖିଥିଲେ। ସମ୍ପୃକ୍ତ କମ୍ପାନୀ ଜାହାଜର ଗତିବିଧି ସମୟ ଅନୁସାରେ ଓଡ଼ିଶା ହାଇକୋର୍ଟରେ ଆବେଦନ କରିଥିଲେ। ଏହାପରେ ହାଇକୋର୍ଟ (ଏଡିଏମ୍‌ଏଲଏସ-୪/୨୦୨୪)ମାମଲା ରୁଜୁ କରି ଜାହାଜକୁ ବନ୍ଦୀ କରିବାକୁ ଗତ ୧୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜାହାଜର ଶେଷ ପୋର୍ଟ ବାଂଲାଦେଶ ଥିଲା। ପାରାଦୀପ ବନ୍ଦରରୁ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀରୁ ଏହି ଜାହାଜରେ ୫୫ ହଜାର ମେଟ୍ରିକ ଟନ୍ ଲୁହାପଥର ବୋଝେଇ କରି ଚାଇନା ଯାଇଥାନ୍ତା। ମାତ୍ର ଜାହାଜଟି ଏବେ ବନ୍ଦୀ ହେବା ପରେ ପାରାଦୀପରେ ରହିବ। ସେଥିରେ ଥିବା ୨୬ ଜଣ ନାବିକ ସେହି ଜାହାଜ ଭିତରେ ଅଛନ୍ତି।


ସୂଚନାଯୋଗ୍ୟ,ଗତ ଜୁଲାଇ ୩୧ରେ ଏଭଳି ଏକ ଚାଇନା ଜାହାଜ 'ଝେ-ହାଇ ୫୦୫'କୁ କୋର୍ଟଙ୍କ ନିର୍ଦ୍ଦେଶ ବଳରେ ବନ୍ଦୀ କରାଯାଇଥିଲା। ୨୦୨୨ନଭେମ୍ବର ୩୦ରେ ଏମ୍‌ଭିଦେବୀ ନାମକ ଜାହାଜକୁ ମଧ୍ୟ କଷ୍ଟମ୍ସ ବିଭାଗ ବାନ୍ଧି ଥିଲା। ଉଭୟ ଜାହାଜ ଏବେ ମଧ୍ୟ ଆଙ୍କରେଜ ଏରିଆରେ ରହିଛି।

# ଭୁବନେଶ୍ୱରରେ ସାଇବର ଅପରାଧର ବଡ଼ ନେଟ୍‌ୱର୍କ

**ଭୁବନେଶ୍ୱର,୧୬।୮(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରରୁ ଚାଲୁଥିଲା ସାଇବର ଅପରାଧର ବଡ଼ ନେଟ୍‌ୱର୍କ। ଘରେ ଏକାଧିକ ସିମ୍ ବକ୍ସ ରଖି ରାଜ୍ୟ ତଥା ଦେଶବିଦେଶକୁ କରୁଥିଲେ କଲ୍ ଓ ବଲ୍‌କ ମେସେଜ୍। ଏହି ଆପରାଧିକ କାର୍ଯ୍ୟକଳାପ ବିଷୟରେ ଜଣାପଡ଼ିବା ପରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ ଏକ ୪ ମହଲା ବିଶିଷ୍ଟ କୋଠାରେ ରହୁଥିବା ଜଣେ ସନ୍ଦିଗ୍ଧଙ୍କ ଭଡ଼ା ଘରେ ଶୁକ୍ରବାର ଚଢ଼ାଉ କରିଛି କମିଶନରେଟ୍ ପୋଲିସ। ସ୍ପେଶାଲ ସ୍କ୍ୱାଡ୍ ଓ ଲକ୍ଷ୍ମୀସାଗର ଥାନା ପୋଲିସର ମିଳିତ ଟିମ୍ ସେଠାରେ ଚଢ଼ାଉ କରି ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ଧରିବା ସହ ଘରେ ଥିବା ୭ଟି ସିମ୍ ବକ୍ସ ସମେତ ବିଭିନ୍ନ ଟେଲିକମ୍ କମ୍ପାନୀର ୫୦୦ରୁ ଉର୍ଦ୍ଧ୍ୱ ସିମ୍ କାର୍ଡ ଜବତ କରିଛି। ସନ୍ଦିଗ୍ଧଙ୍କ ନାଁ ରାଜୁ ମଣ୍ଡଳ ଓ ସେ ପଶ୍ଚିମବଙ୍ଗର ବୋଲି ସେ କହୁଥିଲେ ମଧ୍ୟ ପୋଲିସ ତାଙ୍କ ପ୍ରକୃତ ପରିଚୟ ଓ ଠିକଣା ଜାଣିବାକୁ ଅଧିକ ତଦନ୍ତ ଚଳାଇଛି। ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସନ୍ଦିଗ୍ଧ ଜଣକ ସାଇବର ଠକେଇ ସହ ଆତଙ୍କବାଦୀ ଲିଙ୍କ୍‌ରେ ରହିଥିବା ପୋଲିସ ସନ୍ଦେହ କରୁଛି। ଏଥିସହ ଏ ସମ୍ପର୍କରେ ଘର ମାଲିକ ଜାଣିଥିଲେ କି ନାହିଁ ପୋଲିସ ତାହାର ମଧ୍ୟ ଅନୁସନ୍ଧାନ ଚଳାଇଥିବା ସୂଚନା ଦେଇଛି।

ସନ୍ଦିଗ୍ଧ ଜଣକ ମହାଦେବ ନଗରସ୍ଥିତ ପ୍ଲଟ୍ ନଂ.୨୧୫୯/୭୦୧୦ରେ ଥିବା ଖାନ୍ ମଞ୍ଜିଲ୍ ନାମକ କୋଠାର ୪ର୍ଥ ମହଲାରେ ଥିବା ରୁମ୍ ନଂ.୩୦୧ରେ ରହୁଥିଲେ। ଘର ମାଲିକ ହଜି ସଲିମ୍ ଖାନ୍ ତାଙ୍କ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୬ରୁ ୭ ମାସ ତଳେ ଉକ୍ତ ବ୍ୟକ୍ତି ଜଣଙ୍କ ୮ ହଜାର ଟଙ୍କାରେ ଘରଭଡ଼ା ନେଇଥିଲେ। ବିଜ୍ଞାପନ କମ୍ପାନୀରେ କାମ କରୁଥିବା କହିଥିଲେ। ଏଥିସହ କିଛିମାସ ପରେ ପରିବାର ସଦସ୍ୟଙ୍କୁ ଆଣି ରଖିବେ ବୋଲି କହିଥିଲେ। ପ୍ରାୟ ସମୟରେ ଘର ବନ୍ଦ ରୁହେ। ସେ ଯେଉଁ ଅପରାଧ କରିଛନ୍ତି, ସେ ବିଷୟରେ ଆମେ ଜାଣିନାହୁଁ ବୋଲି ସେ କହିଛନ୍ତି। ତେବେ ସନ୍ଦିଗ୍ଧ ଜଣକ ଶୁକ୍ରବାର ଘରକୁ ଆସିଥିବା ଜାଣିବାକୁ ପାଇବା ପରେ ତାଙ୍କ ଉପରେ ନଜର ରଖିଥିବା ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରିଥିଲା। ଘର ଭିତରେ ଏକ ର୍‌ୟାକ୍‌ରେ ୭ଟି ସିମ୍ ବକ୍ସ ରହିଥିଲା। ସେଗୁଡିକରେ ବିଦ୍ୟୁତ ଓ ଇଣ୍ଟରନେଟ୍ ସଂଯୋଗ ମଧ୍ୟ ରହିଥିଲା। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଉକ୍ତ ଡିଭାଇସ୍‌ଗୁଡିକୁ ଯାଞ୍ଚ କରି ଅଧିକ ତଥ୍ୟ ନେଉଛି। ଏସଂକ୍ରାନ୍ତରେ ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁଙ୍କ କହିବା କଥା, ସିମ୍ ବକ୍ସ ଡିଭାଇସ୍ ବେନିୟମ ହୋଇଥିବାବେଳେ ଲୁଚାଛପାରେ ଏଗୁଡିକୁ ଅପରାଧୀମାନେ ବ୍ୟବହାର କରିଥାନ୍ତି। ସିମ୍ ବକ୍ସ ଜରିଆରେ ଆତଙ୍କବାଦୀ ନେଟ୍‌ୱର୍କ ପରିଚାଳନା ଓ ସାଇବର ଠକେଇ ଭଳି ଅପରାଧ ଘଟାଯାଇଥାଏ। ଏହି ଡିଭାଇସ୍‌ରେ ବହୁ ସିମ୍ ଖଞ୍ଜାଯାଇଥାଏ। ଏହାଦ୍ୱାରା ବିଦେଶୀ କଲ୍‌କୁ ଲୋକାଲ୍ ଏବଂ ଲୋକାଲ କଲ୍‌କୁ ବିଦେଶୀ କଲ୍‌ରେ ପରିବର୍ତ୍ତନ କରାଯାଇପାରେ। ଗୋଟିଏ ମୁହୂର୍ତ୍ତରେ ବହୁ ନମ୍ବରକୁ ବଲ୍‌କ ମେସେଜ୍ ମଧ୍ୟ ପଠାଯାଇଥାଏ। ଏପରିକି କଲ୍ ବେଳେ ମୋବାଇଲରେ ପ୍ରକୃତ ନମ୍ବରଟି ନ ଦେଖାଇ ଭିନ୍ନ ମୋବାଇଲ ନମ୍ବର ଓ ଅଲଗା ଲୋକେଶନ ଦେଖାଇଥାଏ। ତଦନ୍ତ ଏଜେନ୍ସି ମଧ୍ୟ ଏହି କଲ୍ କିମ୍ବା ମେସେଜ୍ କେଉଁଠୁ ଯାଉଛି ତାହାର ଠିକଣା ଜଣାପାରି ନ ଥାଏ ବୋଲି ସାହୁ କହିଛନ୍ତି।



### ସନ୍ଦିଗ୍ଧଙ୍କ ଘରୁ ମିଳିଲା ୭ ସିମ୍ ବକ୍ସ

### ଆତଙ୍କବାଦୀଙ୍କ ଲିଙ୍କ୍ ଥିବା ସନ୍ଦେହ

# 'ମୁଁ ଗଛ କହୁଛି' ଶୁଭାରମ୍ଭ

**ଘସିପୁରା,୧୬।୮(ନିରଞ୍ଜନ ସାହୁ)**

ସାମାଜିକ କର୍ମୀ ତଥା ସାହିତ୍ୟିକ ଭାବେ ପରିଚୟ ସୃଷ୍ଟି କରିଥିବା କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ଫକୀରପୁରର ଶିକ୍ଷାବିତ୍ ତ୍ରିଲୋଚନ ସାହୁ ସ୍ୱାଧୀନତା ଦିବସ ଅବସରରେ 'ମୁଁ ଗଛ କହୁଛି' କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ସେ ନିଜ ଚାକିରି ସମୟରୁ କିଛି ବିରତି ପାଇଲେ ଚାରାରୋପଣ ମାଧ୍ୟମରେ ପରିବେଶକୁ ସରସ ସୁନ୍ଦର କରିବାର ବାର୍ତ୍ତା ଦେଇ ଏବେ ଟ୍ରି ମ୍ୟାନ୍ ଭାବେ ପରିଚୟ ଲାଭ କରିଛନ୍ତି। ଆନନ୍ଦପୁର ଉପଜିଲାପାଳ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ ଛାତ୍ରୀଛାତ୍ର, ଜନସାଧାରଣ ଜନ୍ମଦିନରେ ଏକ ଗଛ ଲଗାଇବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ସେ ୧ଲକ୍ଷ ଚାରାରୋପଣ ଲକ୍ଷ୍ୟ ରଖିଥିବା ବେଳେ ତ୍ରିଲୋଚନ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ମଧ୍ୟ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

ପ୍ରକାଶ ଯେ, ଆନନ୍ଦପୁର ଷ୍ଟାଡିୟମ ପରିସରରେ ୭୮ତମ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ଅତିଥି ଭାବେ ଉପସ୍ଥିତ ଆନନ୍ଦପୁର ଉପଜିଲାପାଳ ଫାଲ୍‌ଗୁନୀ ମାଝୀଙ୍କ ଦ୍ୱାରା 'ମୁଁ ଗଛ କହୁଛି' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଇ ତ୍ରିଲୋଚନ ଚର୍ଚ୍ଚାକୁ ଆସିଛନ୍ତି। କାର୍ଯ୍ୟକ୍ରମ ପାଇଁ ସେ ଭିନ୍ନ ଆନ୍ଦାଜରେ ତଥା ଅକ୍ସିଜେନ୍ ମାସ୍କ ଓ ଗଛ ଧରି ଷ୍ଟାଡିୟମ ପରିସରରେ ଉପସ୍ଥିତ ରହି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସେ ଷ୍ଟାଡିୟମ ପରିସରରେ ଉପସ୍ଥିତ ସମସ୍ତ ଜନସାଧାରଣ, ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କୁ ନିଜ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ଅତିକମ୍‌ରେ ଗୋଟିଏ ଲେଖାଏ ଚାରାରୋପଣ କରି ତା'ର ରକ୍ଷଣାବେକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଏଭଳି ଉଦ୍ୟମକୁ ଉପ ଜିଲାପାଳ ମାଝୀ ସାଧୁବାଦ ଜ୍ଞାପନ କରି ପୁଷ୍ପଗୁଚ୍ଛ ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ। ଚାରାରୋପଣ ସହ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଗାଁ ଗାଁ ବୁଲି ସଚେତନତା ବାର୍ତ୍ତା ପ୍ରଦାନ କରିବାରେ ନିଆରା ମଣିଷ ସାଜିଥିବା ତ୍ରିଲୋଚନ ଚାରାରୋପଣ କରି ପରିବେଶର ପ୍ରଦୂଷଣ ମାତ୍ରାକୁ ରୋକିବା ଦିଗରେ ଏକ ନିଆରା ପଦକ୍ଷେପ ଆରମ୍ଭ କରିଛନ୍ତି। ସେ ବୈତରଣୀ ନଦୀ ପାର୍ଶ୍ୱରେ ରହିଥିବା ନିଜ ଗ୍ରାମର ଏକ ପରିତ୍ୟକ୍ତ ଖାଲକୁ ନିଜ ଉଦ୍ୟମରେ ସଜାଡ଼ି ୧୫୦ ଚାରାରୋପଣ କରି କ୍ଷୁଦ୍ର ଜଙ୍ଗଲରେ ପରିଣତ କରି ସେ ଚର୍ଚ୍ଚାକୁ ଆସିଥିଲେ। ବର୍ଷର ୬ ମାସ ଧରି ପାଣି ଜମି ରହୁଥିବା ଖାଲୁଆ ସ୍ଥାନକୁ ଚାରାରୋପଣ ପାଇଁ ନିଜସ୍ୱ ଉଦ୍ୟମରେ ଉପଯୋଗୀ କରୁଛନ୍ତି। ତାଙ୍କର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ପରିବେଶବିତ୍, ଯୁବଗୋଷ୍ଠୀ ସାଧୁବାଦ ଜ୍ଞାପନ କରିଥିଲେ।



ଜନ୍ମଦିନରେ ଗଛଟିଏ ଲଗାଇବାକୁ ଟ୍ରି ମ୍ୟାନଙ୍କ ଆହ୍ୱାନ

# ଲୁଣା ଜଙ୍ଗଲ ସୁରକ୍ଷା ପାଇଁ ସଂକଳ୍ପ



ପ୍ରତିଯୋଗୀଙ୍କ ଗହଣରେ ଅତିଥିମାନେ।

**ସୋର,୧୬।୮(ଜନ୍ମେଜୟ ମିଶ୍ର)**

- **'ଲୁଣା ଜଙ୍ଗଲ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବ' ସଭାରେ ଶପଥ ନେଲେ ଛାତ୍ରୀଛାତ୍ର**
- **ଆନ୍ତଃବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା**

ପରିବେଶ ପର୍ଯ୍ୟାବରଣ ଓ ଲୁଣା ଜଙ୍ଗଲ ସୁରକ୍ଷା ଲାଗି ଅଣ୍ଟା ଭିଡ଼ିଛନ୍ତି ଯୁବ ଓ ଛାତ୍ରୀଛାତ୍ର। ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାର ସଂକଳ୍ପ ନେଇ ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ବାଲେଶ୍ୱର ଜିଲା ସୋରସ୍ଥିତ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସରରେ ସୁନାମି, ବାତ୍ୟାକୁ ପ୍ରତିହତ କରିବା ତଥା କୂଳ ଅବକ୍ଷୟ ଏବଂ ସାମୁଦ୍ରିକ ଜୈବ ବିବିଧତାର ସୁରକ୍ଷା ପାଇଁ 'ଲୁଣା ଜଙ୍ଗଲ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବ' ସମ୍ପର୍କିତ ସଚେତନତା ସଭା ଆୟୋଜିତ ହୋଇଥିଲା। ଇକୋ ୱାକ ଓ ଆର୍‌ଓଏସ୍‌ଆଇଏ ସଙ୍ଗଠନ ମିଳିତ ସହଯୋଗରେ ଆୟୋଜିତ ସଭାରେ ଅଧକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଅଧକ୍ଷତା କରିଥିଲେ। 'ସୋରୋଟା କର୍ପି'ର ପ୍ରତିଷ୍ଠାତା ଜୟବ୍ରତ ବାନାର୍ଜୀ ଓ ଯୁବ ପରିବେଶବିତ୍ ତଥା ଆର୍‌ଓଏସ୍‌ଆଇଏ ପ୍ରତିଷ୍ଠାତା ଜଳେନ୍ଦ୍ର ମହାଳିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆନ୍ତଃ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ, କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସୋର ପୌରପାଳିକାର ୧୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ଓ ୨ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୩ଟି ବର୍ଗରେ ୫୬ ପ୍ରତିଯୋଗୀ ଭାଗ ନେଇଥିଲେ। ପରିବେଶ ସୁରକ୍ଷା ପାଇଁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବା ସହ ଆଗାମୀ ପିଢ଼ି ଜଳବାୟୁ ସନ୍ତୁଳନ ରକ୍ଷା କ୍ଷେତ୍ରରେ କିପରି ନେତୃତ୍ୱ ନେବେ ସେନେଇ ସଭାରେ ଆଲୋଚନା କରାଯାଇଥିଲା। ବିଚାରକ ଭାବେ ପ୍ରେମସାଇ ମହାରଣା, ଅରୋଶିଷ ବଲ୍ଲଭ ସାହୁ, ସୁଶାନ୍ତ କୁମାର ମହାଳିକ ପ୍ରମୁଖ ପ୍ରତିଭାର ମୂଲ୍ୟାୟନ କରିଥିଲେ। ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ସଙ୍ଗଠନର କର୍ମକର୍ତ୍ତା ସୁଶାନ୍ତ ବେହେରା, ତପନ ପ୍ରଧାନ, ଅମିତ୍ ଦାସ, ଜୀବନଜ୍ୟୋତି ବେହେରା, ଏସ୍‌ଏସ୍ ପ୍ରକାଶ ଦାସ, ଜୀବନ ଦାସ, ରଶ୍ମିରଞ୍ଜନ ନାୟକ, କରନ କୁମାର ଜେନା, ଶାଶ୍ୱତ ବେହେରା, ସତ୍ୟଜିତ ଘଡେଇ, ନରେନ୍ଦ୍ର ମହାଳିକ, ରାଜେନ୍ଦ୍ର ମହାଳିକ, ସୁଜିତ୍ ସାହୁ, ରିତେଶ ଦାସ, ବିପ୍ଳବ ବେହେରା ଓ ବିଚ୍ଛନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଇକୋ ୱାକ୍ କ୍ୟାମ୍ପେନ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଛି। ୬ଟି ଉପକୂଳ ଜିଲାରେ ୨୨ଟି ବ୍ଲକ, ୧୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ, ୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ, ଦୁଇ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ମହାବିଦ୍ୟାଳୟରେ ସଚେତନତା ଓ ସହବନ୍ଧିତା କରିବାରେ ସଫଳ ହୋଇପାରିଛି। ୨୦୨୩ ଧରିତ୍ରୀ କ୍ଲାଇମେଟ ଚାମ୍ପିୟନ ଭାବେ ସମ୍ମାନିତ ହୋଇଥିବା ସୋର ଚକରାଇପୁର ଗ୍ରାମର ଯୁବ ପରିବେଶବିତ୍ ଜଳେନ୍ଦ୍ର ମହାଳିକ ୬ ଉପକୂଳ ଜିଲାରେ, ୯୫ଦିନର ପଦଯାତ୍ରା ମାଧ୍ୟମରେ ଏକ ବୃହତ କ୍ଲାଇମେଟ୍ ନେଟ୍‌ୱର୍କ ସ୍ଥାପନ କରିବାରେ ସଫଳ ହୋଇଛନ୍ତି। ଏଥିସହ କଟକ, ଯାଜପୁର, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜର ବିଭିନ୍ନ ସଙ୍ଗଠନ ସହ ସମ୍ପର୍କ ସ୍ଥାପନ କରି ସହବନ୍ଧିତା ମାଧ୍ୟମରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି।

# ତାପସ କୁମାର ବୋଷଙ୍କ ପରଲୋକ

**ଭୁବନେଶ୍ୱର,୧୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)**



ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ତଥା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ତାପସ କୁମାର ବୋଷଙ୍କର ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। କିଛି ମାସ ହେବ ସେ ବେଙ୍ଗାଲୁରୁରେ ନିଜ ଝିଅଙ୍କ ପାଖରେ ରହୁଥିଲେ। ହୃଦ୍‌ଘାତ ଯୋଗୁ ସେଠାରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି। ତାପସ ହେଉଛନ୍ତି ବର୍ଷିଆନ ଅଭିନେତା ଦେବୁ ବୋଷଙ୍କ ସାନ ଭାଇ। ସ୍ୱର୍ଗତ ବୋଷଙ୍କ ମୃତ୍ୟୁ ଖବର ଆସିବା ପରେ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଓ ବର୍ତ୍ତମାନର କର୍ମଚାରୀମାନେ ଶୋକ ପ୍ରକାଶ କରିବା ସହ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେହିପରି ସିନେ ଜଗତ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ ପାଇଛି।



# ନିଯୁକ୍ତିକୁ ଅପେକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଇଓସିଏଲ୍ ଅଧ୍ୟକ୍ଷ ଶ୍ରୀକାନ୍ତ ମାଧବ ବୈଦ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ତାଙ୍କ ଉତ୍ତରାଧିକାରୀ ପାଇଁ ଜୋର୍‌ସୋର ଖୋଜା ଚାଲିଛି । ଏଥିପାଇଁ ଗତ ସପ୍ତାହରେ ମଲ୍ଲିକା ଶ୍ରୀନିବାସନ୍‌ଙ୍କ ନେତୃତ୍ୱରେ ପେଟ୍ରୋଲିୟମ ସଚିବ ପଙ୍କଜ ଜୈନ ଏବଂ ପୂର୍ବତନ ଏଚ୍‌ପିସିଏଲ୍ ଅଧ୍ୟକ୍ଷ ଏମ୍.କେ. ସୁରନାଙ୍କୁ ନେଇ ଏକ ତିନି ଜଣିଆ ସର୍ଚ୍ଚ କମ୍ ସିଲେକ୍ସନ କମିଟି (ଏସ୍‌ସିଏସ୍‌ସି)ଗଠନ କରାଯାଇଥିଲା । ଯୋଗ୍ୟ ପ୍ରାର୍ଥୀ ପାଇଁ ଏହି କମିଟି ଏକ ଡଜନରୁ ଅଧିକ ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ନେଇଥିଲା । ଏଥିରେ ଆଇଓସିଏଲ୍ ମଧ୍ୟରୁ ଏକାଧିକ ଏବଂ ବାହାରୁ ଜଣେ ଦକ୍ଷ ପ୍ରାର୍ଥୀ ଭାଗ ନେଇଥିଲେ । ଜଣେ ପ୍ରତିଯୋଗୀ ନିଯୁକ୍ତି ଦୌଡ଼ରେ ଆଗୁଆ ଥିବା ପ୍ରାରମ୍ଭିକ ସଙ୍କେତରୁ ଜଣାପଡ଼ିଛି । ଉଲ୍ଲେଖନୀୟ ଯେ, ଏହି ପଦବୀ ପାଇଁ ସବୁଠୁ ଭଲ ପ୍ରାର୍ଥୀ ଚୟନ କରିବା କ୍ଷେତ୍ରରେ ଏସ୍‌ସିଏସ୍‌ସିର ଅଧିକାର ଓ ଦାୟିତ୍ୱ ରହିଛି । ବୈଦ୍ୟ ଗତବର୍ଷ ୩୧ ଅଗଷ୍ଟରେ ଅବସର ନେବାର ଥିଲା । ହେଲେ ପୁନଃନିଯୁକ୍ତି ତଥା ଚୁକ୍ତିଭିତ୍ତିରେ ତାଙ୍କ କାର୍ଯ୍ୟକାଳ ୧ ବର୍ଷ ବୃଦ୍ଧି କରାଯାଇଥିଲା ଏବଂ ଚଳିତ ଅଗଷ୍ଟ ୩୧ରେ ସେ ଅବସର ନେବେ । କ୍ୟାବିନେଟ ନିଯୁକ୍ତି କମିଟି(ଏସିସି)ରୁ ଚୂଡ଼ାନ୍ତ ସ୍ୱୀକୃତିର ନିଷ୍ପତ୍ତି ଆସିନାହିଁ । ଏଣୁ ଅଧ୍ୟକ୍ଷ ନିଯୁକ୍ତି ନିଶ୍ଚିତ କରାଯିବା ପାଇଁ ଆଉ କିଛି ସପ୍ତାହ ଲାଗିପାରେ ବୋଲି ଗୁଞ୍ଜରଣ ପ୍ରକାଶ ପାଇଛି । ନିଯୁକ୍ତିରେ ବିଳମ୍ବ ସ୍ପଷ୍ଟ ହେଉଛି ଯେ, ସବୁଦିଗ ଉପରେ ଚୟନ ପ୍ରକ୍ରିୟା ଧ୍ୟାନ ଦେଉଛି ଏବଂ ଏହା ମଧ୍ୟ ନିଶ୍ଚିତ କରୁଛି ଯେ, ସାବଧାନତାର ସହ ଆଇଓସିଏଲ୍‌ର ପରବର୍ତ୍ତୀ ନେତୃତ୍ୱ ଚୟନ କରାଯାଉଛି ।

### ସମସ୍ୟାରେ ମନ୍ତ୍ରୀମାନେ

ପ୍ରାଇଭେଟ ସେକ୍ରେଟାରି (ପିଏସ୍) ଏବଂ ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡି)ନିଯୁକ୍ତିକୁ ନେଇ ମୋଦିଙ୍କ ତୃତୀୟ ପାଳିରେ ଅନେକ ମନ୍ତ୍ରୀ କଠିନ ସମସ୍ୟାରେ ପଡ଼ିଥିବା ଜଣାପଡ଼ିଛି । ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ପାଇଁ ଏହି ମନ୍ତ୍ରୀମାନଙ୍କର ନିଜସ୍ୱ ପସନ୍ଦ ରହିଛି । ବହୁ ସମୟରେ ବ୍ୟକ୍ତିଗତ ସମ୍ବନ୍ଧ କିମ୍ବା ଅତୀତର କାର୍ଯ୍ୟଗତ ସମ୍ପର୍କକୁ ଆଧାର କରି ସେମାନେ ପିଏସ୍ ଓ ଓଏସ୍‌ଡିଙ୍କୁ ନିଯୁକ୍ତି ଦେଇଥାନ୍ତି । କିନ୍ତୁ ସେମାନଙ୍କ ପସନ୍ଦକୁ ସୀମିତ କରୁଥିବା ଅନେକ ପୂର୍ବ ସର୍ତ୍ତାବଳୀ ଯୋଗୁ ମନ୍ତ୍ରୀମାନେ ଅକଳରେ ଥିବା ମନେକରୁଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ଶେଷ ହେବା ପୂର୍ବରୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପିଏସ୍ ଏବଂ ଓଏସ୍‌ଡି ଭାବେ କାର୍ଯ୍ୟ କରିବାକୁ ଯୋଗ୍ୟ ଅଧିକାରୀଙ୍କ ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିଥିଲା । ମୋଦି ସରକାରଙ୍କ ପୂର୍ବ ପାଳିରେ ମନ୍ତ୍ରୀଙ୍କ ପିଏସ୍ ଏବଂ ଓଏସ୍‌ଡି ଭାବେ କାର୍ଯ୍ୟ କରିଥିବା ଅନେକ ଅଧିକାରୀ ଏହି ତାଲିକାରେ ରହିଛନ୍ତି । ସୂତ୍ରରୁ ଜଣାପଡ଼ିଛି, ଏହି ପୂର୍ବ ନିର୍ଦ୍ଧାରିତ ତାଲିକାରୁ ପିଏସ୍ ଏବଂ ଓଏସ୍‌ଡିଙ୍କ ଚୟନ କରିବା ଉଚିତ ବୋଲି ମନ୍ତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଥିଲା । ଯେଉଁମାନେ ଏହାକୁ ଶୀଘ୍ର ବୁଝିଗଲେ ଏବଂ ଗ୍ରହଣ କଲେ, ସେମାନେ ଅଧିକାରୀମାନଙ୍କୁ ଚୟନ କରିସାରିଲେଣି । ତେବେ ଅନ୍ୟମାନେ କ'ଣ ନିଷ୍ପତ୍ତି ନେବେ ତାହା ସ୍ଥିର କରିପାରୁ ନାହାନ୍ତି କି କିପରି ଆଗେଇବେ ତାହା ନିଶ୍ଚିତ କରିପାରୁନାହାନ୍ତି । ଏବକାର ସ୍ଥିତି ଏହି ସରକାରଙ୍କ ସକ୍ରିୟ ଅମଲାତାନ୍ତ୍ରିକ ପ୍ରୋଟୋକଲ ଏବଂ ବ୍ୟକ୍ତିଗତ ଚୟନ ମଧ୍ୟରେ ଥିବା ଅଶାନ୍ତିକୁ ସାମ୍ନାକୁ ଆଣୁଛି । ମନ୍ତ୍ରୀମାନେ ଏବେ ସେମାନଙ୍କ ବିଶ୍ୱସ୍ତ ସହଯୋଗୀ ପାଇବା ପାଇଁ ସେମାନଙ୍କ ଆଶା ଉପରେ ବିଚାର କରିବା ସହ ମୋଦି ଶାସନର ନିୟମାବଳୀକୁ ପାଳନ କରିବା ଦରକାର ।

### ସୋମନାଥନ୍‌ଙ୍କୁ ନୂଆ ଦାୟିତ୍ୱ

କେନ୍ଦ୍ର ଡ. ଟି.ଭି. ସୋମନାଥନ୍‌ଙ୍କୁ ୩୩ତମ କ୍ୟାବିନେଟ ସଚିବ ଭାବେ ଘୋଷଣା କଲାବେଳେ ଏହା ସିଭିଲ ସର୍ଭିସଗୁଡ଼ିକରେ ଖୁସିର ଲହରି ଖେଳିଯାଇଥିଲା । ସର୍ଭିସ ମଧ୍ୟରେ ଟିଭିଏସ୍ ନାମରେ ଜଣାଶୁଣା ଡ. ସୋମନାଥନ୍ ବର୍ତ୍ତମାନ ବ୍ୟୟ ବିଭାଗର ସଚିବ ଭାବେ କାର୍ଯ୍ୟରତ ଏବଂ ମେ ୨୦୨୫ରେ ଅବସର ନେଇଥାନ୍ତେ । ତେବେ ଏହି ନୂଆ ଦାୟିତ୍ୱ ଦିଆଯିବା ସହ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ଚଳିତ ମାସ ପରେ ସେ ରାଜୀବ ଗୌବାଙ୍କଠାରୁ ଦାୟିତ୍ୱ ନେବେ ଏବଂ କ୍ୟାବିନେଟ ସଚିବ ଭାବେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । କାର୍ଯ୍ୟକାଳ ବୃଦ୍ଧିର ଏବକାର ଧାରାକୁ ଦେଖିଲେ ତାଙ୍କ କାର୍ଯ୍ୟକାଳ ଆଉ ଥରେ ବୃଦ୍ଧି ହେବ ବୋଲି ଅନେକେ ଅନୁମାନ କରୁଛନ୍ତି । ତିନି ଦଶନ୍ଧିରୁ ଅଧିକ ସମୟ ଧରି ଟିଭିଏସ୍ କାର୍ଯ୍ୟ କରି ଅନେକ ଉଲ୍ଲେଖନୀୟ ସଫଳତା ପାଇଛନ୍ତି । କର୍ପୋରେଟ ଆଫେୟାର୍ସ ଏବଂ ଇକୋନୋମିକ ଆଫେୟାର୍ସରେ ଯୁଗ୍ମ ସଚିବ ଭାବେ ଅନେକ ପ୍ରମୁଖ ପଦବୀରେ ରହିଛନ୍ତି । ନରେନ୍ଦ୍ର ମୋଦିଙ୍କ ଅଧୀନରେ ୨୦୧୪ରେ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ । ବିଶେଷକରି ଅର୍ଥନୀତି ପ୍ରତି ଆହ୍ୱାନ ସୃଷ୍ଟି ହୋଇଥିବା ସମୟରେ ସେ ବିତ୍ତୀୟ ନୀତି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଆତ୍ମନିର୍ଭର ଭାରତ, ନ୍ୟାଶନାଲ ମନିଟାଇଜେଶନ ପାଇପ୍‌ଲାଇନ ଭଳି ଯୋଜନା ଏବଂ କେନ୍ଦ୍ର ବଜେଟ୍‌ରେ ମଧ୍ୟ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଛି । ସବୁଠୁ କୌତୂହଳପୂର୍ଣ୍ଣ ବିଷୟ ହେଉଛି, ଟିଭିଏସ୍ ହେଉଛନ୍ତି ସମ୍ଭବତଃ ଏକମାତ୍ର କ୍ୟାବିନେଟ୍ ସଚିବ, ଯିଏ କେବେ ବି ଜିଲାପାଳ ଭାବେ କାର୍ଯ୍ୟ କରିନାହାନ୍ତି । କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟର କ୍ୱାଲିଫିକେଶନ ସହ ସେ ଇକୋନୋମିକ୍ସରେ ପିଏଚ୍‌ଡି କରିଛନ୍ତି । ଏଣୁ ତାଙ୍କ କାର୍ଯ୍ୟକାଳରେ ଅର୍ଥନୀତି ଉପରେ ତାଙ୍କର ବିଶେଷ ଧ୍ୟାନ ରହିବ, ଏଥିରେ ସନ୍ଦେହ ନାହିଁ ।

Email: dilipcherian@gmail.com

## su | do | ku
Puzzles by Srikant Ghosh

### ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 7 | | 1 | 6 | |
| | | 6 | | 1 | | | 3 | |
| | | 1 | 9 | | | 5 | | |
| | | 4 | 3 | 5 | | | 2 | |
| | | | | | | 6 | | |
| | | | | 8 | 9 | 3 | | |
| | 5 | | | | | | | 4 |
| | 9 | | 7 | | 2 | | | |
| | 7 | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 2 | 5 | 3 | 1 | 9 | 8 | 4 |
| 8 | 9 | 1 | 4 | 7 | 6 | 5 | 3 | 2 |
| 3 | 5 | 4 | 9 | 8 | 2 | 1 | 6 | 7 |
| 7 | 4 | 6 | 3 | 1 | 5 | 2 | 9 | 8 |
| 9 | 1 | 8 | 2 | 6 | 7 | 4 | 5 | 3 |
| 5 | 2 | 3 | 8 | 4 | 9 | 7 | 1 | 6 |
| 4 | 3 | 9 | 7 | 5 | 8 | 6 | 2 | 1 |
| 2 | 6 | 7 | 1 | 9 | 3 | 8 | 4 | 5 |
| 1 | 8 | 5 | 6 | 2 | 4 | 3 | 7 | 9 |

ଗତ ସଂସ୍କରଣର ଉତ୍ତର

# ସବୁ ଦୋଷ ଚାଷୀର



ଡ.ପ୍ରଫୁଲ୍ଲ କୁମାର ସାହୁ

ଶ୍ରାବଣ ମାସ ଶେଷ ହେବାକୁ ବସିଲା, ହେଲେ କମିଲା ନାହିଁ ପରିବା ଦର । ଆମ ରାଜ୍ୟରେ ଏବେ ଏମିତି କୌଣସି ପରିବା ନାହିଁ, ଯାହାର ମୂଲ୍ୟ ୫୦ ଟଙ୍କାରୁ କମ୍ । ପରିବା ସାଙ୍ଗକୁ ଚାଉଳ, ଅଟା, ଡାଲି ଓ ତେଲ ଇତ୍ୟାଦି ଖାଦ୍ୟ ସାମଗ୍ରୀର ଦର ଆକାଶଛୁଆଁ । ଖାଦ୍ୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣରେ ନ ରହିଲେ ଦୁର୍ବଳ ହୋଇଯାଏ ପରିବାରର ଆର୍ଥିକ ସ୍ଥିତି । ପୁଷ୍ଟିହୀନତା ମାଡ଼ିଆସିବା ସହିତ ନିମ୍ନଗାମୀ ହୁଏ ଜୀବନ ଧାରଣର ମାନ । ହେଲେ ଏକଥାଟି ସରକାରଙ୍କ ମଗଜକୁ ପଶେ ନାହିଁ କାହିଁକି? ଯଦି ପଶେ, ତେବେ ଦରଦାମ ନିୟନ୍ତ୍ରଣ ଦିଗରେ ସରକାର ପ୍ରଭାବଶାଳୀ ପଦକ୍ଷେପ ନିଅନ୍ତି ନାହିଁ କାହିଁକ? ଆଶ୍ଚର୍ଯ୍ୟର ବିଷୟ ହେଉଛି ଦରଦାମ ଆକାଶଛୁଆଁ ହୋଇଗଲା ବୋଲି କହି ଦିନେ ବିଧାନସଭାରେ ତୁମ୍ବିତୋଫାନ କରୁଥିବା ଦଳ ବି ଓଲଟି ପଡ଼େ କ୍ଷମତାକୁ ଆସିବା ପରେ । ଆଶ୍ଚର୍ଯ୍ୟଜନକ ଭାବରେ ବଦଳିଯାଏ ନେତାଙ୍କ ସ୍ୱର । କେବେ ମୁଖ୍ୟ ସୂଚୀ ଦେଖାଇ ପଡ଼ୋଶୀ ରାଜ୍ୟ ତୁଳନାରେ ଆମର ସ୍ଥିତି ଭଲ ଅଛି ବୋଲି କହନ୍ତି ତ ଆଉ କେବେ ଉତ୍ପାଦନ ହ୍ରାସ ପାଇଁ ଦୋଷ ଲଦନ୍ତି ପାଣିପାଗ ଉପରେ । ପରିସ୍ଥିତି ଅଣାୟତ୍ତ ହେଲେ କଳାବଜାରକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହନ୍ତି, ଯାହା କେବଳ ଧର୍ମକୁ ଆଖିଠାର ।

ଚାହିଦା ଅନୁସାରେ କୃଷିଜାତ ପଦାର୍ଥ ଉତ୍ପାଦନ ନ ହେଲେ ଦର ବଢ଼ିବା ଏକ ସ୍ୱାଭାବିକ କଥା । ମାତ୍ର ଉତ୍ପାଦନ ଯଦି ପ୍ରଚୁର, ଦର ଆକାଶଛୁଆଁ ହେବ କାହିଁକି ? ଦୃଷ୍ଟାନ୍ତ ସ୍ୱରୂପ ଆମ ରାଜ୍ୟରେ ପ୍ରଚୁର ଟମାଟୋ ଉତ୍ପାଦନ ହୁଏ, ଯାହା ଶାଗମାଛ ଦରରେ ବିକ୍ରିହୁଏ ଅମଳ ବେଳେ । କିନ୍ତୁ ଏବେ ତା'ର ଦର ୭୦ତଳକୁ ଖସୁନାହିଁ କାହିଁକି? ପ୍ରତିବର୍ଷ ଅନ୍ୟୂନ ଦୁଇଥର ଗଣମାଧ୍ୟମର ଶିରୋନାମା ଜବରଦଖଲ କରେ ଟମାଟୋ । ଥରେ ଅମଳ ସମୟରେ, ଯେତେବେଳେ ଅଭାବୀ ବିକ୍ରିର ଚାପ ସହି ନ ପାରି ରାସ୍ତାରେ ଟମାଟୋ ଢାଳି ପ୍ରତିବାଦ କରେ ଚାଷୀ । ଆଉ ଗୋଟିଏ ସମୟ ଆସେ, ଯେବେ ତା'ର ଅସ୍ୱାଭାବିକ ମୂଲ୍ୟ ବୃଦ୍ଧି ଯୋଗୁ ଅତିଷ୍ଠ ହୋଇଯାଏ ଖାଉଟି । ଟମାଟୋ ରଖିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ନ ଥିବା ହିଁ ଏହାର କାରଣ । ପୂର୍ବରୁ ଯାହା ଶୀତଳ ଭଣ୍ଡାର ଥିଲା ତାହା ତ ମହଙ୍ଗା ବିଜୁଳି କାରଣରୁ ଅଚଳ । ଯେଉଁ କେତୋଟି କାର୍ଯ୍ୟକ୍ଷମ ଅଛି, ତାହା ଟମାଟୋକୁ ସୁହାଇଲା ଭଳି ନୁହେଁ; ମହୁଲ,ତେନ୍ତୁଳି, ଛତୁ ଓ ଫଳ ସଂରକ୍ଷଣ ପାଇଁ ।

ପିଆଜ ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ । ତଥ୍ୟ କହେ ରାଜ୍ୟରେ ପିଆଜ ଚାହିଦା ବାର୍ଷିକ ସାଢ଼େ ତିନିଲକ୍ଷ ମେଟ୍ରିକ୍ ଟନ୍ । ଉତ୍ପାଦନ ହୁଏ ପାଖାପାଖି ଚାରିଲକ୍ଷ ମେଟ୍ରିକ୍ ଟନ୍, ଯାହା ଆବଶ୍ୟକତାଠାରୁ ସାମାନ୍ୟ ବେଶି । ମାତ୍ର



ସଂରକ୍ଷଣ ସୁବିଧା ନ ଥିବାରୁ ଅମଳ ସମୟରେ ଚାଷୀଙ୍କଠାରୁ ଶସ୍ତାରେ କିଣିନିଏ ବେପାରୀ । ଏହା ବାହାର ରାଜ୍ୟରେ ସଂରକ୍ଷିତ ହୋଇ ଓଡ଼ିଶା ଫେରିଲା ବେଳକୁ ପାଖାପାଖି ଦଶଗୁଣା ବଢ଼ିଯାଏ ଭାଉ । ତେଣୁ ଟମାଟୋ ପରି ପିଆଜ ବି ବାରମ୍ବାର ମଣ୍ଡନ କରେ ଗଣମାଧ୍ୟମର ଶିରୋନାମା ।

କୁହାଯାଏ ପରିବା ଭିତରେ ଆଳୁ ହେଉଛି ରଜା । ଧାନ, ଗହମ, ମକା-ବାଜରା ପରେ ଆଳୁ ପୃଥିବୀର ଚତୁର୍ଥ ବୃହତ୍ତମ ଫସଲ । ଏକ ଏକର ଜମିରେ ଯେତିକି ଖାଦ୍ୟଶସ୍ୟ ଅମଳ ହୁଏ, ତା'ର ଚାରିଗୁଣ ଉତ୍ପାଦନ ହୋଇପାରେ ଆଳୁ । ତଥ୍ୟ ଅନୁଯାୟୀ ଓଡ଼ିଶାରେ ବାର୍ଷିକ ୧୩ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକ ହେଉଥିବା ବେଳେ ଉତ୍ପାଦନ ପରିମାଣ ୨ଲକ୍ଷ ମେଟ୍ରିକ୍ ଟନ୍‌ରୁ ବି ଊଣା । ଆଳୁର ଏଭଳି ନିଅଣ୍ଟିଆ ସ୍ଥିତିରୁ ମୁକୁଳିବା ପାଇଁ ସରକାର ୨୦୧୫-୧୬ରେ ଆରମ୍ଭ କଲେ ଆଳୁମିଶନ । ୧୫ହଜାର ହେକ୍ଟର ଜମିରେ ହେଉଥିବା ଆଳୁଚାଷକୁ ବଢ଼ାଇ ତିନି ବର୍ଷ ମଧ୍ୟରେ ୬୦ ହଜାର ହେକ୍ଟରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହେଲା । ଚାଷୀଙ୍କୁ ଆକର୍ଷିତ କରିବାକୁ ସ୍ଥିର ହେଲା ପ୍ରୋତ୍ସାହନ ରାଶି । ଉଦ୍ୟାନ ଓ କୃଷି ମନ୍ତ୍ରଣାଳୟକୁ ଯୋଗାଇ ଦିଆଗଲା ୫୦ କୋଟି ଟଙ୍କା ।

୧୧୨ଟି ନୂଆ ଶୀତଳଭଣ୍ଡାର ଖୋଲିବାର ପ୍ରାବଧାନ ହେଲା ଆଳୁ ସଂରକ୍ଷଣ ପାଇଁ । ମାତ୍ର ସବୁ ବ୍ୟବସ୍ଥା ସତ୍ତ୍ୱେ ଚାଷୀ ସରକାରଙ୍କ ଉପରେ ଆସ୍ଥା ରଖିପାରିଲା ନାହିଁ କି ଆଗକୁ ବଢ଼ିପାରିଲା ନାହିଁ ଆଳୁ ମିଶନ । ସ୍ୱାବଲମ୍ବୀ ହେବା ତ ଦୂରର କଥା ବର୍ଷକୁ ବର୍ଷ ହ୍ରାସ ପାଇଲା ଆଳୁ ଉତ୍ପାଦନ । ତେବେ କ'ଣ ପାଇଁ ଏ ବିଫଳତା ?

ଓଡ଼ିଶାରେ କୃଷି ଓ କୃଷକର ସାମଗ୍ରିକ ଚିତ୍ର ପାଖକୁ ନ ଗଲେ ମିଳିବନି ଉପରୋକ୍ତ ପ୍ରଶ୍ନର ଉତ୍ତର । ସରକାରଙ୍କ କହିବା ଅନୁସାରେ ଚାଷୀ ଶ୍ରମର ମୂଳଦୁଆ ଉପରେ ଠିଆ ହୋଇଛି କୃଷିପ୍ରଧାନ ରାଜ୍ୟ ଓଡ଼ିଶାର ଅର୍ଥନୀତି । ଇତିହାସ କହେ ଓଡ଼ିଶାର ଚାଷୀ କେବଳ ପରିଶ୍ରମୀ ନୁହେଁ, ସାହସୀ ଓ ସ୍ୱାଭିମାନୀ । ପାଣିପାଗର ଠିକ୍ ଆକଳନ ପୂର୍ବକ ଅଧିକ ଅମଳ କରିବାର ଜ୍ଞାନକୌଶଳ ତା'ର ଅନୁଭୂତିସିଦ୍ଧ । ସକଳ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଧାନ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା କ'ଣ ତା'ର ଅପାରଗପଣିଆର ପରିଚୟ ? ପରବର୍ତ୍ତୀ ପ୍ରଶ୍ନ ସରକାରଙ୍କ ଦାୟିତ୍ୱହୀନତାକୁ ନେଇ । କୃଷି କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ଆବଶ୍ୟକ ସମୟୋପଯୋଗୀ ଯୋଜନା । ବିଗତ ଦିନରେ ସରକାର କିଛି କମ୍ ଯୋଜନା କରିନାହାନ୍ତି କୃଷି ଓ କୃଷକର ସମୃଦ୍ଧି ପାଇଁ । ସବୁ ସତ୍ତ୍ୱେ ଜମିକୁ ଆବଶ୍ୟକ ପରିମାଣର ଜଳ ଯୋଗାଇ ଦିଆଯାଇ ପାରି ନାହିଁ କି ଠିକ୍ ସମୟରେ ଚାଷୀକୁ ମିଳିନାହିଁ ସାର ଓ ବିହନ । ଏଭଳି ଅବହେଳାର କାରଣ ଖୋଜିବସିଲେ ଜଳଜଳ ଦିଶେ ପ୍ରଶାସନର ଅସଲ ଚେହେରା । ଆମ ରାଜ୍ୟରେ ଯେଉଁ ପ୍ରଶାସନିକ ଅଧିକାରୀଙ୍କ ହାତରେ ଯୋଜନାର କାର୍ଯ୍ୟାନ୍ୱୟନ ଦାୟିତ୍ୱ ଥାଏ, ସେମାନେ ଅପ୍ରମିତ କ୍ଷମତାର ଅଧିକାରୀ । ଉତ୍ତରଦାୟିତା ବିହୀନ ଏହି ବାବୁମାନଙ୍କ କଲମ ମୁନରେ ନିର୍ଦ୍ଧାରିତ ହୁଏ ରାଜ୍ୟବାସୀଙ୍କ ଭାଗ୍ୟ ଓ ଭବିଷ୍ୟତ ।

ଆଳୁ, ପିଆଜ ଓ ପନିପରିବା ଇତ୍ୟାଦିର ସଂରକ୍ଷଣ ଉପରେ ସରକାର ସତୁରି ଦଶକରେ ଗୁରୁତ୍ୱ ଦେଇଥିଲେ, ଯାହା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇପାରିଥିଲା ୧୭୭ଟି ଶୀତଳ ଭଣ୍ଡାର । ସେତେବେଳେ ଚାଷୀଙ୍କ ପାଇଁ ଏହା ଥିଲା ଆଶାର ଆଲୋକ । ମାତ୍ର ଶୀତଳ ଭଣ୍ଡାର ପାଇଁ କାଳ ହୋଇଥିଲା ମହଙ୍ଗା ବିଜୁଳି । ରାଜନୈତିକ ହସ୍ତକ୍ଷେପ ଫଳରେ ବିଜୁଳି ଦେୟରୁ ହୁଏତ ରିହାତି ମିଳିପାରେ କିନ୍ତୁ ବିଜୁଳି ଯୋଗାଣର ଅନିୟମିତତାକୁ ହାତ କାହାର ? ବିଜୁଳି ଯୋଗାଣର ଅନିୟମିତତା କାରଣରୁ କୃଷିଜ ନଷ୍ଟହେବା ସହିତ ଆର୍ଥିକ ରୂପେ ବିକଳାଙ୍ଗ ହୋଇଗଲା ଅନେକ ଶୀତଳ ଭଣ୍ଡାର । ସଂରକ୍ଷଣ ସୁବିଧା ଅଭାବରୁ ଜମି ପଡ଼ିଆ ପକେଇବାକୁ ବାଧ୍ୟହେଲେ ଅନେକ ଚାଷୀ । ୨୦୧୫ ଆଳୁ ମିଶନ ଆସିବା ପରେ ସରକାର ପୁଣି ଥରେ ଅନୁଭବ କଲେ ଶୀତଳ ଭଣ୍ଡାରର ଆବଶ୍ୟକତା । ପ୍ରଯୁକ୍ତି ବିଦ୍ୟାର ବିକାଶକୁ ଦୃଷ୍ଟିରେ ରଖି ଏ ଦିଗରେ ଉତ୍ସାହିତ ହୋଇପଡିଥିଲେ ଅନେକ ଯୁବ ଉଦ୍ୟୋଗୀ । ମାତ୍ର ବାବୁଙ୍କ ଅସହଯୋଗ କାରଣରୁ ପ୍ରାୟତଃ ସଫଳ ହୋଇପାରିଲେନି କେହି । ପରବର୍ତ୍ତୀ ପ୍ରଶ୍ନ ହେଉଛି କ୍ଷେତ୍ର କର୍ମଚାରୀଙ୍କ ଅବହେଳା । ଉପରିସ୍ଥ ହାକିମଙ୍କ ବିବେକ ଯେଉଁଠି ବଳିଗ୍ରସ୍ତ, ସେଠାରେ ତଳସ୍ତରର କର୍ମଚାରୀଙ୍କ ଅବହେଳା କଥା ପଚାରେ କିଏ ?

ଗୋଟିଏ ସମୟରେ ଖାଦ୍ୟଶସ୍ୟ ଓ ଡାଲିଜାତୀୟ ଫସଲ ସାଙ୍ଗକୁ ଚାଷୀ ପ୍ରଚୁର ପନିପରିବା ଚାଷ କରୁଥିଲା । ଘରେ ପାଳିଥିଲା ଗାଈ । ଗାଡ଼ିଆ ପୋଖରୀରେ ଭର୍ତ୍ତି ହୋଇଥିଲେ ମାଛ । ଏହାକୁ କୁହାଯାଏ ସମନ୍ୱିତ ଚାଷ । ଭାବିଲେ ସେତେବେଳେ କ'ଣ କେହି କିଣୁଥିଲା ସଜନା ଛୁଇଁ, ସଜନା ଶାଗ, ଅମୃତଭଣ୍ଡା, କଞ୍ଚା କଦଳୀ ଓ ମଞ୍ଜା ଇତ୍ୟାଦି । ବାଡ଼ି ବଗିଚା ନ ଥିବା ଲୋକ ବି ଏସବୁ ପାଇ ଯାଉଥିଲା ମାଗଣାରେ । ମାତ୍ର ଯେବେଠାରୁ ସେ ସମନ୍ୱିତ ଚାଷଠାରୁ ଦୂରେଇ ଗଲା, ସେବେଠାରୁ ଆବଶ୍ୟକ ହେଲା ଶୀତଳ ଭଣ୍ଡାର । ଆଗେ ଚାଷୀ ଏଠାରେ ପ୍ରଚୁର ପରିମାଣର ଦେଶୀ ପିଆଜ ଅମଳ କରୁଥିଲା, ଯାହା ଶୀତଳ ଭଣ୍ଡାର ବିନା ରହିପାରୁଥିଲା ନୂଆ ପିଆଜ ଅମଳ ପର୍ଯ୍ୟନ୍ତ । ଚାଷୀକୁ ଜଣାଥିଲା ତା'ର ସଂରକ୍ଷଣ କୌଶଳ । ଏହି ପୁରୁଣା ପଦ୍ଧତିଠାରୁ ଦୂରେଇ ଯିବାର ପରିଣାମ ହେଲା ମହଙ୍ଗା ମାଡ଼ । ତେବେ ଏହି ଦୋଷ କାହାର ?

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର,ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ବିଜ୍ଞାନାଗାରରେ ଆତ୍ମାର ଓଜନ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଅଗଷ୍ଟ ୧୯୨୯ରେ ଦୁଇ ବନ୍ଧୁ ପଲ୍ ଡିରାକ (୧୯୦୨-୧୯୮୪) ଓ ୱାର୍ନେର ଆଇଜେନବର୍ଗ (୧୯୦୧-୧୯୭୬) ପଦାର୍ଥ ବିଜ୍ଞାନର ଗୋଟିଏ ସମ୍ମାନରେ ଯୋଗଦେବା ପାଇଁ ଜାହାଜରେ ଜାପାନ ଯାଉଥିଲେ । ସେତେବେଳେ ଉଭୟେ ଅବିବାହିତ । ଆଇଜେନବର୍ଗଙ୍କୁ ତାଙ୍କ ସାଙ୍ଗମାନେ 'ମହିଳାଙ୍କ ପୁରୁଷ' (ଲେଡିସ୍ ମ୍ୟାନ) ଭାବେ ଜାଣନ୍ତି । ସେ ଯୁବତୀମାନଙ୍କୁ ସହଜରେ ପ୍ରେମ କରିପାରନ୍ତି ଅଥବା ପ୍ରଣୟୀ ଭାବେ ଛଳନା କରନ୍ତି । କିନ୍ତୁ ତାଙ୍କର ସାଥୀ ଡିରାକ ଗମ୍ଭୀର ସ୍ୱଭାବର ବ୍ୟକ୍ତି । ସେ ଅନ୍ୟମାନଙ୍କ ସହ ଖୋଲାରେ କଥାବାର୍ତ୍ତା ହେବାଠାରୁ ନିଜକୁ ଦୂରେଇ ରଖନ୍ତି । ଏପରି କି କାହା ସହିତ ମିଳାମିଶା କରି ପଦେ କହିବା ତାଙ୍କ ପକ୍ଷେ ଯନ୍ତ୍ରଣାଦାୟକ । ଏହି ଦୁଇ ବନ୍ଧୁ ଏମିତି ବିପରୀତ ସ୍ୱଭାବର ବ୍ୟକ୍ତି ।

ଜାହାଜ ଯାତ୍ରା ବେଳେ ଡିରାକ ବନ୍ଧୁଙ୍କୁ କୌତୂହଳବଶତଃ ପ୍ରଶ୍ନ କଲେ, ''ତୁମେ କାହିଁକି ନାଚ କରୁଛ ?'' ଆଇଜେନବର୍ଗ ରସିକତାର ସହ ଜବାବ ଦେଲେ, ''ଯେତେବେଳେ ଏତେ ସୁନ୍ଦରୀ ତରୁଣୀ ଅଛନ୍ତି, ଏହା (ନାଚ) ସନ୍ତୋଷ ଓ ଆନନ୍ଦ ପ୍ରଦାନ କରେ ।''

ଡିରାକଙ୍କୁ ଏହି ଉତ୍ତର ରହସ୍ୟମୟ ମନେହେଲା । ପୁଣି ସେ ପଚାରିଲେ, ''ଆଇଜେନବର୍ଗ ! ପ୍ରଥମେ ତୁମେ କେମିତି ଜାଣୁଛ ଯେ କେଉଁ ଯୁବତୀ ରୂପସୀ । ଏମିତି ଜାଣିଲେ ତ ନାଚ କରିବ ।''

ଆଇଜେନବର୍ଗ ଏହି ଅସହଜ ପ୍ରଶ୍ନର ଜବାବ ଦେବାକୁ ଅସମର୍ଥ ହେଲେ । ଡିରାକ ଆଶା କରୁଥିଲେ ଯେ, ମହିଳାଙ୍କ ସୌନ୍ଦର୍ଯ୍ୟ ମାପିବା ପାଇଁ ଆଇଜେନବର୍ଗ କୌଣସି ଗୋଟିଏ ସୂତ୍ର ବା ସମୀକରଣ ବାହାର କରିଛନ୍ତି, ଯାହା ପ୍ରୟୋଗ କରି ଜଣକର ରୂପର ମାତ୍ରା ଗାଣିତିକ ଭାବେ ହିସାବ କରିହେବ । (ଦ୍ରଷ୍ଟବ୍ୟ: 'ଏଣ୍ଟି-ମାଟାର୍ ଆଣ୍ଡ ମ୍ୟାଡ୍‌ନେସ୍', ରବିନ୍ ମାଇକ, ଦ ଗାର୍ଡିଆନ୍, ୪ ଏପ୍ରିଲ ୨୦୧୩) । ଡିରାକଙ୍କ ପ୍ରଶ୍ନର ଉତ୍ତର କେବଳ ବ୍ରହ୍ମାଙ୍କୁ ଜଣାଥିବ ।

ପ୍ରକାଶ ଥାଉ କି, ପଲ୍ ଡିରାକ ୧୯୩୩ ଓ ଆଇଜେନବର୍ଗ ୧୯୩୨ରେ ପଦାର୍ଥ ବିଜ୍ଞାନରେ ନୋବେଲ ବିଜୟୀ ହୋଇଥିଲେ ।

ଏହି କଥୋପକଥନରୁ ଗୋଟିଏ ବାର୍ତ୍ତା ମିଳେ, କେମିତି କିଛି ବୈଜ୍ଞାନିକ ବିଭିନ୍ନ ଭାବାତ୍ମକ ଗୁଣ ବା ସତ୍ତାର ମଧ୍ୟ ଗାଣିତିକ କିମ୍ବା ଗବେଷଣାଗାରରେ ପରୀକ୍ଷା କରି ତା'ର ଫର୍ମୁଲା ନିର୍ଣ୍ଣୟ କରିବା ପାଇଁ ବ୍ୟାକୁଳ । ଉଦାହରଣ ସ୍ୱରୂପ ଆତ୍ମା ପରି ବିଷୟବସ୍ତୁ ବିଚାର୍ଯ୍ୟ ।

ହାଭେରହିଲ (ମାସାଚୁସେଟ୍‌ସ)ର ଡାକ୍ତର ଡଙ୍କନ ମ୍ୟାକଡୋଗାଲ ୧୯୦୭ ମସିହାରେ ଆତ୍ମାର ଓଜନ ନିର୍ଣ୍ଣୟ କରିବାକୁ ପରୀକ୍ଷା କଲେ ।



ଏଥିପାଇଁ ସେ ଛଅଜଣ ବ୍ୟକ୍ତିଙ୍କୁ ନିଜ ପରୀକ୍ଷା ପରିସରରେ ଅନ୍ତର୍ଭୁକ୍ତ କଲେ । ଠିକ୍ ମରିବା ପୂର୍ବରୁ ଏବଂ ପରେ ସେ ସେମାନଙ୍କ ଓଜନ ରେକର୍ଡ କଲେ । ଦେଖିଲେ ଯେ, ଏଇ ଛଅଜଣକ ମଧ୍ୟରୁ ଜଣକର ଓଜନ ୨୧.୩ ଗ୍ରାମ୍ । ଏହା ହେଉଛି ଆତ୍ମାର ଓଜନ ବୋଲି ସେ ନିଶ୍ଚିତ ହୋଇଗଲେ ।

ମ୍ୟାକଡୋଗାଲ ଦାବି କଲେ ଯେ, ସେ ଏମିତି ଉପସଂହାରରେ ପହଞ୍ଚିବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିଛନ୍ତି ଏବଂ ଏହା ଠିକ୍; କିନ୍ତୁ ବୈଜ୍ଞାନିକ ମହଲରେ ଏହା ସ୍ୱୀକୃତ ହେଲା ନାହିଁ । କାରଣ ଏହି ସାମ୍ପଲ ସାଇଜ ମୋଟେ ଛଅଜଣରେ ସୀମିତ । ତେବେ ଏହା 'ଏକୋଇଶ ଗ୍ରାମ୍ ପରୀକ୍ଷା' ଭାବେ ଖ୍ୟାତ ହୋଇଛି । ପରେ 'ଡିସେମ୍ବର ୨୦୦୧ରେ ପଦାର୍ଥ ବିଜ୍ଞାନୀ ଲୁଇସ ହୋଲାଣ୍ଡର ମଣିଷ ପରିବର୍ତ୍ତେ ମେଣ୍ଢା, ଛେଳି, ମେଣ୍ଢୀ ଉପରେ ପରୀକ୍ଷା କରି ଜାଣିଲେ ଯେ, ମୃତ୍ୟୁ ପରେ ଓଜନ ବୃଦ୍ଧି ପାଏ, ଯାହାର ପରିମାଣ ୧୮ରୁ ୭୮୦ ଗ୍ରାମ୍ । (ଦ୍ରଷ୍ଟବ୍ୟ:'ଅନଏକ୍ସପ୍ଲେନେଡ ୱେଟ୍ ଗେନ ଟ୍ରାଞ୍ଜିଏଣ୍ଟ୍ସ ଆଟ୍ ଦ ମୁମେଣ୍ଟ ଅଫ ଡେଥ୍', ହଲାଣ୍ଡର, ଜର୍ନାଲ ଅଫ୍ ସାଇଣ୍ଟିଫିକ ଏକ୍ସପ୍ଲୋରେଶନ୍) । ଏଥିରୁ ସ୍ପଷ୍ଟ ହୁଏ ଯେ, ଅଦ୍ୟାବଧି ଆତ୍ମାର ମପାମପି କ୍ଷେତ୍ରରେ ବୈଜ୍ଞାନିକ ପ୍ରଣାଳୀ ବ୍ୟର୍ଥ ହୋଇଛି, ଯଦିଚ କେତେଜଣ ଗବେଷକ ଉଦ୍ୟମ ଜାରିରଖିଛନ୍ତି ।

ଏହି ପୃଷ୍ଠଭୂମିରେ ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟରେ ବହୁଳ ପ୍ରଚଳିତ ଶ୍ଳୋକଟି ମନେପଡ଼େ :

''ନ ଜାୟତେ ମ୍ରିୟତେ ବା କଦାଚିନ
ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ।''

ଆତ୍ମାର ଜନ୍ମ ନାହିଁ କି ମରଣ ନାହିଁ । ଏମିତି ସମୟ ନ ଥିଲା, ଯେତେବେଳେ ଏହା ଅସ୍ତିତ୍ୱହୀନ ଥିଲା । ଏମିତି ସମୟ ମଧ୍ୟ ନାହିଁ, ଯେତେବେଳେ ଏମିତି ଘଟିବ । ଆତ୍ମା ଚିରନ୍ତନ, ଅମର, ଶାଶ୍ୱତ । ଶରୀର ନଷ୍ଟ ହେବା ସହ ଏହା ନଷ୍ଟ ହୁଏ ନାହିଁ । ଆତ୍ମାର ପରିଚୟ ଦେବାବେଳେ ଏହାର ବସ୍ତୁତ୍ୱ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ ।

ଏହି ଅମର ବାଣୀ ସତ୍ତ୍ୱେ କୌତୂହଳୀ ମଣିଷ କ'ଣ ଆତ୍ମାର ଅଦୃଶ୍ୟ ସତ୍ତା ବିଶ୍ଳେଷଣ କରିବ ବା ତା'ର ସ୍ୱରୂପ ବୈଷୟିକ ସ୍ତରରେ ନିର୍ଣ୍ଣୟ କରିବାରୁ କ୍ଷାନ୍ତ ରହିବ ? ଦୃଷ୍ଟିହୀନା ହେଲେନ କେଲାର (୧୮୮୦-୧୯୬୮)ଙ୍କ ମତ ପ୍ରଣୀଧାନଯୋଗ୍ୟ, ''ବିଶ୍ୱର ସର୍ବୋତ୍ତମ ଓ ସୌନ୍ଦର୍ଯ୍ୟମୟ ବସ୍ତୁକୁ ଦେଖିହେବ ନାହିଁ କି ଛୁଇଁହେବ ନାହିଁ । ହୃଦୟରେ ଏହାକୁ ଅନୁଭବ କରିବା ହେଉଛି ଶ୍ରେଷ୍ଠ ।'' ତେବେ ଏହା କିଛି ଜିଜ୍ଞାସୁ ଚିନ୍ତକ ଓ ବୈଜ୍ଞାନିକଙ୍କୁ କେତେଦୂର ସନ୍ତୁଷ୍ଟ କରିବ, ତାହା ଭବିଷ୍ୟତ କହିବ । ବିଶ୍ୱାସକୁ ଭିତ୍ତି କରି ଆତ୍ମା ତିଷ୍ଠିଛି । ଏହା କିନ୍ତୁ ସର୍ବସମ୍ମତ ହୋଇପାରି ନାହିଁ ।

**ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ**
**ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩**

## ଏଇ ଭାରତରେ

ଉତ୍ତରାଖଣ୍ଡର ହରିଓମ୍ ନୌଟିଆଲ ଟେକ୍ନିସିଆନ ଚାକିରି ଛାଡ଼ି ଏବେ ଜଣେ ସଫଳ ଡେଏରି ବ୍ୟବସାୟୀ ହୋଇପାରିଛନ୍ତି । ସେ 'ଧନ୍ୟ ଧେନୁ' ସଂସ୍ଥା ଗଠନ କରି କ୍ଷୀର ଓ ବିଭିନ୍ନ ଡେଏରି ଉତ୍ପାଦ ବିକ୍ରି କରୁଛନ୍ତି ଓ ଏଥିରୁ ବର୍ଷକୁ ୨ କୋଟି ଟଙ୍କା ଲାଭ ପାଉଛନ୍ତି । ଏହି କାର୍ଯ୍ୟରେ ସେ ଡେରାଡୁନ୍ ଆଖ ପାଖର ୧୫ଟି ଗାଁର ୫୦୦ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି । ବିଶେଷ କରି 'ଧନ୍ୟ ଧେନୁ' ଦ୍ୱାରା ଦୁଗ୍ଧଜାତ ଉତ୍ପାଦ ଯଥା ଘିଅ, ଦହି, ପନିର ସହ ୧୫ ପ୍ରକାର ଆଚାର, କାଣ୍ଡିଜ ଓ ୨୦ ପ୍ରକାର ଆଇସକ୍ରିମ ପ୍ରସ୍ତୁତ ହେଉଛି । ବେଙ୍ଗାଲୁରୁରୁ ଚାକିରି ଛାଡ଼ି ହରିଓମ୍ ୨୦୧୩ରେ ତାଙ୍କ ଗାଁ ବାରକୋଟକୁ ଫେରି ଗୋ ପାଳନ ଆରମ୍ଭ କରିଥିଲେ । ପ୍ରଥମେ ସେ ୧୦ ଗାଈ ରଖି ସ୍ଥାନୀୟ ଅଞ୍ଚଳରେ କ୍ଷୀର ବିକ୍ରି କରୁଥିଲେ । ଏହି ସମୟରେ ସେ ୫୦-୬୦ ଲିଟର କ୍ଷୀର ପାଉଥିଲେ । ପରେ ହରିଓମ୍ ଅଧିକ ଗାଈ ରଖିଲେ ଏବଂ ଏବେ ଡେରାଡୁନ ଓ ଋଷିକେଶରେ ଦିନକୁ ୨୫୦ ଲିଟର କ୍ଷୀର ବିକ୍ରି କରି ୫,୦୦୦ ଟଙ୍କା ଲାଭ ପାଉଛନ୍ତି । ଏହା ବ୍ୟତୀତ ସେ ତାଙ୍କ ଗାଁରେ ଦୁଗ୍ଧସଂଗ୍ରହ କେନ୍ଦ୍ର ପ୍ରତିଷ୍ଠା କରି ସରକାରୀ ସବ୍‌ସିଡିରେ କ୍ଷୀର ସଂଗ୍ରହ ସହ ବିଭିନ୍ନ ଉତ୍ପାଦ ତିଆରି କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଅଗଷ୍ଟ ୧୯୭୫

- ସ୍ୱାଧୀନତା ଦିବସ ଉପଲକ୍ଷେ କଲିକତା ଓ ଭୁବନେଶ୍ୱର ମଧ୍ୟରେ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା ଉଦ୍‌ଘାଟିତ ।
- ବାଂଲାଦେଶରେ ସାମରିକ ବିଦ୍ରୋହ ଘଟି ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ସରକାରକୁ କ୍ଷମତାଚ୍ୟୁତ କରାଯିବା ସଙ୍ଗେ ସଙ୍ଗେ ମୁଜିବଙ୍କୁ ହତ୍ୟା କରାଯାଇଛି ।

## ଚିରନ୍ତନୀ

ତୁମରି ହାସ ହସଇ ମୁହିଁ
କରଇଁ ପ୍ରେମ ଆକାଶ ଭୂଇଁ
ଚାଳଇଁ ପ୍ରିୟ ମଧୁରେ ଆଜି ତୁମରି ଗତି
ବ୍ୟାଜରେ ।
ତୁମରି ପ୍ରେମ ଲଭିବା ଆଶେ
ନିଜକୁ କରେଁ ପ୍ରେମ
ଅଙ୍ଗ ତବ ଲାଗିବ ବୋଲି
ଏ ଦେହ ମଣେ ହେମ ।
-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜ୍ୟରେ ନୂଆ କମ୍ପାନୀ ଖୋଲାଯାଉ

ମହାଶୟ,

ଆମ ରାଜ୍ୟରେ ନୂଆ ନୂଆ କମ୍ପାନୀ ଖୋଲାଯିବା ଉଚିତ । ବିଶେଷକରି ଆଇଟି ବିଭାଗ ଉପରେ ନିଶ୍ଚୟ ଗୁରୁତ୍ୱ ଦିଆଯିବା ଦରକାର । ଆମ ପିଲାମାନେ ସମସ୍ତେ ଏଇଠି ପାଠଶାଠ ପଢ଼ି ଯଥେଷ୍ଟ ଯୋଗ୍ୟତା ହାସଲ କରିବା ସତ୍ତ୍ୱେ ଚାକିରି ପାଇଁ ବାହାର ରାଜ୍ୟକୁ ଯିବାକୁ ପଡୁଛି । ପରିବାର ଛାଡି ବାହାରେ ପିଲାମାନେ ଚାକିରି କରୁଛନ୍ତି ସତ, ମାତ୍ର ସେମାନଙ୍କର ଚଳଣି ତଥା ସ୍ୱାସ୍ଥ୍ୟ ଉପରେ ଯଥେଷ୍ଟ ପ୍ରଭାବ ପଡୁଛି । ଅତି କମ୍ ବୟସରୁ ସ୍ୱାସ୍ଥ୍ୟ ଖରାପ ହେବା ସହିତ ଖାଦ୍ୟ ପେୟର ସାମଞ୍ଜସ୍ୟ ରହୁନାହିଁ । ତା'ଛଡ଼ା ମୁରବୀମାନଙ୍କଠାରୁ ଦୂରରେ ରହିବା ଦ୍ୱାରା ସେମାନେ ନିଜ ସଂସ୍କୃତି ପରମ୍ପରାକୁ ଏକରକମ ପାଶୋରି ଦେଉଛନ୍ତି । ତେଣୁ ଧୀରେ ଧୀରେ ହେଉ ପଛେ ଆମ ରାଜ୍ୟକୁ ନୂଆ ନୂଆ କମ୍ପାନୀ ଆସିବା ଜରୁରୀ । ଓଡ଼ିଶା ବର୍ତ୍ତମାନ ପ୍ରଗତିଶୀଳ, ତେଣୁ ଏସବୁ ଦିଗରେ ଦୃଷ୍ଟି ଦିଆଯାଉ ।

**-ପୁଷ୍ପା ମହାନ୍ତି, ସାଇ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ଦେଶ ହିତ ପାଇଁ ସଂକଳ୍ପ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ

- ନବରଙ୍ଗପୁର ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ
- ପତାକା ଉତ୍ତୋଳନ, ପରେଡ୍ ଅଭିବାଦନ ଗ୍ରହଣକଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ୭୮ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ସଭାମଞ୍ଚରୁ ମୁଖ୍ୟ ଅତିଥି ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ସ୍ମୃତି ଚାରଣ କରିଥିଲେ। ଜାତୀୟ ପତାକା କେବଳ ଆମର ପରିଚୟ ନୁହେ, ଏହା ଆମ ସ୍ୱାଧୀନତାର ପ୍ରତୀକ ବୋଲି ମୁଖ୍ୟ ଅତିଥି ମତ ଦେଇଥିଲେ। ଜନସାଧରଣ ଘରେ ଘରେ ତ୍ରିରଙ୍ଗା ଉଡ଼ାଇ ଦେଶମାତୃକା ଓ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଯେଉଁ ସମ୍ମାନ ପ୍ରଦର୍ଶନ କରିଛନ୍ତି ତାହା ପ୍ରେରଣାଦାୟୀ ବୋଲି କହିଥିଲେ। ନବରଙ୍ଗପୁର ମାଟିର ବରପୁତ୍ର ରାଧାକୃଷ୍ଣ ବିଶ୍ୱାସରାୟ, ସଦାଶିବ ତ୍ରିପାଠୀ, ଲକ୍ଷ୍ମୀଚନ୍ଦ୍ର ଦାସ, ସୋନୁ ମାଝୀ, ବଗା ପୁଝାରୀ, ମାଧବ ସେଠିଆ, ରବି ସିଂ ମାଝୀ, ଜଗନ୍ନାଥ ତ୍ରିପାଠୀ, ମହମ୍ମଦ ବାଜି, ସୀମାଞ୍ଚଳ ବେହେରା, ଚୈତନ୍ୟ ସେଠିଆ, ରାଧାମୋହନ ସାହୁ, ସଦାନନ୍ଦ ମହାନ୍ତି ପ୍ରମୁଖ ଆମର ଚିର ପୂଜ୍ୟ ଓ ନମସ୍ୟ ବୋଲି ମୁଖ ଅତିଥି କହିଥିଲେ। ପାପଡ଼ାହାଣ୍ଡି ତୁରୀ ନଦୀ ଗୁଳିକାଣ୍ଡ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜାତୀୟ ଏକତା ଓ ଅଖଣ୍ଡତା ବଜାଇ ରଖିବା ନିମନ୍ତେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ ଦେଶ ହିତ ପାଇଁ ସଂକଳ୍ପ ନେଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ପାଇଁ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ଅଭିଭାଷଣ ଦେଇଥିଲେ।

ପୋଲିସ, ହୋମଗାର୍ଡଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୭ଟି ଟିମ୍ ପରେଡ୍ ପ୍ରଦର୍ଶନ କରିଥିଲେ। ମନ୍ତ୍ରୀ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରେ ଡା. ଶୁଭାଶିଷ ସାହୁ, ନର୍ସିଂ ଅଫିସର ବିଷ୍ଣୁପ୍ରିୟା ପ୍ରଧାନ, ସ୍ୱାସ୍ଥ୍ୟ ସେବିକା କାମିନୀ କୁମାରୀ ମହାନ୍ତି, ଆଶା ପ୍ରମିଳା ଲମତା, ଚାଷୀ ସୁଶାନ୍ତ କୁମାର ରଥ, ବୁବୁନ ଭତ୍ରା, ଗୌରହରି ନାୟକ, ଅଙ୍ଗନୱାଡି କର୍ମୀ କୈବର୍ତ୍ତ ଦେଇ, ମହିଳା ସୁପରଭାଇଜର ସରିତା ଜେନା, ସଙ୍ଗୀତା ରଥ, ସିଡିପିଓ ଗୀତାଞ୍ଜଳି ମିଶ୍ର, ନବରଙ୍ଗପୁର ପୌରପାଳିକା ସଫେଇ କର୍ମଚାରୀ ବାସନ୍ତୀ ନାୟକ, ରାମଲାଲ ହରିଜନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପରେଡ୍ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ଓ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଦଳଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ(ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦର ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ଭୁଜବଳ ମାଝି, ପୌରାଧ୍ୟକ୍ଷ କୁନୁ ନାୟକ, ପିଏ ଆଇଟିଡିଏ ରାଜୀବ ସାହୁ, ସିଡିଏମ୍ଓ ଡା. ମଳୟ ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ଜଳ ବିଭାଜିକା ପ୍ରକଳ୍ପ ପିଡି ଚକ୍ରଧର ମିଶ୍ର, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ ଦାସ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ,ବରିଷ୍ଠ ନାଗରିକ, ଶିକ୍ଷୟିତ୍ରୀ ଶିକ୍ଷକ,ଛାତ୍ରୀଛାତ୍ର, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ଖବରଦାତା ପ୍ରମୁଖ ଯୋଗଦେଇଥିଲେ।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅଭିଭାଷଣ ଦେଇଛନ୍ତି।

# ଶୋଭାଯାତ୍ରାରେ ସାମିଲହେଲେ, ସମସ୍ୟା ଶୁଣିଲେ

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ୨ଦିନିଆ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)

କ୍ରୀଡ଼ା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ୨ ଦିନିଆ ନବରଙ୍ଗପୁର ଗସ୍ତ ସାରି ଫେରିଛନ୍ତି। ଏହି ସମୟରେ ସେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲହେବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ଭେଟିଥିଲେ।

ନବରଙ୍ଗପୁର ଗସ୍ତର ପ୍ରଥମ ଦିନ ଗୁରୁବାରରେ ସ୍ଥାନୀୟ ଇନ୍ଦ୍ରାବତୀ ନଦୀରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସାମିଲ ହୋଇଥିଲେ। ଶୁକ୍ରବାର ଗସ୍ତର ଦ୍ୱିତୀୟ ଦିନରେ ନବରଙ୍ଗପୁରସ୍ଥିତ ବ୍ରିଟିଶ ଅମଳର ପୁରୁଣା ଜେଲ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଶହୀଦ ପରିବାର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ଭେଟିଥିଲେ। ଜେଲକୁ ପୁନରୁଦ୍ଧାରକରି ଜାତୀୟ ସ୍ମାରକୀ ମାନ୍ୟତା ଦେବାକୁ ସେମାନେ ମନ୍ତ୍ରୀଙ୍କୁ ଦାବି କରିଥିଲେ। ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ ମାଁ ଭଣ୍ଡାରଘରଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଟେଲିଆମ୍ବଗୁଡ଼ାସ୍ଥିତ ଡିଗ୍ରୀ କଲେଜ ଓ ନବରଙ୍ଗପୁର ବିନୋଦ ବିହାରୀ କଲେଜକୁ ଯାଇଥିଲେ। ମହାବିଦ୍ୟାଳୟର ବିଜ୍ଞାନ ଭବନ ପରିସରରେ ଚାରାରୋପଣ କରିଥିଲେ। ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୌରାଧ୍ୟକ୍ଷ କୁନୁ ନାୟକ, ନବରଙ୍ଗପୁର ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ(ସାଧାରଣ), ଇତିହାସ ବିଭାଗ ମୁଖ୍ୟ ସଙ୍ଗୀତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବା ଏବଂ ସବୁ ବିଷୟରେ ରେଗୁଲାର ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବାକୁ ଏମ୍‌ପି ମନ୍ତ୍ରୀଙ୍କୁ କହିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ସୁଦ୍ଧା ନବରଙ୍ଗପୁରକୁ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠରେ ପହଞ୍ଚାଇବା ଲକ୍ଷ୍ୟ ପୂରଣ ନେଇ ଦୃଢ଼ ସଂକଳ୍ପର ସହ କାମ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ସଙ୍ଗୀତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ଦିଲୀପ କୁମାର ହୋତା ଉପସ୍ଥିତ ଥିଲେ।

କଲେଜର ବିଭିନ୍ନ ସମସ୍ୟା ସମ୍ବଳିତ ଏକ ସ୍ମାରକପତ୍ର ଛାତ୍ରୀଛାତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ନବରଙ୍ଗପୁର ଧାରଣାବେଡ଼ାରେ ଏକ ନୂତନ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନେଇ ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀ ପାପଡ଼ାହାଣ୍ଡିସ୍ଥିତ ଶହୀଦ ସ୍ମାରକୀ ପରିଦର୍ଶନରେ ଯାଇଥିଲେ। ସେଠାରେ ଶହୀଦଙ୍କ ସ୍ମୃତି ସନ୍ତକ ଥିବା ଅଖ,ଚକ, ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଶହୀଦ ପରିବାରଙ୍କ ଦାୟାଦଙ୍କୁ ପେନ୍‌ସନ ବ୍ୟବସ୍ଥା କରାଯାଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ନବରଙ୍ଗପୁର ସର୍କିଟ ହାଉସ୍‌ରେ ଖବରଦାତା ସମ୍ମିଳନୀକରି ଗସ୍ତ ସମ୍ପର୍କରେ ସୂଚନା ଦେଇ ତାହା ସଫଳ ହୋଇଛି ବୋଲି ମନ୍ତ୍ରୀ କହି ସେଠାରୁ ଭୁବନେଶ୍ୱର ଫେରି ଯାଇଥିଲେ।



ନବରଙ୍ଗପୁର ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ପୁରସ୍କାର ବିତରଣ ଉତ୍ସବ

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)

ସ୍ୱାଧୀନତା ଦିବସରେ ଗୁରୁବାର ସନ୍ଧ୍ୟାରେ ସାଇ କଲ୍ୟାଣ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରେଶମ ଲାଲ ନାୟକ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆର୍‌ଓ ହଳଧର ନିଆଲ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଦିଲୀପ ମଲ୍ଲିକ, ବନମାଳୀ ଗୋଛି, ଆତ୍ମପ୍ରକାଶ ସାହୁ, ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝୀ, ଏ. ସନ୍ତୋଷ ସହଯୋଗ କରିଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଡାବୁଗାଁ ସିଏଚ୍‌ସି ଭାରପ୍ରାପ୍ତ ଚିକିତ୍ସାଧିକାରୀ ସମ୍ମାନିତ



ଡାବୁଗାଁ, ୧୬।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ସମ୍ମାନିତ ହୋଇଛନ୍ତି। ସ୍ୱାସ୍ଥ୍ୟକ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାରେ ତାଙ୍କର ପ୍ରୟାସ ଓ ଦକ୍ଷତା ପ୍ରଶଂସନୀୟ। ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ସ୍ୱାସ୍ଥ୍ୟ ସୂଚକାଙ୍କରେ ଉନ୍ନତି ଆଣିବା ଦିଗରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ କହିଛନ୍ତି।

### ଅଟଳ ବିହାରୀ ବାଜପାୟୀଙ୍କ ପୁଣ୍ୟତିଥି

ଚନ୍ଦାହାଣ୍ଡି, ୧୬।୮(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁରେ ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ଅଟଳବିହାରୀ ବାଜପାୟୀଙ୍କ ପୁଣ୍ୟତିଥି ପାଳିତ ହୋଇଛି। ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ଶ୍ୟାମସୁନ୍ଦର ମାଝୀ ମୁଖ୍ୟ ଅତିଥି, ଅକାଲୁ ଚରଣ ଜାଲି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଭରତ ବାଘ, ମାଲଗାଁ ପଞ୍ଚାୟତ ସଭାପତି ନେପାଳ ଗୌଡ଼ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପଦୁ ଗୌଡ଼, କୃଷ୍ଣଚନ୍ଦ୍ର ଗୌଡ଼, ହରେରାମ ଗୋପାଳ, ଜଗତ ରାମ ଗୌଡ଼, ବେଣୁଧର ଗୌଡ଼, କଂସ ମାଝୀ ପ୍ରମୁଖ କାର୍ଯକର୍ତ୍ତା ଯୋଗ ଦେଇଥିଲେ।

# ମନ୍ତ୍ରୀଙ୍କ ସମ୍ମୁଖରେ ମଞ୍ଚ ତଳେ ଖବରଦାତାଙ୍କ ଧାରଣା

## ଦୁର୍ବ୍ୟବହାର ଅଭିଯୋଗ

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)

ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ନବରଙ୍ଗପୁର ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଏଠାରେ ଦୁର୍ବ୍ୟବହାର ଅଭିଯୋଗରେ ଖବରଦାତାମାନେ ଧାରଣା ଦେଇଥିଲେ।

ମୁଖ୍ୟ ଅତିଥି କୃଷ୍ଣଚନ୍ଦ୍ର ପାତ୍ର ଆସିବା ଓ ପତାକା ଉତ୍ତୋଳନ ପୂର୍ବରୁ ଷ୍ଟାଡିୟମ ଭିତରକୁ ଛଡ଼ାଯିବା ପାଇଁ ରହିଥିବା ଫାଟକ ନିକଟରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିଲେ। ସାଧାରଣ ଲୋକ, କର୍ମଚାରୀ ଓ ଚିହ୍ନାଜଣା ଲୋକଙ୍କୁ ଭିଆଇପି ଗ୍ୟାଲେରି ରାସ୍ତା ଆଡ଼କୁ ଜଗିଥିବା ପୋଲିସ କର୍ମଚାରୀ ଛାଡ଼ିଥିଲେ ମଧ୍ୟ ଖବରଦାତାଙ୍କ ଉପରେ କଟକଣା ଲଗାଇଥିଲେ। ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର ଖବରଦାତାଙ୍କୁ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଯାଞ୍ଚ ଫାଟକ ନିକଟରେ ଥିବା ପୋଲିସ ଅଧିକାରୀ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଖବରଦାତାମାନେ ପ୍ରତିବାଦ କରିଥିଲେ। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ଓ ପରେଡ୍ ପ୍ରଦର୍ଶନ ପରେ ଖବରଦାତାମାନେ ଦୁର୍ବ୍ୟବହାର କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଧାରଣାରେ ବସିଥିଲେ। ମନ୍ତ୍ରୀ ପାତ୍ର ଘଟଣାର ତଦନ୍ତ ହେବ ବୋଲି କହିଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ କାର୍ଯ୍ୟକ୍ରମ ସରିବା ପରେ ଆଲୋଚନା କରିବା କହି ଧାରଣାରୁ ଉଠିବାକୁ ଖବରଦାତାଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ଶୁଭଙ୍କର ମହାପାତ୍ର, ଏସ୍‌ପି ରୋହିତ ବର୍ମା କ୍ଷମା ପ୍ରାର୍ଥନା କରିବା ପରେ ଖବରଦାତାମାନେ ଧାରଣାରୁ ହଟିଥିଲେ। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ବର୍ମା ଓ ଥାନାଧିକାରୀ ସମ୍ବିତ ବେହେରା କହିଥିଲେ।

# ୨୨୬ଙ୍କୁ ବ୍ୟକ୍ତିଗତ, ୩ ଗାଁକୁ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା


ଝରିଗାଁରେ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉଛି।

ଝରିଗାଁ, ୧୬।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ମୋ ଜଙ୍ଗଲ ଜମି ଯୋଜନାରେ ପଟ୍ଟା ପ୍ରଦାନ କରାଯାଇଛି। ଝରିଗାଁରେ ଅନୁଷ୍ଠିତ ପଟ୍ଟା ବଣ୍ଟନ ଉତ୍ସବରେ ବିଧାୟକ ନରସିଂହ ଭତ୍ରା ଏବଂ ତହସିଲଦାର ଶଙ୍କର ପଟ୍ଟନାୟକ ବ୍ଲକ୍‌ର ୨୨୬ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ଚଟାଆମ୍ବ ଗ୍ରାମର ୪୧, ଚକଲାପଦରର ୩୪, ବାହାରକରମରୀର ୨୫, ଚଟୁପକନାର ୨୪, ମୁଣ୍ଡଖାଉଗୁଡା ୨୩, ସିନ୍ଧିକାଗୁଡ଼ାର ୬ ଏବଂ ସଣ୍ଡସା ଗ୍ରାମର ୬୪ ଜଣଙ୍କୁ ପଟ୍ଟା ଦିଆଯାଇଛି। ଜିଲାସ୍ତରରେ ଖାଦ୍ୟ ଓ ଯୋଗାଣ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ଶୁଭଙ୍କର ମହାପାତ୍ର, ପିଏ ଆଇଟିଡିଏ ରାଜୀବ ସାହୁଙ୍କ ଉପସ୍ଥିତିରେ ଝରିଗାଁ ବ୍ଲକ୍‌ର ନାଙ୍ଗଗୁଡ଼ାରେ ୧୩୯, ବରାଗୁଡ଼ା ଗ୍ରାମରେ ୫୪ ଏବଂ ପଲସଗାଁରେ ୫୨ ହେକ୍ଟର ଜଙ୍ଗଲ ଜମିରେ ଗୋଷ୍ଠୀଗତ ପଟ୍ଟା ପ୍ରଦାନ କରାଯାଇଛି। ଏହି ଯୋଜନାରେ ଜନଜାତିଙ୍କ ସ୍ଥାୟୀ ଜୀବିକା ସୃଷ୍ଟି ନେଇ ପଦକ୍ଷେପ ଗ୍ରହଣ କରାଯିବ। ଯେଉଁ ଜଙ୍ଗଲ ଗାଁଗୁଡ଼ିକ ସର୍ଭେ ହୋଇ ନ ଥିବ ସେଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ। ଜନଜାତିଙ୍କ ସମସ୍ତ ପ୍ରକାରର ବିକାଶମୂଳକ କାର୍ଯ୍ୟ ସାଧିତ ହୋଇପାରିବ।


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SUBARNAREKHA IRRIGATION DIVISION NO.-II
At/P.O.: Deuli, Dist.: Mayurbhanj, PIN - 757021
No. A-229 Mail Id: ee.sid2.deuli@gmail.com
Government of Odisha "e" PROCUREMENT NOTICE
Bid Identification No. 04/2024-25 of S.E., S.I. Division No.-II, Deuli

| | | |
|---|---|---|
| 1 | Name of Work | "Construction of Black Top Road from Pre-Existing Betnata - Keutunimari Road Connecting Kuabuda-Chandua Road". |
| 2 | Estimated Cost for put to tender | Rs.86.57 Lakh |
| 3 | Bid Security/E.M.D. | Rs.87,000/- |
| 4 | Period of Completion | 04 (Four) Calendar Months |
| 5 | Class of Contractor | "B" Class |
| 6 | Date & Time of availability of bid document in the portal | 20.08.2024 at 10.00 A.M. |
| 7 | Last date/time for receipt of bid in the portal | 05.09.2024 upto 5.00 P.M. |
| 8 | Opening of Technical Bid | 06.09.2024 at 11.00 A.M. |
| 9 | Name & Address of the O.I.T. | Superintending Engineer, Subarnarekha Irrigation Division No.-II, Deuli |

Further details can be seen from the e-Procurement Portal "https://tendersodisha.gov.in".
Sd./- Superintending Engineer
S.I. Division No. II, Deuli
OIPR-32187/11/0004/2425

BHUBANESWAR DEVELOPMENT AUTHORITY
AKASH SHOVA BUILDING, SACHIVALAYA MARG, BHUBANESWAR - 751001
PABX No. 0674-2392801/0998/6437, FAX No. 0674-2390633/085
Visit us at: http://www.bda.gov.in/
INVITATION FOR BIDS
Bid Identification No. 812/EM/BDA/2024-25 Date: 14.08.24
No. CAD-858: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in Double Cover System in ONLINE MODE from eligible contractors for civil works as mentioned below.
1. Nature of works : Redevelopment of Cremation Ground at Bhubaneswar
2. Total No. of works : 04 (Four) Nos.
3. Amount put to tender & Class of Contractor : i. Rs.2.65 Crore, Class of Contractor - 'B' & 'A' ii. Rs.2.33 Crore, Class of Contractor - 'B' & 'A' iii. Rs.5.22 Crore, Class of Contractor - 'A' iv. Rs.3.47 Crore, Class of Contractor - 'A'
4. Period of Completion : a) 06 (Six) Calendar Months for works at Sl. 3(i), 3(ii) & 3(iv) b) 9 (Nine) Calendar Months for work at 3(iii)
5. Cost of Bid documents : Rs.10,000.00 + 18% GST = Rs.11,800.00 (Online transfer by the last date & time for receipt of bids)
6. Earnest Money Deposit (EMD) : 1% of estimated cost put to tender (Online transfer by the last date & time for receipt of bids)
7. Availability of Tender : From 21.08.2024 to 5.30 P.M. of 04.09.2024 https://tendersodisha.gov.in.
8. Date of opening of tender : Dt.05.09.2024 at 11.30 A.M.
9. Place of opening of tender : O/o. Engineer Member, BDA, Bhubaneswar
Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website.
Sd./- Engineer Member, BDA, Bhubaneswar
OIPR-13033/11/0117/2425

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

NEED
ITI FRESHER / EXPERIENCED
FOR DG SET WORK.
APPLY TO
ELECTRODYNAMIC, UTTARMUNDA MUHAN, KHORDHA, ODISHA - 752054.
Email : hod.edbbs@gmail.com

ରୋଷେୟା/ଡ୍ରାଇଭର ଆବଶ୍ୟକ
ଘରୋଇ ରୋଷେଇ କାର୍ଯ୍ୟ ପାଇଁ ଅଭିଜ୍ଞ ମହିଳା ରୋଷେୟା, ପୁରୁଷ ସହାୟକ ଓ ଡ୍ରାଇଭର ଆବଶ୍ୟକ।
ସ୍ଥାନ – ପଟିଆ, ଭୁବନେଶ୍ୱର
(ରହିବା, ଖାଇବା ସୁବିଧା ଉପଲବ୍ଧ)
ଯୋଗାଯୋଗ – 8917676698

See Career Appointment on every Wednesday & Saturday

WANTED
1. Online Order & Social Media Handler
2. Cutting Master for Garment Factory.
(Experience 5-15 yrs in relevant industry)
CALL : 7008553674
Location: YAMINI, Ghatikia, Bhubaneswar
(Note: Local preferred)

ଆବଶ୍ୟକ
ଟେଲିକଲର୍ 5 | ଫିଲ୍ଡ ଏକ୍‌ଜିକ୍ୟୁଟିଭ୍ 5
ବିଡିଏମ୍ 5 | କମ୍ପ୍ୟୁଟର ଅପରେଟର 5
ସବୁ ପଦବୀ ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ
ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ଆବେଦନ କରିପାରିବେ
ସାକ୍ଷାତକାର ତାରିଖ: 18 ଅଗଷ୍ଟରୁ 27 ଅଗଷ୍ଟ
ଯୋଗାଯୋଗ ନଂ.- 7008039082 | ଇମେଲ୍ ଆଇଡି- ambitionconsultancy2024@gmail.com
ଠିକଣା: ପ୍ଲଟ୍ ନଂ.191, ଖାରବେଳ ନଗର, ୟୁନିଟ୍-3 (ଜିବିପି ବିଜ୍‌ନେସ୍ ସେଣ୍ଟର, 4ର୍ଥ ମହଲା), ପୋଷ୍ଟ ଅଫିସ୍- ଖାରବେଳ ନଗର, ଭୁବନେଶ୍ୱର, ଓଡ଼ିଶା

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल दुमका।
शुद्धि–पत्र
एतद् द्वारा सूचित किया जाता है कि निविदा संख्या–07/2024-25/RWD/EE/DUMKA, (PR No.-332757) दिनांक– 13.08.2024 में आंशिक संशोधन किया जाता है, जो निम्नरूपेण है :–
1. वेबसाईट में निविदा प्रकाशन की तिथि 17.08.2024 के स्थान पर तिथि 22.08.2024 पढ़ा जाए।
2. ई–निविदा प्राप्ति की अंतिम तिथि 27.08.2024 एवं समय अपराह्न 5:00 बजे के स्थान पर तिथि 02.09.2024 अपराह्न 5:00 बजे पढ़ा जाए।
3. निविदा खोलने की तिथि 29.08.2024 एवं समय पूर्वाह्न 11:30 बजे के स्थान पर तिथि 04.09.2024 पूर्वाह्न 11:30 बजे पढ़ा जाए।
शेष सभी शर्तें यथावत रहेंगी।
कार्यपालक अभियंता, ग्रामीण कार्य विभाग, कार्य प्रमंडल दुमका।
PR 332907 Rural Work Department(24-25)D

कार्यपालक अभियंता का कार्यालय
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
अति अल्पकालीन ई–निविदा आमंत्रण सूचना
ई– निविदा सूचना संख्या – RDD/SD/CHAIBASA/03/2024-25(2nd Call)
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | चाईबासा जिला के सोनुवा प्रखण्ड अन्तर्गत ग्राम शशिकला एवं बाराबीर के बीच संजय नदी पर पुल निर्माण। | 45160000.00 | 904000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 21.08.2024
3. ई–निविदा प्राप्ति की तिथि एवं समय–दिनांक 21.08.2024 से दिनांक 28.08.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –30.08.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10 निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
ह०/–
कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
PR 332905 West Singhbhum(24-25)#D

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ, ଗୋପାଳପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ୟୁକୋ ବ୍ୟାଙ୍କ, ଗୋପାଳପୁର ଶାଖା ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଗୋପାଳପୁର ଶାଖା / ଋଣଗ୍ରହୀତା/ କୋ-ଆପ୍ଲିକାଣ୍ଟଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ସୁନିତା ପଣ୍ଡା, ସ୍ୱାମୀ: ଶ୍ରୀ ତାପସ କୁମାର ପାଣିଗ୍ରାହୀ / କୋ-ଆପ୍ଲିକାଣ୍ଟ: ଶ୍ରୀ ତାପସ କୁମାର ପାଣିଗ୍ରାହୀ, ଉଭୟଙ୍କ ଠିକଣା- ସା: ୫ମ ଲେନ୍, ସ୍ପେକ୍‌ଟ୍ରମ୍ କଲୋନୀ, ଗାନ୍ଧୀ ନଗର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ - ୭୬୧୦୦୧ | ତା. ୨୦.୦୫.୨୦୨୪ରିଖ ସୁଦ୍ଧା ଟ.୧୩,୮୯,୮୧୭.୮୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୫.୨୦୨୪ / ୧୪.୦୮.୨୦୨୪ | ଶ୍ରୀମତୀ ସୁନିତା ପଣ୍ଡାଙ୍କ ନାମରେ ସରୋବର ଆପାର୍ଟମେଣ୍ଟର ତଳ ମହଲାରେ ଥିବା ବାସୋପଯୋଗୀ ଫ୍ଲାଟ୍ ଯାହାର ନଂ.: ଜି୧ ଏବଂ ଜି୨, ପରିମିତ କ୍ଷେତ୍ର: ୧୪୫୨ ବର୍ଗଫୁଟ (୬୫୯ ବର୍ଗଫୁଟ ଏବଂ ୭୯୩ ବର୍ଗଫୁଟ), ସ୍ପେକ୍‌ଟ୍ରମ୍ କଲୋନୀ, ଗାନ୍ଧୀ ନଗର, ବ୍ରହ୍ମପୁର - ୭୬୧୦୦୧, ଖାତା ନଂ.: ୧୮୪/୪୧୯, ପ୍ଲଟ୍ ନଂ.: ୨୬୦/ |

୨୮୨୦, କିସମ: ଘରବାରୀ, କ୍ଷେତ୍ର: ଏକର ୦.୧୧୯ ଡିସିମିଲି ଏବଂ ଖାତା ନଂ.: ୧୮୨, ପ୍ଲଟ୍ ନଂ.: ୨୫୯, କିସମ: ପତିତ, କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଗ୍ରାମ: ବିଜିପୁର, ମୌଜା: ନୀଳକଣ୍ଠପୁର, ଜିଲ୍ଲା: ଗଞ୍ଜାମ, ଜି୧ ଫ୍ଲାଟ୍‌ର ଚାରିପାର୍ଶ୍ୱରେ ଉତ୍ତର: କରିଡର, ପୂର୍ବ: ପାହାଚ ଏବଂ ସେଟ୍‌ବ୍ୟାକ୍, ଦକ୍ଷିଣ: ସେଟ୍‌ବ୍ୟାକ୍, ପଶ୍ଚିମ: ସେଟ୍‌ବ୍ୟାକ୍
ସ୍ଥାନ: ଭୁବନେଶ୍ୱର
ତାରିଖ : ୧୬.୦୮.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**ସଂକ୍ଷେପରେ**

## କାନଫୁଲ ଚୋରି ଘଟଣା, ଯୁବତୀ ଯୁବକ ଗିରଫ

ଗୁଣପୁର,୧୬।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଏବଂ ଗୁଡାରୀ ଥାନା ଅଧୀନରେ ୩ଟି ଚୋରି ଘଟଣାରେ ପୋଲିସ ଦୁଇ ଯୁବତୀ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁଣପୁର ଥାନା ଅଧୀନ ଉକୁମ୍ବା ଗ୍ରାମର କ୍ରିନ୍ତା ସାହୁ(୨୫) ଏବଂ ପଦ୍ମପୁର ଥାନା ଅଧୀନ ଖମ୍ବାରିଗୁଡା ଗ୍ରାମର ଲିଲି ଦୁର୍ଗା( ୨୪) । ସେମାନେ ବିଭିନ୍ନ ସମୟରେ ମହିଳାଙ୍କଠାରୁ ଜୋର ଜବରଦସ୍ତି କାନଫୁଲ ସହ ଅନ୍ୟ ଅଳଙ୍କାର ଝାମ୍ପି ନେଉଥିଲେ। ଜୁଲାଇ ୨୮ରେ ଦୁଇ ଅଭିଯୁକ୍ତ ଗୁଣପୁର ଥାନା ଅଧୀନ ଗଇଗୁଡା ଗ୍ରାମକୁ ଯାଇ ଜଣେ ବୃଦ୍ଧାଙ୍କ କାନ ଫୁଲ ଟାଣି ନେଇଥିଲେ। ଚଳିତ ମାସ ୧୨ରେ ଡେରିଙ୍ଗାଗୁଡା ଛକଠାରେ ଜଣେ ବୃଦ୍ଧାଙ୍କଠାରୁ କାନଫୁଲ ଝାମ୍ପି ନେଇଥିଲେ। ସେହିପରି ଜୁଲାଇ ୨୨ରେ ଗୁଣପୁର ସହରର ବିକ୍ରମପୁରସ୍ଥିତ ବନ୍ୟାବାତ୍ୟା ଆଶ୍ରୟସ୍ଥଳୀଠାରେ ଜଣେ ବୃଦ୍ଧା କ୍ଷୀର ଧରି ଆସୁଥିବାବେଳେ ତାଙ୍କୁ ଅଟକାଇ କାନ କାଟି କାନଫୁଲ ଲୁଟି ନେଇଯାଇଥିଲେ। ଏହିପରି ୩ଟି ଘଟଣାରେ ପୋଲିସ ସେମାନଙ୍କୁ ଗିରଫ କରିଥିବା ଗୁଣପୁର ଆଇଆଇସି ଉତ୍ତମ କୁମାର ସାହୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨ ଯୋଡା କାନଫୁଲ, ଏକ ହଜାର ଟଙ୍କା, ଗୋଟିଏ ମୋବାଇଲ ଏବଂ ଗୋଟିଏ ବାଇକ ଜବତ କରିଛି। ସେମାନେ ଡେରିଙ୍ଗାଗୁଡା ଗ୍ରାମରେ ଜଣେ ମହିଳା ମାଣିକ ଶବରଙ୍କଠାରୁ ସୁନା ଲୁଟ କରି ଫେରାର ହେଉଥିବାବେଳେ ସାରୁପାଡୁ ଗ୍ରାମର ଲୋକେ ଦୁଇ ଜଣଙ୍କୁ ଧରି ଗୁଡାରି ଥାନାରେ ଜିମା ଦେଇଥିଲେ।

## ବାର୍ ଆସୋସିଏଶନ ନୂତନ ଗୃହ ଉଦ୍‌ଘାଟିତ

ମୁନିଗୁଡ଼ା,୧୬।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଅସ୍ଥାୟୀ ଗୃହ ପରିସରରେ ବାର ଆସୋସିଏଶନର ନୂତନ ଗୃହ ଉଦଘାଟିତ ହୋଇଯାଇଛି। ବାର୍ ଆସୋସିଏଶନ ସଭାପତି ବୃନ୍ଦାବନ ଗୌଡ଼ ଓ ସମ୍ପାଦକ ମନୋଜ କୁମାର ଚୌଧୁରୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଅଭିନନ୍ଦନ ରାୟ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ପରେ ସମସ୍ତ ଆଇନଜୀବୀ ଏକତ୍ରିତ ହୋଇ ଏହି ନୂତନ ଗୃହକୁ ଠିକ ବିନିଯୋଗ କରି କ୍ଲାଏଣ୍ଟମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁନିଗୁଡ଼ା ବାର ଆସୋସିଏଶନ ଉପ




ସଭାପତି କେଶବ ସାହୁ, ସହ ସମ୍ପାଦକ ମନୋଜ କୁମାର ସେଠି, କୋଷାଧକ୍ଷ ଭାସ୍କର ନିଶଙ୍କ, ଆଇନଜୀବୀ ରାଧାରମଣ ଦାସ,ପାର୍ଥସାରଥୀ ଗୌଡ଼, ଭବାନୀ ଶଙ୍କର ସେନାପତି, ପ୍ରଦୀପ କୁମାର ପାଢ଼ୀ,ଦାମୋଦର ମହାପାତ୍ର, ସୁଧୀର ଚିଉଆନ, ଦୁର୍ଯ୍ୟୋଧନ ବେହେରା, ଭବାନୀ କୁନ୍ତୁକା ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

## ୭୩ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବାଣ୍ଟିଲେ ବିଧାୟକ



ବିଷମକଟକ,୧୬।୮ (ପ୍ରସନ୍ନ କୁମାର ପଣ୍ଡା)

ସ୍ୱାଧୀନତା ଦିବସ ଅବସରରେ ବିଷମକଟକ ବିଧାୟକ ନୀଳମାଧବ ହିକକା ହିତାଧିକାରୀଙ୍କୁ ମୋ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରିଛନ୍ତି । ବିଷମକଟକ ତହସିଲ ଅନ୍ତର୍ଗତ ସାନ କିରିବିରି ମୌଜାର ବରା ଗ୍ରାମର ୩୦, ଡୁକୁମ ପାଞ୍ଚାୟତ ଅନ୍ତର୍ଗତ ବଣ୍ଡୀଛୁଆ ଗ୍ରାମର ୮, ବେରଡାଙ୍ଗପଦର ଗ୍ରାମର ୧୭, ନନ୍ଦୀ ଗ୍ରାମର ୧୮ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଛନ୍ତି। ସମୁଦାୟ ୭୩ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଷମ କଟକ ତହସିଲଦାର କେ. ଭେଙ୍କଟେଶ୍ୱର, ଡବ୍ଲୁଇଓ ଶୁଭପ୍ରଦା ସାସମଲ, ଜଙ୍ଗଲ ଜମି ସଂଯୋଜକ ମନୋରଞ୍ଜନ ବାଘ, ବିଷମକଟକ ସରପଞ୍ଚ ନମିତା କୁଲେସିକା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ବିଷମକଟକ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ରାସ୍ତାକଡ଼ରୁ ଜବରଦଖଲ, ପାର୍କିଂ ହଟାଇବାକୁ ନିଷ୍ପତ୍ତି



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ରାୟଗଡ଼ା,୧୬।୮ (ଆଶିଷ ରଞ୍ଜନ ପଣ୍ଡା)

**ଜିଲା ସଡ଼କ ସୁରକ୍ଷା ବୈଠକ**
- ଜିଲାରେ ୭ ମାସରେ ୧୩୭ ଦୁର୍ଘଟଣା: ୬୯ ଜଣଙ୍କ ମୃତ୍ୟୁ
- ବ୍ଲାକ୍ ସ୍ପଟ୍ ଚିହ୍ନଟ ସ୍ଥାନରେ ଅଧିକ ସତର୍କ ଚିହ୍ନ ରଖିବାକୁ ନିର୍ଦ୍ଦେଶ

ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲା ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଆୟୋଜିତ ବୈଠକରେ ଦୁର୍ଘଟଣା ରୋକିବା ଓ ରାସ୍ତାକଡ଼ରୁ ଜବରଦଖଲ ହଟାଇବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟତଃ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ କୌଣସି ପ୍ରକାର ପାର୍କିଂ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ରହିବ ନାହିଁ। ପୋଲିସ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ମିଳିତ ଭାବେ ଅନୁଧ୍ୟାନକରି ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ ପାରୁଲ। ସମଗ୍ର ଜିଲାରେ ଗତ ୭ ମାସ ମଧ୍ୟରେ ୧୩୭ଟି ଦୁର୍ଘଟଣା ଘଟି ୬୯ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ।

ସେହିଭଳି ରାୟଗଡ଼ା ସହର ଭିତରେ ଶୋଚନୀୟ ଅବସ୍ଥାରେ ଥିବା ଏକମାତ୍ର ଫ୍ଲାଏଓଭର ମରାମତି କରିବା ପାଇଁ ଜାତୀୟ ରାଜପଥ ବିଭାଗକୁ କହିଥିଲେ। ରାଜପଥରେ ବ୍ଲାକ୍ ସ୍ପଟ୍ ଚିହ୍ନଟ ହୋଇଥିବା ଗୁମ୍ମା ଘାଟି, ଭାଗୁଡିଘାଟି, ଫୁଲକଣା, ଦେବଦଳା ଓ ଭୁଜବଳ ବୁଲାଣିରେ ଅଧିକ ସତର୍କ ଚିହ୍ନ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ରାୟଗଡ଼ା ସହର ଓ ଏହାର ଉପକଣ୍ଠରେ ୩ ଦିନ ଏବଂ ଗୁଣପୁର ଓ ଗୁଡ଼ାରି ସହରରେ ୩ ଦିନ ବାଇକ ଯାଞ୍ଚ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା । ମୁଖ୍ୟତଃ ନାବାଳକ ଓ ନାବାଳିକାମାନେ ବାଇକ୍ ଚଳାଇବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ସହ ଦୁର୍ଘଟଣା କମାଇବା ଏହାର ଲକ୍ଷ୍ୟ ବୋଲି ସୂଚନା ମିଳିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଉପଜିଲାପାଳ କିରଣଦୀପ କୌର ସାହୋଟା, ଆଞ୍ଚଳିକ ପରିବହନ ଅଧିକାରୀ ଶିବପ୍ରସାଦ ଚୌଧୁରୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ସଭ୍ୟ ଶକ୍ତି ପ୍ରସାଦ ପାଣିଗ୍ରାହୀ, ଗୋପ ରଞ୍ଜନ ବକ୍ସିପାତ୍ର, ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କଲ୍ୟାଣସିଂହପୁର ଚୋରି ମାମଲା, ୨ ଗିରଫ

ରାୟଗଡ଼ା,୧୬।୮ (ଆଶିଷ ରଞ୍ଜନ ପଣ୍ଡା)

ଏକ ଚୋରି ମାମଲା ପର୍ଦ୍ଦାଫାଶ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି କଲ୍ୟାଣସିଂହପୁର ପୋଲିସ। ଗିରଫ ୨ ଅଭିଯୁକ୍ତ ହେଲେ କାଶୀପୁର ଥାନା ବଡ଼ମାରିଭିଙ୍ଗା ଗ୍ରାମର ଅଭିରାମ ନାଏକ (୧୯) ଓ ମୀନାଖୁଣ୍ଟି ଗ୍ରାମର ହେମନ୍ତ ନାଏକ (୧୯) । ଚୋରି ମାମଲାରେ ଜଡ଼ିତ ଥିବା ଜଣେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି । ଦୁର୍ବୃତ୍ତଙ୍କଠାରୁ ଏକ ବୋଲେରୋ, ୧ ବାଇକ, ୧୧ଟି ଗ୍ୟାସ୍ ସିଲିଣ୍ଡର,୨ଟି ଓଜନ ମାପ ମେସିନ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଶୁକ୍ରବାର କଲ୍ୟାଣସିଂହପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ।

ଘଟଣାରୁ ପ୍ରକାଶ, କଲ୍ୟାଣସିଂହପୁର ଥାନା କୁମ୍ଭାରସାହିର ଲାଡି ସନ୍ତୋଷ କୁମାର ୭ ତାରିଖ ବିଳମ୍ବିତ ରାତିରେ ତାଙ୍କ ଗ୍ରୋସେରି ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ଥାନା ଆଇଆଇସି କେସ୍ ନଂ. ୮୭ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ। ୨ ଯୁବକ ଓ ଜଣେ ନାବାଳକ ଏହି କାଣ୍ଡ ଭିଆଇଥିବା ପୋଲିସ ଜାଣିବାକୁ ପାଇଥିଲା । ଉକ୍ତ ଅଭିଯୁକ୍ତଙ୍କ ନାଁରେ ବିଷମକଟକ ଥାନାରେ କେସ୍ ନଂ. ୧୩୮, ଲକ୍ଷ୍ମୀପୁର ଥାନାରେ କେସ୍ ନଂ. ୧୧୫ ଏବଂ ରାମପୁର ଥାନାରେ କେସ୍ ନଂ. ୧୦୩ରେ ମାମଲା ରହିଥିବା ଏସ୍‌ଡିପିଓ ସେନାପତି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ନୀଳକଣ୍ଠ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ୨ଅଭିଯୁକ୍ତଙ୍କ ସହ ଏସ୍‌ଡିପିଓ ଓ ଆଇଆଇସି ।

## ରକ୍ତଦାନ ଶିବିର, ୭୮ ୟୁନିଟ୍ ସଂଗ୍ରହ

ପଦ୍ମପୁର, ୧୬।୮ (ପ୍ରଶାନ୍ତ କୁମାର କର)

ସ୍ୱେଚ୍ଛାସେବୀ ସଙ୍ଗଠନ ବିପଦର ବନ୍ଧୁ ପଦ୍ମପୁର ଶାଖା ତରଫରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁଣପୁର ରକ୍ତ ଭଣ୍ଡାର ମୁଖ୍ୟ ଡା. ସୁଜାତା ଦେବୀଙ୍କ ସହଯୋଗରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ରୂପେ କୋରାପୁଟ ଏମ୍‌ପି ପ୍ରତିନିଧି ରାଜୀବ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ,ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗରି, ଡାକ୍ତର ଅରୁଣ ମାନସିଂହ, ଗୁଣପୁର ରକ୍ତ ଭଣ୍ଡାର ମୁଖ୍ୟ ଡା. ସୁଜାତା ଦେବୀ, ବିପଦର ବନ୍ଧୁ ଅନୁଷ୍ଠାନ ରାଜ୍ୟ ସଭାପତି ରବିନ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥି ପରିଚୟ ଓ ସମ୍ବର୍ଦ୍ଧନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିକ୍ଷକ ମନୋଜ ଜେନା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ସାମାଜିକ କର୍ମୀ ସଞ୍ଜୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପଦ୍ମପୁର ଡ୍ରାଇଭର ମହସଂଘ, ଆର୍ଯ୍ୟାନ ବିଦ୍ୟାଳୟ, ଅଭ୍ୟାସ ଟେକ୍ନ ବିଦ୍ୟାଳୟ, ତ୍ରିବେଣୀ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ, ତ୍ରିବେଣୀ ଜ୍ଞାନ ମନ୍ଦିରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବର୍ଷାରେ ଭାଙ୍ଗିଲା ନାଳ, ୧୦୦ ଏକର ଚାଷଜମି ଜଳମଗ୍ନ



ବେଣ୍ଟିଗୁଡାରେ ଜଳମଗ୍ନ ଧାନଜମିରେ ଘାଇ ମରାମତି କରୁଛନ୍ତି ଚାଷୀ।

ଗୁଡାରି,୧୬।୮ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍‌ରେ ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁ ବ୍ଲକ୍‌ର ବେଣ୍ଟିଗୁଡା ଗ୍ରାମ ନିକଟରେ ପ୍ରବାହିତ ହେଉଥିବା ସାନ ନାଳରେ ପ୍ରବଳ ପାଣି ଆସିବାରୁ ନାଳ ଭାଙ୍ଗିଯାଇଥିଲା। ବେଣ୍ଟିଗୁଡା ମୌଜାରେ ରୁଆହୋଇଥିବା ପ୍ରାୟ ୮୦ ଏକରରୁ ଊର୍ଦ୍ଧ୍ୱ ଧାନ ଓ କପା ଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ଆମୃଜ ଶବର, ଗଣେଶ ଶବର, ବୃନ୍ଦାବନ ଶବର,କୁନୁ ସାହୁ,ପ୍ରସାଦ ଶବର,କାଶୀନାଥ ଦେଓ, ମଦନ ଶବର, ବିଷ୍ଣୁ ଦେଓ, ମାଝୀ ଶବର, ମହେନ୍ଦ୍ର ତୁଲ, କନ୍ଦର୍ପ ସାହୁଙ୍କ ସମେତ ବହୁ ଚାଷୀଙ୍କ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଏହାର ସ୍ଥାୟୀ ସମାଧାନ ସହ କ୍ଷତିପୂରଣ ଦେବା ପାଇଁ ଚାଷୀମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ସେହିପରି ବିର୍ସା ମୌଜାରେ ମଧ ପ୍ରାୟ ୨୦ ଏକରରୁ ଊର୍ଦ୍ଧ୍ୱ ରୁଆହୋଇଥିବା ଧାନ ଜମି ଜଳମଗ୍ନ ହୋଇଛି। ଖବରପାଇ ଗୁଡାରି ତହସିଲଦାର ଏ. ସ୍ନେହଲତାଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲୁ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପାଣି ନିଷ୍କାସନ ପରେ କ୍ଷୟକ୍ଷତିର ଆକଳନ ହୋଇପାରିବ ବୋଲି ସୂଚନା ମିଳିଛି।

## ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ପାଳିତ

ଗୁଣପୁର, ୧୬।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ଅରୋଶ୍ରୀ ବିହାରଠାରେ ଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୨ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ପୃଷ୍ଟି ଅତିଥି ଭାବେ ଯୋଗଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ । ପରେ ଶ୍ରୀଅରବିନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା । ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ସ୍ଥାନରେ ସମବେତ ଧ୍ୟାନ କରାଯାଇଥିଲା। ବୃନ୍ଦାବତୀ ପଣ୍ଡା ଭାଗନେଇ ଦୈନନ୍ଦିନ ଜୀବନରେ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଅପରାହ୍ନରେ କପିଳପୁରଠାରେ ରବୀନ୍ଦ୍ର ପଣ୍ଡାଙ୍କ ଘରେ ସ୍ୱତନ୍ତ୍ର ପାଠଚକ୍ର ହୋଇଥିଲା। ଯୋଗେନ୍ଦ୍ର ନାରାୟଣ ଦେଓ, ସୋମନାଥ ଗୌଡ଼, ପତିତପାବନ ଗୌଡ଼, ରାଜେନ୍ଦ୍ର ସାହୁ, ଗୁପ୍ତେଶ୍ୱର ସାହୁ, ନନ୍ଦିକେଶ୍ୱର ଚୌଧୁରୀ, ଜଗନ୍ନାଥ ମିଶ୍ର, ହେମଲତା ବାଜବନ୍ଧୁ, ସଲିଳା ନନ୍ଦଙ୍କ ସମେତ ଅନ୍ୟ ମାତୃପ୍ରେମୀ ଭଉଣୀ ଭାଇମାନେ ଉପସ୍ଥିତ ଥିଲେ। ସେହିପରି ବୁଧବାର ମହାନ୍ ସାଧକ ଦୂରଦ୍ରଷ୍ଟା ଶ୍ରୀ ରାମକୃଷ୍ଣ ଦାସ (ବାବାଜୀ ମହାରାଜ)ଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଇଥିଲା ।

## ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳିତ

ଗୁଣପୁର,୧୬।୮ (ପ୍ରଦୀପ କୁମାର ପାଢ଼ୀ)

ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟ ତିଥି ପାଳିତ ହୋଇଯାଇଛି । ନଗର ସଭାପତି ବଦ୍ରି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ଜିଲା ଉପସଭାପତି ଉଦୟ ପାଢ଼ୀ, ଇନ୍ଦ୍ରାକ୍ଷୀ ଦାସ, ଟିଙ୍କୁ ପଣ୍ଡା, ବାପି ପଣ୍ଡା ପ୍ରମୁଖ ଯୋଗଦେଇ ଅଟଳଜୀଙ୍କ ଆଦର୍ଶ, ନୀତି ଏବଂ ଜୀବନୀ ଉପରେ ଆଲୋକପାତ କରିଥିଲେ । ସେହିପରି ଭାଜପା କାର୍ଯ୍ୟାଳୟଠାରେ ବାଜପେୟୀଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ବେଲେନା ନାରାୟଣ ମୂର୍ତ୍ତି, ୱାଇ. ଗଣପତି, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ବିଦ୍ୟାଧର ଶବର, ଶ୍ରୀନିବାସ ସ୍ୱାଇଁ, ସାରଙ୍ଗ ନାଗବଂଶ, ପୃଥ୍ୱୀରାଜ ପାଢ଼ୀ ଉପସ୍ଥିତ ଥିଲେ ।

## ପରେଡ଼୍‌ରେ ଅଭିବାଦନ ଗ୍ରହଣକଲେ ଉପଜିଲାପାଳ

ଗୁଣପୁର, ୧୬।୮ (ପ୍ରଦୀପ କୁମାର ପାଢ଼ୀ)

**ଉପଖଣ୍ଡସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ପାଳିତ**

ଗୁଣପୁର ମିନି ଷ୍ଟାଡିୟମଠାରେ ୭୮ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଉପଜିଲାପାଳ କୀରଣଦୀପ କୌର ସହୋତା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନକରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସକାଳ ୫ଟାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ୍, ୬ଟାରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ତରଫରୁ ପ୍ରଭାତଫେରି, ସମସ୍ତ ଅନୁଷ୍ଠାନରେ ସକାଳ ୭ଟା ୩୦ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସକାଳ ୯ଟା ୧୫ରେ ଉପ ଜିଲାପାଳ ମିନି ଷ୍ଟାଡିୟମରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡ଼୍‌ରେ ୨୫ଟି ଦଳ ଅଂଶ ଗ୍ରହଣ କରିଥିଲେ। ଗାନ୍ଧୀ ବିଶ୍ୱବିଦ୍ୟାଳୟ ଏନ୍‌ସିସି ପରେଡ୍‌ରେ ପ୍ରଥମ, ଗୁଣପୁର ମହାବିଦ୍ୟାଳୟ ଦ୍ୱିତୀୟ, ସିଭିଲିଆନରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କୃତିତ୍ୱ ହାସଲ କରିଥିଲେ। ପରେ ଉପଜିଲାପାଳ ଚିକିତ୍ସାଳୟକୁ ଯାଇ ରୋଗୀଙ୍କୁ ଫଳ ଓ ଜେଲ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ପରେଡ୍‌ରେ ଭାରତୀୟ ଦ୍ୱିତୀୟ ବାହିନୀ କମାଣ୍ଡାଣ୍ଟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ପାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜି, ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଗୁଣପୁର ଉପଜିଲାପାଳ ପରେଡ୍ ପରିଦର୍ଶନ କରୁଛନ୍ତି।

# ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଖର୍ଚ୍ଚ ଯୋଜନା: ମନ୍ତ୍ରୀ

**୭୮ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

ରାୟଗଡ଼ା,୧୬।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିସିଡି ପଡ଼ିଆଠାରେ ୭୮ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସମବେତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଅଭିଭାଷଣ ରଖି ମନ୍ତ୍ରୀ ସ୍ୱାଇଁ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆମାନେ ସାମିଲ ଥିଲେ। ତେଣୁ ସରକାର ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କା କର୍ପସ ଫଣ୍ଡ ଯୋଜନା ରଖିଛନ୍ତି। ସେହିପରି ଦେଶ ସ୍ୱାଧୀନତା ଆନ୍ଦୋଳନରେ ରାୟଗଡ଼ା ଜିଲାର ୭ ଜଣ ଆଦିବାସୀ ଶହୀଦ ହୋଇଥିବାରୁ ମନ୍ତ୍ରୀ ସେମାନଙ୍କ ବଳିଦାନ ଗାଥାର ସ୍ମୃତିଚାରଣ କରିଥିଲେ । ରାୟଗଡ଼ା ଜିଲା ଶିଳ୍ପ କ୍ଷେତ୍ରରେ ବିକାଶର ପରିଚୟ ସୃଷ୍ଟି କରିଛି। ଜିଲାରେ ରହିଥିବା ପ୍ରାକୃତିକ ସମ୍ପଦକୁ ସଦ୍ ବିନିଯୋଗ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ । ଏଥିସହ ତୃତୀୟ ରେଳ ଧାରଣା କାମ ଚାଲିଛି ଓ ରେଳ ଡିଭିଜନ ପାଇଁ ଅର୍ଥ ମଞ୍ଜୁର ହୋଇଛି। ବିକଶିତ ଓଡ଼ିଶା ଗଠନ, କୃଷକର ଆୟ ଦ୍ୱିଗୁଣିତ କରିବା ସହ ରାଜ୍ୟରେ ୫୮ଟି ଶୀତଳଭଣ୍ଡାର ନିର୍ମାଣ ହେବ ବୋଲି ସେ କହିଛନ୍ତି।



ସମବେତ ପରେଡ଼୍‌ରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଭିବାଦନ ଗ୍ରହଣ କରୁଛନ୍ତି ।

ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ୩୬ଟି ଟ୍ରୁପ୍ ଭାଗ ନେଇଥିଲେ। ପରେଡ୍ ପରେ ଛାତ୍ରୀଛାତ୍ର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ସେହିଭଳି ଏଚ୍‌ଏସ୍‌ସି ଓ ସିବିଏସ୍‌ଇ ଦଶମ ଶ୍ରେଣୀରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟୱାରି, ଏସ୍‌ପି ହରିଶ ବି. ସି, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସ୍ତୁତ ହେବ ଭିଜନ ଡକ୍ୟୁମେଣ୍ଟ: କ୍ରୀଡ଼ାମନ୍ତ୍ରୀ

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ଓ ଓଡ଼ିଆ ଲୋକମାନଙ୍କର ବିକାଶ ହେଉଛି ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯାଉଛି। ଏହା ଅଧୀନରେ ପାଇକ ବିଦ୍ରୋହ ସ୍ମାରୀ ଉନ୍ନତିକରଣ, ଜାତୀୟ ଓ ଅନ୍ତର୍ଜାତୀୟ ବିଶ୍ୱ ବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା, ଜିଲ୍ଲାସ୍ତରୀୟ ଇ-ଗ୍ରନ୍ଥାଳୟ ପ୍ରତିଷ୍ଠା ଭଳି ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି ୭୮ତମ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ସେ କହିଲେ, ନୀତି ଆୟୋଗ ସହଯୋଗରେ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ଭିଜନ ଡକ୍ୟୁମେଣ୍ଟ -୨୦୩୬ ଏବଂ ଭିଜନ ଡକ୍ୟୁମେଣ୍ଟ-୨୦୪୭ ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଛାତ୍ରଛାତ୍ରୀ ଏବଂ ଯୁବକମାନେ ହେଉଛନ୍ତି ରାଜ୍ୟର ଆଶା। ସେମାନେ ଏକ ପ୍ରଭାବଶାଳୀ ସମାଜ ନିର୍ମାଣର ଆଧାର ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ମନ୍ତ୍ରୀ ସୂରଜ ସ୍ଥାନୀୟ ଡିଏନକେ ଖେଳ ପଡ଼ିଆଠାରେ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ନାଗେଶ ୱାଧବାନିଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେଡରେ ୨୯ଟି ଦଳ ଓ ୫ଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ଜିଲା ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ ଓ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଖେଳାଳିଙ୍କୁ ମଧ୍ୟ ଉପହାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ଆଗାମୀ ଛଅ ମାସ ପାଇଁ କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଉଚ୍ଚ ଶିକ୍ଷା ବିଭାଗ ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କ୍ରୀଡ଼ା କ୍ଷେତ୍ରରେ ମାଲକାନଗିରି ଜିଲାର ଯୁବଗୋଷ୍ଠୀଙ୍କ ଦକ୍ଷତା ରହିଛି। ତୀରନ୍ଦାଜ, ଫୁଟବଲ, ଭଲିବଲ ଭଳି କ୍ରୀଡ଼ା ପ୍ରଶିକ୍ଷଣ ଲାଗି ଭିତ୍ତିଭୂମି ଯୋଗାଇ ଏହି କ୍ରୀଡ଼ାବୃତ୍ତିଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଜିଲାରେ ୫୦୦ ସିଟ୍ ବିଶିଷ୍ଟ ସଂସ୍କୃତି ଭବନ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଏହିଅବସରରେ ପ୍ରକାଶ କରିଥିଲେ। ସଂସ୍କୃତି ଭବନସହ ସେଣ୍ଟ୍ରାଲ ଲାଇବ୍ରେରୀ ବ୍ୟବସ୍ଥା କରାଯାଇ ଦେଶର ସୁନାମଧନ୍ୟ କୋଚିଂ ଅନୁଷ୍ଠାନସହ ସହଭାଗିତା କରି ଅନଲାଇନ ମାଧ୍ୟମରେ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା ହେବ। ଫଳରେ ଜିଲାର ଯୁବଗୋଷ୍ଠୀ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହୋଇପାରିବେ ବୋଲି ସେ କହିଥିଲେ। ପଡ଼ିଆ ବ୍ଲକରେ ଏକ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ଅନୁମୋଦନ କରାଯିବ ବୋଲି ସୂଚନା ଦେଇ ଯେଉଁ ସବୁ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ ବାକି ରହିଛି ତାକୁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସାରିବାକୁ ମନ୍ତ୍ରୀ ସୂରଜ ସମୀକ୍ଷା ବେଳେ ନିର୍ଦ୍ଦେଶ ଦେଇଛନ୍ତି।



ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ମାଥିଲିରେ ପ୍ରତିଷ୍ଠା ହେବ ବ୍ଲଡ ବ୍ୟାଙ୍କ

ମାଲକାନଗିରି, (ଦୁର୍ଯ୍ୟୋଧନ ପାତ୍ର)

ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲା ସଦର ମହକୁମା ଡିକିତ୍ସାଳୟ ପରିଦର୍ଶନ କରି ରୋଗୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମାଲକାନଗିରି ଜିଲାର ମାଥିଲି, ଖଇରପୁଟ, ମୁଦୁଲିପଡ଼ା ବଣ୍ଡା ଘାଟି ଅଞ୍ଚଳର ଗୁରୁତର ରୋଗୀମାନେ ରକ୍ତ ଅଭାବରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାଥିଲିଠାରେ ଏକ ରକ୍ତ ଭଣ୍ଡାର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ପେଡ୍ରିଏଟ୍ ମେଣ୍ଟିନ୍ ବସାଇବା ପାଇଁ ଆଲୋଚନା ବେଳେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ସୂରଜ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଟେଲି ଫୋନ ଯୋଗେ ଆଲୋଚନା କରିଥିଲେ।

## ମାଲକାନଗିରିରେ ସ୍ୱାଧୀନତା ଦିବସ

## ଦୁଇ ପୃଥକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ବାମନଯୋଡ଼ି, ୧୬।୮ (ମାନସ ରଞ୍ଜନ କର)

କୋରାପୁଟ ଜିଲା ବାମନଯୋଡ଼ି ନିକଟରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ଗୁରୁବାର ଜଣକର ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଆହତ ଛାତ୍ରୀଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଉଭୟ ଗାଡି ଚାଳକ ଫେରାର ହୋଇଯାଇଛନ୍ତି। ଭେଜାପୁଟ ସରଗଡ଼ ଅଞ୍ଚଳରେ ଥିବା ରାଇଜିଂ ଷ୍ଟାର ସ୍କୁଲର ଛାତ୍ରୀ ସଂଘମିତ୍ରା ଡାକୁଆ (୧୦ବର୍ଷ) ବିଦ୍ୟାଳୟରୁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଶେଷ ପରେ ଘରକୁ ଫେରୁଥିବା ବେଳେ ବାମନଯୋଡ଼ିରୁ ସେମିଳିଗୁଡ଼ା ଅଭିମୁଖେ ବାଇକରେ ଯାଉଥିବା ୩ଜଣ ଯୁବକ ସଂଘମିତ୍ରାଙ୍କୁ ଧକ୍କା ଦେଇଥିଲେ। ସଙ୍ଗେ ସଙ୍ଗେ ଉପସ୍ଥିତ ଲୋକେ ତାଙ୍କୁ ମାଥଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ସୁନାବେଡ଼ା ଥାନାରେ ଅଭିଯୋଗ କରାଯାଇଛି। ସେହିପରି ଗୁରୁବାର ସନ୍ଧ୍ୟାରେ କାକିରିଗୁମ୍ମା-ବାମନଯୋଡ଼ି ରାସ୍ତାର ଲିଟିଗୁଡ଼ା ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଟ୍ଟାଙ୍ଗି ନିକଟସ୍ଥ କୁମାରଗୁଡ଼ି ଗ୍ରାମର ଖଗପତି ଖିଲ (୩୫)। ଖଗପତି ଏକ ବାଇକ ଯୋଗେ ଲକ୍ଷ୍ମୀପୁର ଯାଇ ଫେରୁଥିବା ବେଳେ ବାମନଯୋଡ଼ି ଥାନା ଅନ୍ତର୍ଗତ ଲିଟିଗୁଡ଼ା ନିକଟରେ ଏକ କାର ତାଙ୍କୁ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଏଥିରେ ଖଗପତି ଗୁରୁତର ହୋଇଥିଲେ। ପରେ ଘଟଣା ସ୍ଥଳରେ ପରିବାର ଲୋକେ ପହଞ୍ଚି ତାଙ୍କୁ ମାଥଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଖଗପତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାମନଯୋଡ଼ି ପୋଲିସ ତଦନ୍ତ ଆରମ୍ଭ କରିଛି।

## ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ପ୍ରତିବାଦରେ ଶୋଭାଯାତ୍ରା




ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ବାଂଲାଦେଶରେ ବସବାସ କରୁଥିବା ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହେଉଛି। ସେମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ଅତ୍ୟାଚାର କରାଯାଉଛି। ମନ୍ଦିରଗୁଡ଼ିକୁ ନିଆଁ ଲଗାଇ ପୋଡ଼ିଦେବା ସହ ଧନ ସମ୍ପତ୍ତି ନଷ୍ଟ କରାଯାଉଛି। ଏହାର ପ୍ରତିବାଦ ଜଣାଇ ମାଲକାନଗିରିରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଏଥିରେ ବିଭିନ୍ନ ହିନ୍ଦୁ ସଙ୍ଗଠନର ସଦସ୍ୟ, କର୍ମକର୍ତ୍ତା, ହିନ୍ଦୁ ସାଧୁସନ୍ଥମାନଙ୍କ ସମେତ ବହୁ ସଂଖ୍ୟାରେ ସାଧାରଣ ଲୋକେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ସେମାନେ ଶୋଭାଯାତ୍ରାରେ ମାଲକାନଗିରି ବସ୍ଷ୍ଟାଣ୍ଡଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ମାଲକାନଗିରିର ବେଙ୍ଗଲି ସମାଜ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ହିନ୍ଦୁ ଜାଗରଣ ମଞ୍ଚ, ଇସ୍କନ କର୍ମକର୍ତ୍ତାମାନେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଥିଲେ। ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣ ତୁରନ୍ତ ବନ୍ଦ କରିବା, ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟକରି ଭାରତରୁ ବିତାଡ଼ିବା ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

# ଧରାପଡ଼ିଲେ ୫ ନାବାଳକଙ୍କ ସହ ଜଣେ ମହିଳା





ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି। ଜବତ ସ୍ୱର୍ଣ୍ଣ ଅଳଙ୍କାର ଓ ଟଙ୍କା।

ସୁନାବେଡ଼ା, ୧୬।୮ (କୃତ୍ତିବାସ ପ୍ରଧାନ)

ଗତ କିଛି ଦିନ ହେବ ସୁନାବେଡ଼ା ଥାନା ଅଧୀନ ସେମିଳିଗୁଡ଼ା ଓ ସୁନାବେଡ଼ା ସହରର ବିଭିନ୍ନ ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ନେଇ ସୁନାବେଡ଼ା ଥାନାରେ ଏକାଧିକ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସୁନାବେଡ଼ା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଉଭୟ ସହରାଞ୍ଚଳରେ ଛାନ୍ଦିନ୍ କରି ରହିଥିଲା। ଶୁକ୍ରବାର ପୋଲିସ ୩ଟି ଚୋରି ଅଭିଯୋଗର ପର୍ଦ୍ଦାଫାଶ କରି ଏଥିରେ ସମ୍ପୃକ୍ତ ୬ଜଣ ଧରାପଡ଼ିଛନ୍ତି ବୋଲି ଏସ୍‌ଡିପିଓ ମନୋବ୍ରତା ଶତପଥୀ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଥିଲେ, ଜୁଲାଇ ୨୦ରେ

### ୩ ଚୋରି ମାମଲାର ପର୍ଦ୍ଦାଫାଶ

ଗୋପବନ୍ଧୁ ନଗର ମା' ମଙ୍ଗଳା ମନ୍ଦିରରୁ ଚୋରିକୁ ନେଇ ମନ୍ଦିର ସମ୍ପାଦକ ବିଶ୍ୱବନ୍ଧନ ସାମଲ ଲିଖିତ ଅଭିଯୋଗ କରିଥିଲେ। ଚଳିତ ମାସ ୧ରେ ସେମିଳିଗୁଡ଼ା ଅରବିନ୍ଦ ନଗରରେ ରହୁଥିବା ପ୍ରମୋଦ ପ୍ରଧାନଙ୍କ ଘରୁ ଗଡରେଜ ଭାଙ୍ଗି ପ୍ରାୟ ୩ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଏବଂ ୭ରେ ସେମିଳିଗୁଡ଼ା ସନ୍ତୋଷୀ ମା' ମନ୍ଦିର ନିକଟରେ ରହୁଥିବା ବିଶ୍ୱନାଥ ଦିଶାରୀଙ୍କ ଘରୁ ସୁନା ଅଳଙ୍କାର ସହ ଟଙ୍କା ଚୋରି ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ସୁନାବେଡ଼ା ପୋଲିସ ୧୩୩/୨୪,୧୩୯/୨୪ ଓ ୧୪୨/୨୪ରେ ୩ଟି ପୃଥକ୍‌ପୃଥକ୍ ମାମଲା ରୁଜୁକରିଥିଲା। ଉପରୋକ୍ତ ୩ ମାମଲାରେ ସାମିଲ ଥିବା ୫ ଜଣ ନାବାଳକଙ୍କ ସହ ଜଣେ ମହିଳା ସେମିଳିଗୁଡ଼ା ତଳସାହିର ସ୍ୱର୍ଗତ ରାଜେଶ ଗୁପ୍ତାଙ୍କ ସ୍ତ୍ରୀ ଜିତା ଗୁପ୍ତା(୪୨)ଙ୍କୁ ପୋଲିସ ଧରିଥିଲା। ଜିତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମ୍ପୃକ୍ତ ନାବାଳକମାନଙ୍କୁ ଜୟପୁର ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ଜିତା କବାଡ଼ିଆ ହୋଇଥିବାରୁ ନାବାଳକଙ୍କ ଚୋରି ଜିନିଷ ବିକ୍ରି କରିବାରେ ସେମାନଙ୍କୁ ସାହାଯ୍ୟ କରୁଥିଲେ। ସେମାନଙ୍କ ନିକଟରୁ ୫୦ ହଜାର ନଗଦ ଟଙ୍କା, ୨ ଶହ ଗ୍ରାମ ସୁନା ଅଳଙ୍କାର, ୨ ଶହ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ଲାପ ଟପ୍ ଜବତ ହୋଇଛି। ସମସ୍ତ ଜିନିଷର ବଜାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍‌ଡିପିଓ ଶତପଥୀ କହିଛନ୍ତି।

## ସଂକ୍ଷେପରେ

### ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଗୁରୁବାର ୭୮ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ୮ଟାରେ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସଂଘର ସାଧାରଣ ସମ୍ପାଦକ ଶ୍ରୀନିବାସ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ଉପସଭାପତି ସୀମାଞ୍ଚଳ ପାଣିଗ୍ରାହୀ, ପ୍ରଭାକର ସୁନା, ସଦସ୍ୟ ରାହୁଲ ଗୋଲେରି, କିଶୋର ପାତ୍ରିକା, ଅସୀମ ବିଶ୍ୱାସ, ବିକ୍ରମ ସ୍ୱାଇଁ, ରଞ୍ଜିତ ମଣ୍ଡଳ, ମୃଣାଳ ବିଶ୍ୱାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଫେଇ, ଚାରା ରୋପଣ



ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ସ୍ୱାଧୀନତା ଦିବସ ଉପଲକ୍ଷେ ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବିଦ୍ୟାଳୟ ପରିସର ସଫେଇ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ବାଲାରାଜୁ ପାତ୍ରଙ୍କ ଉପାଧ୍ୟକ୍ଷତାରେ ସଂଘର କାର୍ଯ୍ୟାଳୟରେ ୭୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ଉପସ୍ଥିତିରେ ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସଂଘ କାର୍ଯ୍ୟାଳୟ ପରିସର ସହ ନିକଟସ୍ଥ ଏକ୍ସ ବୋର୍ଡ଼ରେ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା। କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଅଶୋକ ସାମଲ, ଜୟଦେବ ରାଉତ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ରନାଥ ମଲ୍ଲିକ, ବାବାଜୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଜୟ ସ୍ୱାଇଁ, ଏସ. ଏରା ସ୍ୱାମୀ, ବିଜୁଳି ଦାସ, ଦୁର୍ଗା ପଟ୍ଟନାୟକ, ସିମାଞ୍ଚଳ ପଣ୍ଡାଞ୍ଚ, ଅଶୋକ ସାହୁ, ନବ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସାପ କାମୁଡ଼ାରେ ଚାଷୀ ମୃତ

ଦିଗପହଣ୍ଡି/ପାତ୍ରପୁର, ୧୬।୮ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସାନଗେଧୁଅଣ୍ଡି ବ୍ଲକ ଟି.ଗୋପିନାଥପୁର ପଞ୍ଚାୟତ ବାରି ଗାଁର ଚାଷୀ କାଳୁ ମଲିକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ସେ ଜମିରେ କାମ କରୁଥିବା ବେଳେ ସାପ କାମୁଡ଼ିଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

## କୁଡ଼ୁମୁଲୁଗୁମ୍ମା ମା' ଭୈରବୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ପାଖନାଗୁଡ଼ା ବିଜୟୀ

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

କୁଡ଼ୁମୁଲୁଗୁମ୍ମା ମା' ଭୈରବୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ କୁଡ଼ୁମୁଲୁଗୁମ୍ମା ବଜରଙ୍ଗୀ ଦଳ ଓ ପାଖନାଗୁଡ଼ା ଦଳ ପରସ୍ପରକୁ ଭେଟିଥିଲେ। ପାଖନାଗୁଡ଼ା ଦଳ ପେନାଲ୍ଟି ସୁଟ୍ ଆଉଟ୍‌ରେ ୫/୪ ଗୋଲ ବ୍ୟବଧାନରେ ବିପକ୍ଷ ବଜରଙ୍ଗୀଦଳକୁ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ମୁଖ୍ୟ ଅତିଥି ଗୋପୀ ପାଙ୍ଗି ପ୍ରଦାନ କରିଥିଲେ। ଏଥିରେ ଲଳିତଚ କୁମାର ରାଉତ ମୁଖ୍ୟ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ଉମାଶଙ୍କର ମାଝି ଓ ରିଙ୍କୁ ପଣ୍ଡା ଲାଇନ୍ ମ୍ୟାଚ ଭାବେ ସହଯୋଗ କରିଥିଲେ।



ମା' ଭୈରବୀ ସ୍ପୋର୍ଟିଂ କ୍ଲବ ସଭାପତି ଦିବାକର ସୁନାଙ୍କ ସହ ଭକ୍ତ ଚନ୍ଦ୍ର ବନାକ, ଗୋପୀ ପାଙ୍ଗି, ଜ୍ୟୋତି ରଜ, ଦେବେନ୍ଦ୍ର ରାଉତ, ସୁଧୀର ପ୍ରଧାନ, ଘନଶ୍ୟାମ ହନ୍ତାଳ ଓ ଶତ୍ରୁଘ୍ନ ବେହେରା ସହଯୋଗ କରିଥିଲେ।

## ସୀମାନ୍ତରେ ୪ ଖବରଦାତାଙ୍କୁ ଗିରଫ ପ୍ରତିବାଦ କଲା ସାମ୍ବାଦିକ ସମନ୍ୱୟ କମିଟି



ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶରେ ପୋଲିସ ୪ ଜଣ ଖବରଦାତାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରିଛି। ଏହି ଗିରଫକୁ ବିରୋଧ କରି ମାଲକାନଗିରି ୟୁଜେଏ ସଭାପତି ଦୁର୍ଯ୍ୟୋଧନ ପାତ୍ର ଓ ଏମ୍‌ୟୁଜେ ସଭାପତି ଦେବ ପ୍ରସାଦ ଦାସଙ୍କ ନେତୃତ୍ୱରେ ମାଲକାନଗିରି ଜିଲାର ଖବରଦାତାମାନେ ମାଲକାନଗିରି ଜିଲାପାଳ ଓ ଏସ୍‌ପିଙ୍କ ଜରିଆରେ ଗୃହ ମନ୍ତ୍ରୀ ଅମିତ୍ ଶାହାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ପ୍ରଥମେ ଖବରଦାତାମାନେ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳ

### ଗୃହମନ୍ତ୍ରୀଙ୍କୁ ଦାବିପତ୍ର

ଓ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଥିଲେ। ଗିରଫ ଖବରଦାତାମାନଙ୍କୁ ତୁରନ୍ତ ଖଲାସ କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଏହି ସମୟରେ ଖବରଦାତା ବି. ଶ୍ରୀନିବାସ ପାତ୍ର, ସିମାଞ୍ଚଳ ପାଣିଗ୍ରାହୀ, ରଘୁନାଥ ନାୟକ, ବେବୁ ସାନା, ଜିତେନ୍ଦ୍ର ବେହେରିଆ, ପ୍ରେମାନ୍ଦ ପରିଚ୍ଛା, ରାହୁଲ ଗୋଲେରି, ସତ୍ୟ ନାରାୟଣ ଦାସ, ହୃଷୀକେଶ ସେଠୀ, ପ୍ରଭାକର ସୁନା, ଭଗବାନ ସାହୁ, ପଞ୍ଚାନନ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫେରାର ୨ ଗଞ୍ଜେଇ ଚୋରାଚାଲାଣକାରୀ ଗିରଫ

କୋରୁକୋଣ୍ଡା, ୧୬।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ଶୁକ୍ରବାର ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଫେରାର ଥିବା ୨ ଚାଲାଣକାରୀଙ୍କୁ ଗିରଫ କରିଛି। ଏପ୍ରିଲ ୨୮ ତାରିଖରେ ୫୨୫ କିଲୋ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଚାଲାଣକାରୀମାନେ ଓର୍କେଲ ପୋଲିସ ହାତରେ ଧରାପଡ଼ିଥିଲେ। ସେତେବେଳେ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣ ଚାଲାଣକାରୀ ଫେରାର ହୋଇଯାଇଥିଲେ। ଏବେ ଉକ୍ତ ୨ ଚାଲାଣକାରୀ ଭଲ୍ଲୁରାମ ଏବଂ ଧନ ମୁଦୁଲିଙ୍କୁ ପାଡୁଆପୁଟ ଗ୍ରାମରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

# ମାଲକାନଗିରି ଜିଲାରେ ବନ୍ଦ ପାଳନ

ମାଲକାନଗିରି/କାଲିମେଲା ୧୬।୮ (ଦୁର୍ଯ୍ୟୋଧନ ପାତ୍ର/ ଜୀବନକୃଷ୍ଣ ଦାସ)

### ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ବିରୋଧ

ବାଙ୍ଗଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ନିର୍ମମ ଅତ୍ୟାଚାର ଓ ବାଙ୍ଗଲା ଦେଶୀ ମୁସଲିମ ଅନୁପ୍ରବେଶକାରୀଙ୍କ ପ୍ରବେଶକୁ ବିରୋଧ କରି ଶୁକ୍ରବାର ଦିନିକିଆ ମାଲକାନଗିରି ଜିଲା ବନ୍ଦ ଡାକରା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଦିଆଯାଇଥିଲା। ଫଳରେ ଜିଲାରେ ଯାନବାହାନ ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିଥିଲା। ବଙ୍ଗଳାଦେଶରେ ହିନ୍ଦୁମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ବନ୍ଦ କରିବା ସହ ମାଲକାନଗିରି ଜିଲାରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଜିଲାରୁ ବାହାର କରିବା ଦାବିରେ ଏହି ବନ୍ଦ ହୋଇଥିଲା। ସକାଳ ଛଅଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ଜିଲାରେ ଯାନବାହାନ ଚଳାଚଳ ବନ୍ଦ ସହ ଦୋକାନ ବଜାର ଓ ସ୍କୁଲ କଲେଜ ମଧ୍ୟ ବନ୍ଦ ରହଥିବା ଦେଖିବାକୁ ମିଳିଥିଲା। କେବଳ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ ଦିଆଯାଇଥିଲା। ଏହି ଆନ୍ଦୋଳନକୁ ବିଶ୍ୱ ହିନ୍ଦୁ ପରିଷଦ ଓ ମାଲକାନଗିରି ଜିଲା ବଙ୍ଗାଳୀ ସମାଜ ସମର୍ଥନ ଜଣାଇଥିଲେ। ସେହିପରି ମାଲକାନଗିରି ଜିଲାରେ ବାଂଲାଦେଶୀ ଅନୁପ୍ରବେଶକୁ ବିରୋଧ କରି ଶୁକ୍ରବାର ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ ଡାକରା ଦିଆଯାଇଥିଲା। କାଲିମେଲା ବ୍ଲକରେ ଏହି ବନ୍ଦ ପାଳନ ସଫଳ ହୋଇଛି। ବ୍ଲକରେ ସମସ୍ତ ଯାନବାହାନ ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିବା ସହ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ ଆଦି ଉପରେ ପ୍ରଭାବ ପଡ଼ିଥିଲା। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଚାଲିଥିବା ନିର୍ମମ ହତ୍ୟା ଅତ୍ୟାଚାର ବନ୍ଦ କରିବା ସହ ମାଲକାନଗିରି ଜିଲାରେ ଥିବା ବାଂଲାଦେଶ ମୁସଲିମ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଜିଲ୍ଲାରୁ ବିତାଡ଼ିତ କରିବା ପାଇଁ ଦାବି କରାଯାଇଥିଲା।



କାଲିମେଲାରେ ବନ୍ଦ ରହିଥିବା ଦୋକାନ ବଜାର।

# ଜେଣ୍ଡା ପାହାଡ଼ରୁ ମାର୍ବଲ ପଥର ଖନନ ନେଇ ସରିଲା ଜନଶୁଣାଣି

ପଟ୍ଟାଙ୍ଗି, ୧୬।୮ (ଶରତ ଧଳ)

ନିଜ ଜୀବନ ଜୀବିକା ନିର୍ବାହକରି ବଞ୍ଚୁଥିବା ଜେଣ୍ଡା ପାହାଡ଼କୁ ଇଜ୍ଜା ନ ଥାଇ ମଧ୍ୟ କମ୍ପାନୀ ହାତକୁ ଟେକିଦେବା ପରି ଦୃଶ୍ୟ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଅମ୍ବାବଲି ପଞ୍ଚାୟତରେ ଜନଶୁଣାଣିରେ ଦେଖିବାକୁ ମିଳିଛି। ପଞ୍ଚାୟତର ପାଲକାମସା ଗ୍ରାମ ନିକଟରେ ଏହି ଜେଣ୍ଡା ପାହାଡ଼ ରହିଛି। ପାହାଡ଼ରେ ଗଛିତ ରହିଥିବା ମାର୍ବଲ ଓ ସାଜସଜ୍ଜା ପଥର ଖନନ ନିମନ୍ତେ ମେସର୍ସ ଓଁମ୍ ମିନେରାଲସ ଇଣ୍ଡଷ୍ଟ୍ରିଏସ କମ୍ପାନୀ ସରକାରଙ୍କଠାରୁ ଅନୁମତି ପାଇଛି। ଏନେଇ ୨୦୧୬ରେ ସର୍ଭେ କରି ପାହାଡ଼ରେ ମାର୍ବଲ ଓ ସାଜସଜ୍ଜା ପଥର ଖନନ ଥିବା ସ୍ପଷ୍ଟ ହୋଇଥିଲା। ଉକ୍ତ ପାହାଡ଼ରୁ ମାର୍ବଲ ବା ସାଜସଜ୍ଜା ପଥର ଖନନ ପୂର୍ବରୁ କମ୍ପାନୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କୋରାପୁଟ ଏବଂ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ କରିଥିଲା। ଏଥିରେ ପାହାଡ଼ ଚତୁଃପାର୍ଶ୍ୱରେ ରହିଥିବା ୧୧ଟି ଗ୍ରାମର ଗ୍ରାମବାସୀ ଓ ଅମ୍ବାବଲି ପଞ୍ଚାୟତ ସରପଞ୍ଚ ପୂର୍ଣ୍ଣ ପଟ୍ଟାଙ୍ଗି ଯୋଗଦେଇ ନିଜର ଅନିଚ୍ଛା ସତ୍ତ୍ୱେ ନିଜ ନିଜ ମତ ଓ ପ୍ରସ୍ତାବ ଦେଇଥିଲେ। ସେମାନେ କହିଥିଲେ,



ଜନଶୁଣାଣିରେ କମ୍ପାନୀ କର୍ତ୍ତୃପକ୍ଷ ଓ ଅତିରିକ୍ତ ଜିଲାପାଳ ଲକ୍ଷ୍ମଜିତ୍ ରାଉତ ଜନସାଧାରଣଙ୍କୁ ବୁଝାଉଛନ୍ତି।

ପାହାଡ଼ରୁ ମାର୍ବଲ ଓ ସାଜସଜ୍ଜା ପଥର ଖନନକରି ଉକ୍ତ କମ୍ପାନୀ ବାହାର ଦେଶ ବିଦେଶକୁ ରପ୍ତାନିକରି ଲାଭବାନ୍ ହେବ। ଏଠି କ୍ଷତିଗ୍ରସ୍ତ ହେବାକୁ ଥିବା ଗ୍ରାମବାସୀଙ୍କ କିଲାଭବାନ୍ ହେବ? କମ୍ପାନୀ ଗ୍ରାମବାସୀଙ୍କ କି ପ୍ରକାର ଉନ୍ନତି କରିବ ବୋଲି ପ୍ରଶ୍ନ ଉଠାଇଥିଲେ। ଗ୍ରାମବାସୀଙ୍କ ପାଇଁ ଗମନାଗମନଠାରୁ ଆରମ୍ଭକରି ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥା ପାଇଁ ସୁବିଧା କରିବା, କ୍ଷତିଗ୍ରସ୍ତ ହେବାକୁ ଥିବା ଗ୍ରାମର ଶିକ୍ଷିତ ଯୁବକମାନଙ୍କ ରୋଜଗାର ନିମନ୍ତେ କମ୍ପାନୀ ପଦକ୍ଷେପ ନେବାକୁ ଗ୍ରାମବାସୀ ପ୍ରସ୍ତାବ ଦେଇଥିଲେ। ଏସବୁ କମ୍ପାନୀ ପକ୍ଷରୁ ସୁବିଧା କରା ନ ଗଲେ ଜେଣ୍ଡା ପାହାଡ଼ରୁ ମାର୍ବଲ ଓ ସାଜସଜ୍ଜା ପଥର ଖନନ କରିବାକୁ ନଦିଁ ବୋଲି ମତେ ସହଯୋଗ କରିବୁ ନାହିଁ ବୋଲି ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଶୁଣାଇଥିଲେ। ୧୧ଟି ଗ୍ରାମର ୧୨ ଜଣ ଅଧିକାରୀମାନଙ୍କୁ ସେମାନଙ୍କ ସମସ୍ୟା ଜଣାଇ ୨ଟି ଦାବିପତ୍ର ଦେଇଥିଲେ। ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଅତିରିକ୍ତ ଜିଲାପାଳ ଲକ୍ଷ୍ମଜିତ୍ ରାଉତ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିପେଶ ବିଶ୍ୱାଳ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରୀକାନ୍ତ ବେହେରା, ପଟ୍ଟାଙ୍ଗି ଗୁଣ୍ଡଳ

### କମ୍ପାନୀ ଆମ କଥା ନ ବୁଝିଲେ ପଥର ଖନନ କରିବାକୁ ସହଯୋଗ କରିବୁନି

ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଟି ଓ ଉକ୍ତ କମ୍ପାନୀର ଡେଭୁଲପମେଣ୍ଟ ମ୍ୟାନେଜର ଅକ୍ଷୟ ଭଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ନେଇ ସର୍ବାମାଞ୍ଚ ବାହାରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏନେଇ କାର୍ଯ୍ୟକ୍ରମ ସ୍ଥଳେ ଉପସ୍ଥିତ ରହିଥିବା ଉକ୍ତ କମ୍ପାନୀର ଡେଭୁଲପମେଣ୍ଟ ମ୍ୟାନେଜର ଭଳଙ୍କୁ ପଚାରିବାରୁ ସେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଓଲଟା ପ୍ରଶ୍ନ କରିଥିଲେ। ତୁମେମାନେ କିଏ ତମମାନଙ୍କୁ କୌଣସି ସୂଚନା ଦେବାପାଇଁ ନାହିଁ କହି ପ୍ରଶ୍ନକୁ ଏଡ଼ାଇଯାଇଥିଲେ। ଏହି ସମୟରେ ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ, ପଟ୍ଟାଙ୍ଗି ଥାନାଧିକାରୀ ଚତୁର୍ଭୁଜ ନାୟକ, ଦୁଦୁମା ଥାନା ଅଧିକାରୀ କେ. ସାଇମାନ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିଲେ।

## ସଂକ୍ଷେପରେ

### ବୋରିଗୁମ୍ମା ପଞ୍ଚାୟତ ସମିତି ବୈଠକ



ବୋରିଗୁମ୍ମା, ୧୬।୮ (ବିଜୟ ସାହୁ)

କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମିତି ବୈଠକରେ କୋରାପୁଟ ଏମ୍ପି ସପ୍ତଗିରି ଉଲ୍ଲାକା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗ ଦେଇଥିଲେ । ବୈଠକରେ ପ୍ରାୟ ୧୪ଟି ବିଭାଗ ଉପରେ ଆଲୋଚନା କରାଯାଇଛି । ବୋରିଗୁମ୍ମା ବ୍ଲକରେ ବିକାଶ ହେଉଛି । ଜୟପୁର ନିର୍ବାଚନ ମଣ୍ଡଳୀରେ ପ୍ରାୟ ଗାଁକୁ ପକ୍କା ରାସ୍ତା ହେଲାଣି । ଯେଉଁ ଗାଁକୁ ରାସ୍ତା ନାହିଁ ସେଠାକାର ସରପଞ୍ଚ ଲିଖିତ ଭାବେ ପ୍ରଦାନ ଜଣାନ୍ତୁ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ । ବୈଠକରେ ଅନୁପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓ ଜିଲାପାଳଙ୍କୁ ଚିଠି କରନ୍ତୁ ବୋଲି ବିଧାୟକ ବାହିନୀପତି କହିଥିଲେ । ବୋରିଗୁମ୍ମାରେ କମ୍ ପିଲା ଥିବା ୧୧ ବିଦ୍ୟାଳୟ କାହିଁକି ବନ୍ଦ ହେଲା ବୋଲି ବିଧାୟକ ପ୍ରଶ୍ନ କରିଥିଲେ । କୋଟପାଡ଼ ନିର୍ବାଚନ ମଣ୍ଡଳୀରେ କେତୋଟି ବିଦ୍ୟାଳୟ ରହିଛି, କେତୋଟି ବିଦ୍ୟାଳୟ ବର୍ଷା ଦିନେ ପାଣି ଗଳୁଛି ବୋଲି ବିଧାୟକ ରୁପୁ ଭତ୍ରା ପ୍ରଶ୍ନ କରିଥିଲେ । ବୋରିଗୁମ୍ମା ଛକ ଭାଙ୍ଗିବା ପରେ କାହିଁକି ନିର୍ମାଣ ବିଳମ୍ବ ହେଉଛି ବୋଲି ବିଧାୟକ ବାହିନୀପତି ଜାତୀୟ ରାଜପଥ ବିଭାଗକୁ ପ୍ରଶ୍ନ କରିଥିଲେ । ଜାତୀୟ ରାଜପଥ ବିଭାଗ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା । ବିଦ୍ୟାଳୟ ଓ ଅଙ୍ଗନୱାଡି ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ୟୁନିଫର୍ମ ଯୋଗାଣରେ ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳାଙ୍କୁ ନିୟୋଜିତ କରାଇଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲା ପରିଷଦ ସଭ୍ୟ ନୃସିଂହନାଥ ଶତପଥୀ କହିଥିଲେ । ବ୍ଲକରେ ୧୩୧ ବିଦ୍ୟାଳୟକୁ ସେଣ୍ଟ୍ରାଲ କିଚେନ ମଧ୍ୟାହ୍ନ ଭୋଜନ ଯୋଗାଉଛି । ସେଣ୍ଟ୍ରାଲ କିଚେନ ଦେଉଥିବା ମଧ୍ୟାହ୍ନ ଭୋଜନ ନିମ୍ନମାନର ହୋଇଥିବାରୁ ଛାତ୍ରୀଛାତ୍ର ସେ ସବୁ ନ ଖାଇ ଫୋପାଡୁଥିବା ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା ଅଭିଯୋଗ କରିଛନ୍ତି । ସମିତି ବୈଠକରେ ହିଁ ସମିତି ସଭ୍ୟଙ୍କୁ ପ୍ରଶାସନ ପଚାରୁଛି । ଅନ୍ୟ ଦିନରେ ସମିତି ସଭ୍ୟଙ୍କୁ ଜନ ପ୍ରତିନିଧିଭାବେ ଏବଂ ସେମାନଙ୍କ ଅଭିଯୋଗକୁ ପ୍ରଶାସନ ଗ୍ରହଣ କରୁନଥିବା ଗଣତନ୍ତ୍ର ପାଇଁ ଲଜ୍ଜାଜନକ ବୋଲି ସମିତି ସଭ୍ୟା ପ୍ରିୟଙ୍କା ରଥ କହିଥିଲେ । ବୈଠକରେ ନବରଙ୍ଗପୁର ଏମ୍ପି ପ୍ରତିନିଧି ରାମେଶ୍ୱର ଜେନା, ବ୍ଲକ ଉପାଧ୍ୟକ୍ଷ ରାଧାକାନ୍ତ ସାମନ୍ତରା, ଏଇ ସତ୍ୟନାରାୟଣ ସେଠୀ, ଏଇଇ ପ୍ରକାଶ ପ୍ରଧାନଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ ।

### ଆଇଓସିଏଲ୍ ପକ୍ଷରୁ ରକ୍ତଦାନ ଶିବିର

ଉମରକୋଟ, ୧୬।୮ (ସନ୍ତୋଷ ଶତପଥୀ)

ଆଇଓସିଏଲ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଉମରକୋଟ ଉପଖଣ୍ଡ ହସ୍ପିଟାଲରେ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ ରାଉଳ, ଡାକ୍ତର ଶରତ ଚନ୍ଦ୍ର ସେଠୀ ଏବଂ ତୈଳ ନିଗମର ସହ ପରିଚାଳକ କେ.ରାମ ବାବୁ ଉପସ୍ଥିତ ଥିଲେ । ନବରଙ୍ଗପୁର ଜିଲାର ଭାରତୀୟ ତୈଳ ନିଗମର ଡିଷ୍ଟ୍ରିବ୍ୟୁଟର ପେଣ୍ଡରାଣୀ ଇଣ୍ଡେନ ଗ୍ୟାସ, ଜୟ ବଜରଙ୍ଗ ବାଲି ଇଣ୍ଡେନ ଗ୍ରାମୀଣ ବିତରକ, ବାବା ବୈଦ୍ୟନାଥ ଇଣ୍ଡନ ଗ୍ରାମୀଣ ବିତରକ, ଗୟାଧର ଇଣ୍ଡେନ ଗ୍ରାମୀଣ ବିତରକ, ପୁରୁଷୋତ୍ତମ ଇଣ୍ଡନ ଗ୍ୟାସ, ସତ୍ୟ ଇଣ୍ଡନ ଗ୍ୟାସ ଶିବିର ଆୟୋଜନ କରାଇଥିଲେ । ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା । ମିଲୁ ପଣ୍ଡା, ଅଖିଳ ଭତ୍ରା, ସୀମାଞ୍ଚଳ ମଲ୍ଲିକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରେଷ୍ଠଙ୍କୁ ସମ୍ମାନ, କୃତୀ ପ୍ରତିଯୋଗୀ ହେଲେ ପୁରସ୍କୃତ

### ଜିଲାସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ

କୋରାପୁଟ/ଜୟପୁର, ୧୬।୮ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)



କୋରାପୁଟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ।

କୋରାପୁଟ ପୋଲିସ ପରେଡ୍ ପଡ଼ିଆଠାରେ ୭୮ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା । ଏହିଅବସରରେ ପ୍ରଜ୍ଞାପନ ମେଟ୍ ପ୍ରଦର୍ଶନ କରାଯାଇଥିଲା । ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମଧୁ ନାୟକ, ସ୍ୱର୍ଗତ କମଳା ପୁଜାରୀଙ୍କ ପୁଅ ଧନୁର୍ଦ୍ଧର ପୁଜାରୀ ଏବଂ ପଦ୍ମଶ୍ରୀ ଗୋବର୍ଦ୍ଧନ ପାଣିକା ପ୍ରମୁଖଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପରେଡ଼ର ଶ୍ରେଷ୍ଠ ଦଳ ଓ ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା । ପରେଡ଼ରେ ୨୭ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପୋଲିସ ଆର୍‌ଆଇ ଏ.ବିଘ୍ନେଶ୍ୱର ରାଓ ପରେଡ୍ ପରିଚାଳନା କରିଥିଲେ । ଜିଲାପାଳ ଭି.କୀର୍ତ୍ତିଭାସନ ଓ ଏସ୍‌ପି ଅଭିନବ ସୋନକର, ବିଧାୟକ ରଘୁରାମ ମାଛ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ଓ ଉପସଭାପତି ରାଧା ବିନୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ପୋଲିସ ପରେଡ୍ ପଡ଼ିଆଠାରେ ମନ୍ତ୍ରୀ ଗଣ୍ଡ ଚାରା ରୋପଣ କରିବା ସହ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶିର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଅଧ୍ୟାପକ ରବି ଶତପଥୀ, ସତ୍ୟନାରାୟଣ ପ୍ରଧାନ, ଏ.କେ.ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ଜୟପୁର ଦଶହରା ପଡ଼ିଆରେ ଉପଖଣ୍ଡସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଛି । ଉପଜିଲାପାଳ ପ୍ରଭାତ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ପରେଡ଼ରେ ୪୭ଟି ଗ୍ରୁପ୍ ଭାଗ ନେଇଥିଲେ । ଏସ୍‌ଡିପିଓ ଅଙ୍କିତ ବର୍ମା, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ଟାଉନ ଥାନା ଅଧିକାରୀ ରମେଶ ରଞ୍ଜନ ଦଳେଇ ଏସ୍‌ଡିପିଆରଓ ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପରେଡ଼ରେ ଶ୍ରେଷ୍ଠ ବିବେଚିତ ଗ୍ରୁପ୍‌ମାନଙ୍କୁ ଉପ ଜିଲାପାଳ ପରିଡ଼ା ପୁରସ୍କାର ବିତରଣ କରିଥିଲେ । ସେହିପରି ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଏଠାରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, କୃଷ୍ଣ ନେପାଳ, ହସନ ମହାନି, ଅଜିତ ସାମନ୍ତରାୟ, ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜୟପୁର ପୌରପାଳିକାକୁ ଶ୍ରେଷ୍ଠ ପୌରପାଳିକା ଭାବେ ଏବଂ ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କୁ ଶ୍ରେଷ୍ଠ ଥାନା ଅଧିକାରୀ ଭାବେ ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯାଇଛି ।

# ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁନଃ ସ୍ଥାପନ ଦାବିରେ ଧାରଣା



କୋଷାଗୁମୁଡ଼ା/କୋଡ଼ିଙ୍ଗା, ୧୬।୮ (ପ୍ରସାଦ ବିଶୋୟୀ/ସମରେନ୍ଦ୍ର ପଟ୍ଟନାୟକ)

ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା କୋଷାଗୁମୁଡ଼ା ବ୍ଲକ୍ କୋଟାଗାଁ ବୀର ଚାଉଁରିଆ ବିଦ୍ୟାଳୟକୁ ଅପଗ୍ରେଡ୍ କରାଯାଇ ଯୁକ୍ତ ୨ ଖୋଲାଯାଇ ପୁଣି ତାହାକୁ ବନ୍ଦ କରାଯାଇଛି । ଏହା ବିରୋଧରେ କୋଟାଗାଁ ଅଞ୍ଚଳବାସୀ ବୀର ଚାଉଁରିଆ ବିଦ୍ୟାଳୟ ନିକଟରେ ଶୁକ୍ରବାର ଧର୍ମଘଟ ସହ ଗଣଧାରଣା ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟ ମୁଖ୍ୟ ଫାଟକକୁ ତାଲା ପକାଇ ଅଞ୍ଚଳବାସୀ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଯିବାକୁ ଦେଇ ନ ଥିଲେ । ଆଗାମୀ ଦିନରେ ସରକାର ଯଦି ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଧର୍ମଘଟକୁ ତୀବ୍ର କରାଯିବ ବୋଲି କୋଟାଗାଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

ସୂଚନା ଥାଉକି ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୨୪୮୨୨ ତା୧୯।୧୦।୨୦୨୩ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବ୍ଲକ୍ ଗ୍ରାଣ୍ଟ କୋଟାଗାଁ ବୀର ଚାଉଁରିଆ ଉଚ୍ଚ ବିଦ୍ୟାଳୟକୁ +୨ ପାଇଁ ଅପ୍‌ଗ୍ରେଡ୍ କରାଯିବା ପ୍ରସ୍ତାବ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାପରେ ଚଳିତ ୨୦୨୪-୨୫ ଶିକ୍ଷାବର୍ଷରୁ +୨ କଳା ଓ ବିଜ୍ଞାନ ପାଇଁ ନୂତନଭାବେ କୋଟାଗାଁ ବୀର ଚାଉଁରିଆ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କରାଯାଇଛି । +୨ କଳାରେ ୧୨୮, ବିଜ୍ଞାନରେ ୧୨୮ ଜଣ ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିବାକୁ ବିଦ୍ୟାଳୟ ପକ୍ଷରୁ ପ୍ରଚାର କରାଯାଇଥିଲା । କଳାରେ ୧୩୦ଜଣ, ବିଜ୍ଞାନରେ ୯୬ଜଣ ପଞ୍ଜୀକରଣ କରିଛନ୍ତି । ଏଥିପାଇଁ ଶିକ୍ଷକ ମଧ୍ୟ ନିଯୁକ୍ତି ହୋଇସାରିଛନ୍ତି । ଚଳିତ ମାସ ୧ ତାରିଖରେ +୨ ପ୍ରବେଶିକା ଦିନ ଥିବାରୁ ପିଲାମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲେ । ତେବେ ବ୍ଲକ୍ ଗ୍ରାଣ୍ଟ ଥିବା ବୀର ଚାଉଁରିଆ ଉଚ୍ଚ ବିଦ୍ୟାଳୟ ଅପ୍‌ଗ୍ରେଡ୍ ହୋଇ ନ ଥିବା ସହ ସାଇଟ୍ ଖୋଲୁ ନ ଥିବାରୁ ଛାତ୍ରୀଛାତ୍ର ନାମ ନ ଲେଖାଇ ଘରକୁ ଫେରି ଯାଇଥିଲେ । ସମସ୍ୟା ନେଇ ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଯୋଗାଯୋଗ କରିଥିଲେ । ଅନ୍ୟ ଶିକ୍ଷାନୁଷ୍ଠାନରେ +୨ ପାଠ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କୋଟାଗାଁ ବୀର ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ବର୍ତ୍ତମାନ ପ୍ରାୟ ୨୨୬ ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରରେ । ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ଛତ୍ରପତି ସାହୁଙ୍କୁ ପଚାରିବାରୁ ମୋର ଏଠାରେ ନିଯୁକ୍ତି ପୂର୍ବରୁ ବୀର ଚାଉଁରିଆ ଉଚ୍ଚ ବିଦ୍ୟାଳୟକୁ +୨ ପାଇଁ ଅପଗ୍ରେଡ୍ କରାଯିବା ପ୍ରସ୍ତାବ ଆସିଥିଲା । ଏହା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ହୋଇଥିବାରୁ ଏହି ସମସ୍ୟା ଦେଖାଦେଇଛି । ଆବେଦନ କରିଥିବା ପିଲାମାନଙ୍କ ମଧ୍ୟରୁ କେତେଜଣ ଅନ୍ୟତ୍ର ନାମ ଲେଖାଇ ସାରିଲେଣି । ତଥାପି ସମସ୍ୟା ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରିବେ । ଏଥିସହ ସ୍କୁଲ ପ୍ରଧାନଶିକ୍ଷକ ଓ ଅଭିଭାବକଙ୍କ ସହ ଆଲୋଚନା କରି ତାଲା ଖୋଲିବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

# ବାଂଲାଦେଶୀଙ୍କୁ ବିରୋଧ, ଶୋଭାଯାତ୍ରା

### ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରର ପ୍ରତିବାଦ

କୋରାପୁଟ,୧୬।୮ (ଅମିତାଭ ବେହେରା)




ବାଂଲାଦେଶୀଙ୍କୁ ବିରୋଧ କରି ବାହାରିଥିବା ଶୋଭାଯାତ୍ରା ।

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଅମାନୁଷିକ ଅତ୍ୟାଚାର ବିରୋଧରେ ଶୁକ୍ରବାର କୋରାପୁଟ ହିନ୍ଦୁ ଜାଗରଣ ମଞ୍ଚ, ନାଗରିକ ସୁରକ୍ଷା ମଞ୍ଚ, କୋରାପୁଟ ରାମ ନବମୀ ପରିଚାଳନା କମିଟି, ବ୍ୟବସାୟ ସଂଘ ପକ୍ଷରୁ ମିଳିତ ଭାବେ କୋରାପୁଟରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ରାଜେଶ ସୋନେଜା, ବରିଷ୍ଠ ଆଇନଜୀବୀ ଅଶୋକ ଷଡଙ୍ଗୀ, ବିଜୟ ମିଶ୍ର, ରାମପ୍ରସାଦ ସାହୁ, ଶିବ ପ୍ରସାଦ ଦାସ, ଡି.ରାମା ରାଓ, ଡିକେ ହୋତା, ମୋତିଲାଲ ସାହୁ, ସିଏଚ ରମେଶ, ସନ୍ତୋଷ ଜେନା, ୱାଇ ସତ୍ୟନାରାୟଣ, ଚିରଞ୍ଜୀବୀ ପଟ୍ଟନାୟକ, ଚିତ୍ତ ଶତପଥୀ, ସନ୍ତୋଷ ଗୌଡ, ଶ୍ରୀଧର ପଟ୍ଟନାୟକ, ଅରୁଣ ସାହୁ,ମହିପାଲ ସିଂ, ମହେନ୍ଦ୍ର ସିଂଙ୍କ ସମେତ ଶତାଧିକ ବୁଦ୍ଧିଜିବୀ ସାମିଲ ହୋଇ ସହର ପରିକ୍ରମା କରିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ପ୍ରଦାନ କରାଯାଇଥିଲା । ବାଲାଂଦେଶରେ ହିନ୍ଦୁମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ବନ୍ଦ କରିବା ସହ କୋରାପୁଟ ଜିଲାରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଜିଲାରୁ ସେମାନଙ୍କୁ ବିତାଡିତ କରିବା ପାଇଁ ଦାବି କରାଯାଇଥିଲା । ସେହିପରି ବାଲାଂଦେଶୀ ଅନୁପ୍ରବେଶ କାରୀଙ୍କ ସଂପୂର୍ଣ୍ଣ ତଥ୍ୟ ପ୍ରକାଶ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ରର ନକଲ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାରଙ୍କୁ ମଧ୍ୟ ପ୍ରଦାନ କରାଯାଇଛି ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-356E, ତା.06.08.2024ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ଦଶପଲ୍ଲା (ବ୍ୟତୀତ) ଠାରୁ ପୁରୁଣାକଟକ (ବ୍ୟତୀତ) ମଧ୍ୟରେ ନୂତନ ଲାଇନ୍‌ରେ 25KV OHE ର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 3779.33 ଲକ୍ଷ, EMD (ଟଙ୍କାରେ): 20,39,700/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.06.09.2024 ରିଖ 1230 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଓ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଭପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର

PR-50/CH/24-25



## ODISHA HYDRO POWER CORPORATION LTD.

No.CAD-855

(A Government Of Odisha Undertaking)

OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT

AT/PO : BARINIPUT, DIST : KORAPUT - 764006

Phone - (06854) 242001. Fax - (06854) 242038, E-mail : sgmel.ukhep@gmail.com

No. OHPC:SGM:UKHEP:Tech:/3879/Dated, Bariniput the 13.08.2024

**NOTICE INVITING TENDER No.18/24-25 Date. 13.08.2024**

Sealed Tenders are invited in sealed envelopes from the reputed Manufacturers / Authorized dealers supplied at least such similar types of material in any Govt. Department, PSU, Semi Govt. or any other organizations as detailed below for **" Procurement of spares for krloskar Make 215 HP Cooling Water Pump for Upper Kolab Hydro Electric Project, Bariniput, Dist : Koraput, Odisha"**

| Sl No. | Description of materials | Cost of tender paper (Non-Refundable) | E.M.D. in Rs. (Refundable) |
|---|---|---|---|
| 1 | "Procorement of spares for Kirloskar Make 215 HP Cooling Water Pump for Upper Kolab Hydro Electric Project, Bariniput, Dist : Koraput, Odisha | Rs. 7080/- (Rs.6000/- + 18% GST) | 20,000/- |

Sale of tender paper : From 28.08.2024 to 11:00 Hrs. of 12.09.2024
Last date of submission of tender : Up to 12:00 Hrs. of 12.09.2024
Date & Time of opening of tender : At 12:30 Hrs. of 12.09.2024
For details of the tender documents, terms and conditions please visit our website www.ohpcltd.com

OIPR-04002/11/0028/2425

Sd./- C & P Head, UKHEP, Bariniput



## idco | ODISHA NEW OPPORTUNITIES

No.:CAD-849

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

Tender Call Notice No. IDCO:H.O./P&C/EST/E-2713/01/2024/24086, Dt.:13.08.2024

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. **Name of the Work** : Construction of SFRC precast, pretension Compound Wall at Kasili, Rayagada, Odisha
2. **Value of the Work** : Rs. 44.46 lakhs
3. **Period of Completion** : 03 (Three) Calendar Months
4. **Other details** :

| Procurement Officer | Tender Reference No. | Availability of Tender on-line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar - 751022 | P&C/ES-T/E-18/2024-25 | 22.08.2024 at 17.00 Hrs. | 02.09.2024 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C), IDCO, Bhubaneswar

OIPR-14003/11/0040/2425



## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER

Mahanadi, Brahmani & Baitarani System, Chandikhole, E-mail ID: cembbschandikhole@gmail.com

**NOTICE INVITING TENDER**

**E-Procurement Notice No. CE&BM, MBBS 01 of 2024-25 | Bid Identification No. CE&BM, MBBS JKID 01 of 2024-25**

No. A-230: The Chief Engineer & Basin Manager, Mahanadi, Brahmani & Baitarani System, Chandikhole on behalf of Governor of Odisha invites Online Percentage rate tender through e-Procurement in Double Cover System.

Table - 1: Details of Critical Dates, details of work, Bid Security

| Pkg. No. | Name of Works | Approx. Tender Cost | Class of Contractor | Bid Security/ EMD (Online) (in INR) | Cost of Tender Document (Online) (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Protection to Scored Bank on Kharasuan Right & Left near Village: Trilochanpur | Rs.997.13 Lakh (Excluding GST) | A & Special Class | Rs.9,97,200/- | Rs.10,000/- | 12 (Tweleve) Calendar Months |

Table-2: e-Procurement Details

| Procurement Officer | Bid Identification No. | Availability of Tender Online for Bidding | | Date of Seeking Tender Clarification | Date & Time of Opening of Tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Basin Manager, Mahanadi, Brahmani & Baitarani System, Chandikhole | CE&BM, MBBS JKID 01 of 2024-25 | Dt.21.08.2024 at 10.00 hours | Dt.05.09.2024 upto 17.00 hours | Dt.21.08.2024 to 03.09.2024 at Office during office hours | Dt.06.09.2024 at 11.00 hours | To be intimated after evaluation of Technical Bid | Office of Chief Engineer & Basin Manager, Mahanadi, Brahmani & Baitarani System, Chandikhole |

Further details can be seen from the Govt. Website www.tendersodisha.gov.in.
*Other terms & conditions can be seen from the Government webstie www.tendersodisha.gov.in.
*The Corrigendum/cancellation of tender, if any, will be uploaded and can be seen from the above website only.

OIPR-32415/11/0001/2425

Sd./- Chief Engineer & Basin Manager, MBBS, Chandikhole



## ଦ.ପୂ. ରେଳପଥ - ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୪/୩୦, ତାରିଖ: ୧୬।୦୮।୨୦୨୪। "ଇ" ପ୍ରୋକ୍ୟୋରମେଣ୍ଟ ପ୍ରଣାଳୀ ପାଇଁ ଟେଣ୍ଡର,** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରିନ୍ସିପାଲ ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ । **କ୍ର.ସଂ., ଟେଣ୍ଡର ନଂ., ଧାର୍ଯ୍ୟ ତାରିଖ, ସଂକ୍ଷିପ୍ତ ବର୍ଣ୍ଣନା, ପରିମାଣ ଏବଂ ଇଏମ୍‌ଡି** ନିମ୍ନ ଅନୁଯାୟୀ ହେବ: **୧. ଆଇଏଫ୍୨୪୫୬୯୮,** ୦୪।୦୯।୨୦୨୪, ଥ୍ରି କ୍ଲାଏଣ୍ଟ ଜିୟୁଆଇ ବେସ୍‌ଡ୍‌ର ଯୋଗାଣ, ସ୍ଥାପନ/କମିଶନିଂ । ୯୯ ଗୋଟି । ₹୬୭,୯୩୦/-। **୨. ୮୦୨୪୩୦୫୦,** ୧୦।୧୦।୨୦୨୪, ଅଏଲ୍ ସର୍ଭୋ ପ୍ରେସ୍ ୧୫୦ ଆରଆର୍ ଇତ୍ୟାଦି, ୩୪୬୫୦ ଲିଟର, ₹୧,୦୫,୯୧୦/-। **୩. ୮୦୨୪୩୦୪୨,** ୦୨।୦୯।୨୪, ଅଏଲ୍ ହାଇଡ୍ରୋଲିକ୍ ଗିଆର୍. ଭିଜି-୬୮ ଇତ୍ୟାଦି, ୩୪୪୪୦ ଲିଟର, ₹୬୯,୭୪୦/-। **୪. ୫୬୨୪୫୦୮୯ଏ,** ୦୯।୦୯।୨୦୨୪, ଇଲେକ୍ଟ୍ରିକ୍ ପଏଣ୍ଟ ମେଶିନ୍ ଆଇଆର୍‌ଏସ୍ ଟାଇପ୍ ୨୨୦ ମିମି ଷ୍ଟ୍ରୋକ୍‌ର ଯୋଗାଣ ପାଇଁ ରନିଂ କଣ୍ଟ୍ରାକ୍ଟ ଇତ୍ୟାଦି, ୱେବ୍‌ସାଇଟ୍ ଅନୁଯାୟୀ, ₹୧୭,୫୧,୦୬୦। **୫. ୬୦୨୩୫୦୬୩ସି,** ୧୬।୦୯।୨୪, ସୁଇଚ୍ ପୋର୍ସନ୍ ସ୍ଲିପର୍ସ ୬୦ କିଗ୍ରା ୧ ଇନ୍ ୧୨ ଲେଆଉଟ୍ ଆରଟି-୪୫୧୨ରୁ ଆରଟି-୪୫୩୮, ୩୭୦ ସେଟ୍, ₹୧୨,୯୦,୯୪୦/-। **୬. ୬୦୨୪୦୧୨୩,** ୧୬।୦୯।୨୦୨୪, ପିଏସ୍‌ସି ଇତ୍ୟାଦି ଉପରେ ୬୦ କିଗ୍ରା ରେଳ ପାଇଁ ୧ ଇନ୍ ୮.୫ ଟି/ଓ (ବି.ଜି.) ନିମନ୍ତେ ଡିରେଲିଂ ସୁଇଚ୍‌ର ନିର୍ମାଣ ଓ ଯୋଗାଣ, ୯୬ ସେଟ୍, ₹୫,୩୫,୩୬୦/-। **୭. ୩୧୨୪୩୪୫୧,** ୧୦।୦୯।୨୦୨୪, ଇଏଲ୍‌ଜିଆଇ ମେକ୍‌ର ଓ/ଏଚ୍ କିଟ୍ କମ୍ପ୍ରେସର ଟାଇପ୍ ଟିଆରସି ୧୦୦୦ ଡିସିଏମ୍, ୧୦୦ ସେଟ୍, ₹୧,୨୨,୧୫୦/-। **୮. ୩୩୨୪୩୩୦୪,** ୦୭।୧୦।୨୦୨୪, ଏଲ୍‌ଏଚ୍‌ବି କୋଚ୍ ନିମନ୍ତେ ଆର୍ଥିଂ କେବଲ୍ କମ୍ପ୍ଲିଟ ୭୦ ବର୍ଗ ମିମି, ୧୬୪୦୦ ଗୋଟି, ₹୧,୫୮,୬୯୦/-। **୯. ୭୯୨୪୩୧୯୦,** ୧୦।୦୯।୨୦୨୪, କପଡ଼ା ଦୋସୁତି ଥିକ୍ ଖଦୀ ବ୍ଲିଚ୍‌ଡ୍ ହ୍ୱାଇଟ୍ ୭୦ ସେମି ଚଉଡ଼ା ଇତ୍ୟାଦି, ୨୬୦୦୭ ମିଟର, ଛାଡ଼ପ୍ରାପ୍ତ। **୧୦. ୭୯୨୪୩୧୯୨,** ୦୫।୦୯।୨୦୨୪, ତକିଆ ଖୋଳ ପଲିବସ୍ତ୍ର, ଆକାର ୬୯ ସେମି x ୪୬ ସେମି ଇତ୍ୟାଦି, ୩୨୧୩୦ ଗୋଟି, ₹ଛାଡ଼ପ୍ରାପ୍ତ। **୧୧. ୭୯୨୪୩୧୯୫,** ୦୫।୦୯।୨୦୨୪, ଡଷ୍ଟର ଖଦୀ କପଡ଼ା ଧଳା ୬୧ x ୬୧ ସେମି ଇତ୍ୟାଦି, ୧୪୮୨୬୧ ଗୋଟି, ଛାଡ଼ପ୍ରାପ୍ତ। **୧୨. ୧୯୨୪୪୬୫୬,** ୩୦।୦୮।୨୦୨୪, ନର୍-ବ୍ରେମ୍‌ସେ ମେକ୍‌ର ମ୍ୟାଗ୍ନେଟ୍ ଭାଲ୍‌ଭ (କେବିଆଇଏଲ୍‌ଆଇ୯୪୯୦୦/୧୧୧୦) ପାଇଁ ଓଭରହଲିଂ କିଟ୍। ୨୮୯ ସେଟ୍, ₹୭୧,୬୧୦। **୧୩. ୧୯୨୪୪୬୨୨,** ୦୬।୦୯।୨୦୨୪, ମାଇକ୍ରୋପ୍ରୋସେସର୍ ଆଧାରିତ ଇଲେକ୍ଟ୍ରୋନିକ୍ ସ୍ପିଡ୍ ଇଣ୍ଡିକେଟିଂ ଏବଂ ରେକର୍ଡିଂ ସିଷ୍ଟମ୍। ୪୧ ସେଟ୍, ₹୨,୦୫,୧୩୦/-। **୧୪. ୧୯୨୪୧୩୧୯,** ୨୦।୦୯।୨୦୨୪, ଡବ୍ଲ୍ୟୁଏଜି ପାଇଁ ମାଉଣ୍ଟିଂ ଆସେସୋରିଜ୍ ସହିତ ମୋଟର ସମେତ ମେନ୍ କମ୍ପ୍ରେସର (ଅଏଲ୍ ଲୁବ୍ରିକେଟେଡ୍)। ୨୪ ଗୋଟି, ₹୩,୧୨,୦୯୦/-। **୧୫. ୧୯୨୪୦୦୧୯,** ୨୦।୦୯।୨୦୨୪, ୱିଣ୍ଡୋ ଆସେମ୍ବ୍ଲି। ୩୮ ସେଟ୍, ₹୫୮,୨୫୦/-। **୧୬. ୧୯୨୪୩୦୯୦,** ୨୦।୦୯।୨୦୨୪, ୦୩ ସାମଗ୍ରୀ ସମ୍ବଳିତ ସ୍ପ୍ରିଙ୍ଗ୍ ଲୋଡେଡ୍ ସୁଇଚ୍। ୧୨୨୬ ଗୋଟି, ₹୬୮,୬୮୦/-। **୧୭. ୧୯୨୪୪୯୯୮,** ୨୩।୦୯।୨୦୨୪, ଡବ୍ଲ୍ୟୁଏଜି-୯ ଲୋକୋ ପାଇଁ ଆର୍ଥ ରିଟର୍ନ କେବଲ୍ ଆସେମ୍ବ୍ଲି। ୧୦୭୩ ଗୋଟି। ₹୫୫,୭୧୦/-। **୧୮.୧୯୨୪୩୨୬୯,** ୨୫।୦୯।୨୦୨୪, ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ର ନୋଜ୍ ସସ୍‌ପେଣ୍ଡେଡ୍ ଡ୍ରାଇଭ୍ (ଏମ୍‌ଏସ୍‌ୟୁ ଟ୍ୟୁବ୍) ନିମନ୍ତେ ଲାବିରିନ୍ଥ ରିଙ୍ଗ ସେଟ୍। ୮୫ ସେଟ୍, ₹୨,୨୭,୩୯୦/-। **୧୯. ୨୫୨୪୩୬୦୨,** ୨୬।୦୯।୨୦୨୪, ସିକ୍ୟୁଏନ୍ସ ରିଲେ, ଟାଇପ୍ ପିସି୮। ୧୮୮ ଗୋଟି, ₹୭୧,୮୮୦/-। **୨୦. ୧୯୨୪୩୩୧୨ଏ,** ୨୬।୦୯।୨୦୨୪, ଇପି ରିଲେ ଭାଲ୍‌ଭ ନିମନ୍ତେ କିଟ୍ ସେଟ୍, ୨୫୦ ସେଟ୍, ₹୨,୩୨,୦୩୦/-। **୨୧. ୧୯୨୪୩୬୭୨,** ୨୭।୦୯।୨୦୨୪, ଡବ୍ଲ୍ୟୁଏଜି-୯ ଲୋକୋ ନିମନ୍ତେ ଭର୍ଟିକାଲ୍ ଡାମ୍ପର୍, ୧୫୨ ଗୋଟି, ₹୫୩,୮୪୦/-। **୨୨. ୧୯୨୪୩୬୯୫,** ୩୦।୦୯।୨୦୨୪, ଆଇଭି କପ୍‌ଲର ସକେଟ୍ ଆସେମ୍ବ୍ଲି (ସମ୍ପୂର୍ଣ୍ଣ ସେଟ୍), ୪୨ ସେଟ୍, ₹୬୮,୦୧୦/-। **୨୩. ୨୫୨୪୧୨୫୯,** ୩୦।୦୯।୨୦୨୪, ଡବ୍ଲ୍ୟୁଏଜି-୭ ଲୋକୋର ମଡିଫାଏଡ୍ ଲୁବ୍ରିକେଟିଂ ପିନ୍ ଆରେଞ୍ଜମେଣ୍ଟର ସେଟ୍, ୧୦୩ ସେଟ୍, ₹୧,୪୨,୮୧୦/-। **୨୪. ୨୫୨୪୧୨୯୪,** ୩୦।୦୯।୨୦୨୪, ଏଚ୍‌ଏସ୍୧୫୨୫୦ଏ ଟ୍ରାକ୍ସନ୍ ମୋଟର ନିମନ୍ତେ କନେକ୍ସନ୍ ଟର୍ମିନାଲ୍ ଓ ଟର୍ମିନାଲ୍ କ୍ଲାମ୍ପର ସେଟ୍, ୫୩୮ ସେଟ୍, ₹୬୨,୮୫୦/-। **୨୫. ୨୫୨୪୩୫୮୨,** ୦୧।୧୦।୨୦୨୪, ସ୍ମୁଦିଂ ରିଆକ୍ଟର ଟାଇପ୍-ଏସ୍‌ଏଲ୍ ୪୨ ନିମନ୍ତେ ହୁଡ୍ (ପଲିଷ୍ଟର), ୧୬୭ ଗୋଟି, ₹୧,୦୧,୦୬୦। **୨୬. ୧୯୨୪୩୨୨୮,** ୦୩।୧୦।୨୦୨୪, ହୋଜ୍ କପ୍‌ଲିଂ ୧" (ଡିବିଆର୍) ଆର୍‌ଏଚ୍, ୧୦୮୪ ଗୋଟି, ₹୯୭,୨୧୦/-। **୨୭. ୧୯୨୪୩୧୯୧,** ୦୩।୧୦।୨୦୨୪, ଡବ୍ଲ୍ୟୁଏଜି-୯ ପାଇଁ କ୍ୟାବ୍ ଆକ୍ଟିଭେଟିଂ କୀ ସୁଇଚ୍, ୨୪୮ ଗୋଟି ₹୭୬,୬୭୦/-। **୨୮. ୧୯୨୪୩୧୫୪,** ୧୪।୧୦।୨୦୨୪, ଡବ୍ଲ୍ୟୁଏଜି-୯ ଲୋକୋର ଡ୍ରାଇଭର୍ ଡେସ୍କ ପାଇଁ ସୁଇଚ୍‌ଗୁଡ଼ିକର ସେଟ୍, ୨୨୦ ସେଟ୍, ₹୧,୪୬,୬୭୦/-। **୨୯. ୨୫୨୪୩୫୬୩,** ୨୧।୧୦।୨୦୨୪, ଇଏଲ୍‌ଜିଆଇ କମ୍ପ୍ରେସର୍ ନିମନ୍ତେ ବିୟରିଂ ସହିତ କନେକ୍ଟିଂ ରଡ୍ ଏବଂ କ୍ରାଙ୍କ୍ ଶାଫ୍ଟ ଆସେମ୍ବ୍ଲି, ୫୭ ଗୋଟି, ₹୭୬,୭୫୦/-। **୩୦. ୧୯୨୪୩୦୩୨,** ୨୫।୧୦।୨୦୨୪, ଆନେକ୍ସର୍ ଅନୁଯାୟୀ ଏଡିଭି ସହିତ ଏଫ୍‌ଟିଆର୍‌ଟିଆଇପିଏଲ୍ ମେକ୍ ଡ୍ରିପ୍ କପ୍ ନିମନ୍ତେ ମେଣ୍ଟେନାନ୍ସ କିଟ୍, ୧୭୯ ସେଟ୍, ₹୬୨,୦୫୦/-। **୩୧. ୨୫୨୪୩୬୧୦,** ୩୦।୧୦।୨୦୨୪, ହେକ୍ସ, ଏଚ୍.ଡି ସ୍କ୍ରୁ ଓ ଲକ୍ ସହିତ ପାଣ୍ଟୋ ମାଉଣ୍ଟିଂ ଇନ୍‌ସୁଲେଟର, ୭୫୮ ଗୋଟି, ₹୬୨,୬୧୦/-। **୩୨. ୨୫୨୪୩୨୯୮,** ୦୫।୧୧।୨୦୨୪, ଏଏଲ୍ ପାର୍ଟ ନଂ. ଏସ୍‌ଜି୩୦୦୧୪୭ ଆର୍୦୦୦୧ ଅନୁଯାୟୀ ପ୍ରେସର୍ ରେଗୁଲେଟର୍ ଆସେମ୍ବ୍ଲି ପାଇଁ କିଟ୍, ୧୩୨ ଗୋଟି, ₹୬୩,୬୪୦/-। **୩୩. ୨୫୨୪୧୨୨୫,** ୨୨।୧୧।୨୦୨୪, ଡବ୍ଲ୍ୟୁଏପି୪ ଲୋକୋମୋଟିଭ୍ ପାଇଁ ଏମ୍‌ଏମ୍ ଷ୍ଟିଲ୍ ପିନ୍ ଏବଂ ବୁଶ୍ (ପ୍ରତି ଲୋକୋ)ଗୁଡ଼ିକର ସେଟ୍, ୩୮ ସେଟ୍, ₹୭୧,୦୯୦/-। **୩୪. ୩୮୨୪୩୮୮୧,** ୨୩।୦୯।୨୦୨୪, ୭/୮" (୨୨.୨୨ ମିମି) ଡାୟା. ଜିଙ୍କ୍ ପ୍ଲେଟେଡ୍/ଗାଲ୍‌ଭାନାଇଜ୍‌ଡ ଲକ୍ ବୋଲ୍ଟ ସହିତ କୋଲାର ଇତ୍ୟାଦି, ୧୮୯୨୦୬ ଗୋଟି, ₹୫୨,୩୧୫/-। **୩୫. ୩୮୨୪୩୩୪୩,** ୦୧।୧୦।୨୦୨୪, ଅପ୍-ଗ୍ରେଡେଡ୍ ଏଚ୍‌ଟି-ସିବିସି ପାଇଁ ଲକ୍ ଲିଫ୍ଟ ଲିଭର୍ ଆସେମ୍ବ୍ଲି ଇତ୍ୟାଦି, ୨୨୫୬୦ ଗୋଟି, ₹୪,୩୦,୭୨୦/-। **୩୬. ୩୮୨୪୩୯୮୪,** ୧୫।୧୦।୨୦୨୪, କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲିୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ଆସେମ୍ବ୍ଲି (ଡିଜାଇନ୍-ଏ) ଇତ୍ୟାଦି, ୧୪୭୦ ଗୋଟି, ₹୩,୦୮,୨୭୦/-। **୩୭. ୩୮୨୪୧୫୭୫ଏ,** ୨୨।୧୦।୨୦୨୪, ବିଓଏକ୍ସଏନ୍ ୱାଗନ୍ ପାଇଁ ଫ୍ଲାପ୍ ଡୋର୍ ଆସେମ୍ବ୍ଲି (ମଡିଫାଏଡ୍) ଇତ୍ୟାଦି, ୪୦୯୪ ଗୋଟି, ₹୪,୬୨,୧୩୦/-। **୩୮. ୩୮୨୪୩୦୧୧,** ୨୮।୧୦।୨୦୨୪, ସେଣ୍ଟର ଫାଇଭଟ୍ (ରବର୍ ବଣ୍ଡେଡ୍) ପାଇଁ ୱାଶର୍ ଇତ୍ୟାଦି, ୯୫୨୭୦ ଗୋଟି, ₹୨,୪୭,୩୨୦/-। **୩୯. ଆଇଜି୨୪୫୪୦୪ବି,** ୧୭।୦୯।୨୦୨୪, ରୋଟାରୀ ସ୍କ୍ରୁ ଡିଜେଲ୍‌ଚାଳିତ ଏୟାର୍ କମ୍ପ୍ରେସର୍ ୩୦୦ ସିଏଫ୍‌ଏମ୍, ୦୨ ଗୋଟି, ₹୭୫,୬୯୦/-। **୪୦. ଆଇଏଫ୍୨୪୫୬୬୦,** ୧୦।୦୯।୨୦୨୪, ୱାଗନ୍ ପାର୍ଟଗୁଡ଼ିକର ସେଟ୍, ୦୧ ସେଟ୍, ₹୬୮,୫୫୦/-। **୪୧. ୪୨୨୩୫୦୧୧ଏ,** ୨୪।୦୯।୨୦୨୪, ବ୍ରଶଲେସ୍ ଡିସି (ବିଏଲ୍‌ଡିସି) ମୋଟର ସିଲିଂ ଫ୍ୟାନ୍, ଆଇଏସ୍‌ଆଇ ମାର୍କା, ସୁଇପ୍ ଆକାର: ୧୨୦୦ ମିମି, ୨୧୦୭୭ ଗୋଟି, ₹୧୪,୨୭,୭୮୦/-। **୪୨. ୪୭୨୪୩୦୦୨,** ୦୫।୦୯।୨୦୨୪, ଟ୍ରାକ୍ ଫିଡ୍ ବ୍ୟାଟେରି ଚାର୍ଜର୍ ଇନପୁଟ୍ ଭୋଲ୍ଟେଜ୍ ୧୧୦ ଭୋଲ୍ଟ, ୭୧୯ ଗୋଟି, ₹୫୧,୪୬୦/-। **୪୩. ୪୫୨୪୩୧୯୮,** ୧୨।୦୯।୨୦୨୪, ସେଲ୍‌ଫ୍-ଜେନେରେଟିଂ କନ୍‌ଭେନ୍‌ସନାଲ୍ କୋଚ୍‌ଗୁଡ଼ିକ ପାଇଁ ଏଲ୍‌ଇଡି ଟାଇପ୍ ଇମର୍ଜେନ୍ସି ଲାଇଟ୍ ୟୁନିଟ୍, ୬୭୯ ଗୋଟି, ₹୭୬,୯୨୦/-। **୪୪. ୪୫୨୪୩୨୦୨,** ୧୨।୦୯।୨୦୨୪, ଏକ୍ସିଲ୍ ପୁଲି, ୨୫ କେଡବ୍ଲ୍ୟୁ ଅଲ୍‌ଟରନେଟର୍ ଭି ଗ୍ରୁଭ୍‌ଡ ପାଇଁ, ୨୪୯ ଗୋଟି, ₹୮୩,୫୦୦/-। **୪୫. ୪୬୨୪୫୦୩୦,** ୨୬।୦୯।୨୦୨୪, ଜଏଣ୍ଟଲେସ୍ ଗ୍ରୁଭ୍‌ଡ କପର୍ କଣ୍ଟାକ୍ଟ ଓୟାର୍, ୪୩୧ ମିଟର, ₹୨୦,୦୦,୦୦୦/-। **୪୬. ୪୬୨୪୫୦୩୧ଏ,** ୧୦।୦୯।୨୦୨୪, ଅନ୍-ଇନ୍‌ସୁଲେଟେଡ୍ କାଡ୍‌ମିୟମ୍ କପର୍ କାଟେନାରୀ ଓୟାର୍ ୬୫ ବର୍ଗ ମିମି, ୩୪୬ ମିଟର, ₹୨୦,୦୦,୦୦୦/-। **୪୭. ୪୭୨୪୫୦୧୦,** ୧୮।୦୯।୨୦୨୪, ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ ପାଇଁ ୫୪୦୦ କେଭିଏ ଲୋକୋ ମେନ୍ ଟ୍ରାନ୍ସଫର୍ମର୍ କମ୍ପ୍ଲିଟ୍, ୦୩ ଗୋଟି, ₹୩,୨୨,୪୨୦/-। **୪୮. ୪୬୨୪୩୧୦୨,** ୨୬।୦୯।୨୦୨୪, ପୋର୍ସିଲେନ୍ ଷ୍ଟେ ଆର୍ମ ଇନ୍‌ସୁଲେଟର, ୧୨୦୦ ଗୋଟି, ₹୫୬,୫୦୦/-। **୪୯. ୪୬୨୪୩୧୨୧,** ୨୬।୦୯।୨୦୨୪, ପୋର୍ସିଲେନ୍ ୯ ଟୋନ୍ ଇନ୍‌ସୁଲେଟର, ୭୪୫ ଗୋଟି, ₹୫୩,୬୩୦/-। **୫୦. ୪୬୨୪୩୧୧୯,** ୨୬।୦୯।୨୦୨୪, ପୋର୍ସିଲେନ୍ ବ୍ରାକେଟ୍ ଇନ୍‌ସୁଲେଟର, ୧୧୭୦ ଗୋଟି, ₹୬୦,୪୭୦/-। **୫୧. ୫୬୨୪୫୦୭୩ଏ,** ୦୪।୦୯।୨୦୨୪, ରିଲେ ଏସି ଇମ୍ୟୁନ୍, ପ୍ଲଗ୍-ଇନ୍-ଟାଇପ୍ ଷ୍ଟାଇଲ୍ କ୍ୟୁଟିଏ୨ର ଯୋଗାଣ ପାଇଁ ରନିଂ କଣ୍ଟ୍ରାକ୍ଟ, ୧୨୦୦ ଗୋଟି, ₹୫୨,୩୭୦/-। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି ।

(PR-490) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଗାର୍ଡେନ୍ ରିଚ୍



## WALK-IN-INTERVIEW

A Walk-in-Interview for engagement of Lecturer in Odia on contractual basis to be held on dtd. 30.08.2024 at 11.00 A.M. in the Women's Higher Secondary School, Malkangiri. Candidates having mimimum 55% of marks in P.G. level may attend the walk-in-interview with all original testimonials and engagement of a lady Peon on contractual basis with having qualification of 8th pass may attend the walk-in-interview.

The authority reserves the right to cancel the said interview without any reason thereof.

No TA/DA will be allowed.

Sd./- Principal-cum-Secretary
Women's Higher Secondary School, Malkangiri



## OFFICE OF THE DIRECTOR, CAPITAL HOSPITAL, BHUBANESWAR
## ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ

Unit - VI, Ganga Nagar, Udyan Marg, Bhubaneswar - 751001, Khordha
Email : substorechb@gmail.com / director.chb@gmail.com, Ph : 0674-2391983/85/79

No.: 7945/Sub-store/2024 Date : 16.08.2024

**TENDER CALL NOTICE**

No.E-208 : Sealed tenders are invited from Manufacturers / Wholesalers / Distributors for **"Supply of Cathlab Consumables"** for the year **2024-2025** through courier service/speed post/register post only. For details, please visit our website : www.capitalhospital.nic.in (**WWW. CAPITALHOSPITAL.NIC.IN**). The details of last date & time of receipt of tender, pre-bid meeting, date & time of opening of tender, venue etc. are mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Sd./- Director, Capital Hospital, Bhubaneswar

OIPR-10078/11/0003/2425



## Bhubaneswar Development Authority

Akash Shova Building, Sachivalaya Marg, Bhubaneswar, Odisha - 751001
Ph : +91-0674-2392801

RFP No. : 25457/BDA Dated : 08/08/2024

**SELECTION OF A CONSULTANT TO CONDUCT A MARKET FEASIBILITY STUDY FOR THE PROPOSED NEW CITY, BHUBANESWAR**

No.CAD-857: Bhubaneswar Development Authority(BDA) intends to select an agency for "Selection of a Consultant to Conduct a Market Feasibility Study for the proposed New City, Bhubaneswar"

Interested agencies may participate in this tender and submit their proposal. The RFP documents will be available from 12.08.2024 to 10.09.2024 and can be downloaded from Odisha e-procurement portal i.e., https://tendersodisha.gov.in. The completed proposal, as per instruction in the RFP document, should be submitted on the portal latest by 10.09.2024 up to 17:00 hrs. Please refer to the RFP document for further details. BDA reserves the right to cancel this invitation and / or invite fresh Bid / RFP with or without amendments to this invitation, without liability or any obligation for such invitation and without assigning any reason. BDA also reserves the right to accept or reject any or all proposals without assigning any reason whatsoever.

OIPR-13033/11/0116/2425

Sd./- Planning Member
Bhubaneswar Development Authority

# ଭୁଶୁଡୁଛି ଯାଜପୁର ଜିଲା ବିଜେଡି ଗଡ଼



ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି, ଯାଜପୁର ଜିଲା ସଭାପତି ଗୌତମ ରାୟ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କ ଉପସ୍ଥିତିରେ ଦଳରେ ନୂଆକରି ଯୋଗ ଦେଇଥିବା ନେତା ଓ କର୍ମୀ।

## ଭାଜପା ଶିବିରରେ ବରୀ ବ୍ଲକ ଅଧ୍ୟକ୍ଷ, ୧୨ ସମିତି ସଭ୍ୟାସଭ୍ୟ, ୬ ସରପଞ୍ଚ

ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୧୬।୮

ରାଜ୍ୟ ଶାସନ ବିଜେଡି ହାତରୁ ଖସିବା ପରେ ବିଭିନ୍ନ ସ୍ଥାନରେ ଦଳୀୟ ସ୍ଥିତି ଦୋହଲିବାରେ ଲାଗିଛି। ସେଥିମଧ୍ୟରେ ଯାଜପୁର ଜିଲା ଅନ୍ୟତମ। ଏଠାରେ ବି ବିଜେଡି ଗଡ଼ ଭୁଶୁଡ଼ିବାରେ ଲାଗିଛି। ଗତ କିଛି ସପ୍ତାହ ତଳେ ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ତୃଣମୂଳ ସ୍ତରରେ ବହୁ ବିଜେଡି ନେତା ଓ ଦଳ ସମର୍ଥନରେ ଜିତିଥିବା ଲୋକ ପ୍ରତିନିଧି ଭାଜପାରେ ସାମିଲ ହୋଇଥିଲେ। ଏବେ ଏହି ଧାରା ଜିଲାର ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି। ୨୦୨୪ ନିର୍ବାଚନରେ ବରୀରେ ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ବିଜୟୀ ହୋଇଛନ୍ତି। ଏହାସତ୍ତ୍ୱେ ଏଠାରେ ବିଜେଡି ଗଡ଼ ଭୁଶୁଡ଼ିବା ଆରମ୍ଭ ହୋଇଛି। ଭାଜପାର ବିଧାୟକ ପ୍ରାର୍ଥୀ ଉମେଶ ଜେନାଙ୍କ ନେତୃତ୍ୱରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଣ୍ଡିଙ୍କ ସହ ଏକାଧିକ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଦୀର୍ଘଦିନର ବିଜେଡି ସହିତ ଥିବା ସମ୍ପର୍କକୁ ତୁଟାଇ ପଦ୍ମ ଧରିଛନ୍ତି। ତେବେ ନିଜ ନେତାଙ୍କ ବିଜୟ ସତ୍ତ୍ୱେ ଏହି ପ୍ରକାର ବିପର୍ଯ୍ୟୟ ଜିଲା ବିଜେଡି ଶିବିରରେ କମ୍ପନ ସୃଷ୍ଟି କରିଛି। ବ୍ଲକ ଅଧ୍ୟକ୍ଷ ଗେଣ୍ଡିଙ୍କ ସମେତ ଯୁବ ନେତା ସଞ୍ଜୀବ ଜେନା, ୬ ଜଣ ସରପଞ୍ଚ ଓ ୧୨ ଜଣ ସମିତି ସଭ୍ୟ ବିଜେଡିଠାରୁ ଦୂରେଇ ଯିବା ପରେ ବିଧାୟକ ମଲ୍ଲିକଙ୍କ ପ୍ରତିଆରା ପ୍ରତି ବିପଦ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି।

ଶୁକ୍ରବାର ଅପରାହ୍ନରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ, ଯାଜପୁର ଜିଲା ସଭାପତି ଗୌତମ ରାୟ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସମୀର ମହାନ୍ତି, ନାଉରୀ ନାୟକ, ଉମେଶ ଜେନା, ଆଶୁତୋଷ ପରିଡ଼ା, ମନୋଜ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ କଳାମାଟିଆ ସମିତି ସଭ୍ୟ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଅନ୍ୟାସୀପୁରର ରମେଶ ଚନ୍ଦ୍ର ସାହୁ, ବାଲିବିଲର ସୁଧାଂଶୁବାଳା ସାମଲ, ଅଲିପୁରର ଅଶୋକ କୁମାର ଗେଣ୍ଡି, ବରୀର ସଞ୍ଜୀବ ଜେନା, ରମ୍ଭାର ଜ୍ୟୋତିର୍ମୟୀ ବେହେରା, ଅଙ୍ଗାଳୋର ସ୍ୱପ୍ନାରାଣୀ ସେଠୀ, ଅଟିରା ପ୍ରୀତିରଞ୍ଜନ ଜେନା, କିମ୍ବିରିଆପାଳର କାବେରୀ ମାଝୀ, ବାଲିଆର ମାନସୀ ଦାସ, ମନ୍ଦାରୀର ଧୀରେନ୍ଦ୍ର ଦାସ ଓ ଉଦୟପୁରର ସମିତି ସଭ୍ୟା ନିର୍ଝରିଣୀ ସାମଲ ରହିଛନ୍ତି। ସେହିପରି ସରପଞ୍ଚ ଭାବେ ମନ୍ଦାରୀର ଧୀରେନ୍ଦ୍ର ଜେନା, ଚନ୍ଦନପୁରର ଚପଳା ମଲ୍ଲ, ରମ୍ଭାର ମାନସ ଜେନା, କଳାମାଟିଆର ରଶ୍ମିତା ପରିଡା, ଅଙ୍ଗାଳୋର ଶକୁନ୍ତଳା ମଲ୍ଲିକ ଓ ଇଶାନପୁର ପଞ୍ଚାୟତର ମାମିନା ଦାସ ପଦ୍ମ ଧରିଛନ୍ତି। ଗୋଳକୁଣ୍ଡର ସବିତା ବେହେରାଙ୍କ ସ୍ୱାମୀ ସହଦେବ ବେହେରା ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ନବ ନିର୍ବାଚିତ ବିଧାୟକ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଚକ୍ରାନ୍ତ କରୁଥିବା ଜାଣି ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି। ଆଗକୁ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଓ ତାଙ୍କ ସ୍ୱାମୀ ତଥା ସଂଗଠକ ଦେବେନ୍ଦ୍ର ଦାସ ମଧ୍ୟ ବିଜେଡି ଛାଡ଼ିବାକୁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

କିଛିଦିନ ତଳେ ଧର୍ମଶାଳା ଓ ରସୁଲପୁର ବ୍ଲକର ୧୩ ଜଣ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ଓ ୮ ଜଣ ସରପଞ୍ଚ ଭାଜପାରେ ସାମିଲ ହୋଇଥିଲେ। ସେହିପରି ସୁକିନ୍ଦା ନିର୍ବାଚନମଣ୍ଡଳୀର କାଳିଆପାଣି ଖଣି ଅଞ୍ଚଳରେ ୧୦୦୦ରୁ ଅଧିକ ଶ୍ରମିକ ଓ କର୍ମଚାରୀଙ୍କ ସମେତ କେତେଜଣ ଖଣି ନେତା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ନେତୃତ୍ୱାଧୀନ ପୁରୁଣା ସଂଘ ଛାଡ଼ି ନୂଆ ସଂଘରେ ମିଶିଛନ୍ତି। ଏସବୁରୁ ଯାଜପୁର ଜିଲାରେ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ବିଜେଡି ଜିଲା ସଭାପତି ସରୋଜ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁମାନେ ବିଜେଡି ଛାଡ଼ିଥିବା ଖବର ଆସୁଛି ସେମାନଙ୍କ ମଧ୍ୟରୁ କେତେଜଣ ଭାଜପା କିମ୍ବା ବିଜେଡିକୁ ସମର୍ଥନ କରୁଥିଲେ ତାହା ତର୍ଜମା କରିବେ। ଅନ୍ୟପକ୍ଷେ ବିଜେଡି ବିଧାୟକ ମଲ୍ଲିକଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଶୁକ୍ରବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ଦୀପାବଳି ପରେ ମହାରାଷ୍ଟ୍ର ନିର୍ବାଚନ

ନୂଆଦିଲ୍ଲୀ/ମୁମ୍ବାଇ,୧୬।୮

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଏବଂ ମହାରାଷ୍ଟ୍ରରେ ପାର୍ବଣ ଋତୁ ଲାଗି ଅତିରିକ୍ତ ସୁରକ୍ଷା ବଳର ଆବଶ୍ୟକତା ରହିଛି। ମହାରାଷ୍ଟ୍ରରେ ଲଗାଣ ବର୍ଷା ଜାରି ରହିଥିବାବେଳେ ଭୋଟର ତାଲିକା ମଧ୍ୟ ଅପ୍‌ଡେଟ୍ ହୋଇନାହିଁ। ଏଥିଯୋଗୁ ଦୀପାବଳି ପରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ କରାଯିବ ବୋଲି ସିଇସି ରାଜୀବ କୁମାର ସୂଚନା ଦେଇଛନ୍ତି। ତେବେ ଏହାକୁ ନେଇ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛି। ମହାରାଷ୍ଟ୍ରର ଶାସକ ମହାୟୁତି ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା ପାଇଁ ଅଧିକ ସମୟ ନେବା ଲାଗି ଜାଣିଶୁଣି ନିର୍ବାଚନକୁ ଟାଳି ଦେଇଛି ବୋଲି ଶିବସେନା(ୟୁବିଟି) ଏବଂ ଏନ୍‌ସିପି(ଏସ୍‌ପି) ପକ୍ଷରୁ ସମାଲୋଚନା କରାଯାଇଛି।

# ଏମ୍‌ଭିଏ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚିନ୍ତା



ଉଦ୍ଧବ ଠାକ୍‌ରେ

ମୁମ୍ବାଇ,୧୬।୮

୨୮୮ ସଦସ୍ୟ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ବିରୋଧୀ ମେଣ୍ଟ ମହାବିକାଶ ଅଘାଡ଼ି (ଏମ୍‌ଭିଏ)କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚିନ୍ତା ଘାରିଛି। ଶୁକ୍ରବାର ଅନୁଷ୍ଠିତ ଏମ୍‌ଭିଏ ବୈଠକରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ପ୍ରଥମେ ସହମତି ଭିତ୍ତିରେ ମୁଖ୍ୟମନ୍ତ୍ରୀ ଚେହେରା ଚୟନ କରିବା ଉପରେ ଜୋର୍ ଦେଇଥିଲେ। ଅନ୍ୟପକ୍ଷେ ଭାଜପା ନେତୃତ୍ୱାଧୀନ ମହାୟୁତି ମେଣ୍ଟକୁ ହଟାଇବା ପରେ ଏହା ଉପରେ ନିଷ୍ପତ୍ତି ନିଆଯିବା ଉଚିତ ବୋଲି ଏନ୍‌ସିପି(ଏସ୍‌ପି) ମୁଖ୍ୟ ଶରଦ ପାୱାର ଓ କଂଗ୍ରେସ ପ୍ରସ୍ତାବ ଦେଇଥିଲେ। ବୈଠକ ପରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ଉଦ୍ଧବ କହିଥିଲେ, ଲୋକ ସଭା ନିର୍ବାଚନ ଗଣତନ୍ତ୍ର ଓ ସମ୍ବିଧାନକୁ ସୁରକ୍ଷିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ବିଧାନସଭା ନିର୍ବାଚନ ମହାରାଷ୍ଟ୍ରର ଆତ୍ମସମ୍ମାନର ଲଢ଼େଇ ପାଇଁ ହେବ। ପାୱାର କହିଥିଲେ, ରାଜ୍ୟର ସ୍ଥିତିରେ ଉନ୍ନତି ଆଣିବାକୁ ହେଲେ ଏକ ନିର୍ଦ୍ଦିଷ୍ଟ ଏଜେଣ୍ଡା ଆବଶ୍ୟକ, ଯାହାକି ସରକାର ପରିବର୍ତ୍ତନ କରିପାରିବ।

# ଭାଜପାରେ ଯୋଗଦେଲେ ବହୁ ବିଜେଡି କର୍ମୀ



ଭାଜପା ମିଶ୍ରଣ ପର୍ବରେ କୋଣ୍ଡାବାବୁ, ଲ୍ୟାମ୍ପସ ସଭାପତି ଚକ୍ର ବିଡ଼ିକା ଓ ଶତାଧିକ କର୍ମୀ ।

ରାୟଗଡ଼ା,୧୬।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କର୍ମୀ ଶୁକ୍ରବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି । ରାୟଗଡ଼ା ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ ୟାଲା ଭେଙ୍କଟେଶ୍ୱର ରାଓ ଓରଫ୍ କୋଣ୍ଡାବାବୁଙ୍କ ନେତୃତ୍ୱରେ ରାୟଗଡ଼ା ଓ କାଶୀପୁର ବ୍ଲକ୍‌ର ବହୁ ଜଣ ଦଳ ଛାଡ଼ି ଭାଜପାରେ ମିଶିଛନ୍ତି। ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଉତ୍ତରୀୟ ଦେଇ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଲ୍ୟାମ୍ପସ ସଭାପତି ଚକ୍ରଧର ବିଡ଼ିକା, ପୂର୍ବତନ ଜିଲା ପରିଷଦ ସଭ୍ୟ କମଳଲୋଚନ ସାଉଁତା, ଆଇନଜୀବୀ ବିରଜା ପ୍ରସାଦ ପାତ୍ର, କେରେଡ଼ା ସରପଞ୍ଚ, ମୀନାରାଓ ତାଡ଼ିଙ୍ଗିଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ମିଶ୍ରଣ ପର୍ବ ସମୟରେ ଭାଜପାର ରାୟଗଡ଼ା ଜିଲା ଉପସଭାପତି ପଦ୍ମନାଭ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ପ୍ରକାଶ ଥାଉକି, ଭେଙ୍କଟେଶ୍ୱର ରାଓ ବିଜେଡିର ଜଣେ ପୁରାତନ କର୍ମୀ ଥିଲେ। ଗତ ଦିନରେ ଦଳରେ ଏକପ୍ରକାର ଗୋଷ୍ଠୀକନ୍ଦଳ ତୀବ୍ର ରୂପ ନେବାରୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭେଙ୍କଟେଶ୍ୱର ରାଓଙ୍କୁ ଜିଲା ପର୍ଯ୍ୟବେକ୍ଷକ ଦଳରୁ ବହିଷ୍କୃତ କରିଥିଲେ। ଭେଙ୍କଟେଶ୍ୱରଙ୍କ ବହିଷ୍କାରକୁ ନେଇ ତାଙ୍କ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିବା ସହ ବିଜେଡିରେ ତୁମ୍ୱିତୋଫାନ ଦେଖାଦେଇଥିଲା। ବିଜେଡିର ଏହି ଗୋଷ୍ଠୀ କନ୍ଦଳ ଯୋଗୁ ସାଧାରଣ ନିର୍ବାଚନରେ ଦଳ କୋରାପୁଟ ଲୋକ ସଭା ଆସନ ହରେଇବା ସହିତ ଜିଲାର ୩ଟି ବିଧାନସଭା ଆସନ ମଧ୍ୟ ହାତରୁ ଖସିଯାଇଥିଲା । ଏବେ ଭେଙ୍କଟେଶ୍ୱର ରାଓ ଭାଜପାରେ ଯୋଗଦାନ କରିବା ପରେ କୋଣ୍ଡାବାବୁଙ୍କୁ ଜିଲାରେ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିପାରେ ବୋଲି ସମର୍ଥକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି। ବହୁ କର୍ମୀଙ୍କ ଭାଜପାରେ ଯୋଗଦାନ ନେଇ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କୁ ପଚାରିବାରୁ କୋଣ୍ଡାବାବୁ ତାଙ୍କ ସହ ଏକ ମାସ ହେବ ପରାମର୍ଶରେ ରହିଥିଲେ ଏବଂ ଦଳରେ ମିଶିବା ନିଷ୍ପତ୍ତି ହୋଇଥିଲା ବୋଲି ସେ କହିଛନ୍ତି । ଏଥିସହ ଆଗାମୀ ଦିନରେ ରାୟଗଡା, ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀର ଆଗଧାଡ଼ିର ବହୁ ନେତା ଓ କର୍ମୀ ଭାଜପାରେ ଯୋଗଦେବେ ବୋଲି ସେ ସଙ୍କେତ ଦେଇଛନ୍ତି।

# କଂଗ୍ରେସ ଛାଡ଼ିଲେ ବିଜୟ ପଟ୍ଟନାୟକ

## ଦଳରେ ତାଙ୍କର କିଛି ପ୍ରେଷ୍ଟିଜ ନାହିଁ : ବିଜୟ

ଭୁବନେଶ୍ୱର, ୧୬।୮(ସୁନିତ୍ ମିଶ୍ର)

ବରିଷ୍ଠ ନେତା ବିଜୟ ପଟ୍ଟନାୟକ କଂଗ୍ରେସ ଛାଡ଼ିଛନ୍ତି। ଶୁକ୍ରବାର ସେ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ତାଙ୍କ ଇସ୍ତଫା ଦେଇଛନ୍ତି। ଇମେଲ୍ ଜରିଆରେ ସେ ନିଜର ଇସ୍ତଫାପତ୍ର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)କୁ ପଠାଇ ଦେଇଛନ୍ତି। ଇସ୍ତଫା ଦେବା ପରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଆଗକୁ କୌଣସି ରାଜନୈତିକ ଦଳକୁ ଯିବେ ନାହିଁ। ଲୋକଙ୍କ ନିକଟକୁ ଯିବେ ବୋଲି ସେ କହିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ୨୦୨୩ ଫେବୃଆରୀରେ କଂଗ୍ରେସରେ ଯୋଗଦେଇଥିଲେ। ଦିଲ୍ଲୀ ଯାଇ ସେ କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସରେ ମିଶିବା ପରେ ତାଙ୍କୁ ନୂଆ ଦାୟିତ୍ୱ ଦିଆଯାଇଥିଲା। ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ତାଙ୍କୁ ପ୍ରଥମେ ନିଯୁକ୍ତି ମିଳିଥିଲା। ହେଲେ ନିର୍ବାଚନ ପୂର୍ବରୁ ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ପଦରୁ ବାହାରକରି ତାଙ୍କ ସ୍ଥାନରେ ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କୁ ଅବସ୍ଥାପିତ କରାଯାଇଥିଲା।

# ବଦଳି ପାଇଁ ସିଡିଏମ୍‌ଓଙ୍କୁ ଚାପ

## ଅଡିଓ ଭାଇରାଲ ପରେ ଚର୍ଚ୍ଚା

ଯାଜପୁର ସଦର,୧୬।୮(ସମର ବିଜୟ ଶରଣ)

ଜିଲା ଭାଜପା ସଭାପତି ଗୌତମ ରାୟ ଜଣେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ବଦଳି କରିବାକୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଶିବାଶିଷ ମହାରଣାଙ୍କୁ ଫୋନ ଯୋଗେ ଚାପ ପ୍ରୟୋଗ କରୁଥିବା ଏକ ଅଡିଓ ଭାଇରାଲ ହୋଇଛି। ତେବେ ଏ ସମ୍ପର୍କରେ ସିଡିଏମ୍‌ଓ ମହାରଣାଙ୍କୁ ପଚାରିବାରେ ଛାଡନ୍ତୁ ସେ କଥା, ଯିଏ ନିୟମ ଭିତରେ ରହି କାମ କରିବେ, ତାଙ୍କୁ କୌଣସି ଭୟ ପ୍ରଭାବିତ କରି ପାରିବ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଭାଜପା ସଭାପତି ରାୟଙ୍କୁ ପଚାରିବାରୁ ଏ କଥା ସିଡିଏମ୍‌ଓଙ୍କୁ ପଚାରନ୍ତୁ ସେ କହିବେ ବୋଲି କହି ମୂଳକଥାକୁ ଏଡାଇ ଦେଇଛନ୍ତି। ତେବେ ଜିଲାସାରା ଏହି ଅଡିଓ ଭାଇରାଲ ହେବା ପରେ ରାଜନୈତିକ ମହଲରେ ବିଭିନ୍ନ ପ୍ରକାର ଆଲୋଚନା ଜୋର ଧରିଛି।

ଅଡିଓରେ ଭାଜପା ଜିଲା ସଭାପତି କହୁଛନ୍ତି, ମୁଁ ଛୋଟିଆ କଥାଟେ କହିଲି ସେହି ବିଜୟ ଦାସଙ୍କ କିଛି ହେଲା ନାହିଁ। ମୁଁ ବୁଝି ପାରୁନି ଦେଶ ଦୁନିଆ ବଦଳିଲାଣି, ଆପଣଙ୍କ ମାଇଣ୍ଡ ସେଟ କାହିଁକି ବଦଳୁନି, ଆମେ କେମିତି ଆପଣଙ୍କୁ ନେଇ କାମ କରିବୁ ବୁଝି ପାରୁନି। ଏହାପରେ ସିଡିଏମ୍‌ଓ କହୁଛନ୍ତି, ମୁଁ ତାଙ୍କୁ ରିପ୍ରେଜେଣ୍ଟେଶନ ମାଗିଛି। ତା'ପରେ ଯାହା କିଛି ହେବ । ଏ କଥା ଶୁଣିବା ପରେ ଭାଜପା ଜିଲା ସଭାପତି କହୁଛନ୍ତି, ସେ ସବୁ ବାଜେ କଥା ଆଜ୍ଞା, ସିଏ ରିପ୍ରେଜେଣ୍ଟେଶନ ଦେଲେ ଆପଣ କରୁଥିଲେ, ଆପଣ କେମିତି କାମ କରନ୍ତି, ସରକାରୀ କଳ କେମିତି କାମ କରେ ମୁଁ ଜାଣେନି। ନା ଆଗରୁ ମୁଁ କରେଇନି। ଭାବୁଛନ୍ତି ମୁଁ ଅନଭିଜ୍ଞ ଲୋକ ବୋଲି। ଭଲରେ କିଛି କରିବେନି, ଠିକ ଅଛି ତା'ହେଲେ ମୁଁ ଆପଣଙ୍କ କଥା ବୁଝି ଦେଉଛି। ଆପଣଙ୍କ କଥା ବୁଝିବାକୁ ମୋତେ ଜମା ୨ ମିନିଟ ସମୟ ଲାଗିବ ବୋଲି ଏକ ପ୍ରକାର ଧମକ ଦେଉଛନ୍ତି। ଅନ୍ୟପକ୍ଷେ ସିଡିଏମ୍‌ଓ ମହାରଣା କହୁଛନ୍ତି, ମୋର କୌଣସି ଜିନିଷର ଭୟଭ୍ରାନ୍ତି ନାହିଁ ସାର। ମୁଁ ଯାହା କରିବା କଥା ମୁଁ କରିଦେବି ବୋଲି କହୁଛନ୍ତି। ତେବେ ଏହି ଅଡିଓଟି ଯଦି ସତ ହୋଇଥାଏ ତେବେ ଆରମ୍ଭରୁ ଭାଜପାର ଜିଲା ମୁଖ୍ୟ କି ଭଳି ଚାପ ପ୍ରୟୋଗ କରୁଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି। କେଉଁ ସାହସରେ ଜଣେ ଜିଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟଙ୍କୁ ଜଣେ କର୍ମଚାରୀଙ୍କ ବଦଳି ପାଇଁ ଧମକ ଦେଉଛନ୍ତି ଏବଂ ଏଥିରେ ତାଙ୍କର କି ସ୍ୱାର୍ଥ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଗଣମାଧ୍ୟମ ଆଗରେ ମତ ରଖିବେ କଂଗ୍ରେସର ୪ ନେତା

## କାଡାମ, ଶ୍ରୀକାନ୍ତ, ସାଲୁଜା, ବିଶ୍ୱରଞ୍ଜନଙ୍କୁ ଦାୟିତ୍ୱ ଦେଲା ଏଆଇସିସି

ଭୁବନେଶ୍ୱର,୧୬।୮(ସୁନିତ୍ ମିଶ୍ର)

ପ୍ରଥମେ ଛାତ୍ର କଂଗ୍ରେସ ସଭାପତି ଦାୟିତ୍ୱ ପ୍ରଦାନ ଏବଂ ଏହାପରେ ଷ୍ଟିୟରିଂ କମିଟି ଘୋଷଣା ପରେ ଶୁକ୍ରବାର ଦଳ ପକ୍ଷରୁ ଆଉ ଏକ ନୂଆ କମିଟି ଗଠନ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ୪ ଜଣ ନେତାଙ୍କୁ ଦଳ ପକ୍ଷରୁ ଗଣମାଧ୍ୟମ ଆଗରେ ବିଭିନ୍ନ ପ୍ରସଙ୍ଗରେ ମତାମତ ରଖିବା ଲାଗି ଦାୟିତ୍ୱ ପ୍ରଦାନ କରିଛି। ଏହି ତାଲିକାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ମିଳିଥିବା ଉଲ୍ଲେଖ କରାଯାଇଛି। ଓଡ଼ିଶା ପ୍ରଭାରୀ ତଥା ଷ୍ଟିୟରିଂ କମିଟି ଅଧ୍ୟକ୍ଷ ଅଜୟ କୁମାରଙ୍କ ଦସ୍ତଖତରେ ଏଆଇସିସି ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି। ତେବେ ଆଗକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ଗଠନ ନ ହେବା ପର୍ଯ୍ୟନ୍ତ ଦଳ ପକ୍ଷରୁ କେବଳ ଏହି ୪ ଜଣ ନେତା ବିଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ୨୦ରେ ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

## ବିଜ୍ଞପ୍ତି ପ୍ରକାଶ ପରେ ୮ କାଉନସିଲରଙ୍କ ସଜବାଜ


ନିମାପଡ଼ା, ୧୬।୮(ଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ବିରୋଧରେ ଅନାସ୍ଥା ଭୋଟ ହେବ। ଆସନ୍ତା ୨୦ ତାରିଖରେ ଏହି ଅନାସ୍ଥା ଭୋଟ ହେବ ବୋଲି ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଚିଠି ନଂ. ୧୧୧୯/ତା ୧୩।୮।୨୪ ରିଖରେ ବିଜ୍ଞପ୍ତି ଜାରି କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ୧୧ଜଣ କାଉନସିଲରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଆସନ୍ତା ୨୦ ତାରିଖ ପୂର୍ବାହ୍ନ ୧୧ଟାରେ ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ ଓ ଏହାପରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିନିମନ୍ତେ ସମସ୍ତ ବ୍ୟବସ୍ଥା ସୁଚାରୁ ରୂପେ କରିବା ପାଇଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନାସ୍ଥା ଭୋଟ୍‌ର ୩ଦିନ ପୂର୍ବରୁ ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ କାଉନସିଲରଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ରହିଛି। ଏନ୍‌ଏସି ପକ୍ଷରୁ ଗତ ୧୪ ତାରିଖରେ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ କାଉନସିଲରଙ୍କୁ ଚିଠି କରାଯାଇ ଅବଗତ କରାଯାଇଛି। ସ୍ୱତନ୍ତ୍ର ବୈଠକ ପାଇଁ ଏନ୍‌ଏସି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଅନାସ୍ଥା ଭୋଟ ପାଇଁ ୮ଜଣ କାଉନସିଲରଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିବାବେଳେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା କାଉନସିଲରମାନେ ମଧ୍ୟ ସଜବାଜ ହେଉଥିବା ଜଣାପଡ଼ିଛି। ମୋଟ ୧୧ଜଣ କାଉନସିଲରଙ୍କ ମଧ୍ୟରୁ ୮ଜଣ କାଉନସିଲର ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଗତ ୧୨ ତାରିଖରେ ପୁରୀ ଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏବେ ଏହି ଅନାସ୍ଥା ଭୋଟକୁ କେନ୍ଦ୍ରକରି ନିମାପଡ଼ା ପୌରାଞ୍ଚଳରେ ଏବେ ରାଜନୈତିକ ବାତାବରଣ ବେଶ୍ ସରଗରମ ହୋଇଉଠିଛି।

# ଭାଜପାର ନିର୍ବାଚନୀ ପ୍ରତିଶ୍ରୁତି ପାଣିର ଗାର

## ଜନଜାଗରଣ ସଭାରେ ବିଜେଡି ନେତାଙ୍କ ଅଭିଯୋଗ

କଣିହାଁ,୧୬।୮ (ସଚ୍ଚିଦାନନ୍ଦ ପ୍ରଧାନ)



ଜନଜାଗରଣ ସଭାରେ ବିଜେଡି ନେତାମାନେ।

ସାଧାରଣ ନିର୍ବାଚନ ବେଳେ ଭାଜପା ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଣିର ଗାର ହୋଇଛି। କେବଳ ପୂର୍ବ ନବୀନ ସରକାରଙ୍କ ଯୋଜନାଗୁଡ଼ିକର ନାମ ପରିବର୍ତ୍ତନ ସହ ରଙ୍ଗମରା ରାଜନୀତିକୁ ନେଇ ଓଡ଼ିଶାରେ ଭାଜପା ସରକାର ବ୍ୟସ୍ତ ରହିଛି। ଠିକ୍ ପ୍ରସଙ୍ଗ ଉପରେ ଏ ସରକାର ଗୁରୁତ୍ୱ ଦେଉ ନ ଥିବାରୁ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ଶୁକ୍ରବାର ଅନୁଗୋଳ ଜିଲା କଣିହାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଜନଜାଗରଣ ସଭାରେ ବିଜେଡି ନେତାମାନେ କହିଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କଣିହାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଅନୁଷ୍ଠିତ ଏହି ଜନଜାଗରଣ ସଭାରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଏମ୍‌ପି ମହେଶ ସାହୁ, ପାଲାଲହଡ଼ାର ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ସମେତ ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ଜୋନ୍‌ସ୍ତରୀୟ କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ଭାଜପା ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟରେ ସରକାର ଗଠନ ପରେ ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ଉପଭୋକ୍ତାଙ୍କୁ ୩ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣର ନାଁ ଧରାଯାଉ ନାହିଁ। ସୁଭଦ୍ରା ଯୋଜନାକୁ ନେଇ ସମୟ ଗଡାଯାଉଛି। ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ମାସିକ ୩ହଜାରରୁ ଅଧିକ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ କେବଳ ୮୦ ବର୍ଷରୁ ଅଧିକ ଭତ୍ତା ହିତାଧିକାରୀଙ୍କ ଭତ୍ତା ୩୫ ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ଫଳରେ ୫୨ ଲକ୍ଷ ଭତ୍ତା ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟର ୫ ଲକ୍ଷ ବୟସାଧିକ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ଯିବାରେ ଅକ୍ଷମ ଥିବାବେଳେ ସେମାନଙ୍କୁ ଘରେ ଆସି ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇନାହିଁ । ଏଥିସହ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ନିୟନ୍ତ୍ରଣ ସରକାର କରିପାରୁ ନ ଥିବା ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରର ନିର୍ବାଚିତ ପ୍ରତିନିଧିଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଗୁଣୀ ଗୁଣ ନ ଚିହ୍ନେ,**
**ମୂଷା ନ ଚିହ୍ନେ ବିଲେଇ,**
**ଅପ୍ରେମୀ ପ୍ରେମ ନ ଚିହ୍ନେ,**
**କାଠ ନ ଚିହ୍ନେ କୁରାଢ଼ୀ ।**

ଗୁଣହୀନ ବା ଅଜ୍ଞାନ ଲୋକ ପ୍ରକୃତ ଗୁଣୀ ଲୋକକୁ ଚିହ୍ନି ପାରି ନଥାଏ। ମୂଷା ବିଲେଇକୁ ଚିହ୍ନି ନ ପାରି ତା'ର ଆହାର ହୋଇଥାଏ। ଅପ୍ରେମୀ ପାଖରେ ପ୍ରେମ ନିରର୍ଥକ ହୋଇଥାଏ। ସେହିପରି କାଠ କୁରାଢ଼ିକୁ ଚିହ୍ନି ନ ପାରି ତା'ର ବେଣ୍ଟ ସାଜି ପରୋକ୍ଷରେ ନିଜ ପ୍ରତି କ୍ଷତି ପହଞ୍ଚାଇଥାଏ। ଅନ୍ୟ ଅର୍ଥରେ କହିବାକୁ ଗଲେ ଅଜ୍ଞାନତା ଦୋଷରୁ ବ୍ୟକ୍ତି ଦୁଃଖକଷ୍ଟ ଭୋଗିବାକୁ ବାଧ୍ୟ ହେଉଥିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଷ୍ଟ ଅଳଙ୍କାର କୁଡ଼ାରେ ଦବା,**
**ମା'ମଲା ଝିଅର କେଉଁଠି ଶୋଭା ?**

ସନ୍ତାନ ପାଇଁ ମାଆର ମୂଲ ଅମୂଲ। ମାଆ ନ ଥିବା ଝିଅ ଯେତେ ଅଳଙ୍କାରରେ ଆବୃତ ହେଲେ ମଧ୍ୟ ତା'ର ଶୋଭା ବର୍ଦ୍ଧିତ ହୋଇପାରେ ନାହିଁ। ମାଆ ହିଁ କନ୍ୟାର ସର୍ବଶ୍ରେଷ୍ଠ ଅଳଙ୍କାର ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅସୁସ୍ଥ ମାଈ ହାତୀ ମୃତ

ବଣାଇଁ,୧୬।୮ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ବନଖଣ୍ଡ ତାମଡ଼ା ରେଞ୍ଜ ଅଧୀନ ଡୁମେରମୁଣ୍ଡାରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଏକ ମାଈ ହାତୀର ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ହାତୀର ବୟସ ୬ ବର୍ଷ ହେବ ବୋଲି ଜଣାପଡ଼ିଛି। ହାତୀର ଗୋଡ଼ରେ କ୍ଷତ ଥିବା ନେଇ ଜଣାପଡିବା ପରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ସମୀର ରଞ୍ଜନ ତିର୍କୀଙ୍କ ନେତୃତ୍ୱରେ ଏକ ଟିମ ଓ ପ୍ରାଣୀଧନ ଚିକିତ୍ସକ ଆହତ ହାତୀକୁ ଚିକିତ୍ସା କରିଥିଲେ। ଗୁରୁବାର ରାତିରେ ଡୁମେରମୁଣ୍ଡାରେ ତାର ମୃତ୍ୟୁ ଘଟିଥିଲା। ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିବା ସହକାରୀ ବନ ସଂରକ୍ଷକ ସୂଚନା ଦେଇଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

କାମାକ୍ଷାନଗର,୧୬।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ କୁରୁଡ଼ିଆ ଅନନ୍ତପୁର ସଂରକ୍ଷିତ ଜଙ୍ଗଲର ଜଡ଼ାକିଆରି ନାଳ ନିକଟରେ ଗୁରୁବାର ସକାଳେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାମାକ୍ଷାନଗର ଥାନା କାମର୍ଦ୍ଦା ଗ୍ରାମର ରଣଜିତ ବିଶ୍ୱାଳ। ରଣଜିତ ସମ୍ପର୍କୀୟଙ୍କ ସହ ଜଙ୍ଗଲକୁ ଗାଈ ଖୋଜିବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ସମ୍ପର୍କୀୟ ଜଣକ ଗ୍ରାମବାସୀଙ୍କୁ ଖବର ଦେବା ପରେ ସେମାନେ ଖୋଜାଖୋଜି କରି ରଣଜିତଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ରେଞ୍ଜର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ମହାବିରୋଡ ରେଞ୍ଜରେ ଦିନକୁଦିନ ହାତୀ ଉପଦ୍ରବ ବଢୁଥିବାରୁ ବ୍ୟାପକ ଫସଲ ହାନୀ ସହ ଜୀବନ ମଧ୍ୟ ଯାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯାଇ ହାତୀପଲଙ୍କୁ ଘଉଡ଼ାଇବାକୁ ଦାବି ହେଉଛି।


## OFFICE OF THE SUPERINTENDENT
## MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR-760004, GANJAM, ODISHA

Tel.0680-2292624, Fax.:0680-2292752/E-mail:supdtmkcg@gmail.com, mkcgmchberhampur@gmail.com, Website:www.mkcgmch.org

No.11251/MCH/MS/XX/2024 Dt/Brahmapur the 13.08.24

**2nd CORRIGENDUM TO THIS OFFICE TENDER CALL NOTICE NO.9417, DT.02.07.2024 (AMC/CMC and Operation & Maintenance of ETP & STP) published in daily English Newspaper "THE TIMES of INDIA and Odia Newspaper DHARITRI on 02.07.2024.**

**No.E-204:** The last date of receipt of tender is hereby extended upto 21.08.2024 at 5.30 PM and will be opened on 22.08.2024 12.30 Noon. Other specification, terms and conditions remain unaltered.

Sd./- Superintendent
M.K.C.G. Medical College Hospital, Berhampur
OIPR-10028/11/0017/2425

## OFFICE OF THE ASSISTANT DIRECTOR OF TEXTILES, BALANGIR, PATNAGARH

AT-Kukurmunda Road, Rampur, Patnagarh, PO-P.Rampur-767041
Tele Fax No.06658-223044, Email Id:adt.balangir@gmail.com
Letter No.1377 Date:13.08.2024

## TENDER NOTICE

**No.PP-15:** Sealed tenders are invited from reputed Manpower Agencies/Service Providers to provide the service of 01 (One) No. of Watchman (Group-D) in the Assistant Director of Textiles, Balangir, Patnagarh for a period of one year on contract basis. The engagement of Manpower Agencies/ Service Provider Firm shall be made through two bid system i.e., Technical and Financial bid separately. The Technically qualified Manpower Agencies/ Service Provider Firm can only participate in the Financial Bid. The undersigned reserves the right to accept or reject any or all applications without assigning any reason(s) thereof. For details please visit website in www.balangir.nic.in, www.sambalpuribastralaya.com, www.sadhacodisha.org.

1. Last date of receipt of sealed Bid is on dt.31.08.2024 upto 5.00 P.M. through Registered/ Speed Post only.
2. Date and Time of opening of:-
   i) Technical Bid: 03.09.2024 at 11.00 A.M.
   ii) Financial Bid: 03.09.2024 at 03.00 P.M.

Sd./- H.K. Mahali
Assistant Director of Textiles,
Balangir, Patnagarh

OIPR-31008/11/0001/2425



No.M-26

## ମତ୍ସ୍ୟ/ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଉଦ୍ୟୋଗୀମାନେ ଧ୍ୟାନ ଦିଅନ୍ତୁ

## ମୂଲ୍ୟଯୁକ୍ତ ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ଉତ୍ପାଦନ ଏବଂ ରପ୍ତାନି ପାଇଁ ସୁବର୍ଣ୍ଣ ସୁଯୋଗ

- ମୂଲ୍ୟଯୁକ୍ତ ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ଉତ୍ପାଦନ ଏବଂ ରପ୍ତାନି ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟରେ ପ୍ରକ୍ରିୟାକରଣ କାରଖାନା/ଯନ୍ତ୍ରପାତିର ସମ୍ପ୍ରସାରଣ/ଆଧୁନିକୀକରଣ/ବିବିଧକରଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପ୍ରକ୍ରିୟାକରଣ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY) ଅଧୀନରେ ଏକ ନୂତନ ଉପ-ଯୋଜନା ଯଥା ଜଳକୃଷି ଏବଂ ଚିଙ୍ଗୁଡ଼ି ରପ୍ତାନିସେଲର ପ୍ରୋତ୍ସାହନ ଆରମ୍ଭ କରିଛନ୍ତି ।

**ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା-ଜଳକୃଷି ଏବଂ ଚିଙ୍ଗୁଡ଼ି ରପ୍ତାନିସେଲର ପ୍ରୋତ୍ସାହନ**

| କ୍ରମିକ ସଂଖ୍ୟା | ବର୍ଗ | ପରିମାଣ | ସର୍ବାଧିକ ସୀମା |
|---|---|---|---|
| ୧ | ସାଧାରଣ ବର୍ଗଙ୍କ ପାଇଁ ଯନ୍ତ୍ରପାତି କ୍ରୟ, ଯନ୍ତ୍ରପାତି ସ୍ଥାପନ | ଜିଏସ୍‌ଟି ଭାଉଚର ଦାଖଲ ଅନୁଯାୟୀ ଯନ୍ତ୍ରପାତିର ୩୦ ପ୍ରତିଶତ ମୂଲ୍ୟ | ସର୍ବାଧିକ ୩.୫୦ କୋଟି ଟଙ୍କା |
| ୨ | ଅନୁସୂଚିତ ଜାତି, ଜନଜାତି, ମହିଳା, ଦିବ୍ୟାଙ୍ଗ, ଟ୍ରାନ୍ସଜେଣ୍ଡର ଏବଂ ଖାଦ୍ୟ ପ୍ରଯୁକ୍ତି ବିଦ୍ୟାରେ ଡିଗ୍ରୀ/ ଡିପ୍ଲୋମା, ମତ୍ସ୍ୟ/କୃଷି/ ଉଦ୍ୟାନକୃଷି/ପ୍ରାଣୀ ଚିକିତ୍ସା ବିଜ୍ଞାନ କିମ୍ବା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସମାନ ଯୋଗ୍ୟତା ବର୍ଗଙ୍କ ପାଇଁ ଯନ୍ତ୍ରପାତି କ୍ରୟ, ଯନ୍ତ୍ରପାତି ସ୍ଥାପନ | ଜିଏସ୍‌ଟି ଭାଉଚର ଦାଖଲ ଅନୁଯାୟୀ ଯନ୍ତ୍ରପାତିର ୩୫ ପ୍ରତିଶତ ମୂଲ୍ୟ | ସର୍ବାଧିକ ୪.୦୦ କୋଟି ଟଙ୍କା |

- ଇଚ୍ଛୁକ ଉଦ୍ୟୋଗୀ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଦରଖାସ୍ତ, ଉପଯୁକ୍ତ କାଗଜପତ୍ର ସହିତ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ରଙ୍କ (G.M. DIC) ନିକଟରେ ଦାଖଲ କରିବେ ଏବଂ ଏହାର ଏକକିତା ନକଲ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ ।
- ସମ୍ପ୍ରସାରଣ/ଆଧୁନିକୀକରଣ/ବିବିଧକରଣ ପାଇଁ କାରଖାନାର ଅନ୍-ଡେପ୍ରିସିଏଟେଡ୍ ବୁକ୍ ଭାଲ୍ୟୁ (un-depreciated book value)ର ଶତକଡା ୫୦ ପ୍ରତିଶତରୁ କମ୍ ବିନିଯୋଗ କରିବାକୁ ଚାହୁଁଥିବା ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ଓ ଶତକଡା ୫୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ବିନିଯୋଗ କରିବାକୁ ଚାହୁଁଥିବା ଉଦ୍ୟୋଗୀ ସିଧାସଳଖ MSME/Industries ବିଭାଗକୁ ଯୋଗାଯୋଗ କରିପାରିବେ ।
- ସର୍ବନିମ୍ନ ୫୦ ଲକ୍ଷ ବିନିଯୋଗ କରିବା ପାଇଁ ଇଚ୍ଛୁକ ଥିବା ଉଦ୍ୟୋଗୀ ଏହି ଯୋଜନାରେ ଆର୍ଥିକ ସହାୟତା ପାଇପାରିବେ ।
- ଅଧିକ ବିବରଣୀ ପାଇଁ ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର (G.M.DIC)/ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକର ୱେବସାଇଟ୍‌ରେ କ୍ଲିକ୍ କରନ୍ତୁ **http://fisheries.odisha.gov.in/**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

ଫୋନ୍: ୦୬୭୧-୨୪୧୪୦୬୧, ଫ୍ୟାକ୍ସ: ୦୬୭୧-୨୪୧୦୫୨୧
ଇ-ମେଲ: director.odifish@gmail.com

OIPR-06030/11/0012/2425



ଇଣ୍ଡିଆନ ବ୍ୟାଙ୍କ Indian Bank ଇଲାହାବାଦ ALLAHABAD

## ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା
ପ୍ଲଟ ନଂ. ୫୧୬, ମାଗ୍ନେଟିକ୍ ସ୍କୋୟାର, ପୋ.:କିଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **(୧)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୨)ଶ୍ରୀ ପ୍ରିତମ କୁମାର ଦାସ (ସତ୍ତ୍ୱାଧିକାରୀ),** ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୩)ଶ୍ରୀ ପ୍ରଶାନ୍ତ କୁମାର ଦାସ (ବନ୍ଧକଦାତା/ଜାମିନ୍‌ଦାର), (୪) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ଜାମିନ୍‌ଦାର),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨। | ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୨୫୭/୧୧୯, ପ୍ଲଟ ନଂ.୫୨୮/୬୪୨, ଅନୁରୂପ ଖାତା ନଂ.୧୧୦, ମୌଜା: ବଳଭଦ୍ରପୁର, ଥାନା: ବେଗୁନିଆ, ନଂ.୫୮, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୪୬୦ ଡିସିମିଲି, **ଟାଇଟଲ୍ ହୋଲ୍ଡର: ଶ୍ରୀ ପ୍ରଶାନ୍ତ କୁମାର ଦାସ, ଲିଜ୍ ହୋଲ୍ଡର: ଶ୍ରୀ ପ୍ରିତମ କୁମାର ଦାସ,** ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ନାଳ, ଦକ୍ଷିଣ- ପ୍ଲଟ ନଂ.୫୨୮/ପ୍ରଶାନ୍ତ କୁମାର ଦାସ, ପୂର୍ବ- ଆକାଶ ଖୁଣ୍ଟିଆ, ପଶ୍ଚିମ- ନିମାଇ ଚରଣ ସାହୁ। | ୧୬.୦୫.୨୦୨୪ | ୧୩.୦୮.୨୦୨୪ | ଟ.୧,୦୯,୯୭,୪୦୧.୮୮ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **(୧)ମେସର୍ସ ଜ୍ୟୋତ୍ସ୍ନା ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା-ଫାର୍ମ),** ପ୍ଲଟ ନଂ.୧୧୫/୧୨୭୯, ଦାଢ, ରଘୁନାଥପୁର, ନନ୍ଦନକାନନ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୪, **(୨) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ସତ୍ତ୍ୱାଧିକାରୀ),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୩) ଶ୍ରୀ ପ୍ରଦୀପ କୁମାର ଦାସ (ଜାମିନ୍‌ଦାର),** ପିତା: ଶ୍ରୀ ସନାତନ ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୪)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୫)ଶ୍ରୀ ପ୍ରିତମ କୁମାର ଦାସ (ସତ୍ତ୍ୱାଧିକାରୀ),** ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୬)ଶ୍ରୀ ପ୍ରଶାନ୍ତ କୁମାର ଦାସ (ଜାମିନ୍‌ଦାର), (୭)ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ଜାମିନ୍‌ଦାର),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨। | ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୪୬୯, ଖାତା ନଂ.୩୫୯, ମୌଜା: ବେଗୁନିଆ, ଥାନା: ବେଗୁନିଆ, ନଂ,୭୩, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୧.୦୦ ଡିସିମିଲି, **ଟାଇଟଲ୍ ହୋଲ୍ଡର: ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ,** ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ଜମି, ଦକ୍ଷିଣ- ଶ୍ରୀ ପ୍ରଦୀପ କୁମାର ମହାନ୍ତି ଏବଂ ଅନ୍ୟମାନେ, ପୂର୍ବ- ସରକାରୀ ଜମି, ପଶ୍ଚିମ- ରାସ୍ତା । | ୧୬.୦୫.୨୦୨୪ | ୧୩.୦୮.୨୦୨୪ | ଟ.୧,୭୪,୭୦,୯୧୨.୪୨ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୪.୦୮.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ



## ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.

Utkalika
ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର-୭୫୧୦୧୦ (ଓଡ଼ିଶା)
ଫୋନ-୦୬୭୪-୨୯୭୫୩୯୦, GSTN:-21AAAAO0096K2ZQ
ଇ-ମେଲ୍:oschcutkalika@gmail.com, website-www.utkalikaodisha.in

ଚିଠି ନଂ.୨୩୨୪ ତାରିଖ.୧୩.୦୮.୨୪

### ସାଇଜ ଶାହାଣ ପଥର କ୍ରୟ ପାଇଁ ବିଜ୍ଞପ୍ତି

**No.CAD-846:** ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଡି.-୨/୩, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦ କଟାଯାଇଥିବା ଶାହାଣ ପଥର ୨'x୧'x୧' ଘନଫୁଟର କ୍ରୟ କରିବା ପାଇଁ ଇଚ୍ଛୁକ ଅଟେ । ଉକ୍ତ ପଥର ଯୋଗାଇବା ପାଇଁ ଆଗ୍ରହୀ ପଥର କାରିଗର, ସମବାୟ ସମିତି ଏବଂ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ଉକ୍ତ ସାଇଜ ପଥରର ଦର ଏକ ବନ୍ଦ ଲଫାପାରେ ସବିଶେଷ ଠିକଣା ସହିତ ଯୋଗାଣ କରିବାର ଅବଧି ଇସ୍ତାହାର ବାହାରିବାର ୭ ଦିନ ମଧ୍ୟରେ ନିଗମରେ ମୁଖ୍ୟ କାର୍ଯ୍ୟାଳୟରେ ସରକାରୀ ଛୁଟିଦିନ ବ୍ୟତୀତ ଦିବା ୧୦ ଘଟିକାଠାରୁ ଦିବା ୫ ଘଟିକା ମଧ୍ୟରେ ପଇଠ କରିପାରିବେ । ଉକ୍ତ ବିଷୟରେ ସବିଶେଷ ଜାଣିବା ପାଇଁ ଶ୍ରୀ ପ୍ରୀତିଶ କୁମାର ବେହେରା, ଶିଳ୍ପ ବିକାଶ ଅଧିକାରୀଙ୍କୁ ଦୂରଭାଷ ନଂ. ୯୮୬୧୯୪୮୩୭୦ରେ ଯୋଗାଯୋଗ କରିପାରିବେ । ଅଫର ଦାଖଲ କରିବାର ଶେଷ ତାରିଖ ତା.୨୦.୦୮.୨୦୨୪ ରିଖ ଦିବା ୨ ଘଟିକା ଅଟେ ଏବଂ ଖୋଲିବା ସମୟ ଅପରାହ୍ନ ୪ ଘଟିକା ।

**କୌଣସି କାରଣ ନ ଦର୍ଶାଇ ପରିଚାଳନା ନିର୍ଦ୍ଦେଶିକା ଉକ୍ତ ବିଜ୍ଞପ୍ତିକୁ ଗ୍ରହଣ କିମ୍ବା ଖାରଜ କରିପାରିବେ ।**

| କାରିଗର ନାମ | ଠିକଣା | ପଥର ମାପ | ପଥରର ଦର | ସପ୍ତାହ ଭିତରେ ଯୋଗାଣ କରିବାର ପରିମାଣ (ସଂଖ୍ୟାରେ) |
|---|---|---|---|---|
| | | ୨'x୧'x୧' | | |

ବି.ଦ୍ର.:
୧. ସଠିକ ମାପ ଅନୁଯାୟୀ ପଥର କଟାଯାଇଥିବା ନିତ୍ୟାନ୍ତ ଜରୁରୀ ।
୨. ନିର୍ଦ୍ଧାରିତ ଯୋଗାଣ ଅବଧି ମଧ୍ୟରେ ଯୋଗାଣ କରିନପାରିଲେ ଉକ୍ତ ଯୋଗାଣ ଆଦେଶକୁ ଖାରଜ କରାଯିବ ।
୩.ଶାହାଣ ପଥର କଞ୍ଚାମାଲ, ଘନମିଟର ପ୍ରତି ଟ.୧୧୫୦୦ଙ୍କାରେ ଉତ୍କଳିକା ଇଚ୍ଛୁକ କାରିଗରମାନଙ୍କୁ ଯୋଗାଇ ଦେବ ।

ସ୍ୱା./-
ପରିଚାଳନା ନିର୍ଦ୍ଦେଶିକା

OIPR-31041/11/0010/2425



## "e" PROCUREMENT NOTICE REFERENCE NO.E.E. (A), MAYURBHANJ DIVISION, BARIPADA-02/24-25

**No.1225, Date:12.08.2024**

**No.L-42:** Bid documents consisting of work, estimate cost, cost of Tender Papers, EMD/ BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. **https://tenderodisha.gov.in.**

1. No. of Work :- 2
2. Estimated Cost :- Rs.8,39,952.00 to Rs.8,45,058.00
3. Period of Completion :- 4 Calendar Months
4. Date & time of availability of the bid documents in portal :- Dt.17.08.2024 at 10.30 AM to Dt.31.08.2024 at 5.30 PM
5. Online Submission Last date in Portal :- Dt.31.08.2024 at 5.30 PM
6. Last date & time receipt of bids in offline drop :- Dt.20.08.2024 at 10.30 AM to Dt.03.09.2024 at 5.30 PM
7. Bids received online shall be opened on :- Dt.04.09.2024 at 11.00 AM
8. Name and address of the Officer inviting Bids :- Executive Engineer (Agril.) Mayurbhanj Division, Baripada

Further details can be seen/downloaded from the procurement portal i.e. https://tenderodisha.gov.in.

**Sd./- Executive Engineer (Agril.)**
**Mayurbhanj Division, Baripada**
OIPR-01474/11/0002/2425



## OFFICE OF THE DEPUTY DIRECTOR OF FISHERIES (PURI ZONE), KAUSALYAGANGA

E-mail ID: ddfpurizone@gmail.com

## TENDER CALL NOTICE

**No. 352** **Date: 12.08.2024**

No. M-25: The Deputy Director of Fisheries, Puri Zone, Kausalyaganga hereby invites sealed tender from active women SHGs of Nayagarh district for taking up lease of Mahisanala Reservoir situated in Nayagarh district of Odisha State having MWSA of 45.00 ha for the purpose of fishing activities as per the Odisha State Reservoir Fishery Policy 2012. The bidders can get tender documents from office of District Fisheries Officer, Nayagarh, Office of Deputy Director of Fisheries, Puri Zone, Kausalyaganga by submitting Demand Draft of Rs.500/- in favour of Deputy Director of Fisheries, Puri Zone, Kausalyaganga. Tender paper can also be downloaded from the website of Directorate of Fisheries, Odisha, Cuttack **(www.fisheries.odisha.gov.in)**. The sealed tenders should be delivered to the address mentioned below on or before 28.08.2024 5.30 P.M. through Registered Post/Speed Post/Courier Service/By Hand to be dropped in the tender box kept in the office campus of Zonal DDF, Puri zone only. The sealed tenders will be opened 29.08.2024 at 12 Noon in the office of Deputy Director of Fisheries, Puri Zone, Kausalyaganga by the tender opening committee along with the bidders or their authorized representatives if any. The undersigned reserves the right to accept or reject any or all the tenders without assigning any reasons thereof.

**Sd./- Deputy Director of Fisheries**
**Puri Zone, Kausalyaganga**
**At/P.O.: Kausalyagang, District: Puri**
**PIN - 751002**
**OIPR-52009/11/0004/2425**



## PANCHAYATI RAJ & D.W. DEPARTMENT
## PANCHAYAT SAMITI OFFICE, HARABHANGA, BOUDH

E-mail Id:-ori-harbhanga@nic.in No.01/HRB Date:01.08.2024

### DETAILED TENDER CALL NOTICE

BID IDENTIFICATION No:- 01-HRB-/ 2024-25

No.i-73 : The Block Development Officer, Harabhanga on behalf of the Governor of Orissa invites Percentage rate bid in single cover system for the works as detailed in the table, from the class of eligible contractors as mentioned in Col.6 (Six), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD' P-1 form, for execution of Building (Composite work i.e. Civil Work, P.H Work and E.I. Works).The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PW Inappropriate class of eligibility before signing the agreement. Bidders may submit bids for any or all the following work.

| Sl. No. | Name of the Project & Location | Approx cost (In Rs.) excluding GST | EMD, Bid Security @ 1% | Cost of tender paper | Class of contractor | Time required for Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Class room at Tabhapader PS G.P. Tileswar, Harabhanga Block | Rs.1252986/- | Rs.12530/- | Rs.6,000/- | "C "& "D" | 06(Six) Calendar Months |
| 2 | Construction of Additional Class room at Raghunathapur PS G.P. Bamanda, Harabhanga Block | Rs 1256695/- | Rs.12567/- | Rs.6,000/- | "C "& "D" | 06(Six) Calendar Months |
| 3 | Construction of Additional Class room at Narayanpur PS G.P. Sarasara, Harabhanga Block | Rs.1254971/- | Rs12550/- | Rs.6,000/- | "C "& "D" | 06(Six) Calendar Months |
| 4 | Construction of Additional Class room at Badalasahi PS G.P. Adenigarh, Harabhanga Block | Rs.1280187/- | Rs.12802/- | Rs.6,000/- | "C "& "D" | 06(Six) Calendar Months |
| 5 | Construction of Additional Class room at Champapur PS G.P. Mathura, Harabhanga Block | Rs.1261910/- | Rs12619/- | Rs.6,000/- | "C "& "D" | 06(Six) Calendar Months |
| 6 | Construction of Additional Class room at Ajodhya PS G.P. Kusanga, Harabhanga Block | Rs.1254135/- | Rs12541/- | Rs.6,000/- | "C "& "D" | 06(Six) Calendar Months |

1.The sale of the bid document shall start from dt.06.08.2024 to 20.08.24 between 10AM to 5 PM during office hours in the office of the Block Development Officer, Harabhanga.(2) The last date of submission of tender paper is 20.08.24 up to 5 PM. (3)The Opening of tender paper is 21.08.24 at 11 A.M at Block Office Harabhanga .. (4) The terms and conditions of tender is available in the DTCN in the Notice Board. or visit website – http://www.boudh.odisha.gov.in in during this period. The cost of tender documents should be deposited in shape of Demand Draft in favour of Block Dev. Officer, Harabhanga payable at SBI, Charichhak.

**Sd/- Block Development Officer,**
**Harabhanga**

OIPR-19412/11/0002/2425



## ODISHA ELECTRICITY REGULATORY COMMISSION

PLOT NO. 4, CHUNOKOLI, SHAILASHREE VIHAR, BHUBANESWAR – 751021
Tel. No. (0674) 2721048/ 2721049 (PBX), Fax : (0674) 2721053/2721057
**E-mail : orierc@gmail.com, Website: www.orierc.org**

### PUBLIC NOTICE
**Case No. 49 of 2024**

**Hearing of common application under Section 86 (1) (a) of the Electricity Act, 2003 for determination of Feed-In-Tariff under PM-KUSUM-A Scheme and for approval of the Draft PPA.**

M/s.TP Central Odisha Distribution Ltd.(TPCODL), M/s. TP Western Odisha Distribution Ltd. (TPWODL), M/s. TP Northern Odisha Distribution Ltd.(TPNODL) and M/s. TP Southern Odisha Ltd.(TPSODL) have filed a common application before this Commission for determination of Feed-In-Tariff under PM-KUSUM-A Scheme and for approval of the Draft PPA.The Commission has registered it as Case No. 49 of 2024 and has decided to dispose of this case through a public hearing. The common petition along with all Annexures submitted by M/s. TPCODL in this regard is available in OERC website (www.orierc.org) and also in TPCODL, TPWODL, TPNODL & TPSODL's website www.tpcentralodisha.com, www.tpwesternodisha.com, www.tpnodl.com and www.tpsouthernodisha.com. The persons/ organizations those who are interested to participate in the above proceeding may file their objections/suggestions, if any, on the common petition of M/s. TPCODL other DISCOMs of Odisha on or before **03.09.2024** through affidavits with a copy to the petitioners. **M/s. TPCODL, M/s. TPWODL, M/s. TPNODL & M/s. TPSODL** are directed to file their rejoinders to the objections/suggestions of the Respondents with this Commission by **03.09.2024** with a copy to the Respondents. Those persons who have filed their objection/suggestion by the due date to the above common application of **M/s. TPCODL, M/s. TPWODL, M/s. TPNODL & M/s. TPSODL** shall be summoned to participate in the hearing of the application by the Commission. The case shall be heard on **03.09.2024 at 11.00 AM** by the Commission in Hybrid mode in its Office at Bhubaneswar.

**By Order of the Commission**
**Sd/-**
**SECRETARY**

**Dated: 14.08.2024**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଏସ୍‌ଏଲ୍‌ର ନିକେଲ ପିଗ୍ ଆଇରନ ପ୍ଲାଣ୍ଟ କାର୍ଯ୍ୟକ୍ଷମ

**ନୂଆଦିଲ୍ଲୀ,୧୬।୮**

ଦେଶର ପ୍ରମୁଖ ଶିଳ୍ପସଂସ୍ଥା ତଥା ସର୍ବବୃହତ୍ ଷ୍ଟେନ୍‌ଲେସ୍ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ନିକେଲ ପିଗ୍ ଆଇରନ ପ୍ଲାଣ୍ଟ'ର ଶୁଭାରମ୍ଭ ହୋଇଯାଇଛି। ଏପରିକି ନିର୍ଦ୍ଧାରିତ ସମୟ ସୀମାର ୮ମାସ ପୂର୍ବରୁ କମ୍ପାନୀ ଏହି ନୂତନ ମାଇଲଖୁଣ୍ଟ ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ଇଣ୍ଡୋନେସିଆର ହାଲମାହେରା ଦ୍ୱୀପପୁଞ୍ଜଠାରେ ଥିବା ଏକ ଶିଳ୍ପ ପାର୍କରେ ଜେଏସ୍‌ଏଲ୍‌ର ନିକେଲ ପିଗ୍ ଆଇରନ ସ୍ମେଲଟର ପ୍ଲାଣ୍ଟ (କାରଖାନା) ର କାର୍ଯ୍ୟକ୍ଷମ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ନ୍ୟୁ ୟାକିଂ ପିଟିଇ ଲିମିଟେଡ୍ ସହ ଏକ ଯୌଥ ଉଦ୍ୟୋଗ ମାଧ୍ୟମରେ ଜେଏସ୍‌ଏଲ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନ ପାଇଁ ନିକେଲର ଦୀର୍ଘକାଳୀନ ଉପଲବ୍ଧତାକୁ ସୁନିଶ୍ଚିତ କରିଛି। ୨୦୨୩ ମାର୍ଚ୍ଚରେ ନ୍ୟୁ ୟାକିଂ ପିଟିଇ ଲିମିଟେଡ୍ ସହ ଜେଏସ୍‌ଏଲ୍ ଏକ ଚୁକ୍ତିନାମା କରିଥିଲା ; ଯେଉଁଥିରେ କମ୍ପାନୀ ପ୍ରାୟ ୧୫୭ ମିଲିୟନ ଆମେରିକୀୟ ଡଲାରରେ ୪୯% ଇକ୍ୱିଟି ସୁଧ ଅଧିଗ୍ରହଣ କରିଥିଲା।



ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତରେ ନିକେଲର କୌଣସି ଉତ୍ସ ମିଳି ନ ଥିବାରୁ କୌଣସି ଭାରତୀୟ ଷ୍ଟିଲ୍ କମ୍ପାନୀ ଦେଶ ବାହାରେ କଞ୍ଚାମାଲ ଭଣ୍ଡାରକୁ ସୁନିଶ୍ଚିତ କରିବା ଦିଗରେ ଏହି ଯୁଗ୍ମ ପଦକ୍ଷେପ ପ୍ରଥମ । ଏହି ପଦକ୍ଷେପ ଆମକୁ ଏକ ଅସ୍ଥିର ବଜାରରେ କଞ୍ଚାମାଲ ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ, ଯାହା ମୁଖ୍ୟତଃ ନିକେଲର ମୂଲ୍ୟ ଦ୍ୱାରା ନିର୍ଦ୍ଧାରଣ କରାଯାଏ। ଯୋଜନାବଦ୍ଧ ସମୟସୀମା ପୂର୍ବରୁ ଆମେ ଏହି ମାଇଲଖୁଣ୍ଟ ହାସଲ କରିବା ସହିତ ଆମର ସୁଦୃଢ଼ ଭାଗୀଦାରି ଏବଂ ସମନ୍ୱୟକୁ ଦର୍ଶାଉଛୁ ଏବଂ ଆମେ ଶୀଘ୍ର ଏହି ପ୍ଲାଣ୍ଟରୁ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବାକୁ ଯାଉଛୁ।

ସମୟ ପୂର୍ବରୁ ଏହି ମାଇଲଖୁଣ୍ଟ ହାସଲ କରିବା ଆମର ସହଭାଗୀମାନଙ୍କ ସହ ଉପଭୋଗ କରୁଥିବା ସଂକଳ୍ପ ଏବଂ ସହଯୋଗକୁ ଦର୍ଶାଉଛି ଏବଂ ଆମେ ଶୀଘ୍ର ଏହି ସୁବିଧାଠାରୁ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବାକୁ ଅପେକ୍ଷା କରିଥାଉ।

ଚଳିତ ବର୍ଷ ମେ ପହିଲାରେ ଜିନ୍ଦଲ ଷ୍ଟେନ୍‌ଲେସ୍ ତ୍ରିସ୍ତରୀୟ ରଣନୈତିକ ପୁଞ୍ଜିନିବେଶ ଘୋଷଣା କରିଥିଲା। ଏହି ରଣନୀତି ଅନୁଯାୟୀ କମ୍ପାନୀ ସିଙ୍ଗାପୁରର ଏକ ସଂସ୍ଥା ସହ ମିଶି ଇଣ୍ଡୋନେସିଆରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ମେଲ୍ଟ ଶପ୍ ସ୍ଥାପନ ପାଇଁ ଚୁକ୍ତି କରିଥିଲା। କମ୍ପାନୀ ଓଡ଼ିଶାର ଯାଜପୁରଠାରେ ମଧ୍ୟ ଭିତ୍ତିଭୂମିର ଉନ୍ନତୀକରଣ କରୁଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୧୬।୮**

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୩୧ (୧୩୩୦.୯୬) ପଏଣ୍ଟ ବଢ଼ି ୮୦,୪୩୭ (୮୦,୪୩୬.୮୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୯୭ (୩୯୭.୪୦) ପଏଣ୍ଟ ବୃଦ୍ଧି ଘଟି ୨୪,୫୪୧(୨୪,୫୪୧.୧୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ,ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# କାନାରା ବ୍ୟାଙ୍କ ପକ୍ଷରୁ ମେଗା ମେଧାବୃତ୍ତି ବଣ୍ଟନ



**ଭୁବନେଶ୍ୱର,୧୬।୮**

କାନାରା ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର ପକ୍ଷରୁ ଏକ ମେଗା ମେଧାବୃତ୍ତି (କାନାରା ବ୍ୟାଙ୍କ ଡା. ଆମ୍ବେଡ୍‌କର ବିଦ୍ୟାଜ୍ୟୋତି ସ୍କଲାରଶିପ୍) ବଣ୍ଟନ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏବଂ ଜିଲା କଲ୍ୟାଣ ଅଧିକାରୀ (ଛତ୍ରପୁର) ସୁରେଶ ଚନ୍ଦ୍ର ଜିତବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ମେଗା ମେଧାବୃତ୍ତି ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର ମୁଖ୍ୟ ଜି.ଭି.ରଘୁଶେଷୁ ଅତିଥି, ଶିକ୍ଷକ ଏବଂ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଏହି ମେଧାବୃତ୍ତି ଯୋଜନା ଏବଂ କାନାରା ବ୍ୟାଙ୍କ ବିଷୟରେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ସେହିଭଳି କାନାରା ବ୍ୟାଙ୍କ ଦ୍ୱାରା ପ୍ରତିବର୍ଷ ଏହି ଯୋଜନା ମାଧ୍ୟମରେ ସରକାରୀ ବିଦ୍ୟାଳୟର ୫ମରୁ ୧୦ମ ଶ୍ରେଣୀରେ ପଢୁଥିବା ଏସ୍‌ସି/ଏସ୍‌ଟି ବର୍ଗର ଛାତ୍ରୀମାନଙ୍କୁ ଉକ୍ତ ବୃତ୍ତି ପ୍ରଦାନ କରାଯାଇଥାଏ। ଏପରିକି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏସ୍‌ସି/ଏସ୍‌ଟି ସମ୍ପ୍ରଦାୟର ବାଳିକାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଉତ୍ସାହ ପ୍ରଦାନ କରିବା ଏବଂ ଏହାର ନିରନ୍ତରତା ବଜାୟ ରଖିବା। ଉକ୍ତ ମେଗା ଛାତ୍ରବୃତ୍ତି ରାଶି କାନାରା ବ୍ୟାଙ୍କ ଦ୍ୱାରା ଛାତ୍ରୀମାନଙ୍କ ଏସ୍‌ବି ଆକାଉଣ୍ଟକୁ ପ୍ରଦାନ କରାଯାଇଥିଲାବେଳେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ ସେମାନଙ୍କର ପାସ୍‌ବୁକ୍‌ଗୁଡିକ ହସ୍ତାନ୍ତର କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଡିଭିଜନାଲ ମ୍ୟାନେଜର ଏମ୍. ପବନ କୁମାର ଝା, କେ. ସୁରେଶ ରେଡ୍ଡି, ସଂସାଧନ ବିଭାଗ ମୁଖ୍ୟ ପାର୍ଥ ପ୍ରୀତମ ପାଢ଼ୀ, ମାର୍କେଟିଂ ବିଭାଗ ମୁଖ୍ୟ ସତ୍ୟଜିତ ପ୍ରଧାନଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ପରିଶେଷରେ ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା ବ୍ରହ୍ମପୁର ଶାଖା କାର୍ଯ୍ୟାଳୟ ମୁଖ୍ୟ ରଘୁଶେଷୁ ଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।




ଧ-୧୦୪୪


# ବଜାରରେ ସିମ୍ଫୋନିର ନୂତନ ଉତ୍ପାଦ ରେଞ୍ଜ




**ନୂଆଦିଲ୍ଲୀ,୧୬।୮**

ସିମ୍ଫୋନି ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କୁଲର ଏବଂ ୱାଟର ଗିଜର ରେଞ୍ଜର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। କମ୍ପାନୀର ୨ଦିନିଆ ଚେୟାରମ୍ୟାନ୍ସ କ୍ଲବ୍ ୨୦୨୩-୨୪ କାର୍ଯ୍ୟକ୍ରମ ଗୋଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ନୂତନ ଉତ୍ପାଦ ରେଞ୍ଜକୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ୍‌ର ଗିଜର ପୋର୍ଟଫୋଲିଅରେ ସ୍ପା, ସଉନା ଏବଂ ସୋଲ ଭଳି ୩ଟି ମଡେଲକୁ କମ୍ପାନୀ ଅନାବରଣ ସହ ବଜାର ପ୍ରବେଶ କରାଇଛି। ସେହିଭଳି ବ୍ରାଣ୍ଡ୍‌ର କୁଲର ପୋର୍ଟଫୋଲିଓରେ ୧୭ଟି ନୂତନ ମଡେଲକୁ କମ୍ପାନୀ ଉନ୍ମୋଚନ ସହ ବଜାର କରାଇଛି।

ଏ ସମ୍ପର୍କରେ ସିମ୍ଫୋନି ଲିମିଟେଡ୍‌ର ଚେୟାରମ୍ୟାନ (ଅଧ୍ୟକ୍ଷ) ଅଚଳ ବାକେରୀ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ ରେଞ୍ଜକୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ବ୍ରାଣ୍ଡ୍ ପୋର୍ଟଫୋଲିଓରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। କାରଣ ପ୍ରଥମ ଥର ପାଇଁ କମ୍ପାନୀ ଅତ୍ୟାଧୁନିକ ଗିଜର ରେଞ୍ଜ ସହ ୧୭ଟି କୁଲରମଡେଲକୁମଧ୍ୟଅନାବରଣକରୁଛୁ।

# ମଣିପାଲ ହସ୍ପିଟାଲର ନୂଆ ମାଇଲଷ୍ଟୋନ୍

**ଭୁବନେଶ୍ୱର,୧୬।୮**

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ମଣିପାଲ ହସ୍ପିଟାଲର ଭୁବନେଶ୍ୱର ୟୁନିଟ୍ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ସହ ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ଏପରିକି ବିଭିନ୍ନ ପ୍ରକାର ପେଟରୋଗ ଏବଂ ପ୍ରାଥମିକ ସ୍ତରରେ ପେଟରେ ହେଉଥିବା ବିଭିନ୍ନ ପ୍ରକାର କ୍ୟାନ୍‌ସର ଚିହ୍ନଟ ଏବଂ ଏହାର ସଫଳ ଚିକିତ୍ସା ପାଇଁ ଏଠାରେ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ମେଶିନ ଅଲିମ୍ପସ ଏଭିସ୍୧ ଏବଂ ଏଣ୍ଡୋସ୍କୋପିକ୍ ଅଲ୍‌ଟ୍ରାସାଉଣ୍ଡ ଇୟୁ-ମି୩ ମେଶିନ ଏହା ସହ ଯେଉଁ ବ୍ୟକ୍ତିଙ୍କ ଖାଦ୍ୟଜନିତ ଅସୁବିଧା ସୃଷ୍ଟି ଏବଂ ପ୍ରାରମ୍ଭିକ ପର୍ଯ୍ୟାୟ ଖାଦ୍ୟନଳୀ, ପେଟ ଏବଂ କୋଲୋନିକ୍ କର୍କଟ ପାଇଁ ଏଣ୍ଡୋସ୍କୋପିକ୍ ସବ୍ମୁକୋସାଲ ଡିସେକ୍ସନ ଏବଂ ଆଚାଲାସିଆ କାର୍ଡିଆର ସଫଳ ଚିକିତ୍ସା ପାଇଁ ପେରୋରାଲ ଏଣ୍ଡୋସ୍କୋପିକ୍ ମାୟୋଟୋମି ପ୍ରଚଳନ କରିଛି। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ସମୟ ସହ ଚିକିତ୍ସା ବିଜ୍ଞାନରେ ଉନ୍ନତି ହୋଇଛି। ଏପରିକି ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବା ପାଇଁ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛି। ଏହି ଅତ୍ୟାଧୁନିକ ଏଣ୍ଡୋସ୍କୋପି ପ୍ରଣାଳୀର ଚିକିତ୍ସା ନିଶ୍ଚିତ ଭାବେ ରୋଗୀଙ୍କୁ ପ୍ରାଥମିକ ସ୍ତରରେ ଗ୍ୟାଷ୍ଟ୍ରିକ୍ କ୍ୟାନ୍‌ସର ସମେତ ଅନ୍ୟାନ୍ୟ ପେଟରୋଗର ସଫଳ ଚିକିତ୍ସାରେ ସହାୟକ ହେବ। ଆଗାମୀ ଦିନରେ ମଣିପାଲ ହସ୍ପିଟାଲର ଭୁବନେଶ୍ୱର ୟୁନିଟ୍ ସମସ୍ତ ବିଭାଗକୁ ଅପ୍‌ଗ୍ରେଡ୍ କରିବା ସହ ଏହାକୁ କେବଳ ଓଡ଼ିଶାରେ ନୁହେଁ, ପୂର୍ବ ଭାରତର ମଧ୍ୟ ଏକ ଅଗ୍ରଣୀ ହସ୍ପିଟାଲ ଭାବେ ପରିଚୟ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି।

# ଡିଏସ୍‌ପି ଏମ୍‌ଏଫ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧୬।୮**

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ (ଏମ୍‌ଏଫ୍) ବା ଡିଏସ୍‌ପି ଏମ୍‌ଏଫ୍‌ର ନୂତନ ଉତ୍ପାଦ 'ନିଫ୍‌ଟି ଟପ୍ ୧୦ ଇକ୍ୱାଲ ୱେଟ୍ ଇଣ୍ଡେକ୍ସ ଫଣ୍ଡ ଓ ଇଟିଏଫ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀ ଭାରତର ପ୍ରଥମ ନିଫ୍‌ଟି ଟପ୍ ୧୦ ଇକ୍ୱାଲ ୱେଟ୍ ଇଣ୍ଡେକ୍ସ ଫଣ୍ଡ ଓ ଇଟିଏଫ୍ ପ୍ରଚଳନ କରିଛି,ଯାହା ଶୀର୍ଷସ୍ତରର ୧୦ଟି ଭାରତୀୟ କମ୍ପାନୀ ନିଫ୍‌ଟିରେ ଫ୍ରି ଫ୍ଲୋଟ୍ ମାର୍କେଟ କ୍ୟାପିଟାଲାଇଜେଶନ ଦ୍ୱାରା ସମାନ ଭାବେ ନିବେଶ କରୁଛି। ସେହିଭଳି ଡିଏସ୍‌ପି ନିଫ୍‌ଟି ଟପ୍ ୧୦ ଇକ୍ୱାଲ ୱେଟ୍ ଇଣ୍ଡେକ୍ସ ଫଣ୍ଡ ଏବଂ ଡିଏସ୍‌ପି ନିଫ୍‌ଟି ଟପ୍ ୧୦ ଇକ୍ୱାଲ ୱେଟ୍ ଇଟିଏଫ୍ ପି-ଇ ଅନୁପାତ, ଇକ୍ୱିଟି ଉପରେ ରିଟର୍ନ ଏବଂ ଆସେଟ୍ ଅନୁପାତ ଉପରେ ରିଟର୍ନ ଆଦି ହିସାବ ଉପରେ ନିଫ୍‌ଟି ୫୦ ଏବଂ ନିଫ୍‌ଟି ୫୦୦ ତୁଳନାରେ ଶୀର୍ଷ ୧୦ଟି ଷ୍ଟକ୍‌ର ଅଧିକ ଭଲ ମୂଲ୍ୟାୟନ ଉପରେ ଦୃଷ୍ଟି ନିବଦ୍ଧ କରୁଛି। ଉଲ୍ଲେଖଯୋଗ୍ୟ, ଡିଏସ୍‌ପି ନିଫ୍‌ଟି ଟପ୍ ୧୦ ଇକ୍ୱାଲ ୱେଟ୍ ଇଣ୍ଡେକସ ଫଣ୍ଡ ଏବଂ ଡିଏସ୍‌ପି ନିଫ୍‌ଟି ଟପ୍୧୦ ଇକ୍ୱାଲ ୱେଟ୍ ଇଟିଏଫ୍‌ର ନୂତନ ଫଣ୍ଡ ଅଫର ସବ୍‌ସ୍କ୍ରିପ୍‌ସନ ୨୦୨୪ ଅଗଷ୍ଟ ୩୦ରେ ବନ୍ଦ ହେବ। ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ସିଏଫ୍‌ଏ ଏବଂ ହେଡ୍ ପାସିଭ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ ଅନିଲ ଘେଲାନି କହିଛନ୍ତି, ଆମେ ସ୍ମଲ୍ ଓ ମିଡ୍‌କ୍ୟାପ ଷ୍ଟକ୍‌ଗୁଡିକ ପ୍ରତି ଆଗ୍ରହ ସ୍ତର ବୃଦ୍ଧି ଲକ୍ଷ୍ୟ କରୁଥିବାବେଳେ ଅତି ବୃହତ୍ ଏବଂ ମେଗା କ୍ୟାପ୍ ଷ୍ଟକ୍‌ଗୁଡିକ ତୁଳନାତ୍ମକ ଭାବରେ ଅଧିକ ଆକର୍ଷଣୀୟ ମୂଲ୍ୟାୟନରେ କାରବାର ହେଉଥିବା ଦେଖିବାକୁ ମିଳୁଛି।

# ଜେପିଏଫ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୧୬।୮**

ଜିନ୍ଦଲ ପଲି ଫିଲ୍ମ ଲିମିଟେଡ୍ (ଜେପିଏଫ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର ଆଗାମୀ କାରବାର ଓ କାର୍ଯ୍ୟକଳାପ ସହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ କମ୍ପାନୀର ରାଜସ୍ୱ ୪୧% ବୃଦ୍ଧି ପାଇଛି। ଏପରିକି କମ୍ପାନୀର ଇବିଆଇଟିଡିଏ ମାର୍ଜିନରେ ମଧ୍ୟ ଉନ୍ନତି ହୋଇଛି। ଭାରତରେ ଏହାର ପ୍ୟାକେଜିଂ ବ୍ୟବସାୟର ରାଜସ୍ୱ ବଢ଼ିଛି। ଏହି ସମୟରେ ଭାରତୀୟ ପ୍ୟାକେଜିଂ ବ୍ୟବସାୟ ୯୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କମ୍ପାନୀର ଇବିଆଇଟିଡିଏରେ ୧୪୨ ପ୍ରତିଶତ ବୃଦ୍ଧି ହୋଇଛି।


# Classified Everyday
**0674-2580101, 2549949**


REAL ESTATE

**SALE**

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

Plot for sale near KIIT University, Patia, 30' Road, Electricity available (Ready for construction), 8144344542. D-75986

**Gharabari converted plots available near Hitech Square, Sundarpada, Bhubaneswar. For more details Contact: 9437040045, 9040307584.** D-1049

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031




**Full body massage experience good looking therapist @ 999 (Bhubaneswar). 9078484455.** D-999

Newly open Jyoti SPA positively health benefits (Expert therapist). 8458067955. D-76141

Newly open SPA positively health benefits with expert therapist. 9040286886. D-76143

Newly open health benefits SPA special offer @ 799 Bapuji Nagar. 8018429809. D-76144

**AFFIDAVIT**

An Affidavit before Executive Magistrate, Dhenkanal, dtd. 15.02.2024, I Jagat Rout, Village- Kashipur, P.O.-Sarakapatana, P.S.-Sadar, Dist.- Dhenkanal, Odisha declared that I have changed my name from Jugal Rout to Jagat Rout. Henceforth, I shall be known as Jagat Rout for all purposes. D-75446

I, Aniketa Behera, resident of Vill./P.O.- Nuabag, P.S.- Hindol, Dist.- Dhenkanal, Odisha, 759021, declare by Affidavit No. - 568 Dtd. 13.08.2024 that now onwards my father's name changed from Subash Chandra Behera to Subas Chandra Behera for all future purposes. D-1046

An affidavit before Notary, Birmaharajpur, dtd. 18.07.2024, I, Bidhana Sethi, S/o. Kasta Sethi, Village-Chauka, P.O.-Mursundihi, Dist.- Subarnapur, Odisha declare that I have changed my name from Kasta Sethi to Bidhana Sethi. Henceforth, I shall be known as Bidhana Sethi for all purposes. D-75447

I, Nirupama Majhi, W/o. Saukilal Majhi, R/o. At/P.O.- Sunari, P.S.- Lakhanpur, Dist.- Jharsuguda declare by this affidavit No.2664, Dt.16.08.2024 before the Executive Magistrate, Jharsuguda my name has been wrongly mentioned as Priyambada Bhoi in my Aadhaar card bearing No.xxxx xxxx 4104 instead of my true name Nirupama Majhi which was mentioned in my Voter ID card bearing No. OR/18/129/126532. That both the names relate to same and one person. D-1048

I, Sabita Jena, aged about 36 years, W/o Bhimsen Rana of P.O.- Ramnagar, P.S.- Jamboo Marine, Dist.- Kendrapara, Odisha, declare by this affidavit No. 809, dtd.13.08.2024 that now onwards my son Adarsh Rana, S/o- Bhimsen Rana and Sabita Jena will be known as Adarsh B Rana for all future purposes. D-1050

Your classified advertisement published in Dharitri will be listed FREE in DHARITRI online edition: **dharitriepaper.in**

**LEGAL NOTICE**

ବିଜ୍ଞାପନ

**ଦେୱାନୀ କାର୍ଯ୍ୟବିଧି ଆଇନର ଆଦେଶ ୫ ନିୟମ ୨୦ ମୁତାବିକ ଭଦ୍ରକ ମୁକାମ ସିଭିଲ ଜଜ୍ ଜୁନିଅର ଡିଭିଜନଙ୍କ ଅଦାଲତ ସିଭିଲ ସୁଟ୍ ନ ୩୯୩ ଋର। ସନ ୨୦୧୭ ମସିହା**

ସୁବାସ କୁମାର ଗୁପ୍ତା ... ... ବାଦୀ
(ବନାମ)
ମନୋଜ କୁମାର ସାହୁ ଓଗେର ... ବିବାଦୀ
ପ୍ରାପ୍ତେଷୁ,
୧. ମନୋଜ କୁମାର ସାହୁ, ବ୫୦ବର୍ଷ, ପିତା ୰ ଅନନ୍ତ ପ୍ରସାଦ ସାହୁ
୨. ଅମିୟ ସାହୁ, ବ୩୮ବର୍ଷ
୩. ବିଭୁପ୍ରସାଦ ସାହୁ, ବ୪୦ବର୍ଷ
ପୁତ୍ରମାନେ ଦେବେନ୍ଦ୍ର ପ୍ରସାଦ ସାହୁ
ସମସ୍ତଙ୍କର ସା: ବିଷ୍ଣୁପୁର, ପୋ: ବହୁଦରଡ଼ା, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ ... ବିବାଦୀଙ୍କ ପ୍ରତି।

ଯେହେତୁ ଅତ୍ର ମକଦ୍ଦମାରେ ଆପଣ ବିବାଦୀମାନଙ୍କ ନିକଟକୁ ଅଦାଲତଙ୍କ ପିଅନ ଓ ରେଜେଷ୍ଟ୍ରି ଡାକଯୋଗେ ବାରମ୍ବାର ସମନ ପଠାଯାଉଥିଲେ ହେଁ ଆପଣମାନେ ତାହାକୁ ଜାଣିଶୁଣି ଉପେକ୍ଷାକରି ଗ୍ରହଣକରୁ ନ ଥିବାରୁ ଏତଦ୍ୱାରା ଆପଣମାନଙ୍କୁ ଅତ୍ର ବିଜ୍ଞାପନ ଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ଆପଣ ଆସନ୍ତା ତା21.09.24ରିଖ ଦିବା ୧୦.୩୦ ଘଣ୍ଟା ସମୟରେ ଅତ୍ର ଅଦାଲତରେ ନିଜେ ବା ଆପଣଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତି ଅଥବା ନିଜର ମାନିତ ଓକିଲବାବୁଙ୍କ ଜରିଆରେ ହାଜର ହୋଇ ଜବାବ ଓ ଦଲିଲ ଦାଖଲପୂର୍ବକ ଇସୁ ନିରୂପଣ ବିଚାରରେ ଭାଗନେବେ। ନଚେତ୍ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଏକତରଫା ବିଚାର କରାଯିବ।

ଆମ୍ଭର ସ୍ୱାକ୍ଷର ଓ ଅତ୍ର ଅଦାଲତ ମୋହରଯୁକ୍ତେ ଅଦ୍ୟ ତା୮।୮।୨୪ରିଖରେ ଦିଆଗଲା।

ସ୍ୱା./- ସିଭିଲ ଜଜ୍ ଜୁନିଅର ଡିଭିଜନ ଭଦ୍ରକ

ଧ-୧୦୫୧

**ମନେ ପଡ଼ନ୍ତି**



**ସ୍ୱର୍ଗତ ନଟବର ମହାନ୍ତି**

ଆବିର୍ଭାବ : ୧୪.୦୨.୧୯୧୨
ତିରୋଧାନ : ୨୪.୦୮.୧୯୯୯
ବସନ୍ତ ନିବାସ, ଅରିଲୋ, କଟକ

ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ପରିବାରବର୍ଗ, ବନ୍ଧୁପରିଜନ ଓ ଛାତ୍ରଛାତ୍ରୀବୃନ୍ଦ

ଧ-୧୦୪୨

**ଧରିତ୍ରୀ DHARITRI**
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ଘର

# ଭଉଣୀଭାଇ ଜୀବନ୍ତ ଦଗ୍ଧ

ରାଜନଗର, ୧୬।୮
(ଭାସ୍କର ରାଉତରାୟ)

ସାରା ଦେଶ ୭୮ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ରାଜନଗରରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ୟାସ୍ ସିଲିଣ୍ଡର ଫାଟିବାରୁ ଘର ଜଳି ଯାଇ ଭଉଣୀଭାଇ ଜୀବନ୍ତଦଗ୍ଧ ହୋଇଛନ୍ତି। ଘରଠାରୁ ୨ଶହ ମିଟର ଦୂରରେ ଦମକଳ କେନ୍ଦ୍ର ଥାଇ ମଧ ସେମାନଙ୍କୁ ବଞ୍ଚାଯାଇପାରିନାହିଁ। କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା କୁରୁଣ୍ଟି ପଞ୍ଚାୟତର ବଳରାମପୁର ଗାଁରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ବଳରାମପୁର ଗାଁର ସୁକାନ୍ତ ସାହାଣୀଙ୍କ ଝିଅ ଅନୁପମା (୧୧) ଓ ପୁଅ ସତ୍ୟରଞ୍ଜନ (୮)। ଅନୁପମା ୫ମ ଓ ସତ୍ୟରଞ୍ଜନ ୩ୟ ଶ୍ରେଣୀରେ ପଢୁଥିଲେ।

ସୁକାନ୍ତ ଦୁବାଇରେ କାମ କରନ୍ତି। ଘରେ ସ୍ତ୍ରୀ ଅନିତା, ବଡ଼ଝିଅ ସୁପ୍ରିୟା, ସାନଝିଅ ଅନୁପମା ଓ ପୁଅ ସତ୍ୟରଞ୍ଜନ ରୁହନ୍ତି। ସ୍ୱାଧୀନତା ଦିବସ ପାଳନ ପାଇଁ ସକାଳ ୬ଟାରେ ବିଦ୍ୟାଳୟକୁ ଯାଇଥିଲେ ୩ ଭଉଣୀଭାଇ। ବଡ଼ ଭଉଣୀ ସୁପ୍ରିୟା ୧୦ମ ଶ୍ରେଣୀରେ ପଢୁଥିବାବେଳେ କୁରୁଣ୍ଟିସ୍ଥିତ କଞ୍ଚନେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ଅନୁପମା ଓ ସତ୍ୟରଞ୍ଜନ ଗାଁର ନୋଡାଲ ଉପ୍ରା



ବିଦ୍ୟାଳୟକୁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ପରେ ସକାଳ ୮ଟା ୨୦ରେ ଘରକୁ ଫେରିଥିଲେ। ଘରେ ପହଞ୍ଚି ମା'ଙ୍କୁ ଖାଇବାକୁ ମାଗିଥିଲେ। ମା' ଗ୍ୟାସ ଚୁଲାରେ କଡ଼ାଇ ବସାଇ ବାସନ ଧୋଇ ଆଣିବାକୁ ବାହାରକୁ ଯାଇଥିଲେ। ବାସନ ଧୋଇବା ଭିତରେ ଗ୍ୟାସ୍ ସିଲିଣ୍ଡର ଫାଟିବା ସହ ପୂରା ଘର ଜଳି ଉଠିଥିଲା। ସୁକାନ୍ତଙ୍କ ପରିବାର ନୁଆଁଣିଆ ଗୋଟିଏ ବଖରା ଚାଳଘର ଭିତରେ ରହିବା ସହ ରୋଷେଇ ବାସ କରିଥାନ୍ତି। ଘର ଭିତରେ ଭଉଣୀଭାଇ ନିଆଁରେ ପୋଡ଼ି ହୋଇ ଚିତ୍କାର କରୁଥିଲେ। ଏପଟେ ମା' ଘର ଭିତରକୁ ପଶି ନ ପାରି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇ ଘର ଭିତରୁ ଭଉଣୀଭାଇଙ୍କ ଦଗ୍ଧ ମୃତଦେହ ଉଦ୍ଧାର କରିଥିଲେ। ଝିଅପୁଅଙ୍କୁ ହରାଇ ମା' କାନ୍ଦି କାନ୍ଦି ବାରମ୍ବାର ଚେତା ହରାଇବାର ଦୃଶ୍ୟ ହୃଦୟ ବିଦାରକ ଥିଲା। ବଡ଼ଭଉଣୀ ସୁପ୍ରିୟା ଖବର ଶୁଣି ବିଦ୍ୟାଳୟରୁ ଘରକୁ ଆସିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ସସ୍ମିତା ମହାନ୍ତି ଏ ସମ୍ପର୍କରେ ପ୍ରଶାସନକୁ ଖବର ଦେଇଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ନିଶାନ ମିଶ୍ର, ଆଇଆଇସି ଅଜୟ କୁମାର ଜେନା, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ। ମୃତଦେହ ସଂସ୍କାର ଓ ଅନ୍ୟ କାର୍ଯ୍ୟକ୍ରମ ପାଇଁ ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର, ଘର ପୋଡି ସହାୟତା ବାବଦ ୫ ହଜାର ଟଙ୍କା, ୬ ହଜାର ଟଙ୍କାର ହରିଶ୍ଚନ୍ଦ୍ର ସହାୟତା ଏବଂ ବିଡିଓ ୫ ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ କରିଥିଲେ। ପଞ୍ଚାୟତ ପକ୍ଷରୁ ବିପନ୍ନ ପରିବାରକୁ ୪ ଦିନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବା ବ୍ୟବସ୍ଥା ହୋଇଛି। ଅଗ୍ନିକାଣ୍ଡରେ ସୁକାନ୍ତଙ୍କ ୧ ବଖରା ସହ ତାଙ୍କ ଭାଇ ଶରତ ସାହାଣୀ ଓ ପଡୋଶୀ ପ୍ରଭାକାର ସାହାଣୀଙ୍କର ଗୋଟିଏ ଲେଖାଏ ବଖରା ପୋଡ଼ିଯାଇଛି। ଏନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ବିଜେଡି ନେତା ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି କିଶୋର କୁମାର ପଣ୍ଡା, ଭାଜପା ନେତା ଲଳିତ କୁମାର ବେହେରା, କଂଗ୍ରେସ ନେତା ସିଦ୍ଧାର୍ଥ ସ୍ୱରୂପ ଦାସ, ଅଶୋକ କୁମାର ପ୍ରତିହାରୀ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ସ୍ତ୍ରୀ ପୁଅ ଜନ୍ମ ଦେଲେନି ବୋଲି...

## ୨ ଝିଅଙ୍କୁ ଜାଳିଦେବାକୁ ଉଦ୍ୟମ, ବାପା ଗିରଫ

ଭୁବନେଶ୍ୱର, ୧୬।୮
(ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀ ଓ ଦୁଇ ଝିଅଙ୍କୁ ମାଡ ମାରୁଥିଲେ। ଏପରିକି ଦୁଇ ଝିଅ ଶୋଇଥିବାବେଳେ ଖଟରେ ନିଆଁ ଲଗାଇ ଜାଳି ଦେବାକୁ ଉଦ୍ୟମ କରିଥିଲେ। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏଭଳି ଅମାନୁଷିକ କାଣ୍ଡ ଘଟାଇଥିବା ଅଭିଯୁକ୍ତ ବାପାଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି। ସେ ହେଲେ ପଳାଶୁଣୀରେ ରହୁଥିବା ଆଶୁତୋଷ ମହାନ୍ତି। ସ୍ତ୍ରୀ ପୁଅ ଜନ୍ମ ଦେଲେନି ବୋଲି ଆଶୁତୋଷ ଘରେ ସବୁବେଳେ ଝଗଡ଼ା ଓ ମାର୍‌ପିଟ୍ କରୁଥିଲେ ବୋଲି ଜଣାପଡିଛି। ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଆଶୁତୋଷ ୨୦୦୬ରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ତ୍ରୀ ଦୁଇ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ଅଭିଯୁକ୍ତ ବେକାରି ହୋଇଥିବା ବେଳେ ସେ ଅଭ୍ୟାସଗତ ଭାବେ ମଦ୍ୟପାନ କରୁଥିଲେ। ଏପିରିକି ଘରର ଆସବାବପତ୍ର ଭଙ୍ଗାରୁଜା କରିବା ସହ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ଗାଳିଗୁଲଜ କରି ମାଡ ମାରୁଥିଲେ। ସ୍ତ୍ରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଆଶୁତୋଷ ତାଙ୍କୁ କାହିଁକି ପୁଅ ଜନ୍ମ ଦେଲୁନି ବୋଲି କହି ଭର୍ତ୍ସନା କରୁଥିଲେ ଓ ବାପଘରୁ ପଇସା ଆଣିବାକୁ କହି ଜୀବନରୁ ମାରିବାର ଧମକ ଦେଉଥିଲେ। ଗତ ୫ ତାରିଖରେ ଅଭିଯୁକ୍ତ ପୁନଶ୍ଚ ଏହିଭଳି କାଣ୍ଡ ଘଟାଇଥିଲେ। ଶୋଇଥିବାବେଳେ ଦୁଇ ଝିଅଙ୍କ ଖଟରେ ଅଗ୍ନି ଲଗାଇ ଦେବାକୁ ଉଦ୍ୟମ କରୁଥିବାବେଳେ ସ୍ତ୍ରୀ ଏହା ଦେଖି ଅଟକାଇଥିଲେ। ପରେ ସେ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣା ପରଠୁ ଅଭିଯୁକ୍ତ ଆଶୁତୋଷ ଫେରାର ହୋଇଯାଇଥିଲେ। ଗୁରୁବାର ମଧରାତ୍ରିରେ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଉଭୟ ମା-ଝିଅଙ୍କୁ ପୁଣି ଆକ୍ରମଣ କରିଥିଲେ। ସ୍ତ୍ରୀ କୌଶଳକ୍ରମେ ପୋଲିସକୁ ଫୋନ୍ କରି ଜଣାଇବା ପରେ ମଞ୍ଚେଶର ଥାନା ପୋଲିସ ତୁରନ୍ତ ସେଠାରେ ପହଞ୍ଚି ମହିଳା ଓ ଦୁଇ ଝିଅଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରି ମହିଳା ଥାନା ପୋଲିସ ଜିମା ଦେଇଥିଲା।

## ଛୁରାମାଡ଼ରେ ଯୁବକ ଗୁରୁତର

### ସ୍ତ୍ରୀ ଧରିଲେ, ସ୍ୱାମୀ ଭୁସିଦେଲେ


ବଣ୍ଡାଁରପାଳ, ୧୬।୮ (ସୁବାସ ସାହୁ)

କୌଣସି କାରଣକୁ ନେଇ ଯୁକ୍ତିତର୍କ ପରେ ହୋଇଛି ଛୁରାମାଡ଼। ଏଥିରେ ଗୁରୁତର ହୋଇଛନ୍ତି ଅନୁଗୋଳ ଜିଲା ବଣ୍ଡାଁରପାଳ ଥାନା ବୁଢ଼ାପଙ୍କ ଆମ୍ବ ସାହିର ପ୍ରଦୀପ ବେହେରା। ସେହି ସାହିର ରାଜେଶ ନାଏକ (୩୨) ଏହି ଛୁରାମାଡ଼ କରିଥିବା ବେଳେ ରାଜେଶଙ୍କ ସ୍ତ୍ରୀ ପୂଜା ପ୍ରଦୀପଙ୍କୁ ପଛପଟୁ ଧରି ଏଥିରେ ସହଯୋଗ କରିଥିବା ଥାନାରେ ଅଭିଯୋଗ ହୋଇଛି।

ପୋଲିସ କହିଛି, ଗତ ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଆମ୍ବ ସାହିର ରାଜେଶ ଓ ସେହି ସାହିର ପ୍ରଦୀପ ମଧ୍ୟରେ କିଛି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାଜେଶ ପ୍ରଦୀପଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏପରିକି ରାଜେଶ ଏକ ଛୁରିରେ ପ୍ରଦୀପଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଭୟଭୀତ ପ୍ରଦୀପ ସେଠାରୁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ରାଜେଶଙ୍କ ସ୍ତ୍ରୀ ପୂଜା ପ୍ରଦୀପଙ୍କୁ ପଛପଟୁ ଧରି ପକାଇଥିଲେ। ଏହାପରେ ରାଜେଶ ପ୍ରଦୀପଙ୍କ ପେଟରେ ଛୁରି ଭୁସି ଦେଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ ପ୍ରଦୀପଙ୍କୁ ପରିବାର ଲୋକେ ପ୍ରଥମେ ନିକଟସ୍ଥ ଡାକ୍ତରଖାନା ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଗ୍ରାହକଙ୍କୁ ବନ୍ଧୁକ ଦେଖାଇ ହୋଟେଲ କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୬।୮
(ସୂର୍ଯ୍ୟକାନ୍ତ ବେହେରା)



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

### ଦେଶୀ ବନ୍ଧୁକ, ଗୁଳି ଜବତ

ଗ୍ରାହକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରୁଥିବା ଜଣେ ହୋଟେଲ କର୍ମଚାରୀଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ନୟାଗଡ ଓଡଗାଁ ଅଞ୍ଚଳର ବୁଲୁ ପାତ୍ର (୪୮)। ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ୨ ଗୁଳି ଜବତ ହୋଇଛି। ଏନେଇ ପୋଲିସ ଆର୍ମସ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତ ବୁଲୁଙ୍କ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ଜଣକ ସ୍ଥାନୀୟ ଆନନ୍ଦ ହୋଟେଲରେ କାର୍ଯ୍ୟ କରୁଥିଲେ। ପାଖରେ ଦେଶୀ ବନ୍ଧୁକ ରଖିଥିଲେ। କୌଣସି ଏକ କଥାକୁ ନେଇ ଗ୍ରାହକଙ୍କ ସହ ଝଗଡ଼ା ହୋଇଥିଲା। ଏହି ସମୟରେ ସେ ବନ୍ଧୁକ ଦେଖାଇ ଗ୍ରାହକଙ୍କୁ ଭୟଭୀତ କରିବା ସହିତ ଯିଏ ବି ତାଙ୍କ ପାଖକୁ ଆସିବ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଉଥିଲେ। ଖବର ପାଇ ଭରତପୁର ପୋଲିସ ପହଞ୍ଚି ତାଙ୍କୁ କାବୁ କରିନେବା ସହ ତାଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରିଥିଲା।

## ଫେରାର ୨ ବିଚାରାଧୀନ ବନ୍ଦୀ ଗିରଫ

ପଦ୍ମପୁର, ୧୬।୮ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ସବ୍‌ଜେଲରୁ ବୁଧବାର ପାଚେରି ଡେଇଁ ଫେରାର ହୋଇଯାଇଥିବା ୨ ବିଚାରାଧୀନ ବନ୍ଦୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟିକେଶ୍ୱର ମାହାର ଏବଂ ତ୍ରିନାଥ ଶବର। ସୂଚନା ଅନୁଯାୟୀ, ଦୁହେଁ ବୁଧବାର ଅପରାହ୍ନରେ ପାଚେରିଡେଇଁଫେରାର ହୋଇଯାଇଥିଲେ। ଏନେଇ ଜେଲ ସୁପରିନ୍‌ଟେଣ୍ଡେଣ୍ଟ ପୁର୍ନିରାମ ବାଗ ପଦ୍ମପୁର ଥାନାରେ ଖବର ଦେଇଥିଲେ। ପୋଲିସ ବିଏନ୍‌ଏସ୍ ଦଫା ୨୬୨/୩(୫)ରେ ମାମଲା(ନଂ.୨୫୭) ରୁଜୁ କରି ୨ଟିମ୍ ଗଠନ କରିଥିଲା। ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୪ ତାରିଖ ରାତିରେ ଟିକେଶ୍ୱରଙ୍କୁ ଏବଂ ୧୫ ରାତିରେ ତ୍ରିନାଥଙ୍କୁ ଗିରଫ କରିଥିଲା। ୨ ଅଭିଯୁକ୍ତଙ୍କ ନାଁରେ ପଦ୍ମପୁର ଓ ଗାଇସିଲେଟ ଥାନାରେ ଏକାଧିକ ମାମଲା ଥିବା ଆଇଆଇସି ମମତା ନାଏକ ସୂଚନା ଦେଇଛନ୍ତି।

# ୧୦ମ ଶ୍ରେଣୀ ଛାତ୍ରଙ୍କୁ ପିଟି ହତ୍ୟାକଲେ ମାଓବାଦୀ

### ୧୦ ଦିନ ତଳେ ବଡ଼ଭାଇଙ୍କୁ ହତ୍ୟା କରିଥିଲେ

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୀମାନ୍ତ ସୁକ୍‌ମା ଜିଲାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ମାଓବାଦୀମାନେ ପିଟି ହତ୍ୟା କରିଛନ୍ତି। ସେ ହେଲେ ସୁକ୍‌ମା ଜିଲା ଜାଗରକୋଣ୍ଡା ଥାନା ଅନ୍ତର୍ଗତ ପୁବର୍ତ୍ତି ଗ୍ରାମର ସୋୟମ ଶଙ୍କର। ୧୦ ଦିନ ତଳେ ସୋୟମଙ୍କ ବଡ଼ଭାଇଙ୍କୁ ମଧ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗ୍ରାମରେ ଗୋଡ଼ାଇ ଗୋଡ଼ାଇ ପିଟି ହତ୍ୟା କରିଥିଲେ। ସୋୟମ ମଧ ପୋଲିସ ସୂଚନାଦାତା ବୋଲି ଦର୍ଶାଇ ମାଓବାଦୀମାନେ ତାଙ୍କୁ ହତ୍ୟା କରିଛନ୍ତି। ସୁକ୍‌ମା ଏସ୍‌ପି କିରଣ ଚୌହାନ କହିଛନ୍ତି, ଉଭୟ ଭାଇ ପୋଲିସ ଇନ୍‌ଫର୍ମର ନ ଥିଲେ। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ ହୋଇଥିବା ଏସ୍‌ପି ଚୌହାନ ସୂଚନା ଦେଇଛନ୍ତି।

# କଇଁଚିରେ ଭୁସି ସହକର୍ମୀଙ୍କୁ ହତ୍ୟା

ବଣ୍ଡାଁରପାଳ, ୧୬।୮ (ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଡାଁରପାଳ ଥାନା ବଣ୍ଡାଁରପାଳ କଲେଜ ଛକ ନିକଟରେ ଗୁରୁବାର ଟେଲର ଦୋକାନ କର୍ମଚାରୀ ମଧୁସୂଦନ ନାୟକଙ୍କୁ କଇଁଚିରେ ଭୁଶି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସହକର୍ମୀ କମଳ ଲୋଚନ ବେହେରା (୪୩)ଙ୍କୁ ଗିରଫ କରିଛି।

ପୋଲିସ କହିଛି, ଯାଜପୁର ରୋଡ୍ ଅଞ୍ଚଳର ମଧୁସୂଦନ ନାୟକ ବଣ୍ଡାଁରପାଳ କଲେଜ ନିକଟରେ ରହି ଏକ ଟେଲର ଦୋକାନରେ କାମ କରୁଥିଲେ। ତାଙ୍କ ସହ ଅଭିଯୁକ୍ତ କମଳ ଲୋଚନ ମଧ କାର୍ଯ୍ୟ କରୁଥିଲେ। ହେଲେ ପୂର୍ବ ଶତ୍ରୁତାରୁ କମଳ ଲୋଚନ ଏକ କଇଁଚିରେ ମଧୁସୂଦନଙ୍କୁ ଭୁସି ଦେଇଥିଲେ। ଖବରପାଇ ପୋଲିସ ଗୁରୁତର ଅବସ୍ଥାରେ ମଧୁସୂଦନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଧୁସୂଦନଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ରମାକାନ୍ତ ମହାଳିକ, ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ, ଏସ୍‌ଆଇ ଅର୍ଚ୍ଚନା ନାୟକ ଓ ଅମିତ କୁମାର ମିଶ୍ର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟ ଭାବେ ବଣ୍ଡାଁରପାଳ ଅତିରିକ୍ତ ତହସିଲଦାର ଚିନ୍ମୟୀ ସାମନ୍ତରାୟ ଉପସ୍ଥିତ ଥିଲେ। ଘଟଣାଦିନ ଅଭିଯୁକ୍ତ କମଳଲୋଚନଙ୍କୁ ଅଟକ ରଖି ଥାନାରେ ପଚରାଉଚରା କରାଯାଇଥିଲା। ତାଙ୍କ ସମ୍ପୃକ୍ତି ସମ୍ପର୍କରେ ଜଣାପଡ଼ିବା ପରେ ଶୁକ୍ରବାର ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ହାତଗୋଡ଼ ବାନ୍ଧି ସୁନାଗହଣା ଲୁଟ୍



ଘଟଣାସ୍ଥଳରେ ଅନୁସନ୍ଧାନୀ କୁକୁର ।

ବରଗଡ଼, ୧୬।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର ଗଳି ନଂ-୭ରେ ଗୁରୁବାର ସନ୍ଧ୍ୟାରେ ଲୁଟ୍ ହୋଇଛି। ୨ଲୁଟେରା ଜଣଙ୍କ ଘରେ ପଶି ଏକାକୀ ଥିବା ଜଣେ ଯୁବତୀଙ୍କ ହାତଗୋଡ଼ ବାନ୍ଧି ବିପୁଳ ପରିମାଣର ସୁନା ଗହଣା ଏବଂ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସ୍ୱର୍ଗତ ଦିଲୀପ ସାହୁଙ୍କ ଘରେ ଏଭଳି ଲୁଟ୍‌ପାଟ୍ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସ୍ୱର୍ଗତ ସାହୁଙ୍କ ଘରେ ତାଙ୍କ ସ୍ତ୍ରୀ ରୀତା, ଝିଅ ଶୁଚିସ୍ମିତା ଏବଂ ସ୍ମୃତି ରହୁଛନ୍ତି। ଗୁରୁବାର ସନ୍ଧ୍ୟାରେ ରୀତା ତାଙ୍କ ସାନଝିଅ ସ୍ମୃତିଙ୍କ ସହିତ ସ୍ଥାନୀୟ ଭଟଲି ଛକକୁ ମାର୍କେଟିଂ କରିବାକୁ ଯାଇଥିବାବେଳେ ଘରେ ଶୁଚିସ୍ମିତା ଏକାକୀ କବାଟ ବନ୍ଦ କରି ଘରେ ଥିଲେ। ତେବେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରୁ ୭ଟା ମଧ୍ୟରେ ୨ଲୁଟେରା ଆସି କଲିଂ ବେଲ୍ ବଜାଇଥିଲେ। ମା' ଏବଂ ଭଉଣୀ ଆସିଥିବେ ଭାବି ଶୁଚିସ୍ମିତା କବାଟ ଖୋଲିଥିଲେ। ଏହି ସମୟରେ ଲୁଟେରାମାନେ ତାଙ୍କୁ ଜାବୁଡ଼ି ଧରି ଘର ଭିତରକୁ ନେଇ ଯାଇଥିଲେ ଏବଂ ଘରେ ଥିବା କପଡ଼ାରେ ହାତଗୋଡ଼ ବାନ୍ଧିବା ସହିତ ପାଟିରେ ମଧ୍ୟ କପଡ଼ା ପୂରାଇ ଦେଇ ଲୁଟ୍‌ପାଟ୍ କରିଥିଲେ ବୋଲି ଶୁଚିସ୍ମିତା କହିଛନ୍ତି। ଘରକୁ ଫେରିବା ପରେ ତାଙ୍କ ମା' ଏବଂ ଭଉଣୀ ବନ୍ଧାଥିବା ଶୁଚିସ୍ମିତାଙ୍କ ହାତଗୋଡ଼ ଖୋଲିଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ। ସ୍ଥାନୀୟ ଟାଉନ ଥାନା ପୋଲିସ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି।

# ମାଓବାଦୀ କ୍ୟାମ୍ପ୍ ଠାବ, ବିପୁଳ ସାମଗ୍ରୀ ଜବତ

ଭବାନୀପାଟଣା, ୧୬।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଓ କନ୍ଧମାଳ ଜିଲା ସୀମାନ୍ତ ମଦନପୁର ରାମପୁର ପୁଟ୍ରିମହୁଲ ସଂରକ୍ଷିତ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ୍ ଠାବ ହୋଇଥିବାବେଳେ ସେଠାରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଛି। ଭବାନୀପାଟଣାସ୍ଥିତ ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲାର ମଦନପୁର ରାମପୁର ଥାନା ଅନ୍ତର୍ଗତ ପୁଟ୍ରିମହୁଲ ସଂରକ୍ଷିତ ଜଙ୍ଗଲରେ ସିପିଆଇ ମାଓବାଦୀ କ୍ୟାମ୍ପ୍ ଥିବା ନେଇ ଗତ ୧୩ ତାରିଖରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପରେ ଏସ୍‌ପି ଅଭିଲାଷ ଜିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଓଜିର ୪ ଟିମ୍ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରିଥିଲେ। ୧୪ ତାରିଖରେ ଉକ୍ତ ଜଙ୍ଗଲରେ ୧୦ରୁ ୧୨ଜଣ ସଶସ୍ତ୍ର ମାଓବାଦୀଙ୍କ ସହ ଏସ୍‌ଓଜି ଯବାନମାନଙ୍କ ମୁହାଁମୁହିଁ ହୋଇଥିଲା। ପୋଲିସ ପକ୍ଷରୁ ଆତ୍ମସମର୍ପଣ କରିବା ପାଇଁ ସେମାନଙ୍କୁ କୁହାଯାଇଥିଲା। କିନ୍ତୁ ମାଓବାଦୀମାନେ ପୋଲିସ ଉପରକୁ ଅତର୍କିତ ଗୁଳି ଚାଳନା କରି ଘଞ୍ଚ ଜଙ୍ଗଲରେ ଖସିଯିବାରେ ସଫଳ ହୋଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ଯବାନମାନେ ସେଠାରେ ଏକ ମାଓବାଦୀ କ୍ୟାମ୍ପ୍ ଠାବ କରିଥିଲେ। ଉକ୍ତ କ୍ୟାମ୍ପରୁ ମାଓବାଦୀ ବ୍ୟବହାର କରୁଥିବା କିଟ୍ ବ୍ୟାଗ, ଛତା, ଡିଟୋନେଟର, ବିଦ୍ୟୁତ୍ ତାର, ଟାଙ୍ଗିଆ, ବେଲ୍ଟ, ଟର୍ଚ୍ଚ, ବାଲ୍‌ଟି, ଛୁରି, ବାଣ, ମାଓବାଦୀ ପୁସ୍ତକ, ଔଷଧ ଓ ଅନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଥିଲା। ବର୍ତ୍ତମାନ ମଧ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି।




ଜବତ ମାଓବାଦୀ ସାମଗ୍ରୀ ସହ କଳାହାଣ୍ଡି ଏସ୍‌ପି।

# ପଥରରେ ଛେଚି ସ୍ୱାମୀଙ୍କୁ ହତ୍ୟାକଲେ ସ୍ତ୍ରୀ

ଡେଙ୍କିକୋଟ, ୧୬।୮ (ନୀଳମଣି ମଣ୍ଡଳ)



ସୁକୁମତି ମୁଣ୍ଡା

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ କାଶିବେଡ଼ା ଗ୍ରାମରେ ଗୁରୁବାର ସ୍ୱାମୀଙ୍କ ମୁଣ୍ଡକୁ ପଥରରେ ଛେଚି ସ୍ତ୍ରୀ ହତ୍ୟା କରିଛନ୍ତି। ମୃତକ କାଶିବେଡ଼ା ଗ୍ରାମର ସୁନାରାମ ମୁଣ୍ଡା (୪୦)। ଘଟଣାରେ ପୋଲିସ ଅଭିଯୁକ୍ତାଙ୍କୁ ଗିରଫକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସୁନାରାମ ପୂର୍ବରୁ ୨ ଥର ବିବାହ କରିଥିଲେ। ମଦ ପିଇ ମାଡ଼ମାରିବାରୁ ପ୍ରଥମ ୨ ସ୍ତ୍ରୀ ତାଙ୍କ ନିକଟରୁ ଛାଡ଼ି ଚାଲିଯାଇଛନ୍ତି। ସୁନାରାମ ୨ ମାସ ପୂର୍ବେ ବଡ଼ମସିଣାବିଲା ପଞ୍ଚାୟତ ମସିଣାବିଲା ମୁଣ୍ଡାସାହିର ସୁକୁମତି ମୁଣ୍ଡା(୩୫)ଙ୍କୁ ତୃତୀୟ ବିବାହ କରିଥିଲେ। ସୁନାରାମ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିବା ବେଳେ ସୁକୁମତି ଦିନ ମଜୁରିଆ ଭାବେ କାମ କରନ୍ତି। ଗୁରୁବାର ସୁନାରାମ ସୁକୁମତିଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ସମୟରେ ସୁକୁମତି ଏକ ପଥରରେ ସୁନାରାମଙ୍କ ମୁଣ୍ଡ ପଛକୁ ଛେଚି ଦେଇଥିଲେ। ସେ ତଳେ ପଡ଼ିଯାଇଥିବା ବେଳେ ସୁକୁମତି ପଥରରେ ବାରମ୍ବାର ମୁଣ୍ଡକୁ ଛେଚିଥିଲେ। ପଡ଼ୋଶୀ ପହଞ୍ଚି ସୁନାରାମଙ୍କୁ ଉଦ୍ଧାରକରି ପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ.୩୦୪/୨୪)ରୁଜୁ କରି ଅଭିଯୁକ୍ତ ସ୍ତ୍ରୀଙ୍କୁ ଗିରଫକରି ନୂତନ ନରହତ୍ୟା ଦଫା ୧୦୩(୧) ବିଏନ୍‌ଏସ୍‌ରେ ଡାକ୍ତରୀ ପରୀକ୍ଷାକରି କୋର୍ଟ ଚାଲାଣ କରାଯାଇଥିବା ସବ୍‌ଇନ୍ସପେକ୍ଟର ଗାଙ୍ଗିଆ ଲାକ୍ରା ସୂଚନା ଦେଇଛନ୍ତି।

## ପୌର ଉପାଧକ୍ଷା, ସ୍ୱାମୀଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ

ପାରାଦୀପ, ୧୬।୮ (ଶରତ ରାଉତ)

ପାରାଦୀପ ପୌର ଉପାଧକ୍ଷା ଛବିଲତା ରାଉତଙ୍କ ଘରେ ପଶି ତାଙ୍କୁ ଓ ସ୍ୱାମୀ ନରି ରାଉତଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଅଗଷ୍ଟ ୧୪ ରାତିରେ ଏହି ଘଟଣା ଘଟିଥିଲେ ମଧ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପୋଲିସ କାହାରିକୁ ଗିରଫ କରିନାହିଁ। ଅଠରବାଙ୍କୀ ଲକପଡା ବସ୍ତିରେ ରହୁଥିବା ଛବିଲତାଙ୍କ ସୂଚନା ଅନୁଯାୟୀ, ସେ ରାତି ୧୧ଟା୩୦ରେ ଘରେ ବାସନ ମାଜୁଥିବା ବେଳେ କେତେଜଣ ଲୋକ ଆସି ଗେଟ ବାଡେଇ ଥିଲେ। ସେ ଗେଟ୍ ପାଖରେ ପହଞ୍ଚିବା ବେଳେକୁ ସମ୍ପୃକ୍ତ ଲୋକେ ଅତର୍କିତଭାବେ ଆକ୍ରମଣ କରିଥିଲେ। ଛବିଲତା ଚିତ୍କାର କରିବାରୁ ସ୍ୱାମୀ ନରି ଆସିଥିଲେ। ଏହି ସମୟରେ ସେମାନେ ତାଙ୍କୁ ଛାଡ଼ି ସ୍ୱାମୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଅନ୍ୟ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ନରିଙ୍କ ଅବସ୍ଥା ଗୁରୁତର ହୋଇଛି। ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ପାରାଦୀପ ଆଦର୍ଶଥାନାରେ ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କ ମଧ୍ୟରୁ ୨ ଜଣ ଛବିଲତାଙ୍କ ପୋଡଶୀ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟଦାସଙ୍କୁ ପଚାରିବାରେ, ସେ ଛୁଟିରେ ଅଛନ୍ତି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ବଜ୍ରକାପ୍ତା ବିକ୍ରି: ଓଡ୍ରାଫ କର୍ମଚାରୀଙ୍କ ସମେତ ୩ ଗିରଫ

ସେମିଳିଗୁଡ଼ା/ସୁନାବେଡ଼ା, ୧୬।୮
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ନନ୍ଦପୁର-ସେମିଳିଗୁଡ଼ା ରାସ୍ତାର ବଡ଼େଙ୍ଗା ନିକଟରୁ ଏକ ବଜ୍ରକାପ୍ତାକୁ ଏସ୍‌ଟିଏଫ୍ ଟିମ୍ ଗୁରୁବାର ଉଦ୍ଧାର କରିଛି। ଏଥିରେ ସାମିଲ ଥିବା ୩ ଜଣଙ୍କୁ ଟିମ୍ ଗିରଫ କରିଛି। ସେମାନେ ହେଲେ ସେମିଳିଗୁଡ଼ା ଦୁଧାରୀ ପଞ୍ଚାୟତ ମନ୍ଦାର ଗ୍ରାମର ସଦା ଦିଶାରୀ (୪୮), ପଟ୍ଟାଙ୍ଗି ଥାନା ପୁକାଲି ମାଳିଗୁଡ଼ା ଗ୍ରାମର ମଜେଶ ଖରା(୪୭) ଓ ସେମିଳିଗୁଡ଼ା ଥାନା ଦୁଧାରୀ ଚିନ୍ଦିରି ଗ୍ରାମର ଲାଣ୍ଡୁ ତାଡ଼ିଙ୍ଗି(୩୧)। ଏମାନଙ୍କ ମଧ୍ୟରେ ମଜେଶ ଜଣେ ଓଡ୍ରାଫ କର୍ମଚାରୀ ବୋଲି ଜଣାପଡ଼ିଛି।



ଉଦ୍ଧାର ବଜ୍ରକାପ୍ତା।

ବଜ୍ରକାପ୍ତା ବିକ୍ରି ପାଇଁ ଡିଲ୍ ହେଉଥିବା ସୂଚନା ପାଇ ଭୁବନେଶ୍ୱର ଏସ୍‌ଟିଏଫ୍ ଏସ୍‌ପିଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଜିତୁ ମୋହନ ବେସ୍ରା, ଏଏସ୍‌ଆଇ ଦୁଷ୍ମନ୍ତ ମହାନ୍ତି, କନ୍‌ଷ୍ଟେବଲ ଅଜିତ ସେଠୀ, ସିପାହି ବିଜୟ ନାଥଙ୍କୁ ନେଇ ଏକ ଟିମ୍ ଖୋଳତାଡ଼ କରିଥିଲା। ସେମାନେ ବଡ଼େଙ୍ଗା ଗ୍ରାମ ନିକଟରେ ଏକ କାର୍ ଭିତରେ ଡ୍ରାଇଭର ସହ ୨ ଜଣ ବସିଥିବା ଏବଂ ଗାଡ଼ିଟି ବଡେଙ୍ଗା ଗ୍ରାମ ମୁହାଁ ହୋଇ ଠିଆ ହୋଇଥିବା ଦେଖି ଚଢ଼ାଉ କରିଥିଲେ। କାର୍ ଭିତରେ ବଜ୍ରକାପ୍ତା ବିକ୍ରି ନେଇ ଡିଲ୍ ଚାଲିଥିବା ଏବଂ ଏକ ବ୍ୟାଗ୍ ଭିତରେ ବଜ୍ରକାପ୍ତା ରଖାଯାଇଥିବା ଚଢ଼ାଉ ଟିମ୍ ଦେଖିବାକୁ ପାଇଥିଲା। ବଜ୍ରକାପ୍ତାକୁ ଉଦ୍ଧାରକରି ଏଥିରେ ସମ୍ପୃକ୍ତ ଥିବା ସଦା, ମଜେଶ ଓ ଲାଣ୍ଡୁଙ୍କୁ ଗିରଫ କରାଯାଇଥିଲା। ପରେ ୨ ଜଣ ସରକାରୀ ସାକ୍ଷୀଙ୍କ ଆଧାରରେ ବଜ୍ରକାପ୍ତାକୁ ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ତ୍ରିପତି ପଣ୍ଡାଙ୍କୁ ଜିମା ଦିଆଯାଇଥିଲା। ଉଦ୍ଧାର ହୋଇଥିବା ବଜ୍ରକାପ୍ତାର ଓଜନ ୧୬.୩୬୦ କେଜି। ଏହା ଆନ୍ଧ୍ର ପ୍ରଦେଶକୁ ଚାଲାଣ ହେଉଥିବା ତଦନ୍ତ ସମୟରେ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ପାଖରୁ ୩ଟି ମୋବାଇଲ ଫୋନ ସହ ବ୍ୟବହୃତ କାର୍ (ଓଆର୍ ୦୨ ଏୱାଇ-୪୪୦୦) ଜବତ ହୋଇଛି। ଏନେଇ ୨୦/୨୪ନମ୍ବରରେ ଏକ ମାମଲା ରୁଜୁ କରାଯିବା ସହ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟ ୧୯୭୨ ଧାରା ୩୦୩(୨), ୩୧୭(୨), ୬୧(୨) ଏ ଅନୁଯାୟୀ ଗିରଫ ୩ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

# ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ବାରିପଦା, ୧୬।୮
(ନୀଳାଦ୍ରି ବିହାରୀ ଦଣ୍ଡପଟ)

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ପ୍ରଫୁଲ୍ଲନଗର ଅଞ୍ଚଳର ଡୁଡୁସାହିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱାମୀ ସୁନା ସିଂଙ୍କ ମାଡ଼ରେ ସ୍ତ୍ରୀ ଯମୁନାଙ୍କ ମୃତ୍ୟୁ ଘଟିଛି। ଏ ନେଇ ଯମୁନାଙ୍କ ବାପଘର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ସୋମବାର ରାତିରେ କୌଣସି କଥାକୁ ନେଇ ଯୁକ୍ତିତର୍କ ବଢ଼ିବା ପରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ସୁନା ମାଡ଼ ମାରିବାରୁ ଯମୁନା ଗୁରୁତର ହୋଇ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାରିପଦା ପିଆର୍‌ଏମ୍ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପୂର୍ବକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ସ୍ୱାମୀ ସୁନା ଫେରାର ହୋଇଯାଇଛନ୍ତି।

# ଖଡ଼ିରେ ଖଡ଼ିରେ ବ୍ୟଙ୍ଗଚିତ୍ର

**ଜ୍ଞାନ ରଥ**ଙ୍କ ଜନ୍ମ ୧୪ ଫେବୃଆରୀ ୧୯୬୧ରେ କେନ୍ଦ୍ରାପଡ଼ା ଜିଲା କେଶରପୁର ଗାଁରେ। ଓଡ଼ିଶାର ଏହି କୀର୍ତ୍ତିମାନ ବ୍ୟଙ୍ଗକାରଙ୍କୁ କେହି କେହି କାର୍ଟୁନ୍-କଥା-କବିତାର ବିରଳ ବୈରାଗୀ କହନ୍ତି। ବ୍ୟଙ୍ଗ ଚିତ୍ରରେ ସେ ଯେମିତି ମୌଳିକ, ବ୍ୟଙ୍ଗ କବିତାରେ ବି ତାଙ୍କ ସ୍ୱାକ୍ଷର ଅନନ୍ୟ। ଏକାଧିକ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ତାଙ୍କର ବ୍ୟଙ୍ଗଚିତ୍ର ଓ କବିତା। 'ମୂଷି ବେକେ ପୁଷି ବାନ୍ଧିଲା ଘଣ୍ଟି', 'ନଚିକେତା', 'ବିଜୁ-ବାଦଶାହ', 'ପଲିଟିକାଲ୍ ଜୁ' ଓ 'ଡୋଣ୍ଟ୍ ମାଇଣ୍ଡ୍ ପ୍ଲିଜ୍' ପ୍ରଭୃତି ତାଙ୍କର କେତେକ ଚର୍ଚ୍ଚିତ ପୁସ୍ତକ। ବ୍ୟଙ୍ଗଚିତ୍ର ଓ ବ୍ୟଙ୍ଗ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବହୁ ସମ୍ମାନରେ ସମ୍ମାନିତ। ଚଳିତ ଅଗଷ୍ଟ ୪ ତାରିଖ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଏହି ଯଶସ୍ୱୀ ଶିଳ୍ପୀଙ୍କର ପରଲୋକ ହୋଇଛି। ତାଙ୍କରି ସ୍ମୃତିରେ ନିବେଦିତ ଆଜିର ଏ ଆଲେଖ୍ୟ...

## ଜ୍ଞାନ ରଥ ସ୍ମରଣେ





ଜ୍ଞାନ ଭାଇ ଓରଫ ଜ୍ଞାନେନ୍ଦ୍ର ରଥ, ଓଡ଼ିଶାର ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ। କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳ ନିକଟସ୍ଥ କେଶରପୁରଠାରେ ତାଙ୍କ ଜନ୍ମ। କର୍ମସ୍ଥଳୀ କଟକ, ସେଇଠି ତାଙ୍କ ସଙ୍ଗେ ମୋର ପରିଚୟ। ମୁଁ କିଶୋରାବସ୍ଥାରେ ସାମଜ ସେବା ଆରମ୍ଭ କରୁଥାଏ। ସେତେବେଳକୁ ରାଧାନାଥ ରଥ (ବାବୁଜୀ)ଙ୍କ ସାନ୍ନିଧ୍ୟ ପାଇସାରିଥାଏ। ଜ୍ଞାନଭାଇ ସେତେବେଳେ 'ସମାଜ' ଖବରକାଗଜ ନୁହେଁ, ଭିନ୍ନ ଏକ ଖବରକାଗଜରେ କାମ କରୁଥା'ନ୍ତି।

୧୯୯୬ ମସିହାରେ ମୋର ବଡ଼ଭାଇ, ଯିଏକି କାନପୁରସ୍ଥିତ ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାରେ ଏରୋସ୍ପେସ ବିଭାଗର ସହଯୋଗୀ ପ୍ରାଧାପକ ଭାବେ କାମ କରୁଥା'ନ୍ତି, ତାଙ୍କ ବିଭାଘର ଠିକ୍ ହୋଇଥାଏ। ମୁଁ ଗୋଟିଏ ତିନିଫାଳିଆ କାର୍ଡ଼ କରିବାକୁ ଚାହିଁଲି। ଗୋଟିଏରେ ବଡ଼ଭାଇ ଓ ଭାଉଜଙ୍କ ଚିତ୍ର ରହିବ, ଅନ୍ୟଟି ଭୋଜି ହେଉଥିବା ମଣ୍ଡପକୁ ରାସ୍ତାର ନକ୍ସା ଏବଂ ନିମନ୍ତ୍ରଣ ପତ୍ର ରହିବ। କାରଣ ବଡ଼ଭାଇ ବହୁଦିନରୁ କଟକରେ ରହୁନଥିଲେ ଓ ତାଙ୍କର ବହୁ ଅଣଓଡ଼ିଆ ବନ୍ଧୁ ମଧ୍ୟ ବିଭାଘରକୁ ଆସିବାକୁ ଥାଏ। ଏଣୁ ଏପରି ଏକ ପରିକଳ୍ପନା ଧରି ମୁଁ ଜ୍ଞାନଭାଇଙ୍କ ଝାଞ୍ଜିରମଙ୍ଗଳା ଘରେ ପହଞ୍ଚିଥିଲି। ସେ ତାକୁ ଅତି ଚମତ୍କାର ଏବଂ ନିଖୁଣ ଭାବରେ ସମାପନ କରିଥିଲେ, ଯାହାକି ବହୁଭାବେ ପ୍ରଶଂସିତ ହୋଇଥିଲା। କାମ ସରିଲାପରେ ଜ୍ଞାନଭାଇଙ୍କୁ ତାଙ୍କର ପାରିଶ୍ରମିକ ବିଷୟରେ ଯେତେବେଳେ ପଚାରିଲି, ସେ ମୋ' ଉପରେ ବିରକ୍ତ ହୋଇ କହିଲେ, 'ତୁ ଆଉ ଆମ ଘରକୁ ଆସିବୁନି'। ସେ ଯେ ବହୁତ ଧନୀ ଲୋକ ଥିଲେ, ତା'ନୁହେଁ, ବ୍ୟକ୍ତିଗତ ସମ୍ପର୍କକୁ ଅଧିକ ମହତ୍ତ୍ୱ ଦେଉଥିଲେ। ମୁଁ ଚୁପ୍ ରହିଲି। କିନ୍ତୁ ଚିରଦିନ ପାଇଁ ତାଙ୍କ ନିକଟରେ ଋଣୀ ହୋଇଗଲି।

ଖୁବ୍ କମ୍ ବୟସରେ ପିଲାମାନେ ଯେତେବେଳେ ଖଡ଼ିରେ 'ଅ, ଆ' ଲେଖିବା ଆରମ୍ଭ କରନ୍ତି, ଜ୍ଞାନଭାଇ ସେତେବେଳେ ଖଡ଼ିରେ ବ୍ୟଙ୍ଗଚିତ୍ର କରି ଗୁରୁଙ୍କ ଆକ୍ରୋଶର ଶିକାର ହୋଇଥିଲେ ବୋଲି ସମସ୍ତେ ଥଟ୍ଟାରେ ତାଙ୍କୁ ଖଡ଼ିନନା ବୋଲି ଡାକୁଥିଲେ। କଲେଜରେ ଅଧ୍ୟାପକ ପାଠ ପଢ଼ାଇବାବେଳେ ସେ ଖାତାରେ ସାର୍‌ଙ୍କ କାର୍ଟୁନ ଆଙ୍କୁଥିଲେ। ଏହା ତାଙ୍କର ଜନ୍ମଗତ କଳା ଥିଲା।

ସମସ୍ତେ ଜାଣନ୍ତି ସେ କାହା ମୁହଁକୁ ଚାହାନ୍ତି ନାହିଁ। ଯାହା ସତ୍ୟ ବୋଲି ତାଙ୍କର ହୃଦ୍‌ବୋଧ ହୋଇଥାଏ, ତାହା ସେ ପ୍ରକାଶ କରିଥା'ନ୍ତି। ସମ୍ମୁଖରେ ଥିବା ଲୋକକୁ ଖରାପ ଲାଗୁ କି ଭଲ ଲାଗୁ, ସେ କଥା ଜମାରୁ ମନକୁ ନେଇନଥା'ନ୍ତି। ମୋର ଅଭିଜ୍ଞତା କଥା, ସୃଜନଶୀଳ ବ୍ୟକ୍ତିବିଶେଷ ବିଶେଷକରି କଳାକାରମାନେ ସାଧାରଣତଃ ସ୍ୱାଭିମାନୀ ଓ କ୍ଷଣକୋପୀ ହୋଇଥା'ନ୍ତି। କାରଣ ସେମାନେ କିଛି ନୂତନ ସର୍ଜନା ଲକ୍ଷ୍ୟରେ ସର୍ବଦା ଅନ୍ୟମନସ୍କ ଥା'ନ୍ତି। ସାମ୍ନା ଲୋକ ଯାହା କହିଲା, ଆଗପଛ ବିଚାର ନକରି ତୁରନ୍ତ ତା'ର ଉତ୍ତର ରଖିଥା'ନ୍ତି। ଆଉ ବ୍ୟଙ୍ଗକାରମାନେ ତ ତତୋଽଧିକ ସ୍ପର୍ଶକାତର। ଜ୍ଞାନ ଭାଇ ବା ଏଥିରୁ ବାଦ୍ ଯାଆନ୍ତେ କିପରି? କିନ୍ତୁ ତାଙ୍କର ହୃଦୟ ଥାଏ ନିଷ୍କପଟ, ନିହାତି ସାଧାରଣ।

ଆଜି ଜ୍ଞାନଭାଇ ଇହଧାମରେ ନାହାନ୍ତି, କିନ୍ତୁ ତାଙ୍କର କଳାକୃତି ତାଙ୍କୁ ଚିର ଅମର କରି ରଖିବ। ବିଶେଷକରି ଦୈନିକ 'ସମାଜ'ରେ ସେ ବହୁଦିନ କାମ କରିଥିଲେ। ତତ୍‌ସହିତ ସେ 'ଧରିତ୍ରୀ', 'ଅନୁପମ ଭାରତ', 'ନ୍ୟାୟବତୀ', 'ସକାଳ' ଭଳି ପ୍ରତିଷ୍ଠିତ ଖବର କାଗଜରେ ମଧ୍ୟ କାମ କରିଥିଲେ। ଓଡ଼ିଶା ବ୍ୟଙ୍ଗ ଦୁନିଆରେ ତାଙ୍କର ମୃତ୍ୟୁ ନିଶ୍ଚିତ ଭାବେ ଏକ ଅପୂରଣୀୟ କ୍ଷତି। ବହୁ ଜାତୀୟ, ଅନ୍ତର୍ଜାତୀୟ ତଥା ରାଜ୍ୟର ବହୁ ପ୍ରତିଷ୍ଠିତ ରାଜନେତା, ସମାଜସେବୀ, କଳାକାର, କ୍ରୀଡ଼ାବିତ୍, ସାହିତ୍ୟିକ ତଥା ଅନ୍ୟ ବ୍ୟକ୍ତିମାନଙ୍କ ବ୍ୟଙ୍ଗଚିତ୍ର ଅଙ୍କନ କରି ବହୁ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ପୁରସ୍କାରରେ ସେ ସମ୍ମାନିତ ହୋଇଥିଲେ। ଆମେ ସମସ୍ତେ ଜାଣିଛେ ମଣିଷ ଜନ୍ମବେଳେ ତା'ର ରିଟର୍ନ ଟିକଟ ନେଇ ଆସିଥାଏ। କିନ୍ତୁ ଜ୍ଞାନଭାଇ ଯେ ଏତେ ଶୀଘ୍ର ଲେଉଟିଯିବାକୁ ଟିକଟ ଆଣିଥିଲେ କିଏ ଜାଣିଥିଲା! ବ୍ୟଙ୍ଗଚିତ୍ର ସହିତ ଚମତ୍କାର କ୍ଷୁଦ୍ର କବିତା ପଂକ୍ତି ତାଙ୍କୁ ଚିର ଅମର କରି ରଖିବ।

ଭବାନୀ ପ୍ରସାଦ ମିଶ୍ର
ଡି-୯୩୧, ମର୍କତ ନଗର, କଟକ-୧୪

## କବିତା

### ଏଇ ଏବେ ଏବେ ତ

**ଓଁକାର ମିଶ୍ର**

ଏଇ ଏବେ ଏବେ ତ ଆସିଥିଲ,
ବେରଙ୍ଗୀ ଜୀବନରେ
ରଙ୍ଗ ଭରିବା ଆରମ୍ଭ କରିଥିଲ,
କେଉଁ କାଳରୁ ଝାଉଁଳି
ଶୁଖିଯାଇଥିବା ଗଛ କଅଁଳୁଥିଲା,
ମରିପଡ଼ିଥିବା ଆତ୍ମାରେ
ଏବେ ତ ଜୀବନ ଆସିଥିଲା।

ଏଇ ଏବେ ଏବେ ତ
ପ୍ରୋଫାଇଲ ଫଟୋରେ ଥିଲ,
ଦଶନ୍ଧି ତଳର ସେ
ନୀରସ ମୁହଁ ହଟାଇ ତମେ ଥିଲ,
ଘୋଡ଼େଇ ରଖିଥିବା ଆଇନାକୁ
ସାମ୍ନା କରିବାର ସାହସ ସାଜିଥିଲ,
ଲିଭିଯାଇଥିବା ସେ ହସ
ଏବେ ଏବେ ତ ଫେରିଥିଲା।

ଏବେ ଏବେ ତ ଆଖି ମିଶାଇ
କଥା ହେବା ଶିଖିଥିଲି,
ଛାଡ଼ିଦେଇଥିବା ହାତ ଧରି
ଚାଲିବା ଆରମ୍ଭ କରିଥିଲି,
ଭୁଲିଯାଇଥିବା ଠିକଣା ସେ
ଅଧାଚିରା ଡାଏରିରୁ କାଢ଼ିଥିଲି,
ଭାଙ୍ଗିଯାଇଥିବା ସେ ବିଶ୍ୱାସ
ଏଇ ଏବେ ତ ଫେରିଥିଲା।

ଏଇ ଏବେ ଏବେ ତ
ପୁଣି ଥରେ ସ୍ୱପ୍ନ ଦେଖୁଥିଲି,
ପାଗଳ ଭଳି ନିଜେ ନିଜେ
କଥା ହେଉଥିଲି,
ଖଟଚଲୁ କୁମ୍ପି କାଢ଼ି ଭାଙ୍ଗି
ପଇସା କାଢ଼ିଥିଲି
ହାଟକୁ ଯାଇ ଏବେ ଏବେ ତ
ହଳେ ଚୁଡ଼ି ଆଣିଥିଲି।

ଏଇ ଏବେ ଏବେ କ'ଣ ଘଟିଗଲା!
କଅଁଳୁଥିବା ସେ ଗଛ
ହଠାତ୍ ପୁଣି ଝାଉଁଳି ପଡ଼ିଲା,
ହାତ ଧରି ଚାଲୁଥିବା
ସେ ହାତ ଯେ ଛାଡ଼ିଦେଲା,
ଫେରିଥିବା ବିଶ୍ୱାସ
ପୁଣି ଯେ ଭାଙ୍ଗିଗଲା,
କ'ଣ ହେଲା ଯେ,
ଏ ଆଖି ଆଉ ଚାହିଁ ପାରୁନି,
ଖୋଲିଥିବା ଆଇନାରେ
ମୁହଁ ଦେଖାଯାଉନି,
ଜିଇ ଆସିଥିବା ଏ ଜୀବନ ଯେ
ପୁଣି ମରିଗଲା!

ମୋ: ୭୦୦୮୩୪୮୦୮୩

### ମେଘର ମହୁରତ

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଛତା ତଳେ ଏବେ ଛାଇ ନୀରବତା
ମେଘ ମେଘ ଗୋଟେ ଭାବ
ଛାତି ତଳେ ମେଘ ମହ୍ଲାରର ଧ୍ୱନି
ମୋହାଚ୍ଛନ୍ନ ଅନୁଭବ।

ମେଘ ନାହିଁ ହେଲେ ମେଦୁର ଛାଇରେ
ନୂଆ ଆଶା ଉଇଁଯାଏ
ମନ ପକ୍ଷୀ ଡେଣା ଝାଡ଼ି ଉଡ଼ିଯାଏ
ଭିଜିବାକୁ ମେଘଦେହେ।

ମେଘଲାଗେ କେବେ ସୁନ୍ଦରୀ ତରୁଣୀ
କଳା କବରୀରେ ତାର
ମିଛେ ଭିଜେ ବୋଲି କବି ତା' ପ୍ରେମରେ
(ସେ) କବିତାର ମିଠା ସ୍ୱର।

ମେଘ ମୋ ଆଖିର କଜଳ ଧାରରେ
ଅୟୁତ ତୃଷ୍ଣାର ଗପ
ମେଘ ତୋ କାହାଣୀ ଭାବ ସରଣୀରେ
ଆବେଗର ମହାତପ।

ମେଘ ଯକ୍ଷ ପ୍ରିୟା ବିନିଦ୍ର ନୟନେ
ସାନ୍ତ୍ୱନାର ଶଙ୍ଖଧ୍ୱନି
ବିରହ ବିଧୁର ପରାଣେ ଏ ମେଘ
ଆଶାର ସଞ୍ଜୀବନୀ।

ମେଘ ଲାଗି ସିନା ଲଗାଣ ବର୍ଷାରେ
ମନ ଖେଳୁଥାଏ ହୋଲି
ସ୍ମୃତି ହାଟେ ତୁମେ ଫୁଲ ବିକି ବସ
ମେଘ ଆସୁଥାଏ ବୋଲି।

ମୋ: ୭୩୭୭୩୧୮୭୮୯

**ଗୀତି-କବିତା**

### ଶ୍ରାବଣୀ ଆକାଶୀ କନ୍ୟା

**ଜୟନ୍ତୀ ସାହୁ**

ମୁଁ ଯେ ଶ୍ରାବଣୀ ଆକାଶୀ କନ୍ୟା
ମୋର ତନୁରେ ରୂପର ବନ୍ୟା
ନୀଳ ମେଘ କୋଳେ ଚପଳା ଚଞ୍ଚଳା
ପୂର୍ଣ୍ଣତାରେ ମୁଁ ଯେ ଶୂନ୍ୟା।

ରିମ୍ ଝିମ୍‌ଝିମ୍ ମୋ ରାଗର ସୁର
ଛମ୍ ଛମ୍ ଛମ୍ ପାଦର ନୂପୁର
ମୁକ୍ତକେଶୀ ମୁଁ ବରଷିଯିବି ଗୋ
ଧରଣୀକୁ କରି ଧନ୍ୟା।

ପଲ୍ଲବୀ ଉଠିବେ ଘଞ୍ଚ ଅରଣ୍ୟାନୀ
ଶିହରି ଉଠିବ ବନ୍ଧ୍ୟା ଅବନୀ
ଅନ୍ତଃସତ୍ତ୍ୱା ହେବେ ଯେତେ ସ୍ରୋତସ୍ୱିନୀ
ପୁଲକେ ବୋହିବି ବନ୍ୟା।

ପ୍ରବାସୀ ପ୍ରିୟର ସ୍ମୃତି
ମନ ତଳେ ଉଠେ ମାତି
ବର୍ଷାଭିଜା ରାତି
ଚିତ୍ତେ ଆଣେ ଭୀତି
ବିରହିଣୀ ସେ' ଯେ ଅଭିସାରିକା ଗୋ
ବିଚ୍ଛେଦରେ ଆନମନା
ମୁଁ ଯେ ଶ୍ରାବଣୀ... ।

ମୋ: ୮୦୯୩୪୮୬୬୭୪

## ପୁସ୍ତକ ପରିଚୟ


### ନିଜ ବର୍ଣ୍ଣବୋଧ



**କବି:** ବିପିନ୍ ନାୟକ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୨୯/-

ବିପିନ୍ ନାୟକଙ୍କ 'ନିଜ ବର୍ଣ୍ଣବୋଧ' ଏପରି ଏକ କବିତା ସଂକଳନ, ଯହିଁରେ ବିପିନ୍‌ଙ୍କ ଭିନ୍ନ କାବ୍ୟସ୍ୱରକୁ ଚିହ୍ନିହୁଏ। ଓଡ଼ିଆ କବିତାର ଉତ୍ତର-ଆଧୁନିକ ପର୍ବରେ ବିପିନ୍ ନୂଆ ଭାଷା, ନୂଆ ଅନୁଭବର କବି, ଯାହାଙ୍କର ଓଡ଼ିଆ ଅସ୍ମିତାକୁ ନେଇ ଏକ ମଧୁର ଅହଂକାର ଥାଏ। ଆଲୋଚ୍ୟ କାବ୍ୟଗ୍ରନ୍ଥ 'ନିଜ ବର୍ଣ୍ଣବୋଧ'ରୁ କେତୋଟି ଦୃଷ୍ଟାନ୍ତ ନେବା- ୧. ''ପ୍ରେମ ରଙ୍ଗରେ/ ପାଟଳ ହୁଅନ୍ତା କି ଆମ ପତାକା,/ ଅଦ୍‌ଭୁତ ଯାଦୁରେ/ ଟୋପି ଭିତରୁ/ ଉଡ଼ି ଆସନ୍ତେକି/ ପରାର୍ଦ୍ଧେ ପ୍ରଜାପତି,/ ଆମେ କରନ୍ତେ କି/ ସଂଗମ ହୃଦୟରେ,/ ଆଲିଙ୍ଗନ ଆତ୍ମାରେ,/ ପ୍ରାର୍ଥନା/ କଥାବାର୍ତ୍ତାରେ।''('କାହାଣୀ'-ପୃ:୯), ୨. ''ମୋ ଭିତରେ/ ବାହୁଡ଼ି ଯିବାକୁ ଥିବା/ ପକ୍ଷୀଙ୍କର କୋଳାହଳ,/ ନୀଳିମ ଜଞ୍ଜାଳ,/ କେବେ ଥରେ/ ବୁଡ଼ିଯାଇଥିବା/ ନିରିମାଖି ନାରୀର କାନ୍ଦଣା,/ ବିଭକ୍ତ ମୁଁ/ ବିଚ୍ଛିନ୍ନ ମୁଁ।''('ଚିଲିକା'-ପୃ:୩୧)। ଯେଉଁ ସବୁ ଦୃଶ୍ୟ, ଅନୁଭବ ଓଡ଼ିଆ କବିତାରେ ଆଗରୁ ବାରବାର ଧରାଦେଇଛି, ତା'ରି ନୂଆ ଛବି ଏହି ଉଦ୍ଧୃତି ଦୁଇଟିରେ। ବହିରେ ଥିବା ମୋଟ ୪୨ଟି ଯାକ କବିତାରେ ବିପିନ୍‌ଙ୍କର ଚିହ୍ନା ଶବ୍ଦ ଓ ଅଚିହ୍ନା ପ୍ରକରଣରେ ତିଆରି କାବ୍ୟ-ସଂଗଠନକୁ ପାଠକେ ଚରିତାର୍ଥ କରିପାରିବେ ଅକ୍ଳେଶରେ। ଗ୍ରନ୍ଥାରମ୍ଭରେ ଥିବା ଏକ ଅନୁପମ ଗଦ୍ୟଲେଖରେ କବି କହନ୍ତି: ''...ପ୍ରତିଟି ଲିଖନ ଅର୍ଥରୁ ଅର୍ଥାନ୍ତର, ସଂଗୀତରୁ ସୂଚିତ ଓ ଅଣୁରୁ ଆକାଶ ଆଡ଼କୁ ଯାତ୍ରା। x x ନିଜକୁ ଅର୍ଥାନ୍ୱିତ କରିବା ଛଳରେ ସେ (କବି) ନିଜ ବର୍ଣ୍ଣମାଳାରେ ବୋଲୁଥାଏ ଆହୁରି ନ ଥିବା ସ୍ୱପ୍ନ, ଆହୁରି ନ ଥିବା ରଙ୍ଗ।'' ବହିଟିକୁ କବି ଉତ୍ସର୍ଗ କରିଛନ୍ତି ସେମାନଙ୍କୁ, ଯେଉଁମାନେ ମୁଣ୍ଡରେ ଆଲୁଅ ଥୋଇ କ୍ଳାନ୍ତପାଦରେ କରୁଥା'ନ୍ତି ଜୀବିକାର ତୀର୍ଥାଟନ। ବିଶ୍ୱାସ, ବହିଟି ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ ଓ ସେମାନଙ୍କ ବୋଧଶକ୍ତିକୁ ଉନ୍ନତ କରିବ।

### ସଂଗୀତ ବିଶାରଦ ରାୟ ରାମାନନ୍ଦ



**ଲେଖକ:** ଡ. କୀର୍ତ୍ତନ ନାରାୟଣ ପାଢ଼ୀ
**ପ୍ରକାଶକ:** ରାୟ ରାମାନନ୍ଦ ସ୍ମୃତିପରିଷଦ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୨୦/-

ପରମ ବୈଷ୍ଣବ ଭକ୍ତ ରାୟ ରାମାନନ୍ଦ ପଟ୍ଟନାୟକଙ୍କ ଓଡ଼ିଆ ସାହିତ୍ୟ, ସଂଗୀତ ଓ ନାଟକ କ୍ଷେତ୍ରକୁ ଥିବା ବିଶେଷ ଅବଦାନକୁ ଆଧାର କରି ଆଲୋଚ୍ୟ ପୁସ୍ତକଟି ରଚିତ। ପୁସ୍ତକର ଅଗ୍ରଲେଖରେ ଡ. ପାଢ଼ୀ ଲେଖିଛନ୍ତି: ''ରାୟ ରାମାନନ୍ଦ କେବଳ ଜଣେ ବୈଷ୍ଣବ ନ ଥିଲେ ; ସାହିତ୍ୟ, ସଂଗୀତ ଓ ନାଟକ କ୍ଷେତ୍ରରେ ସେ ଜଣେ ସିଦ୍ଧ ନାୟକ ବା ବିଜ୍ଞବ୍ୟକ୍ତି ଥିଲେ। ଗୀତି କବିତା ବିଷୟରେ ଗବେଷଣା କରି ୨୦୦୦ ମସିହାରେ ଯେଉଁ ସନ୍ଦର୍ଭ ଲେଖିଲି, ତହିଁରେ ରାୟ ରାମାନନ୍ଦ ପଟ୍ଟନାୟକଙ୍କୁ ଜଣେ ସଙ୍ଗୀତଜ୍ଞ ଓ ଗୀତିକବି ଭାବରେ ପ୍ରତିପାଦିତ କଲି। ସେହି ସନ୍ଦର୍ଭଟି 'ଗୀତ ଓ ଗୀତିକବିତା' ଶିରୋନାମାରେ ଏକ ପୁସ୍ତକ ଆକାରରେ ୨୦୦୨ରେ ପ୍ରକାଶ ପାଇଲା।'' (ପୃ:୦୫)। ରାୟ ରାମାନନ୍ଦଙ୍କ ଜନ୍ମ ୧୪୭୦ରେ ଓ ୧୫୧୦ରେ ଶ୍ରୀଚୈତନ୍ୟଦେବଙ୍କ ଓଡ଼ିଶା ଆଗମନର ବହୁ ପୂର୍ବରୁ ପ୍ରତାପରୁଦ୍ର ଦେବଙ୍କ ସିଂହାସନ ଆରୋହଣ ବେଳକୁ ସେ 'ଶ୍ରୀଜଗନ୍ନାଥ ବଲ୍ଲଭ' ନାଟକ ସମେତ ଅନେକ ବୈଷ୍ଣବଗ୍ରନ୍ଥ ରଚନା କରି ସାରିଥିଲେ। ୧୫୦୨ରେ ଦୋଳ ଉତ୍ସବ ଅବକାଶରେ ଏହି ନାଟକଟି ଶ୍ରୀମନ୍ଦିର ପରିସରରେ ଅଭିନୀତ ହୋଇଥିଲା ଓ ନାଟକ ପରିଦର୍ଶନ କରି ପ୍ରତାପରୁଦ୍ର ଦେବ ରାମାନନ୍ଦଙ୍କୁ 'ରାୟ' ଉପାଧିରେ ଭୂଷିତ କରିଥିଲେ। ଶ୍ରୀ ପୀତବାସ ରାଉତରାୟ ତାଙ୍କ 'ଅଭିମତ'ରେ ଏସବୁ ସୂଚାଇଛନ୍ତି। ଗ୍ରନ୍ଥରେ ମୋଟ ପାଞ୍ଚଟି ଅଧ୍ୟାୟ ଅଛି ଓ ଏଥିରେ ରାମାନନ୍ଦଙ୍କୁ ସମକାଳୀନ ଓଡ଼ିଶାର ସାଂସ୍କୃତିକ ସ୍ଥିତି, ଶିଷ୍ୟ ପରମ୍ପରା ଓ ଉତ୍କଳ ବୈଷ୍ଣବ ଧର୍ମକୁ ତାଙ୍କର ଅବଦାନ ସମ୍ପର୍କରେ ସବିଶେଷ ଚର୍ଚ୍ଚା କରାଯାଇଛି। ରାମାନନ୍ଦଙ୍କ ନବମ ପିଢ଼ିର ବଂଶଧର ଶ୍ରୀ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଉଦ୍ୟମରେ ଗ୍ରନ୍ଥଟି ପ୍ରକାଶିତ।

## କାଳକାଳକୁ



**''ଭୂତ ଭଗେଇବା ପାଇଁ ଦୁଇ ହାତକୁ
ଏକାଠି କରି ମୁଁ ତାଳି ବଜାଏ।
ଏଥିରୁ ମୋତେ ଶକ୍ତି ମିଳେ।
ନିଜକୁ ଏକାଠି କରି ଭୟ ଦୂର କର
ଓ ସ୍ୱପ୍ନରେ ବ୍ୟବସ୍ଥିତ ହୁଅ।''
– ଏନୀ ହେବର୍ଟ**

**ଏନୀ ହେବର୍ଟଙ୍କ** ଜନ୍ମ ୧ ଅଗଷ୍ଟ ୧୯୧୬ରେ ଓ ପରଲୋକ ୨୨ ଜାନୁଆରୀ ୨୦୦୦ରେ, କାନାଡ଼ାରେ। ଫରାସୀ ଭାଷାରେ ଲେଖୁଥିବା ଏହି କାନାଡ଼ୀୟ ଲେଖିକା ଏକାଧାରରେ କବି, କଥାଶିଳ୍ପୀ ଓ ନାଟ୍ୟକାର। ତାଙ୍କର ବହୁ ଯୁଗାନ୍ତକାରୀ ସାହିତ୍ୟକୃତି ମଧ୍ୟରୁ କେତୋଟି ହେଲା- 'ଲେସ୍ ଚେମ୍ବର୍ସ ଡି ବୋଇସ୍', 'କାମୌରସ୍କା' ଓ 'ହେଲୋଇଜ୍' (ଉପନ୍ୟାସ), 'ଲେସ୍ ସୋଁଗେସ୍ ଏନ୍ ଇକ୍ୱିଲିବେ', 'ପୋଏମ୍‌ସ' (କବିତା)। ସାହିତ୍ୟକୁ ବଳିଷ୍ଠ ଅବଦାନ ପାଇଁ କାନାଡ଼ାର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଗଭର୍ଣ୍ଣର ଜେନେରାଲ୍‌ସ ଆୱାର୍ଡ'ରେ ସେ ତିନିଥର ସମ୍ମାନିତ। ଥରେ କବିତା ପାଇଁ ଓ ଦୁଇଥର କଥାସାହିତ୍ୟ ପାଇଁ। କାନାଡ଼ାର ଜାତୀୟ ପାଠାଗାର ତାଙ୍କର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବକାଶରେ ଏକ ଡାକଟିକେଟ ପ୍ରଚଳନ କରିଥିଲେ।

## ନୋ ପ୍ରୋବ୍ଲେମ୍ ସାର୍

**ରାଧାଶ୍ୟାମ ରାଉଳ**

**ବ୍ୟଙ୍ଗ ଗଳ୍ପ**

ଅଫିସ୍‌ରେ ବାଉରୀବନ୍ଧୁ ବାନପ୍ରସ୍ଥି ଓରଫ ବାଉରୀ ବାବୁ ଜଣେ ସୁପର୍ ଡୁପର୍ ଦୁର୍ନୀତିଖୋର୍ କର୍ମଚାରୀ। ନେଇଆଣି ଥୋଇପାରିବା ବିଦ୍ୟାରେ ମାହିର୍। ଷ୍ଟୋର୍ ଦାୟିତ୍ୱ ତାଙ୍କ ହାତରେ। ଜିନିଷପତ୍ର କିଣାବିକା ତାଙ୍କରି ଦେଇ ହୁଏ। ସେଥିରୁ ଭଲ ଫାଇଦା ଉଠେଇ ପାରନ୍ତି ସେ।


ଘରେ ତାଙ୍କ ପତ୍ନୀ ପ୍ରୀତିମୟୀ, ପ୍ରୀତିରେ ପ୍ରୀତିରେ ଭାବୁଥାନ୍ତି: ''ଆହା, ମୋ' ପତିଦେବ ପରି ଆଉ କିଏ ହେବ ମ? କେତେ ପାରିବାର। ଚାକିରି କରିଛନ୍ତି ସିନା ସାଧାରଣ ପଦବୀରେ, ହେଲେ ଟଙ୍କା କମଉଛନ୍ତି ମସ୍ତ କଲନ୍ଦର୍ ଭାବରେ। ଓଃ, କ୍ୟା କେହେନା!''

ଦିନକର କଥା। ରାତ୍ରିରେ ଶୟନ କାଳରେ ପ୍ରୀତିମୟୀ ବାଉରୀ ବାବୁଙ୍କ ପାଖକୁ ଲାଗିଯାଇ ସରାଗରେ କହିଲେ, ''ହଇହୋ, ଜିତୁ ବାବୁ, ବାପୁନ ବାବୁ, ଭୋଳି ବାବୁ, କାଳୀ ବାବୁ, ବାଳୀ ବାବୁ, ଧୂଳିବାବୁହେରିକାଙ୍କ ପଦବୀ ଯାହା ତୁମର ବି ସେଇୟାଟି? ହେଲେ ସେମାନଙ୍କ ଷ୍ଟାଟସ୍‌ର ଦୁଇ ତିନି ଗୁଣା ଷ୍ଟାଟସ୍ ଆମେ କେମିତି ମେଣ୍ଟେନ କରୁଛୁ? ମନକୁ ପାପ ଛୁଉଁଛି, ତୁମେ କିଛି ଛଳଛଦ୍ମ କିମ୍ବା କିଛି ଏପଟ ସେପଟ କି ଓଲଟପାଲଟ କରୁନାହଁ ତ! କର, ମନା ନାହିଁ। ହେଲେ ହାଉଲେ ହାଉଲେ, ଜରା ସମ୍ଭାଲ୍ କେ!''

ବାଉରୀ ବାବୁ ଈଷତ୍ ତାଚ୍ଛଲ୍ୟ କରି କହିଲେ, ''ହେଃ ଆଉ କ'ଣ ନା! ମୁଁ କ'ଣ ଏତେ ବୁଦ୍ଧୁ ହୋଇଛି ଯେ, ଏକାଏକା ଜାଲରେ ଛନ୍ଦିଯିବି? ଆରେ ମୋ' ପଛରେ ବଳିଷ୍ଠ ସମର୍ଥନ ରହିଛି ନା'! ଶୁଣ, ଅଫିସ୍ ବ୍ୟାପାରରେ ତୁମର ଅଯଥା ମୁଣ୍ଡ ଖେଳେଇବା ଆଦୌ ଉଚିତ ନୁହେଁ। ତୁମର ଯାବତ ଫର୍ମାସି ପୂରଣ କରି ତୁମକୁ ସୁଖ ଶାନ୍ତି ଆନନ୍ଦରେ ରଖିବା ହେଉଛି ମୋର ପତିଧର୍ମ ଓ ମୁରବିକର୍ମ!

ତେବେ ଆଜିର କଥା ଆଜି ଦେଖ। ଆସନ୍ତାକାଲିର କଥା ଚିନ୍ତା କରନାହିଁ। ରାତି ବଢ଼ିଲାଣି, ଏଥର ଆରାମରେ ଶୋଇପଡ଼।''

ହଁ କଥା ଥିଲା ଅଫିସ୍ ବ୍ୟାପାରକୁ ନେଇ, ଜିନିଷ କିଣାବିକାକୁ ନେଇ। ହାତ ସଫେଇ କାର୍ଯ୍ୟ ଯେଉଁଠି ପ୍ରବଳରୁ ପ୍ରବଳତର, ସେଠାରେ କ୍ୱାଲିଟି ଉପରେ କୌଣସି ଗ୍ୟାରେଣ୍ଟି ନାହିଁ। ଆଲ୍‌ପିନ୍ ମୁନିଆ ନ ହୋଇ ମୁଣ୍ଡା ହେଉ, ପେପର୍ ପତଳା ହେଉ, କାର୍ବନ ପେପରରେ ନକଲ ଭଲ ନହେଉ, ଅଠାରେ ରଗ ନଥାଉ, ନିଆଁଲିଭା ଯନ୍ତ୍ର ଦୂରକୁ ସ୍ପ୍ରେ ନକରୁ, ଟେବୁଲ ଚେୟାର ଆଦି ଫର୍ଣ୍ଣିଚର, ଷ୍ଟେସନାରି ଆଇଟମ କିଣାରେ ତିରିଶ ହଜାର ଖର୍ଚ୍ଚକୁ ପଚାଶ କି ଷାଠିଏ ହଜାର ବିଲ୍ କରାଯାଉ, ନୂଆ କାଲ୍‌କୁଲେଟର୍ ଦିନେ ଦୁଇଦିନ ପରେ ଅଚଳ ହୋଇପଡୁ, ସୋ ହ୍ୱାଟ୍? କିଛି ବି ଫରକ ପଡ଼ିବ ନାହିଁ। କିଏ ବୁଝୁଛି ନା ବୁଝିବ ସେ କଥା? ଭାଗବଣ୍ଟରା ଠିକ୍ ହେଲେ ହେଲା। କ'ଣ ନା କ୍ୱାଲିଟି କଣ୍ଟ୍ରୋଲ କମିଟି ଗଢ଼ାଯାଇଛି। ହୁଁ ସବୁ ଫାର୍ସ। କ୍ୱାଲିଟି କ୍ୱାଲିଟି ଜାଗାରେ, କମିଟି କମିଟି ଜାଗାରେ!



ଇତ୍ୟବସରରେ ଅଫିସକୁ ନୂଆ ମ୍ୟାନେଜର୍ ବଦଳି ହୋଇଆସିଲେ। ଅସଲ କାମ ତ ମ୍ୟାନେଜର୍ ପାଖରେ। ଆପ୍ରୁଭାଲ, ଅର୍ଡର ସବୁକିଛି। ବାଉରୀ ବାବୁ ମନେମନେ ତରିକା ଖୋଜିବସିଲେ। କେଉଁ ତରିକା ଇସ୍ତେମାଲ କଲେ ନୂଆ ମ୍ୟାନେଜରଙ୍କୁ ନିଜ ନିୟନ୍ତ୍ରଣକୁ ଆଣିହେବ ଭଲେ?

ସୁଯୋଗ ଅପେକ୍ଷାରେ ରହିଲେ ବାଉରୀ ବାବୁ। ମ୍ୟାନେଜରଙ୍କ ସେଣ୍ଟିମେଣ୍ଟ, ରୁଚି ଅରୁଚିକୁ ଷ୍ଟଡି କରିବା ଭିତରେ କିଛି ଦିନ ବିତିଗଲା ତାଙ୍କର।

ଦିନକର କଥା। ଚ୍ୟାମ୍ବର୍ ଭିତରେ ବସିଥିବା ମ୍ୟାନେଜରଙ୍କୁ ଏକାନ୍ତରେ ସାକ୍ଷାତ କରି ବାଉରୀ ବାବୁ ସହାସ୍ୟ କହିଲେ, 'ସାର୍, ଆପଣଙ୍କର ଆଜ୍ଞା କୋଉ ବ୍ରାଣ୍ଡ୍ ଚଳେ?' ଆଶ୍ଚର୍ଯ୍ୟ ହୋଇ ମ୍ୟାନେଜର ପ୍ରଶ୍ନ କଲେ, 'କୋଉ ବ୍ରାଣ୍ଡ୍ ଚଳେ ମାନେ?' ...ହେଁ ହେଁ ହେଁ ମାନେ, ଫରେନ ଲିକର୍ କିଛି ଆପଣଙ୍କର ଚଳେ କି?

ନା ବାବା ନା, ସେସବୁର ଭକ୍ତ ମୁଁ ନୁହଁ। ମାଝୀ ସାର୍ (ପୂର୍ବ ମ୍ୟାନେଜର)ଙ୍କର ପ୍ରାୟ ସବୁ ବ୍ରାଣ୍ଡ୍ ଚଳୁଥିଲା। ବାୟ ଦ ୱେ, ସାର୍, ମୋ' ସାନ ଶଳାର ମିଲିଟାରୀ କ୍ୟାଣ୍ଟିନରେ କାର୍ଡ ଅଛି। ଭଲ ଭଲ କସ୍‌ମେଟିକ, ହର୍ଲିକ୍ସ, ଚ୍ୟବନପ୍ରାସ, ଅନ୍ୟାନ୍ୟ ଗୃହସାମଗ୍ରୀ ଯଦି କିଛି ଆପଣଙ୍କର ଦରକାର, ତେବେ ମୋତେ ନିଶ୍ଚୟ କହିବେ ସାର୍।

ହସିଦେଇ ମ୍ୟାନେଜର କହିଲେ, 'ଓକେ, ମୋର ତ ମଝିରେ ମଝିରେ କ୍ୟାଣ୍ଟିନ୍ ଜିନିଷ ଦରକାର ପଡୁଛି। ଆପଣଙ୍କୁ କହିବି, ହେଲା?'

ଦାନ୍ତ ନେଫେଡ଼େଇ ବାଉରୀ ବାବୁ କହିଲେ, 'ହଁ ହଁ ନିଶ୍ଚୟ କହିବେ, ନୋ ପ୍ରୋବ୍ଲେମ ସାର୍।'

ମୋ: ୯୪୩୭୦୯୦୯୮୫



ନୂଆଦିଲ୍ଲୀ: ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ପୁରୁଷ ହକିଦଳର ସଦସ୍ୟଙ୍କ ସହ ଭାବ ବିନିମୟ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ପ୍ରୋ-କବାଡ଼ି ଲିଗ୍ ନିଲାମି**

# ସଚିନ, ଚିୟାନେ ଦାମୀ ଖେଳାଳି

**ମୁମ୍ବାଇ, ୧୬।୮ (ପି.ଟି.):** ପ୍ରୋ-କବାଡ଼ି ଲିଗ୍ (ପିଏକେଏଲ୍)ର ୧୧ଶ ସଂସ୍କରଣ ପାଇଁ ଖେଳାଳି ନିଲାମ ବେଳେ ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ୭ ଭାରତୀୟଙ୍କ ସମେତ ୮ ଭାରତୀୟ ଖେଳାଳି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହୋଇଛନ୍ତି। ରେଡର ସଚିନ ତନୱର ଓ ଇରାନର ମହମ୍ମଦ୍ରେଜା ଶାଦୋଲି ଚିୟାନେ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି। କାଟାଗୋରୀ 'ଏ'ରେ ନିଲାମିର ପ୍ରଥମ ଦିବସରେ ସଚିନ ଭାରତର ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଥିଲେ। ତାମିଲ ଥଲାଇଭାସ ତାଙ୍କୁ ୨.୧୫ କୋଟି ଟଙ୍କାରେ କ୍ରୟ କରିଥିବା ବେଳେ ଅଲରାଉଣ୍ଡର ଶାଦୋଲିଙ୍କୁ ହରିୟାଣା ଷ୍ଟିଲର୍ସ ୨.୦୭ କୋଟି ଟଙ୍କାରେ ନେଇଥିଲା। ଶାଦୋଲିଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କା ରହିଥିଲା। ସଚିନ କହିଛନ୍ତି, ଗୁରୁବାର ରାତିରେ ନିଲାମି ବେଳେ ସେ ସାମାନ୍ୟ ନର୍ଭସ ଥିଲେ। ସେ ୧.୭୦ରୁ ୧.୮୦ କୋଟି ଟଙ୍କାରେ ବିକ୍ରି ହେବେ ବୋଲି ଆଶା କରୁଥିଲେ। ମାତ୍ର ସେ ତା'ଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଲେ। ଏହା ସବୁଦିନ ପାଇଁ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଦିନ ଥିଲା କେପିଏଲ୍‌ରେ ଖେଳାଳି ନିଲାମ ଲକ୍ଷ ଲକ୍ଷରେ କାରବାର ହେଉଥିଲା। ବର୍ତ୍ତମାନ ଏହା କୋଟିଏ ଉପରକୁ ଗଲାଣି। ଖେଳ ଏବଂ ଯୁବ ଖେଳାଳିଙ୍କ ପାଇଁ ଏହା ଏକ ବଡ଼ କଥା। ଅନ୍ୟପକ୍ଷରେ ଗତବର୍ଷ ପିକେଏଲ୍‌ର ଓଭରଅଲ ଦାମୀ ଖେଳାଳି ଥିଲେ ଭାରତୀୟ ଷ୍ଟାର ପଦନ ଶେରାୱତ। ସେ ସେତେବେଳେ ୨.୬୦୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। ଏଥର ତେଲୁଗୁ ଟାଇଟନ୍ସ ତାଙ୍କୁ ୧.୭୨୫ କୋଟିରେ ରିଟେନ କରିଛି। ସେହିପରି ଗୁଜରାଟ ଟାଇଟନ୍ସ ଗୁମାନ ସିଂଙ୍କୁ ୧.୯୭ କୋଟି ଟଙ୍କାରେ କ୍ରୟ କରିଥିବା ବେଳେ ଅନ୍ୟ ଜଣେ ରେଡର ମହିନ୍ଦର ସିଂଙ୍କୁ ବେଙ୍ଗଲ ୱାରିଅର୍ଜ ୧.୧୫ କୋଟି ଟଙ୍କାରେ ନେଇଛି। ଇରାନିଆନ ଡିଫେଣ୍ଡର ୫୦ ଲକ୍ଷ ଟଙ୍କାରେ ବେଙ୍ଗଲ ୱାରିଅର୍ଜ ଦଳରେ ରହିଛନ୍ତି। କାଟାଗୋରୀ 'ବି'ରେ ୟୁପି ଯୋଦ୍ଧାସ ଅଲରାଉଣ୍ଡର ଭରତଙ୍କ ଲାଗି ୧.୩୦ କୋଟି ଟଙ୍କା ବ୍ୟୟ କରିଛନ୍ତି। ଅନ୍ୟ ଜଣେ ରେଡର ଅଜିଙ୍କ୍ୟ ପାୱାର ୧.୧୦୭ କୋଟି ଟଙ୍କାରେ ବେଙ୍ଗାଲୁରୁ ବୁଲ୍ସ ଦଳକୁ ଯାଇଛନ୍ତି। ଏହି ଦଳ ପ୍ରଦୀପ ନରୱାଲଙ୍କୁ ୭୦ ଲକ୍ଷ ଟଙ୍କାରେ ନେଇଛି।

# ରାଜ୍ୟ ଓପନ ଚେସ୍, ରବୀନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୧୬।୮ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଗୁରୁବାର ଆୟୋଜିତ ରାଜେଶ କୁମାର ସାହୁ ସ୍ମାରକୀ ଓପନ ଚେସ୍‌ରେ କଟକର ରବୀନ୍ଦ୍ର କୁମାର ଓଝା ଚାମ୍ପିୟନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ପୂରା ୫ ପଏଣ୍ଟ ପାଇଛନ୍ତି। ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡ଼ଙ୍ଗା ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସୃଜନ ପ୍ରଣୟୀ ରାୟ, ସତ୍ୟଜିତ ମହାପାତ୍ର, ଫକୀର ମାଝି, ମୁନା ସବର ଓ ପ୍ରତ୍ୟୁଷ ମହାପାତ୍ର ପରବର୍ତ୍ତୀ ୫ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୬ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାରାଦୀପସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେଶନର ବିଜ୍‌ନେଶ୍ ଡେଭଲପ୍‌ମେଣ୍ଟ ଅଫିସର ରାଜେଶ କୁମାର ସାହୁ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ରାକେଶ ସାହୁଙ୍କ ବାପା ରବୀନ୍ଦ୍ର ସାହୁ ପ୍ରମୁଖ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଆଇଓଏ ନିର୍ଦ୍ଦେଶ ହାଇକୋର୍ଟରେ କାଏମ

**କୁସ୍ତି ମହାସଂଘ ପରିଚାଳନା ପ୍ରସଙ୍ଗ**

**ଚ୍ୟାଲେଞ୍ଜ କରିବ ଡବ୍ଲ୍ୟୁଏଫ୍ଆଇ**

ନୂଆଦିଲ୍ଲୀ, ୧୬।୮ (ପି.ଟି.)

ବର୍ତ୍ତମାନ ପାଇଁ ପୂର୍ବଭଳି ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଗଠିତ ଆଡ୍‌ହକ୍ କମିଟି କରିବ। ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ତାଙ୍କର ଏକ ଅନ୍ତରୀଣ ରାୟରେ ଏକଥା ପ୍ରକାଶ କରିଛନ୍ତି। ଆଡ୍‌ହକ୍ କମିଟିର କାର୍ଯ୍ୟକାରିତାକୁ ବିରୋଧ କରିବା ସହ ଆଇଓଏର ଏହି ନିର୍ଦ୍ଦେଶନାମା ଉପରେ ରୋକ୍ ଲଗାଇବା ଲାଗି ଦେଶର ଷ୍ଟାର କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ସାକ୍ଷୀ ମଲିକ ଏବଂ ତାଙ୍କ ସ୍ୱାମୀ ସତ୍ୟବ୍ରତ କାଡିଆନଙ୍କ ଦ୍ୱାରା କରାଯାଇଥିବା ଆବେଦନକୁ ବିଚାର କରି କୋର୍ଟ ଏକଥା କହିଛନ୍ତି। ଜଷ୍ଟିସ ସଚିନ ଦତ୍ତ କହିଛନ୍ତି, ଭାରତୀୟ ଅଲିମ୍ପିକ କମିଟି ଚାହିଁଲେ କମିଟିର ପୁନର୍ଗଠନ କରିପାରେ। ସୂଚନାଯୋଗ୍ୟ, ୭ ମହିଳା କୁସ୍ତିଯୋଦ୍ଧାଙ୍କର ଯୌନ ଶୋଷଣ କରିଥିବା ଅଭିଯୋଗରେ ବିଦାୟୀ ଡବ୍ଲ୍ୟୁଏଫ୍ଆଇ ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂଙ୍କ ଗିରଫ ଦାବିରେ ଦେଶର ଆଗଧାଡ଼ି ରେସଲରମାନେ ଯନ୍ତରମନ୍ତରଠାରେ ଧାରଣାରେ ବସିଥିଲେ। ସେମାନଙ୍କ ଆବେଦନର ବିଚାର କରାଯାଇ ବ୍ରିଜ ଭୂଷଣ ତାଙ୍କ ପଦବୀରୁ ବହିଷ୍କୃତ ହୋଇଥିଲେ। ଗତ ଡିସେମ୍ବରରେ ମହାସଂଘର ସାନି କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ହେଲେ ୨୦୨୩ ଡିସେମ୍ବର ୨୧ରେ ହୋଇଥିବା ନିର୍ବାଚନରେ ବ୍ରିଜଭୂଷଣଙ୍କ ଜଣେ ଅନ୍ୟତମ ଘନିଷ୍ଠ ବୋଲି କୁହାଯାଉଥିବା ସଞ୍ଜୟ ସିଂ ନୂଆ ସଭାପତି ନିର୍ବାଚିତ ହେବାରୁ ଆନ୍ଦୋଳନରତ କୁସ୍ତିଯୋଦ୍ଧାମାନେ ତାହାର ବିରୋଧ କରିଥିଲେ। ନିରପେକ୍ଷତା ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ। ନୂଆ କର୍ମକର୍ତ୍ତା ନିର୍ବାଚିତ ହେବାର ୩ ଦିନ ପରେ କେନ୍ଦ୍ର ସରକାର ଗତବର୍ଷ ଡିସେମ୍ବର ୨୪ରେ ଡବ୍ଲ୍ୟୁଏଫ୍ଆଇ ଏହାର ନିଜସ୍ୱ ସମ୍ବିଧାନ ଅନୁପାଳନ କରୁନାହିଁ ବୋଲି ଦର୍ଶାଇ ସସ୍‌ପେଣ୍ଡ କରିଥିଲେ। ଏଥିସହ ବର୍ତ୍ତମାନ ପାଇଁ ମହାସଂଘର ଦୈନନ୍ଦିନ ବ୍ୟାପାର ବୁଝାଶୁଝା ପାଇଁ ଏକ ଆଡ୍‌ହକ୍ କମିଟି ଗଠନ ପାଇଁ ଆଇଓଏକୁ ନିର୍ଦ୍ଦେଶ ଦେଇଥିଲେ। ଫେବୃଆରୀରେ ୱାର୍ଲ୍ଡ ରେସ୍‌ଲିଂ ପରିଚାଳନା ପରିଷଦ ୟୁଡବ୍ଲ୍ୟୁଡବ୍ଲ୍ୟୁ ଠିକଣା ସମୟରେ ନିର୍ବାଚନ କରି ନ ଥିବା କାରଣରୁ ସସ୍‌ପେଣ୍ଡ ହୋଇଥିବା ଡବ୍ଲ୍ୟୁଏଫ୍ଆଇ ଉପରୁ ଦଣ୍ଡକୁ ହଟାଇ ଦେଇଥିଲେ। ଫଳତଃ ଆଇଓଏ ଏହାର ଆଡ୍‌ହକ୍ କମିଟିକୁ ଭଙ୍ଗ କରିଦେଇଥିଲା। ଟପ୍ କୁସ୍ତିଯୋଦ୍ଧାଙ୍କ ଆବେଦନର ବିଚାର କରି କୋର୍ଟ ମାର୍ଚ୍ଚ ୪ରେ କେନ୍ଦ୍ର ସରକାର, ଡବ୍ଲ୍ୟୁଏଫ୍ଆଇ ଏବଂ ଆଡ୍‌ହକ୍ କମିଟିକୁ ନୋଟିସ୍ ଜାରି କରିଥିଲେ।

ଅନ୍ୟପକ୍ଷରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଭାରତୀୟ କୁସ୍ତି ମହାସଂଘ ଚ୍ୟାଲେଞ୍ଜ କରିବ ବୋଲି କହିଛି। ଆଇଓଏର ଆଡ୍‌ହକ୍ କମିଟି ଯଦି ଡବ୍ଲ୍ୟୁଏଫ୍ଆଇ ବ୍ୟାପାର ବୁଝାଶୁଝା କରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ଏହାକୁ ବାହ୍ୟ ହସ୍ତକ୍ଷେପ ବୋଲି ବିଚାର କରିବ। ଏହାଦ୍ୱାରା ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ କୁସ୍ତିଯୋଦ୍ଧାଙ୍କୁ ଅଂଶଗ୍ରହଣ ପାଇଁ ଅନୁମତି ନ ମିଳିବାର ଆଶଙ୍କା ଦେଖାଦେଇଛି।

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ

ଭୁବନେଶ୍ୱର, ୧୬।୮ (ତପନ ସ୍ୱାଇଁ)

**ଜାତୀୟ ଟେନିସ ଚାମ୍ପିୟନଶିପ୍**




ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଟେନିସ ପ୍ରତିଭା ଦେବାଶିଷ ସାହୁ ଏବେ ଆଉ ଏକ ସଫଳତା ଶିଢ଼ି ଚଢ଼ିଛନ୍ତି। ଚେନ୍ନାଇରେ ଶୁକ୍ରବାର ଉଦ୍‌ଯାପିତ ଟିଭିଏସ୍ ଏମ୍‌ସିସି ଜାତୀୟ ଟେନିସ ଚାମ୍ପିୟନଶିପ୍‌ର ଡବଲ୍ସ ବର୍ଗରେ ସେ ଚାମ୍ପିୟନ ହୋଇଛନ୍ତି। ମହାରାଷ୍ଟ୍ରର ଅର୍ଣ୍ଣବ ପାପାରକରଙ୍କୁ ସାଥୀକରି ଖେଳିଥିବା ଦେବାଶିଷ ଫାଇନାଲରେ ମହାରାଷ୍ଟ୍ରର ପାର୍ଥ ଦେଉରୋ ଖାକର ଓ ଦିଲ୍ଲୀର ରିଆନ ଶର୍ମାଙ୍କୁ ୩-୬, ୬-୧, ୧୦-୨ (ଟାଇବ୍ରେକ୍) ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ସେମିଫାଇନାଲରେ ସେ ମହାରାଷ୍ଟ୍ରର ମହାଲିଙ୍ଗମ୍ ଖାଣ୍ଡେଭେଲଙ୍କଠାରୁ ୩-୬, ୩-୬ ସେଟ୍‌ରେ ହାରି ଯାଇଥିଲେ। ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ଦେଖିବାକୁ ଗଲେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜୁନିୟର ଡେଭିସ୍ କପ୍ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଂରେ ସ୍ୱର୍ଣ୍ଣ ଜିତିଥିବା ଦେବାଶିଷ ଏବେ ସିନିୟର ବର୍ଗରେ ଖେଳିବା ଆରମ୍ଭ କରିଛନ୍ତି। ୨୦୨୫ ମଧ୍ୟଭାଗ ସୁଦ୍ଧା ସେ ଆଇଟିଏଫ୍ ପୁରୁଷ ବର୍ଗରେ ସାମିଲ ହେବାର ଯୋଜନା ରଖିଛନ୍ତି। କ୍ରମାଗତ ସମର୍ଥନ ଦେଇ ଆସିଥିବାରୁ ସେ ଓଡ଼ିଶା ଟେନିସ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ଅମନ ଶେରାୱତଙ୍କୁ ପଦୋନ୍ନତି

ନୂଆଦିଲ୍ଲୀ, ୧୬।୮ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା କୁସ୍ତିଯୋଦ୍ଧା ଅମନ ଶେରାୱତଙ୍କୁ ପୁରସ୍କାର ସ୍ୱରୂପ ନର୍ଦ୍ଦର୍ନ ରେଲୱେ ତାଙ୍କ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ପଦବୀକୁ ପଦୋନ୍ନତି ଦେଇଛି । ଶେରାୱତ ୫୭କେଜି ଫ୍ରିଷ୍ଟାଇଲ କାଟେଗୋରିରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୧ ବର୍ଷ ବୟସରେ ସେ ଭାରତର ସର୍ବକନିଷ୍ଠ ଅଲିମ୍ପିକ ପଦକ ବିଜେତା ହେବାର ଗୌରବ ଅର୍ଜନ କରିପାରିଛନ୍ତି। ଏହି ଅବସରରେ ନର୍ଦ୍ଦର୍ନ ରେଲୱେ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଜେନେରାଲ ମ୍ୟାନେଜର ଶୋଭା ଚୌଧୁରୀ ଅମନଙ୍କୁ ଏକ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ନର୍ଦ୍ଦର୍ନ ରେଲୱେର ଚିଫ୍ ପର୍ସୋନେଲ ଅଫିସର ସୁଜିତ କୁମାର ମିଶ୍ର ଅମନଙ୍କୁ ଓଏସ୍‌ଡି/ସ୍ପୋର୍ଟ୍ସ ପଦବୀକୁ ପଦୋନ୍ନତି ଦେଇଥିବା ଚିଫ୍ ପବ୍ଲିକ ରିଲେଶନ ଅଫିସର ହିମାଂଶୁ ଏସ୍. ଉପାଧ୍ୟାୟ ଘୋଷଣା କରିଥିଲେ।

# ସୁମିତ, ଭାଗ୍ୟଶ୍ରୀ ଭାରତୀୟ ପତାକାବାହକ



ଭାଗ୍ୟଶ୍ରୀ ଯାଦବ ଓ ସୁମିତ ଅଣ୍ଟିଲ।

**ପ୍ୟାରିସ୍ ପାରାଲିମ୍ପିକ୍ସ**

ନୂଆଦିଲ୍ଲୀ, ୧୬।୮ (ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ ପାଇଁ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ସୁମିତ ଅଣ୍ଟିଲ ଓ ଏସିଆନ ପାରା ଗେମ୍ସ ରୌପ୍ୟ ବିଜେତା ଭାଗ୍ୟଶ୍ରୀ ଯାଦବ ଭାରତୀୟ ଦଳର ପତାକାବାହକ ହେବେ। ଅଣ୍ଟିଲ ଓ ଭାଗ୍ୟଶ୍ରୀ ବର୍ଷ ବର୍ଷ ଧରି ସ୍ଥିର ପ୍ରଦର୍ଶନ କରିଆସୁଥିବାରୁ ତାଙ୍କୁ ପ୍ୟାରିସ୍ ପାରାଲିମ୍ପିକ୍ସ ଆଥଲେଟ୍ସ ମାର୍ଚ୍ଚପାଷ୍ଟରେ ଭାରତୀୟ ପତାକା ବାହକ କରାଯାଇଥିବା ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ମୁଖ୍ୟ ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି। ହରିୟାଣା ଜାଭେଲିନ ଥ୍ରୋୟର ସୁମିତ ଟୋକିଓ ଅଲିମ୍ପିକ୍ସ ଏଫ୍‌୬୪ କାଟେଗୋରିରେ ୬୮.୫୫ ମିଟର ଥ୍ରୋ କରି ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପରେ ଗତବର୍ଷ ସେ ୱାର୍ଲ୍ଡ ପାରା ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ଏବଂ ଏସିଆନ ଗେମ୍ସରେ ୭୩.୨୯ ମିଟର ଥ୍ରୋ ସହ ତାଙ୍କ ନିଜ ରେକର୍ଡକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ। ଶଟ୍‌ପୁଟ୍‌ର ଭାଗ୍ୟଶ୍ରୀ ଏସିଆନ ଗେମ୍ସ ଏଫ୍‌୩୪ କାଟେଗୋରିରେ ଭାଗ ନେଇ ଏକ ରୌପ୍ୟ ଜିତିଥିଲେ। ସେ ଆହୁରି ମଧ୍ୟ ଫାଜା ୱାର୍ଲ୍ଡ କପ୍‌ରେ ଏକ ପଦକ ଲାଭ କରିଥିଲେ। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ହେବାକୁ ଥିବା ପାରାଲିମ୍ପିକ୍ସର ୧୨ଟି ବିଭାଗ ପାଇଁ ଭାରତର ୮୪ଜଣ ପାରା ଆଥଲେଟ ପ୍ରତିଯୋଗିତାରେ ଭାଗ ନେବେ। ଟୋକିଓରେ ଗତ ସଂସ୍କରଣରେ ଭାରତ ୧୯ ପଦକ ଲାଭ କରିଥିଲା।

**ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ**

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୧୬।୮ (ତପନ ସ୍ୱାଇଁ):** ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କଟକ ସିଡିଏସ୍ଥିତ ସେକ୍ଟର-୭ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଚାଲିଥିବା ୨୯ତମ ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତାର ଅଧିକାଂଶ ବର୍ଗରେ ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ୧୩ ବର୍ଷରୁ କମ୍ ବାଳିକା ବର୍ଗରେ ଶ୍ୱେତା ବର୍ମା-ଆଶି ଶିବାଂଶି ଏବଂ ଅନ୍ୱେଷା ଅନିରୁଦ୍ଧ-ଆରାଧ୍ୟାଙ୍କ ମଧ୍ୟରେ ସେମିଫାଇନାଲ ଖେଳାଯିବ। ସେହିପରି ୧୩ ବର୍ଷରୁ କମ୍ ବାଳକରେ ଜିଜ୍ଞାଶୁ ସାଇ କିରନ-ରୀତମ ଭୂୟାଁ ଓ ହିତେଶ ଅଗ୍ରୱାଲ-ସୟଦ ଅର୍ଶ ଅଲୀଙ୍କ ମଧ୍ୟରେ ସେମିଫାଇନାଲ ହେବ। ୧୭ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା-ଅଶନା ଅଦିତି ଓ ଅଙ୍କିତା ମୋସିମ-ସାକ୍ଷୀ ଭଗତ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ମହିଳା ସିଙ୍ଗଲ୍ସରେ ଶ୍ୱେତପଦ୍ମା ଦଳାଇ, ମୟୂରୀ ଚାଟାର୍ଜୀ, ନେହା କୁମାରୀ, ସ୍ୱିକୃତି ଭଗତଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ହେବାପରେ ଶୀର୍ଷ ଖେଳାଳି ଚାମ୍ପିୟନ ବିବେଚିତ ହେବେ। ୧୧ ବର୍ଷରୁ କମ୍ ବାଳିକାରେ ଆରାଧ୍ୟା ସାହୁ-ଅନୋଖି ମହାନ୍ତି ଓ ଅନ୍ୱେଷା ଅନିରୁଦ୍ଧ-ଗାୟତ୍ରୀ ପଟ୍ଟନାୟକ ଏବଂ ବାଳକରେ ସୁବିତ ପ୍ରଧାନ-ସ୍ୱସ୍ତିକ ସିଂ ଓ ଦେବସ୍ମାନ ମିଶ୍ର-ଅଭନିଶ ସୁବ୍ରମଣ୍ୟମ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ସେହିପରି ୧୫ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା-ଆରାଧ୍ୟା ସାହୁ, ସାକ୍ଷୀ ଭଗତ-ଶ୍ୱେତା ବର୍ମା ଏବଂ ବାଳକରେ ଜିଜ୍ଞାଶୁ ସାଇ କିରନ ପ୍ରଧାନ-ହିତେଶ ଅଗ୍ରୱାଲ ଓ ଜୟସ୍ତୁ ଦାସଗୁପ୍ତା-ଜାଏଦ ଖାଁଙ୍କ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ।

# ବ୍ଲାଙ୍କା ଭାସ୍ ୫ମ ଷ୍ଟେଜ ବିଜେତା

ଅମନେଭିଲି (ଫ୍ରାନ୍ସ), ୧୬।୮ (ଏପି)



ବ୍ଲାଙ୍କା ଭାସ୍

ମହିଳା ଟୁର୍ ଡି' ଫ୍ରାନ୍ସ ରେସ୍‌ର ୫ମ ଷ୍ଟେଜ୍‌ରେ ଗତଥରର ଚାମ୍ପିୟନ ଡେମି ଭୋଲେରିଙ୍ଗ୍ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଫଳରେ କ୍ରମାଗତ ଦ୍ୱିତୀୟ ଥର ଲାଗି ଚାମ୍ପିୟନ ହେବାଲାଗି ସେ କରିଥିବା ଆଶା ମଉଳିଯାଇଛି। ବେଲଜିୟମର ବାଷ୍ଟୋଗ୍ନେଠାରୁ ଫ୍ରାନ୍ସର ଆମ୍‌ନେଭିଲେ ପର୍ଯ୍ୟନ୍ତ ୫ମ ଷ୍ଟେଜ ରେସର ଶେଷ ମୁହୂର୍ତ୍ତରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ଚାରିପାଖରେ ରହିଥିବା ୧୦ରୁ ଊର୍ଦ୍ଧ୍ୱ ରାଇଡର ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କିଛି ସମୟ ପରେ ସେ ପୁଣି ରେସ୍‌ରେ ଯୋଗ ଦେବାରେ ସମର୍ଥ ହୋଇଥିଲେ। ମାତ୍ର ଓଭରଅଲ ଷ୍ଟାଣ୍ଡିରେ ରହିଥିବା ତାଙ୍କର ୩ ନିକଟତର ପ୍ରତିଦ୍ୱନ୍ଦ୍ୱୀ ପକ୍ ପିଟର୍ସି, କାସିଆ ନିୱିଡୋମା ଓ କ୍ରିଷ୍ଟେନ ଫଲକନର ପ୍ରଥମ ୩ ସ୍ଥାନ ଅଧିକାର କରି ନେଇଥିଲେ। ଫଳରେ ସେ ଓଭରଅଲ୍ ଷ୍ଟାଣ୍ଡିଂରେ ସେ ତାଙ୍କ ଡଚ୍ ସାଥୀ ରାଇଡର ପିଟର୍ସଙ୍କଠାରୁ ଆଉ ୨୨ସେକେଣ୍ଡ ଅଗ୍ରଣୀ ହୋଇ ରହିପାରି ନାହାନ୍ତି। ୨୦୨୨ ଓ ୨୦୨୩ ରେସ୍‌ରେ ଓଭରଅଲ ୩ୟ ରହିଥିବା ନିୱିଡୋମା ଷ୍ଟେଜ-୫ରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଓଭରଅଲ ଅଗ୍ରଣୀ ଲାଭ କରିଛନ୍ତି। ହଙ୍ଗେରୀର ବ୍ଲାଙ୍କା ଭାସ୍ ଷ୍ଟେଜ ବିଜୟୀ ହୋଇଛନ୍ତି। ଭୋଲେରିଙ୍ଗ ଓଭର ଅଲ ୯ମ ସ୍ଥାନକୁ ଖସି ଆସିଛନ୍ତି।

# ସ୍କେଟିଂରେ ବିଶ୍ୱ ରେକର୍ଡ ପାଇଁ ଉଦ୍ୟମ

**ଭୁବନେଶ୍ୱର, ୧୬।୮ (ତପନ ସ୍ୱାଇଁ)**

ସ୍ୱାଧୀନତା ଦିବସ ଅବସରରେ ସାରା ବିଶ୍ୱରେ ବିଭିନ୍ନ ସ୍କେଟିଂ ଆସୋସିଏଶନ ପକ୍ଷରୁ ଅନ୍ତର୍ଜାତୀୟ ବୁକ୍ ଅଫ୍ ରେକର୍ଡ୍ସରେ ବିଶ୍ୱରେକର୍ଡ କରିବାକୁ ଉଦ୍ୟମ କରାଯାଇଛି। ଏଥିରେ ସାମିଲ ହୋଇଛି ଓଡ଼ିଶା ସ୍କେଟିଂ ଏକାଡେମୀ ଓ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ। ରେକର୍ଡର ଅଂଶବିଶେଷଭାବେ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଏ ଦୁଇ ସଂଘ ପକ୍ଷରୁ ଏକାବେଳକେ ୭୦ଜଣ ସ୍କେଟିଂ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ଉପସଭାପତି ଜଗନ୍ନାଥ ରାଉତ, ସମ୍ପାଦକ ପାର୍ଥ ସାରଥି ଜେନା, କାର୍ଯ୍ୟକାରିଣୀ ସଦସ୍ୟ ଇତିଶ୍ରୀ ଗୁରୁ, ଅମିୟ ଗୌଡ଼, ଦିଲୀପ ଦାସ, ରଞ୍ଜନ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।




କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଓଡ଼ିଶା ସ୍କେଟିଂ ପ୍ରତିଭାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଦାମନଯୋଡିର ଆମ୍ବେଡକର ଟିମ୍ ଚାମ୍ପିୟନ

**ଶହୀଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

କୋରାପୁଟ, ୧୬।୮ (ଅମିତାଭ ବେହେରା)




କୋରାପୁଟସ୍ଥିତ ଓଏସ୍‌ଏପି ପଡିଆରେ ଗୁରୁବାର ଠାରୁ ଚାଲିଥିବା ଶହୀଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଦାମନଯୋଡିର ଆମ୍ବେଡକର ଟିମ୍ ଚାମ୍ପିୟନ ହୋଇଛି। ଏହି ଟିମ୍ ୧ -୦ ଗୋଲ ବ୍ୟବଧାନରେ ଓଏସ୍‌ଏପି ତୃତୀୟ ବାଟାଲିୟନ ଟିମ୍‌କୁ ପରାସ୍ତ କରି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ କୋରାପୁଟ ବିଧାୟକ ରଘୁରାମ ମାଛ, ଓଏସଏପି ତୃତୀୟ ବାଟାଲିୟନ କମାଣ୍ଡାଣ୍ଟ ମନୋଜ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଟୁର୍ନାମେଣ୍ଟର ଚାମ୍ପିୟନ ଆମ୍ବେଡକର ଟିମ୍‌କୁ ଟ୍ରଫି ସହ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେହିପରି ପ୍ରତଯୋଗିତାରେ ରନର୍ସଅପ ଓଏସ୍‌ଏପି ଟିମ୍‌କୁ ଟ୍ରଫି ସହ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ମୁଖ୍ୟ ରେଫରି ଭାବେ ସହଦେବ ମୋଟିମ, ଅନ୍ୟତମ ରେଫରି ଭାବେ ପିଏସକେ ବର୍ମା, ଡିକେ ବିଦ୍ୟାଧର ଏବଂ ଅଫିସିଆଲ ରେଫରି ଏସକେ ଗଡ଼ନାୟକ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜକ ଓଏସଏପି ତୃତୀୟ ବାଟାଲିୟନ ହାବିଲଦାର ଓ ସିପାହୀ ସଂଘସଭାପତି ମହେନ୍ଦ୍ର ଗୌଡ଼, ସମ୍ପାଦକ ପ୍ରେମଲାଲ ସୁନାନି, ଉପସଭାପତି ବିକାଶ ଦାସ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DADLS-23



# ବିକଶିତ ଓଡ଼ିଶା:
# ବିକାଶର ପରିଭାଷା

- ଓଡ଼ିଶାବାସୀଙ୍କ ଆଧ୍ୟାତ୍ମିକ ଭାବାବେଗକୁ ସମ୍ମାନ ଜଣାଇ ଖୋଲିଲା ପୁରୀ ଶ୍ରୀମନ୍ଦିରର ୪ ଦ୍ୱାର।
- ଶ୍ରୀଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି।
- ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଲୋକଙ୍କ ବଜେଟ୍ ୨୦୨୪-୨୫ରେ ମହିଳା ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ।
- ଚଳିତ ବଜେଟ୍‌ରେ ମହିଳା ମାନଙ୍କ ପାଇଁ ୧୭,୯୪୨ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା, ଯାହା ବିଗତ ବଜେଟ୍‌ରୁ ୧୮ ପ୍ରତିଶତ ଅଧିକ।
- ଆଗାମୀ ୫ ବର୍ଷରେ ରାଜ୍ୟର ଯୁବକଯୁବତୀ ମାନଙ୍କ ବ୍ୟାପକ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟିର ପ୍ରକ୍ରିୟା ଆରମ୍ଭ।
- ଅଗ୍ନିବୀରଙ୍କ ପାଇଁ ରାଜ୍ୟର ସବୁ ୟୁନିଫର୍ମ ସେବାରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନ ସଂରକ୍ଷଣ।
- ସମୃଦ୍ଧ କୃଷକ ଯୋଜନାରେ ୫୦୦୦ କୋଟି ଟଙ୍କାର ବ୍ୟୟବରାଦ ଏବଂ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟର ବ୍ୟବସ୍ଥା।
- ରାଜ୍ୟ ହେବ ମିଲେଟ୍ ଉତ୍ପାଦନର ହବ୍।
- ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ଗୋଟିଏ ଦେଶ, ଗୋଟିଏ ରାସନ କାର୍ଡର କାର୍ଯ୍ୟକାରିତା।
- ଶ୍ରମିକ ବହୁବିଧ କଲ୍ୟାଣ ପାଇଁ ପ୍ରତିବଦ୍ଧତା।
- ଜଳ ଜୀବନ ମିଶନ ଦ୍ୱାରା ଘରେ ଘରେ ଏବଂ ସାର୍ବଜନୀନ ସ୍ଥାନରେ ନିରାପଦ ବିଶୁଦ୍ଧ ପାନୀୟ ଜଳ ଯୋଗାଣ।
- ଜନଜାତି ବହୁଳ ପଞ୍ଚାୟତ ହାଟ ଗୁଡ଼ିକର ଉନ୍ନତିକରଣ, ଜଙ୍ଗଲଜାତ ଦ୍ରବ୍ୟ ଓ ଉଦ୍ୟାନ ଉତ୍ପାଦ ଗୁଡ଼ିକର ସଂଗ୍ରହ ଓ ବିକ୍ରୟ।
- ପେସା ଆଇନର କାର୍ଯ୍ୟାନ୍ୱୟନ ମାଧ୍ୟମରେ ଜନଜାତି ମାନଙ୍କର ସାମଗ୍ରିକ ବିକାଶ।
- ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ-ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଦ୍ୱାରା ରାଜ୍ୟବାସୀ ପାଇବେ ନିଃଶୁଳ୍କ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଗୁରୁତର ରୋଗର ନିଦାନ ସୁବିଧା ଓ ଚିକିତ୍ସା କ୍ଷେତ୍ରରେ ଆର୍ଥିକ ସୁରକ୍ଷା।
- ଓଡ଼ିଶା ହସ୍ତଶିଳ୍ପ ଡିଜାଇନ୍ ବ୍ୟାଙ୍କ୍ ପ୍ରତିଷ୍ଠା ଦ୍ୱାରା ପାରମ୍ପରିକ କାରିଗର ମାନଙ୍କ ଦକ୍ଷତାର ମାନ ବୃଦ୍ଧି।
- ୨୦୩୬ ମସିହା ପର୍ଯ୍ୟନ୍ତ ଭାରତୀୟ ହକି ଦଳର ପ୍ରାୟୋଜକ।
- ଶିକ୍ଷାର ଗୁଣବତ୍ତା ଓ ବିଦ୍ୟାଳୟ ଗୁଡ଼ିକର ଉତ୍କର୍ଷ ସାଧନ ପାଇଁ ପିଏମ୍-ଶ୍ରୀ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପ୍ରଚଳନ।
- ଜନଜାତି ଛାତ୍ରଛାତ୍ରୀଙ୍କର ଡ୍ରପ୍-ଆଉଟ୍ ହାର କମାଇବା ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା।



**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

iprodisha IPR_Odisha iprodisha

OIPR-15001/13/0078/2425